
# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୪/୨୦୧୮ (୧୬ ପୃଷ୍ଠା) | Bhubaneswar, Tuesday, September 4 / 2018 | ★★★★

୪୪ଶ ଭାଗ ୨୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


**ପ୍ରକୃତିକୁ ଉପଭୋଗ କରୁଛନ୍ତି ପ୍ରିୟଙ୍କା**
ଆମେରିକୀୟ ଗାୟକ ନିକ୍ ଜୋନାସ୍‌ଙ୍କ ସହିତ ପ୍ରିୟଙ୍କା ଚୋପ୍ରାଙ୍କର ନିର୍ବନ୍ଧ ସରିଥିବା ବେଳେ ଉଭୟ ସ୍ଥାନୀୟ ମାମଥ୍ ମାଉଣ୍ଟେନ୍‌ରେ ପ୍ରକୃତିକୁ ଉପଭୋଗ କରୁଛନ୍ତି। **୦୭**

**୧୪** **ଆଶାରେ ଦ୍ୟୁତୀ**
ଜାକର୍ତ୍ତା ଏସିଆନ ଗେମ୍ସରେ ୨ଟି ରୌପ୍ୟ ପଦକ ଜିତି ଦେଶକୁ ଗର୍ବିତ କରିଥିବା ଓଡ଼ିଶାର ଦ୍ୟୁତୀ ଚାନ୍ଦ ଆଗାମୀ ଦିନରେ ଆହୁରି ସଫଳତା ପାଇଁ ବେଶ୍ ଆଶାବାଦୀ।







## ■ ଏଫଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ ଲୋକାର୍ପିତ

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯୋଡ଼ି ହେଲା ନୂଆ ଅଧ୍ୟାୟ



ଉଦ୍‌ଘାଟନ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

- ■ ଆୟୁଷ୍ମାନ ଯୋଜନା ଲାଗୁ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କ ଗୁରୁତ୍ୱାରୋପ
- ■ କ୍ୟାମ୍ପସରେ ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତି ଅନାବରଣ
- ■ ଛାତ୍ରୀଛାତ୍ରଙ୍କ ଗହଣରେ କିଛି ସମୟ ବିତାଇଲେ ମୁଖ୍ୟମନ୍ତ୍ରୀ

**ବାଲେଶ୍ୱର ଅଫିସ/ରେମୁଣା, ୩।୯(ଡି.ଏନ.ଏ.)**

ବାଲେଶ୍ୱରବାସୀଙ୍କ ଦୀର୍ଘଦିନର ଦାବି ଓ ଆନ୍ଦୋଳନର ଫଳସ୍ୱରୂପ ବହୁ ପ୍ରତୀକ୍ଷିତ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ମେଡିକାଲ କଲେଜ ଏକ ନୂତନ ଅଧ୍ୟାୟ ଯୋଡିଛି। ସୁସ୍ଥ ଓଡ଼ିଶା ଓ ସୁଖୀ ଓଡ଼ିଶା ବାର୍ତ୍ତା ଦେଇ ମୁଖ୍ୟମନ୍ତ୍ରୀ କେବଳ ସ୍ୱାସ୍ଥ୍ୟସେବା ନୁହେଁ, ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଫକୀରମୋହନ ସେନାପତିଙ୍କ ନାମରେ ନାମିତ ଏହି ମେଡିକାଲ କଲେଜ ଆଗାମୀ ଦିନରେ ଶ୍ରେଷ୍ଠତା ବଜାୟ ରଖିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହି ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱାସ୍ଥ୍ୟସେବା ପ୍ରସାର ପାଇଁ କେନ୍ଦ୍ର ସରକାର ୪ ବର୍ଷ ମଧ୍ୟରେ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନା, ଉଚ୍ଚଶିକ୍ଷା ଓ ଶିଳ୍ପମନ୍ତ୍ରୀ ଅନନ୍ତ ଦାସ, ଏମ୍‌ପି ରବୀନ୍ଦ୍ର କୁମାର ଜେନା, ଅର୍ଜୁନ ଚରଣ ସେଠୀ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

ଲୋକାର୍ପଣ ଉତ୍ସବ ପୂର୍ବରୁ ମେଡିକାଲ କଲେଜର ସୁରମ୍ୟ ଫାଟକ ନିକଟରେ ନିର୍ମିତ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀ ଅନାବରଣ କରିଥିଲେ। ପରେ ମେଡିକାଲ କଲେଜରେ ପ୍ରଥମ ☞ପୃଷ୍ଠା-୪

# ଖାତକୁ ବସ୍ ଖସି ୧୩ ମୃତ

**ଡେରାଡୁନ,୩।୯(ପି.ଟି.)**

ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲାରେ ଖାତ ଭିତରକୁ ବସ୍ ଖସି ୧୩ ଜଣଙ୍କ ଜୀବନ ଯାଇଛି। ଏଥିରେ ଦୁଇଜଣ ନାବାଳିକା ଆହତ ହୋଇଛନ୍ତି। ରବିବାର ଗଙ୍ଗୋତ୍ରୀରୁ ୧୫ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ ଋଷିକେଶ-ଗଙ୍ଗୋତ୍ରୀ ରାଜପଥରେ ସାଙ୍କଲାଇ ଅଞ୍ଚଳରେ ୨୦୦ ମିଟର ଗଭୀର ଖାତ ଭିତରକୁ ଖସି ପଡ଼ିଥିଲା। ଭୂସ୍ଖଳନ ଯୋଗୁ ଖରାପ ପାହାଡ଼ିଆ ରାସ୍ତାରେ ଗାଡ଼ି ଚାଳକ ନିୟନ୍ତ୍ରଣ ହରାଇଥିବା ଯୋଗୁ ଦୁର୍ଘଟଣା ଘଟିଥିବା ଗଙ୍ଗୋତ୍ରୀ ଜିଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ଦେବେନ୍ଦ୍ର ପଟୱାଲ ସୂଚନା ଦେଇଛନ୍ତି। ଗାଡ଼ିଟି ଚୂରମାର ହୋଇ ଭାଗୀରଥି ନଦୀର ଅଳ୍ପ କିଛି ଦୂରରେ ଖସି ପଡ଼ିଛି। ଘଟଣାସ୍ଥଳରୁ ୩ ମହିଳାଙ୍କ ସମେତ ସମସ୍ତ ୧୩ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଆହତ ଦୁଇ ନାବାଳିକାଙ୍କୁ ପ୍ରଥମେ ଉତ୍ତରକାଶୀ ଡାକ୍ତରଖାନା ଏବଂ ପରେ ଡେରାଡୁନ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପଟୱାଲ ପ୍ରକାଶ କରିଛନ୍ତି। ଗାଡ଼ିରୁ ଡେଇଁପଡ଼ି ସେମାନେ ପଥର ଫାଙ୍କରେ ରହି ଯାଇଥିଲେ। ତେବେ ସମସ୍ତ ମୃତକ ଏବଂ ଆହତ ଆଖପାଖ ଅଞ୍ଚଳର ବୋଲି ସେ କହିଛନ୍ତି।

ସେମାନଙ୍କ ମଧ୍ୟରୁ ଅଧିକାଂଶ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ଗଙ୍ଗୋତ୍ରୀ ମନ୍ଦିରକୁ ଦର୍ଶନ କରିବା ପାଇଁ ସେମାନେ ଯାଇଥିଲେ। ଦୁର୍ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ସ୍ଥାନୀୟ ଲୋକେ, ଭଟ୍‌ୱାଲି ପୋଲିସ, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ଏବଂ ଆଇଟିବିପି ଯବାନମାନେ ଉଦ୍ଧାରକାର୍ଯ୍ୟରେ ଲାଗି ପଡ଼ିଥିଲେ। ୧୩ ଜଣଙ୍କ ମୃତ୍ୟୁକୁ ନେଇ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିଭେନ୍ଦ୍ର ସିଂ ରାୱତ୍ ଶୋକପ୍ରକାଶ କରିଛନ୍ତି। ଆହତ ଦୁଇ ନାବାଳିକାଙ୍କୁ ସବୁ ପ୍ରକାର ଚିକିତ୍ସା ସୁବିଧା ଯୋଗାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।



ଖାତକୁ ଖସିପଡ଼ିଥିବା ବସ୍।

# ଆରବିଆଇ କର୍ମଚାରୀଙ୍କ ଆନ୍ଦୋଳନ ସ୍ଥଗିତ

**କୋଲକାତା, ୩।୯(ପି.ଟି.)**

ଭାରତୀୟ ରିଜର୍ଭ ବ୍ୟାଙ୍କର କର୍ମଚାରୀ ଓ ଅଧିକାରୀମାନେ ସେପ୍ଟେମ୍ବର ୪ ଓ ୫ରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ନାହିଁ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ୟୁନାଇଟେଡ୍ ଫୋରମ ଅଫ୍ ରିଜର୍ଭ ବ୍ୟାଙ୍କ ଅଫିସର୍ସ ଆଣ୍ଡ୍ ଏମ୍ପ୍ଲଇଜ୍(ୟୁଏଫ୍‌ଆର୍‌ବିଓଇ) ଆନ୍ଦୋଳନ କରିବ ନାହିଁ ବୋଲି ନିଷ୍ପତ୍ତି ନେଇଛି। ଆର୍‌ବିଆଇର ଉଚ୍ଚପଦସ୍ଥ ଅଧିକାରୀ ଓ କର୍ମଚାରୀ ସଂଘର ଆଲୋଚନା ପରେ ଏହି ଆନ୍ଦୋଳନ ଯୋଜନାକୁ ସ୍ଥଗିତ ରଖାଯାଇଛି ବୋଲି ସୋମବାର ସଂଘ ସ୍ପଷ୍ଟ କରିଛି। କର୍ମଚାରୀ ଓ ଅଧିକାରୀ ସଂଘର ଯେଉଁ ସବୁ ଦାବି ରହିଛି ସେ ସମ୍ପର୍କରେ ବିଚାର କରିବା ପାଇଁ ଆର୍‌ବିଆଇ ଅଧିକ ସମୟ ମାଗିଛି। ସୂଚନା ଅନୁସାରେ ଯେଉଁ କର୍ମଚାରୀମାନେ ୨୦୧୨ରୁ ନିଯୁକ୍ତି ପାଇଛନ୍ତି ସେମାନଙ୍କ ପାଇଁ ଏକ ଆଡିଶନାଲ୍ ପ୍ରୋଭିଡେଣ୍ଟ୍ ଫଣ୍ଡ(ଏପିଏଫ୍) ବ୍ୟବସ୍ଥା ପାଇଁ ଦାବି ରହିଛି।

# ୬ରେ ଲଘୁଚାପ

**ଭୁବନେଶ୍ୱର, ୩।୯(ବ୍ୟୁରୋ)**

ଆସନ୍ତା ୬ ତାରିଖରେ ଉତ୍ତର ପଶ୍ଚିମ ବଙ୍ଗୋପ ସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ବର୍ଷା ପରିମାଣ ବୃଦ୍ଧି ପାଇବ। ଏଥିଯୋଗୁ ଉପକୂଳ ଓ ଆଭ୍ୟନ୍ତରୀଣ ଓଡିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୬ ତାରିଖରେ ସୁନ୍ଦରଗଡ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଢେଙ୍କାନାଳ ଜିଲାର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବୁଢ଼ା ହେଲେ ବି

**ଆଜିର ମନ୍ତବ୍ୟ**

"ପ୍ରବାସୀ ଭାରତୀୟ ଦେଶର ପ୍ରକୃତ ଦୂତ।

-ରାମନାଥ କୋବିନ୍ଦ, ରାଷ୍ଟ୍ରପତି

**କିଛି ତଥ୍ୟ**

ବିମୁଦ୍ରୀକରଣ ପରେ ନୂଆ ୫୦୦ ଓ ୨୦୦୦ ଟଙ୍କିଆ ନୋଟ୍ ଛାପା ବାବଦ ସରକାର ୨୦୧୮ ମାର୍ଚ୍ଚ ଶେଷ ସୁଦ୍ଧା ୭,୯୬୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।

-ଆର୍‌ବିଆଇ

# ଆଜିଠାରୁ ବିଧାନସଭା, ଆସିବ ୪ ବିଲ୍

**ଭୁବନେଶ୍ୱର,୩।୯(ବ୍ୟୁରୋ)**



- ■ ବିଧାୟକ, ମନ୍ତ୍ରୀଙ୍କ ଦରମା, ପେନ୍‌ସନ୍ ସଂଶୋଧନ ହେବ
- ■ ବୁଧବାର ଆଗତ ହେବ ଅତିରିକ୍ତ ବଜେଟ
- ■ ୬ରେ ବିଧାନ ପରିଷଦ ସଂକଳ୍ପ ପାରିତ ହେବ
- ■ ବାଜପେୟୀଙ୍କ ପାଇଁ ଦିନକ ଲାଗି ଗୃହ ମୁଲତବୀ ହେବ

ବିଧାନସଭାର ମୌସୁମୀ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହେବ। ଏହି ଅଧିବେଶନ ସେପ୍ଟେମ୍ବର ୨୦ ତାରିଖ ଯାଏ ଚାଲିବ। ଏଥିରେ ମୋଟ ୧୧ଟି କାର୍ଯ୍ୟଦିବସ ରହିଛି। ଅଧିବେଶନର ପ୍ରଥମ ଦିବସରେ ୨୦୧୮-୧୯ ଆର୍ଥିକବର୍ଷ ପାଇଁ ଅତିରିକ୍ତ ବଜେଟ ଆଗତ କରିବା ଲାଗି ବିଧାନସଭା କାର୍ଯ୍ୟସୂଚୀରେ ପୂର୍ବରୁ ସ୍ଥିର କରାଯାଇଥିଲା। ତେବେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ, ପୂର୍ବତନ ଲୋକ ସଭା ବାଚସ୍ପତି ସୋମନାଥ ଚାଟାର୍ଜୀ, ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ. କରୁଣାନିଧିଙ୍କ ସମେତ ବିଧାନସଭାର କେତେଜଣ ପୂର୍ବତନ ସଦସ୍ୟଙ୍କ ବିୟୋଗରେ ଗୃହ ଦିନକ ପାଇଁ ମୁଲତବୀ ହେବାକୁ ଥିବାରୁ ବୁଧବାର ଅତିରିକ୍ତ ବଜେଟ ଉପସ୍ଥାପନ ହେବ ନାହିଁ। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବ। ଜାତୀୟ ସଙ୍ଗୀତ ଗାନ ପରେ ବିଧାନସଭାରେ ଶୋକ ପ୍ରସ୍ତାବ ଉପସ୍ଥାପନ କରାଯିବ। ମୁଖ୍ୟମନ୍ତ୍ରୀ ତଥା ଗୃହର ନେତା ନବୀନ ପଟ୍ଟନାୟକ ବିଧାନସଭାରେ ଶୋକ ପ୍ରସ୍ତାବ ଆଗତ କରିବେ। ଏହି ପ୍ରସ୍ତାବ ଆଲୋଚନା ପରେ ଦିବଂଗତ ନେତାମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୃହକୁ ବୁଧବାର ସକାଳ ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ରଖାଯିବ। ଦିବଂଗତ ନେତାଙ୍କ ସମ୍ମାନାର୍ଥେ ସେପ୍ଟେମ୍ବର ୪ ତାରିଖରେ ଆଗତ ହେବାକୁ ଥିବା ଅତିରିକ୍ତ ବଜେଟ ୫ ତାରିଖରେ ଗୃହରେ ଉପସ୍ଥାପନ କରାଯିବ। ସେପ୍ଟେମ୍ବର ୬ରେ ଗୃହରେ ବିଧାନ ପରିଷଦ ପାଇଁ ସଂକଳ୍ପ ଆଗତ ଓ ପାରିତ କରାଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି। ଏହି ସ୍ୱଳ୍ପକାଳୀନ ଅଧିବେଶନରେ ୪ଟି ବିଲ୍ ଆଗତ ହେବ। ସେହି ବିଲ୍‌ଗୁଡିକ ହେଲା ଓଡ଼ିଶା ବିଧାନସଭା ସଦସ୍ୟଙ୍କ ଦରମା, ଭତ୍ତା(ସଂଶୋଧନ) ବିଲ୍ ୨୦୧୮, ଓଡ଼ିଶା ମନ୍ତ୍ରୀଙ୍କର ଦରମା, ଭତ୍ତା ଓ ପେନ୍‌ସନ(ଦ୍ୱିତୀୟ ସଂଶୋଧନ) ବିଲ୍ ୨୦୧୮, ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ୟୁନିଭରସିଟି ବିଲ୍ ୨୦୧୮ ଏବଂ ଓଡ଼ିଶା ସମବାୟ ସମିତି(ସଂଶୋଧନ) ବିଲ୍ ୨୦୧୮। ଚଳିତ ଅଧିବେଶନରେ ☞ପୃଷ୍ଠା-୪

## ■ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ସିଭିସି ଛାଟ

# କୋର୍ଟ ମାମଲା ସଙ୍ଗେ ହେବ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ, ୩।୯(ପି.ଟି.)**

ଶାସନ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ପାଇଁ ଦୁର୍ନୀତିର ମୂଳୋତ୍ପାଟନ ଜରୁରୀ। ତେଣୁ ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଏଣିକି ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କୋର୍ଟରେ ମାମଲା ଚାଲିଥିବା ସମୟରେ ମଧ୍ୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ। କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏନେଇ ବ୍ୟାଙ୍କ, ଇନ୍‌ସ୍ୟୁରାନ୍ସ କମ୍ପାନୀ ଏବଂ କେନ୍ଦ୍ର ସରକାରଙ୍କ ସମସ୍ତ ବିଭାଗକୁ



ନିର୍ଦ୍ଦେଶନାମା ଜାରି କରାଯାଇଛି। ଭିଜିଲାନ୍ସ କମିଶନଙ୍କ ସଦ୍ୟ ନିଷ୍ପତ୍ତି ପରେ ଆଉ ଦୁର୍ନୀତିଖୋର ଅଧିକାରୀଙ୍କୁ କୋର୍ଟ ଫଇସଲା ପର୍ଯ୍ୟନ୍ତ ଢିଲା ଛଡ଼ାଯିବ ନାହିଁ। କମିଶନ କହିଛନ୍ତି ଯେ, ଅନେକ ଦୁର୍ନୀତି ମାମଲାରେ କୋର୍ଟରେ ବିଚାର ବିଳମ୍ବ ହେଉଛି। ଅଦାଲତରେ ମାମଲା ପଡ଼ିରହିଥିବାବେଳେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇ ପାରୁନାହିଁ। ତେଣୁ ଏହାର ଫାଇଦା ନେଇ ଅଭିଯୁକ୍ତ ଅଧିକାରୀମାନେ ବେଧଡ଼କ କାର୍ଯ୍ୟ କରିପାରୁଛନ୍ତି। ଏକ ସଂସ୍ଥା କିମ୍ବା ବିଭାଗର ଶୃଙ୍ଖଳା ଟିମ୍ ପ୍ରଚଳିତ ନିୟମ ଆଧାରରେ କାର୍ଯ୍ୟାନୁଷ୍ଠାନ ନେଇ ନ ପାରିବା ନିହାତି ଭୁଲ୍। ତେଣୁ ଏହା ଉପରେ ରୋକ ଲଗାଇବା ଲାଗି ବ୍ୟବସ୍ଥାରେ ପରିବର୍ତ୍ତନ ଜରୁରୀ ବୋଲି ସିଭିସି କହିଛନ୍ତି। ସୁପ୍ରିମକୋର୍ଟଙ୍କ ଏକ ରାୟର ଦୃଷ୍ଟାନ୍ତ ଦେଇ ଭିଜିଲାନ୍ସ କମିଶନ କହିଛନ୍ତି ଯେ, ଏକ ସମୟରେ ଅଦାଲତି ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ଅସୁବିଧା ନାହିଁ।


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,200/- 10gm.
Gold 22 CT - ₹ 30,200/- 10gm.
Silver Rate - ₹ 370/- / 10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges


NECC NATIONAL EGG CO-ORDINATION COMMITTEE 03.09.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 61 | 107 | 117 |
| DKL | 61 | 107 | 117 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 61 | 107 | 117 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers



## ସଂକ୍ଷେପରେ

### ବିରୂପା ନଦୀରେ କୁମ୍ଭୀର, ଲୋକେ ଅତଙ୍କିତ

ଚଣ୍ଡିଖୋଲ, ୩।୯(ଡି.ଏନ୍.ଏ.)- ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବିରୂପା ଓ ଗେଙ୍ଗୁଟି ନଦୀର ସଙ୍ଗମସ୍ଥଳ ବାଲିକୁଦାଠାରେ ସୋମବାର ଏକ କୁମ୍ଭୀର ପାଣିରେ ଯାଉଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ନଦୀର ଜଳ ପତନ ବୃଦ୍ଧି ପାଇବା ସହ ତଳ ମୁଣ୍ଡରୁ ଗୋଳିଆ ପାଣି ଆସୁଥିବାରୁ ଏହି କୁମ୍ଭୀର ସହ ଆଉ କେତେକ କୁମ୍ଭୀର ଆସିଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀ ଭୟଭିତ ହୋଇପଡ଼ିଛନ୍ତି। ଉକ୍ତ କୁମ୍ଭୀରଟିକୁ ଦେଖିବା ପାଇଁ ନଦୀ କୂଳରେ ବିଭିନ୍ନ ସ୍ଥାନରେ ବହୁ ଲୋକ ରୁଣ୍ଡ ହୋଇଥିଲେ। ସେହିପରି ଗଜେନ୍ଦ୍ରପୁରଠାରେ ମଧ ଲୋକେ ନଦୀରେ କୁମ୍ଭୀର ଦେଖିବାକୁ ପାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ନଦୀ କୂଳିଆ ଗ୍ରାମଗୁଡ଼ିକର ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି।

କେଜେ ଇସ୍ପାତରେ ତେଜିଲା ଶ୍ରମିକ ଅଶାନ୍ତି

### ଧାରଣାରେ ବସିବେ କର୍ମଚାରୀ

କଳିଙ୍ଗନଗର,୩।୯(ଡିଏନଏ)- କଳିଙ୍ଗନଗର ଅଞ୍ଚଳରେ ଥିବା କେଜେ ଇସ୍ପାତ କାରଖାନାର ପୁଞ୍ଜୀଭୂତ ଶ୍ରମିକ ଅଶାନ୍ତି ସୋମବାର ଉଗ୍ର ରୂପ ନେଇଥିବା ଦେଖାଯାଇଛି। ଶ୍ରମ କାର୍ଯ୍ୟାଳୟରେ ସୋମବାର ହେବାକୁ ଥିବା ଆଲୋଚନାରେ କାରଖାନା କର୍ତ୍ତୃପକ୍ଷ ଯୋଗ ନ ଦେବାରୁ ବୈଠକ ପୁନଶ୍ଚ ବିଫଳ ହୋଇଛି। ଫଳରେ କର୍ମଚାରୀଙ୍କ କୁହୁଳୁଥିବା ଅସନ୍ତୋଷ ଉଗ୍ର ରୂପ ଧାରଣ କରିଛି। ଏହି କାରଖାନା ଗତ ୨୦୧୬ ମେରେ ଶ୍ରମିକଙ୍କୁ ସୂଚନା ନ ଦେଇ ବନ୍ଦ କରି ଦେଇଥିବା ବେଳେ ୨୦୧୮ ଅଗଷ୍ଟରେ ପୁନଃ କାର୍ଯ୍ୟକ୍ଷମ ହୋଇଥିଲା। ଏହି କାରଖାନାରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ଶ୍ରମ ଆଇନ ଅନୁସାରେ ପ୍ରାପ୍ୟ ଦିଆଯାଇ ନାହିଁ। ଅପରପକ୍ଷରେ କାରଖାନାରେ ବାହାର ଅଞ୍ଚଳର ଶ୍ରମିକଙ୍କୁ ଆଣି କମ୍ ଦରମାରେ ନିଯୁକ୍ତି ଦିଆଯାଉଛି। ଯାହା ପୁରୁଣା ଶ୍ରମିକଙ୍କ କଟା ଘା'ରେ ଚୂନ ଦେବା ସଦୃଶ ହୋଇଛି। ପୁରାତନ ଶ୍ରମିକମାନେ ଆଲୋଚନା ପାଇଁ ବାରମ୍ବାର ଶ୍ରମ କାର୍ଯ୍ୟାଳୟକୁ ଦୌଡ଼ିଦୌଡ଼ି ନୟାନ୍ତ ହେଲେ ମଧ କାରାଖାନା କର୍ତ୍ତୃପକ୍ଷ ଶ୍ରମ ଅଧିକାରୀଙ୍କ ନିର୍ଦ୍ଦେଶକୁ ଭୃକ୍ଷେପ କରୁନାହାନ୍ତି। ଫଳରେ କଳିଙ୍ଗନଗର ମଜଦୁର ୟୁନିୟନ ଶ୍ରମିକମାନେ ସେମାନଙ୍କ ଅଧିକାର ପାଇଁ ମଙ୍ଗଳବାର ସକାଳୁ କାରଖାନା ସମ୍ମୁଖରେ ଧାରଣାରେ ବସିବେ ବୋଲି ସୂଚନା ଦେଇଛନ୍ତି।

■ରାଜ୍ୟ ଶିଳ୍ପ ଉନ୍ନୟନ ନିଗମ ଲିଃ

# ବନ୍ଦ ହେବାକୁ ବସିଛି ରୋଇଡା, ତଳଙ୍ଗୀ ଖଣି

ଯାଜପୁର ଅଫିସ,୩।୯



■ରୋଜଗାର ହରାଇବେ ହଜାରେରୁ ଊର୍ଦ୍ଧ୍ୱ ଶ୍ରମିକ
■ବ୍ୟାପକ ଦୁର୍ନୀତି, ପରିଚାଳନାଗତ ତ୍ରୁଟି ଦାୟୀ
■ରୋଇଡା ଖଣିରେ ଚାଲିଛି ଅବାଧ ଲମ୍ପ୍ସ ବିକ୍ରି

ବ୍ୟାପକ ଦୁର୍ନୀତି, ପ୍ରିୟାପ୍ରୀତି, ଅର୍ଥ ହରିଲୁଟ ଆଦି ଯୋଗୁ ରାଜ୍ୟ ଶିଳ୍ପ ଉନ୍ନୟନ ନିଗମ ଲିଃ(ଇଡ୍‌କଲ) ପରିଚାଳିତ ବିଭିନ୍ନ କାରଖାନା ଓ ଖଣିଗୁଡିକ ବନ୍ଦ ହେବାକୁ ବସିଛି। ଗତ ଏକ ସପ୍ତାହ ଧରି ଯାଜପୁରରୋଡର ଇଡ୍‌କଲ ଫେରୋକ୍ରୋମ ଆଣ୍ଡ ଆଲୟେଜ ଲିମିଟେଡ କାରଖାନାର କାଳିଆପାଣି କ୍ରୋମ ଉପତ୍ୟକାରେ ଥିବା ତଳଙ୍ଗୀ ଖଣି ବନ୍ଦ ହେବାର କୋକୁଆ ଭୟ ସୃଷ୍ଟି ହୋଇଛି। ତଳଙ୍ଗୀର ପ୍ରାୟ ୬୦ ଜଣ ଅଧିକାରୀ ଓ କର୍ମଚାରୀ ଚାକିରି ଯାଉ ନ ଥିବା ବେଳେ ସେମାନଙ୍କୁ ଫେରୋକ୍ରୋମ ଓ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ଅବସ୍ଥାପିତ କରାଯିବାକୁ ଲକ୍ଷ୍ୟ ରହିଛି। କିନ୍ତୁ ଏହି ଖଣି ଉପରେ ନିର୍ଭରଶୀଳ ପ୍ରାୟ ୭୦୦ରୁ ୮୦୦ ଶ୍ରମିକ ଜୀବିକା ହରାଇବାକୁ ଯାଉଛନ୍ତି। ଆସନ୍ତା ନଭେମ୍ବରରୁ ବନ୍ଦ ହେବ ବୋଲି ତଳଙ୍ଗୀରେ ନୋଟିସ ଲାଗିଛି। ସମାନ ଢଙ୍ଗରେ ବଡ଼ବିଲର ଇଡକଲ କଳିଙ୍ଗ ଆଇରନ ୱାର୍କ୍ସ ଲିମିଟେଡ଼ କାରଖାନା ଯାହା ୨୦୧୫ ଅଗଷ୍ଟରୁ ବନ୍ଦ ପଡ଼ିଛି ଏହାର କ୍ୟାପଟିଭ୍ ଖଣି ରୋଇଡ଼ା-ସି କେନ୍ଦୁଝର ଜିଲାର ଭଦ୍ରାସାହି ନିକଟରେ ରହିଛି। ଏଠାରେ କ୍ରମାଗତ ଦୁର୍ନୀତି ସାଙ୍ଗକୁ ଲମ୍ପ୍ସ (ବଡ ବଡ ଆଇରନ ପଥର) ବିକ୍ରିରେ ବ୍ୟାପକ ହେରଫେର ଖଣିଟିକୁ ଦେବାଳିଆ ଆଡ଼କୁ ଟାଣି ନେଇଛି। ପୁନଶ୍ଚ ଏହି ଖଣିରେ କାର୍ଯ୍ୟରତ ଠିକାଦାର ମେସର୍ସ ପି.କେ. ଓର୍ସଙ୍କୁ ଇଡକଲର ପୂର୍ବତନ ସିଏମ୍‌ଡି ପ୍ରଶାନ୍ତ କୁମାର ନାୟକ ଅଯାଚିତ ଅନୁକମ୍ପା ଦେଇ ଖଣିଟିକୁ ଦେବାଳିଆ କରିଛନ୍ତି ବୋଲି ଶ୍ରମିକ ନେତା, ସାମାଜିକ କର୍ମୀ ଅଭିଯୋଗ ଆଣିଛନ୍ତି। କେନ୍ଦୁଝର ଜିଲାର ଯୋଡ଼ା ଖଣି ଉପନିର୍ଦ୍ଦେଶାଳୟ ଅଧୀନ ବହୁ ଖଣିରେ ହୋଇଥିବା ବ୍ୟାପକ ହେରଫେର ଉପରେ ତଦନ୍ତ କରିଥିବା ଶାହା କମିଶନ ରୋଇଡ଼ା-ସି ଖଣିକୁ ୧୦୫ କୋଟି ଟଙ୍କା ଜରିମାନା କରିଥିଲେ। ଜରିମାନା ଅନାଦାୟ ରୋଇଡ଼ା-ସି ଖଣି ୩୧।୧୨।୨୦୧୭ ତାରିଖ ମଧରାତ୍ରିରୁ ବନ୍ଦ ଥିଲା। ଏହା ୧ମାସ ୫ଦିନ ବନ୍ଦ ରହି ୬।୨।୨୦୧୮ରୁ ପୁନଃ କାର୍ଯ୍ୟକ୍ଷମ ହୋଇଥିଲା। କାର୍ଯ୍ୟ ବନ୍ଦ ଥିବାବେଳେ ଖଣି ଠିକାଦାର ପି.କେ.ଓର୍ସଙ୍କୁ ପୂର୍ବତନ ସିଏମ୍‌ଡି ନାୟକ ଓ କଳିଙ୍ଗ ଆଇରନ ୱାର୍କ୍ସର ଏମ୍‌ଡି ସପନ କୁମାର ଦାସ ଅହେତୁକ ଅନୁକମ୍ପା ଦେଖାଇ ୬୨ଲକ୍ଷ ଟଙ୍କା ଅଯଥାରେ ପୈଠ କରିଥିଲେ। ଯାହାକି ତଦନ୍ତସାପେକ୍ଷ ବୋଲି ଶ୍ରମିକ ନେତା ମହଲରେ ଦାବି ହୋଇଛି। ଖଣି ଠିକାଦାରଙ୍କ ପାଖରେ କାମ ନ ଥିବା ସମୟରେ ମେଶିନ ପାଇଁ ଆଇଡଲ ଚାର୍ଜସ (କାର୍ଯ୍ୟରେ ନ ଲାଗି ବିଲ କରାଯିବା) ଓ ଶ୍ରମିକଙ୍କ ପାଉଣା ଦେବା ପାଇଁ ସର୍ତ୍ତ ନ ଥିବା ସମୟରେ ରାଜ୍ୟର ଆଡଭୋକେଟ ଜେନେରାଲଙ୍କଠାରୁ କୌଣସି ମତାମତ ନ ଆଣି ଏବଂ ଆଇଡିସି ବୋର୍ଡରେ ମଞ୍ଜୁର ନ କରି କିପରି ତାଙ୍କୁ ଏତେ ଟଙ୍କା ପୈଠ କରାଗଲା ବୋଲି ପ୍ରଶ୍ନ ଉଠିଛି। ସିଏମ୍‌ଡି ନାୟକ ତାଙ୍କ ଅବସରର ପ୍ରାୟ ୧୫ଦିନ ପୂର୍ବରୁ ଶ୍ରମିକ ପାଉଣା ବାବଦକୁ ପ୍ରାୟ ୧୨ଲକ୍ଷ ଟଙ୍କା ପୈଠ କରିଥିବାବେଳେ ବନ୍ଦ ସମୟର ମେଶିନ ଭଡା ବାବଦକୁ ପ୍ରାୟ ୫୦ଲକ୍ଷ ଟଙ୍କା ତାଙ୍କ ଅବସରର ମାତ୍ର ଦିନକ ପୂର୍ବରୁ ପୈଠ କରିବା ତାଙ୍କୁ ସନ୍ଦେହ ଘେରକୁ ଟାଣି ଆଣିଛି। ଏହାବାଦ ରୋଇଡ଼ା-ସି ଖଣିରୁ ବେପରୁଆ ଭାବେ ବ୍ୟକ୍ତିଗତ ମୁନାଫା ପାଇଁ ଲମ୍ପ୍ସ ବିକ୍ରି କରାଯାଉଛି । ତାହା ଜାରି ରହିଲେ ଆଉ ମାତ୍ର ୧ବର୍ଷ ଭିତରେ ଖଣିରୁ ସମସ୍ତ ଆଇରନ ଶେଷ ହୋଇଯିବ ଓ ଖଣିଟି ଆପେ ଆପେ ବନ୍ଦ ହୋଇଯିବ ବୋଲି ଆଶଙ୍କା କରାଯାଉଛି। କଳିଙ୍ଗ କାରଖାନାରେ ଏକ କ୍ରଶର ରହିଛି, ହେଲେ ଏହାକୁ ଠିକଣା ଭାବେ କାର୍ଯ୍ୟରେ ଲଗାଯାଉନି। କ୍ରଶର ବ୍ୟବହାର କରାଯାଇ ସାଇଜ ମାଲ ବାହାର କରି ବିକ୍ରିବଟା କରିବା ସ୍ଥଳେ ମାସିକ ଏଠାରୁ ୨୦ ରୁ ୪୦ ହଜାର ଟନ ପର୍ଯ୍ୟନ୍ତ ଲମ୍ପ୍ସ ଶାଗମାଛ ମୂଲ୍ୟରେ ବିଭିନ୍ନ ଆଇରନ କାରଖାନା ଓ ରାଜ୍ୟ ବାହାରକୁ ରପ୍ତାନି କରି କେତେକ ଅଧିକାରୀ ମାଲାମାଲ ହେଉଥିବା ଅଭିଯୋଗ ହୋଇଛି । ଏହି କ୍ରମରେ ଖଣିରୁ ଆଇରନ ଶେଷ ହୋଇଗଲେ ପାଖାପାଖି ୫୦ ପଦାଧିକାରୀ ଓ କର୍ମଚାରୀଙ୍କ ସମେତ ପ୍ରାୟ ୩୦୦ ଶ୍ରମିକ ରୋଜଗାର ହରାଇବାର ଆଶଙ୍କା ରହିଛି। ବର୍ଷ ବର୍ଷ ଧରି ଏପରି ଅବାଧ ଲମ୍ପ୍ସ ବିକ୍ରି ଉପରେ ଆରୋପ ଉଠାଇ ଶ୍ରମିକ ନେତା ଦୁଷ୍ମନ୍ତ ରାଉତ ୨୦୦୪ରେ ତତ୍କାଳୀନ ସିଏମଡି ସନ୍ତୋଷ କୁମାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ ସିଏମ୍‌ଡି କୁମାର ଅଚାନକ ତଦନ୍ତ କରି ଖଣି ଅଧିକାରୀ, ସିକ୍ୟୁରିଟି ଅଧିକାରୀଙ୍କ ସମେତ କଳିଙ୍ଗର ତତ୍‌କାଳୀନ ଏମ୍‌ଡି ଅଶୋକ କୁମାର ମିଶ୍ରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। କିନ୍ତୁ ସମାନ ଢାଞ୍ଚାରେ ପୁଣି ଗତ କିଛି ବର୍ଷ ହେଲା ଲମ୍ପ୍ସ ବିକ୍ରି ଚାଲିଛି। ଏହି ମର୍ମରେ ଆଇଡିସିର ସିଏମ୍‌ଡି ତଥା ରାଜ୍ୟର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଶ୍ରମିକ ନେତା ରାଉତ ଦୃଷ୍ଟି ଆକର୍ଷଣ କରିବା ସହିତ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବଡବିଲ କଳିଙ୍ଗ ଆଇରନ ୱାର୍କସ ଲିଃର ଏମ୍‌ଡି ସପନ କୁମାର ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ନ ଉଠାଇବାରୁ ମତାମତ ମିଳିପାରି ନାହିଁ।

# ବିଧାୟକଙ୍କୁ ନେଇ ବିବାଦୀୟ ପୋଷ୍ଟର, ଥାନାରେ ଅଭିଯୋଗ

ଚଣ୍ଡିଖୋଲ, ୩।୯(ଡି.ଏନ୍.ଏ.)

୨୦୧୯ ନିର୍ବାଚନୀ ଘୋଷଣା ପୂର୍ବରୁ ବଡ଼ଚଣା ବିଧାନସଭା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ବାତାବରଣ ସରଗରମ ହେବାରେ ଲାଗିଛି। ସୋମବାର ସ୍ଥାନୀୟ ବିଧାୟକଙ୍କ କେତେକ ବିବାଦୀୟ ପୋଷ୍ଟର ବଡ଼ଚଣା ନିର୍ବାଚନ ମଣ୍ଡଳୀର ଚଣ୍ଡିଖୋଲ, ବାଲିଚନ୍ଦ୍ରପୁର, ବଡ଼ଚଣା, ବାଲିକୁଦା ଓ ଛତିଆ ବଜାର ସହ ବିଭିନ୍ନ ପଞ୍ଚାୟତର କାନ୍ଥବାଡ଼ରେ ମରାଯାଇଥିବା ଦେଖିବାକୁ ମିଳିଥିଲା। ପୋଷ୍ଟରରେ ବିଧାୟକଙ୍କ ସହ କେତେକ ମହିଳା ଓ ଝିଅମାନଙ୍କର ଫଟୋ ଥିବା ଦେଖାଯିବା ସହ ସେମାନଙ୍କ ସହ ନିବିଡ଼ତାକୁ ନେଇ ବିଭିନ୍ନ ମନ୍ତବ୍ୟ ପ୍ରକାଶ ପାଇଛି। ଏଥିସହ ଚିନାବାଦାମ ଘୋଟାଲା, ଇନ୍ଦିରା ଆବାସ ଘୋଟାଲା, ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତବିଭାଗ ରାସ୍ତା ଘୋଟାଲା, ମୋରମ, ମାଙ୍କଡ଼ା ଓ ବାଲି ଖାଦାନା ଘୋଟାଲା, ଭୂତ ଗାଡ଼ି, ରାଶନକାର୍ଡ଼, ପାଇଖାନା ଇତ୍ୟାଦି ଘୋଟାଲା ସମ୍ପର୍କରେ ଉଲ୍ଲେଖ ରହିବା ସହ ବିଧାୟକଙ୍କର ଟିଟୋ ସହ ସମ୍ପର୍କ ଏବଂ ଟିଟୋ ପ୍ରଦାନ କରିଥିବା ଏକ ଗାଡ଼ି ସମ୍ପର୍କରେ ତଥ୍ୟ ଉଲ୍ଲେଖ ରହିଥିବା ଦେଖାଯାଇଛି। ଯାହାକୁ ନେଇ ବଡ଼ଚଣାର ରାଜନୈତିକ ବାତାବରଣ ସରଗରମ ହୋଇଛି। ଏହି ଘଟଣାରେ ବଡ଼ଚଣା ବିଜେଡ଼ି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ବିଭିନ୍ନ ସ୍ଥାନରେ ଲାଗିଥିବା ପୋଷ୍ଟରଗୁଡ଼ିକୁ ଚିରି ଦିଆଯାଇଥିଲା। ଏ ନେଇ ବାଲିଚନ୍ଦ୍ରପୁର ଥାନାରେ ବିଜେଡ଼ି ପକ୍ଷରୁ ୪ ଜଣ ଲିଖିତ ଅଭିଯୋଗ କରିଥିବା ପୋଲିସ କହିଛି। ଗତ କିଛି ଦିନ ତଳେ ବଡ଼ଚଣା କଂଗ୍ରେସ ତରଫରୁ ଗ୍ୟାଙ୍ଗଷ୍ଟର ଟିଟୋ ସହ ବିଧାୟକଙ୍କ ସମ୍ପୃକ୍ତି ନେଇ କ୍ରାଇମ୍‌ବ୍ରାଞ୍ଚ ଓ ଏସ୍.ଟି.ଏଫରେ ଅଭିଯୋଗ ହୋଇଥିଲା। ଏଥିସହ ଏହାର ସିବିଆଇ ତଦନ୍ତ ପାଇଁ ଚଣ୍ଡିଖୋଲଠାରେ ଗଣ ବିକ୍ଷୋଭରେ ଦାବି ମଧ କରାଯାଇଛି। ଏହି ବିକ୍ଷୋଭର ଦୁଇ ଦିନ ପରେ ବିଜେଡ଼ି ପକ୍ଷରୁ କଡ଼ା ଜବାବ ରଖାଯାଇ ଟିଟୋ ସହ ନୁହେଁ ବଡ଼ଚଣା ବାସୀଙ୍କ ସହ ହୃଦୟର ସମ୍ପର୍କ ଥିବା ବିଧାୟକ ଅମର ପ୍ରସାଦ ଶତପଥୀ ଦୃଢୋକ୍ତି ପ୍ରକାଶ କରିଥିଲେ। ଏହାର ୭ ଦିନ ନ ପୂରୁଣୁ ବଡ଼ଚଣା ବିଧାୟକ ଶତପଥୀଙ୍କୁ ଯୋଡ଼ି ସାରା ବଡ଼ଚଣାରେ ଏକ କଦର୍ଯ୍ୟ ପୋଷ୍ଟର ବିଭିନ୍ନ କାନ୍ଥ ବାଡ଼ରେ ମରାଯିବା ଘଟଣା ରାଜନୀତିକୁ ସରଗରମ କରିଦେଇଛି। ଏ ସମ୍ପର୍କରେ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ରାକେଶ ତ୍ରିପାଠୀଙ୍କୁ ପଚାରିବାରୁ ଲିଖିତ ଅଭିଯୋଗ ମିଳିଛି। ଏ ସମ୍ପର୍କରେ ବିଭିନ୍ନ ଦିଗରୁ ତଦନ୍ତ ଜାରି ରହିଥିବା ସେ କହିଛନ୍ତି।



ଧରିତ୍ରୀ
DHARITRI
ମଙ୍ଗଳବାର, ୪ ସେପ୍ଟେମ୍ବର, ୨୦୧୮



କେରଳ ଉପରେ ଗୋଟିଏ ପରେ ଗୋଟିଏ ଦୁଃଖ ମାଡ଼ି ଆସୁଛି। ପ୍ରଳୟଙ୍କରୀ ବନ୍ୟାରେ ହଜାର ହଜାର ଲୋକଙ୍କ ପ୍ରାଣହାନି ଘଟିବା ପରେ ଲକ୍ଷଲକ୍ଷ ବାସହରା ହୋଇ ଅସ୍ଥାୟୀ ଆଶ୍ରୟ ସ୍ଥଳରେ ରହୁଛନ୍ତି। ଏବେ ଅନେକ ଲୋକ ବିଭିନ୍ନ ଜଳବାହିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଇତିମଧ୍ୟରେ ଅଗଷ୍ଟ ୨୦ତାରିଖଠାରୁ ର୍‍ୟାଟ ଫିଭରରେ ରାଜ୍ୟରେ ୪୩ ଜଣଙ୍କର ମୃତ୍ୟୁ ଘଟିଛି। ୧୩ଟି ଜିଲାରେ ଏଥିପାଇଁ ଜାରି ହୋଇଛି ହାଇ ଆଲର୍ଟ। ଏହି ଫିଭରରେ ଲିଭର ଏବଂ କିଡ୍‌ନୀ ସଂକ୍ରମଣ ହେଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।



## ସଂକ୍ଷେପରେ

### ବାତିଲ ହେଲା କ୍ୟାବିନେଟ୍ ବୈଠକ

**ଭୁବନେଶ୍ୱର, ୩।୯(ବ୍ୟୁରୋ):** ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ବାତିଲ ହୋଇଯାଇଛି। ସୋମବାର ସନ୍ଧ୍ୟା ୬.୧୫ରେ ସଚିବାଳୟଠାରେ କ୍ୟାବିନେଟ୍ ବୈଠକ ବସିବାର ଥିଲା। ମାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକଗୁଡ଼ିଏ କାର୍ଯ୍ୟକ୍ରମରେ ବ୍ୟସ୍ତ ରହିଯିବା କାରଣରୁ କ୍ୟାବିନେଟ୍ ବୈଠକ ହୋଇପାରି ନ ଥିବା ଜଣାପଡିଛି। ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ବାଲେଶ୍ୱର ଗସ୍ତ କରିଥିଲେ। ସେଠାରୁ ଫେରିବା ପରେ ସନ୍ଧ୍ୟାରେ ମୌସୁମୀ ଅଧିବେଶନ ପାଇଁ ବିଜେଡି ବିଧାୟକ ଦଳ ବୈଠକ ବସିଥିଲା। ବିଧାୟକ ଦଳ ବୈଠକ ବିଳମ୍ବରେ ଶେଷ ହେବା କାରଣରୁ ସୋମବାର ହେବାକୁ ଥିବା କ୍ୟାବିନେଟ୍ ବୈଠକକୁ ସ୍ଥଗିତ ରଖାଯାଇଥିବା ଜଣେ ମନ୍ତ୍ରୀ ସୂଚନା ଦେଇଛନ୍ତି।

### ମିଳିତ ମଞ୍ଚ ଆନ୍ଦୋଳନକୁ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସମର୍ଥନ

ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ମହାସଂଘ

**ଭୁବନେଶ୍ୱର, ୩।୯(ବ୍ୟୁରୋ):** ବ୍ଲକଗ୍ରାଣ୍ଟ ଉଚ୍ଛେଦ କରି ପୂର୍ଣ୍ଣ ଅନୁଦାନ ଦାବିରେ ଲୋୟର ପିଏମ୍‌ଜିରେ ଧାରଣାରେ ବସିଥିବା ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଆନ୍ଦୋଳନକୁ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ସମର୍ଥନ ଜଣାଇଛି। ଶିକ୍ଷକଙ୍କ ସମସ୍ୟାକୁ ମୁଖ୍ୟମନ୍ତ୍ରୀ ତୁରନ୍ତ ସମାଧାନ ପାଇଁ ହସ୍ତକ୍ଷେପ କରନ୍ତୁ ବୋଲି ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଉଛି ବୋଲି ମହାସଂଘ ସାଧାରଣ ସମ୍ପାଦକ ରବି ରାୟ ସୋମବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ବ୍ଲକଗ୍ରାଣ୍ଟ ଶିକ୍ଷକ ପ୍ରଥା ସରକାର ୨୦୦୪ଠାରୁ ଲାଗୁ କରିଛନ୍ତି। ବ୍ଲକଗ୍ରାଣ୍ଟ ଶିକ୍ଷକମାନେ ମୁଣ୍ଡାମୁଣ୍ଡି ଦରମା ପାଉଥାନ୍ତି। ଏଥିରେ ଚାକିରି ସର୍ତ୍ତାବଳୀ ନାହିଁ। ପେନସନ୍ ନାହିଁ। ଜିପିଏଫ୍ ଭଳି ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ମଧ୍ୟ ନାହିଁ। ସରକାର ବ୍ଲକଗ୍ରାଣ୍ଟ ଉଠାଇ ଚାକିରି ସର୍ତ୍ତାବଳୀ ଦେବା ସହ ପୂର୍ଣ୍ଣ ଅନୁଦାନ ପ୍ରଦାନ କରିବାକୁ ଶିକ୍ଷକ ମହାସଂଘ ପୂର୍ବରୁ ସରକାରଙ୍କ ପାଖରେ ଦାବି କରିଆସୁଛି। ମିଳିତ ମଞ୍ଚର ବ୍ଲକଗ୍ରାଣ୍ଟ ଶିକ୍ଷକ, ଅଧାପକ ଏବଂ କର୍ମଚାରୀଙ୍କ ଆନ୍ଦୋଳନ ଫଳରେ ସରକାର ବ୍ଲକଗ୍ରାଣ୍ଟ ଉଚ୍ଛେଦକୁ ରାଜି ହୋଇଛନ୍ତି। ହେଲେ ତାହା ପୁଣି ସର୍ତ୍ତମୂଳକ। ଅଦାଲତକୁ ଯାଇଥିବା ଶିକ୍ଷକମାନେ କେସ୍ ଉଠାଇଲେ ବର୍ଦ୍ଧିତ ବ୍ଲକଗ୍ରାଣ୍ଟ ମିଳିବ ବୋଲି ସରକାର କହୁଛନ୍ତି। ଉପରୋକ୍ତ ସର୍ତ୍ତକୁ ହାଇକୋର୍ଟ ରଦ୍ଦ କରି ଦେଇଛନ୍ତି। ତେବେ ଆନ୍ଦୋଳନ ଚଳାଇଥିବା ଶିକ୍ଷକଙ୍କ ଦାବି ଯଥାର୍ଥ ଦର୍ଶାଇ ମହାସଂଘ ସରକାରଙ୍କ ପାଖରେ ଜଣାଉଥିବା ରାୟ କହିଛନ୍ତି। ଉକ୍ତ ସମସ୍ୟାର ସମାଧାନ ହୋଇଗଲେ ଶିକ୍ଷା କ୍ଷେତ୍ରରେ ଉପୁଜିଥିବା ଅଚଳ ଅବସ୍ଥା ଦୂର ହୋଇପାରିବ ବୋଲି ସଭାପତି ନାୟକ କହିଛନ୍ତି।

### ଘରୋଇ ହୋମିଓପାଥିକ ଚିକିତ୍ସକଙ୍କୁ ପଞ୍ଜୀକରଣ ଦାବି

**ଭୁବନେଶ୍ୱର, ୩।୯(ବ୍ୟୁରୋ):** ରାଜ୍ୟରେ ଥିବା ଘରୋଇ ହୋମିଓପାଥିକ ଚିକିତ୍ସକମାନଙ୍କୁ ସରକାର ପଞ୍ଜୀକରଣ କରନ୍ତୁ ବୋଲି ଦାବି କରି ପ୍ରାଇଭେଟ ହୋମିଓପାଥିକ ପ୍ରାକ୍ଟିସନର୍ସ ଆସୋସିଏଶନ ଆସନ୍ତା ୧୧ ତାରିଖରେ ଲୋୟର ପିଏମ୍‌ଜିରେ ବିକ୍ଷୋଭ କରିବ ବୋଲି ସଂଘ ସଭାପତି ଅଟଳ କୁମାର ଦାଶ କହିଛନ୍ତି। ସେ ଆହୁରି କହିଛନ୍ତି, ସରକାର ପୂର୍ବ ପ୍ରଚଳିତ ନିୟମ ଅନୁଯାୟୀ ଘରୋଇ ହୋମିଓପାଥିକ ଚିକିତ୍ସକମାନଙ୍କୁ ତାଲିକାଭୁକ୍ତ କରି ପଞ୍ଜୀକରଣ କରୁଥିଲେ। ମାତ୍ର ସରକାର ସେହି ନିୟମକୁ ରଦ୍ଦ କରି ଦେଇଛନ୍ତି। ଫଳରେ ସରକାର ଆଉ ରାଜ୍ୟରେ ଥିବା ହୋମିଓପାଥିକ ଚିକିତ୍ସକଙ୍କ ତଥ୍ୟ ସରକାରଙ୍କ ପାଖରେ ରହୁନି ବୋଲି ଦାଶ ସୋମବାର ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରସ୍ ଆସୋସିଏଶନ ସଭାକକ୍ଷରେ ଖିବରଦାତା ସମ୍ମିଳନୀରେ ସଂଘ ସଭାପତି ଏହା ପ୍ରକାଶ କରିଛନ୍ତି। ଦାଶ ଆହୁରି ମଧ୍ୟ କହିଛନ୍ତି, ହୋମିଓପାଥିକ ଚିକିତ୍ସାର ପ୍ରଚାର ଓ ପ୍ରସାର ପାଇଁ ଘରୋଇ ହୋମିଓପାଥିକ ଚିକିତ୍ସକମାନଙ୍କ ଭୂମିକା ରହିଛି। ସେମାନଙ୍କ ବଳରେ ହୋମିଓପାଥିକ ଚିକିତ୍ସା ବିଜ୍ଞାନକୁ ପରାକାଷ୍ଠା କରିଛି। ପୂର୍ବରୁ ଏହି ଘରୋଇ ଚିକିତ୍ସକମାନେ ଗାଁ ଗଣ୍ଡାରେ ବୁଲି ଚିକିତ୍ସା ଯୋଗାଇ ଦେଇ ଆସୁଥିଲେ। ଶେଷରେ ଏହି ହୋମିଓପାଥିକ ଚିକିତ୍ସାର ବିକାଶ ତଥା ରାଜ୍ୟର ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ହୋମିଓପାଥିକ ମେଡିକାଲ କଲେଜ ଖୋଲିଥିଲେ। ତେଣୁ ଘରୋଇ ଚିକିତ୍ସକମାନଙ୍କ ଚିକିତ୍ସାର ମାନ ବୃଦ୍ଧି କରିବା ପାଇଁ ସରକାର ସେମାନଙ୍କୁ ତାଲିକାଭୁକ୍ତ କରି ପଞ୍ଜୀକରଣ କରନ୍ତୁ ବୋଲି ସଂଘ ଦାବି କରୁଥିବା ଦାଶ କହିଛନ୍ତି।




# ଗଳା କାଟି ନିଜକୁ ବଳି ପକାଇଲେ

## ଅନ୍ଧବିଶ୍ୱାସର କୁପରିଣତି

**ଧାମନଗର,୩।୯ (ଡି.ଏନ.ଏ.)**

ମାନସିକ ପୂରଣ ଲାଗି ଠାକୁରଙ୍କ ନିକଟରେ ବଳି ପକାଇବା ଭଳି ଅନ୍ଧବିଶ୍ୱାସର ଏକ ଭିନ୍ନ ନଜିର ଦେଖିବାକୁ ମିଳିଛି। ଭଦ୍ରକ ଜିଲା ଧାମନଗର ବ୍ଲକ, ଧୂଷୁରୀ ଥାନା ଅଧୀନ ସାହାସପୁର ସାଏନ୍ତ ସାହିର ସନ୍ତୋଷ ସାଏନ୍ତ ନାମକ ୪୦ ବର୍ଷର ଜଣେ ଯୁବକ ସୋମବାର ସକାଳେ ଠାକୁର ପୂଜା କରିବା ବେଳେ ନିଜକୁ ବଳି ପକାଇବାକୁ ଉଦ୍ୟମ କରି ଏକ ଛୁରିରେ ନିଜ ଗଳା କାଟି ଦେଇଥିଲେ। ପୂଜା ଘର ରକ୍ତ ଜୁବୁବୁବୁ ହୋଇ ସେ ଯନ୍ତ୍ରଣାରେ ଚିତ୍କାର କରିବାରୁ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ୧୦୮ ଆମ୍ବୁଲାନ୍ସ ଦ୍ୱାରା ତାଙ୍କୁ ଭଦ୍ରକ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଯୁବକଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣା ନେଇ ଅଧିକ ତଦନ୍ତ କରାଯାଉଥିବା ପୋଲିସ କହିଛି।

ସାହାସପୁର ସାଏନ୍ତ ସାହିର ଶଶଧର ସାଏନ୍ତଙ୍କର ସାନ ପୁଅ ସନ୍ତୋଷ ଠାକୁରଙ୍କର ଜଣେ ଭକ୍ତ ତଥା ଅଧ୍ୟାତ୍ମିକତାବାଦୀ ଭାବେ ଜଣାଶୁଣା ଥିଲେ। ସେ ନିୟମିତ ଘରେ ପୂଜାପାଠ କରୁଥିଲେ। ବିବାହ ମଧ୍ୟ କରିଥିଲେ। ସୋମବାର ସକାଳ ସେ ଠାକୁରଙ୍କ ପୂଜାଘରକୁ ଯାଇଥିଲେ। ପୂର୍ବାହ୍ନ ୯ଟା ବେଳକୁ ତାଙ୍କ ସ୍ତ୍ରୀ ଚିତ୍କାର ଶୁଣି ପୂଜାଘରକୁ ଯାଇ ତାଙ୍କୁ ରକ୍ତ ଜୁବୁବୁବୁ ଅବସ୍ଥାରେ ଦେଖି ଡାକ ପକାଇଥିଲେ। ପରିବାର ଓ ସାହିଲୋକେ ଆସି ତାଙ୍କୁ ଭଦ୍ରକ ମେଡିକାଲ ପଠାଇବା ବ୍ୟବସ୍ଥା କରିଥିଲେ। କିନ୍ତୁ ଡାକ୍ତରଖାନାରେ ପହଞ୍ଚିବା ବେଳକୁ ତାଙ୍କ ପ୍ରାଣବାୟୁ ଉଡିଯାଇଥିଲା। କୌଣସି ମାନସିକ ପୂରଣ ଲକ୍ଷ୍ୟରେ ସନ୍ତୋଷ ନିଜକୁ ବଳି ଦେବା ଉଦ୍ଦେଶ୍ୟରେ ଏପରି କାଣ୍ଡ ଭିଆଇଥିବା ପଡୋଶୀମାନେ ମତ ପ୍ରକାଶ କରିଛନ୍ତି । ଅନ୍ଧବିଶ୍ୱାସର ଏହି କୁପରିଣତି ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# ପୁଣି ଆନ୍ଦୋଳନକୁ ଓହ୍ଲାଇଲା ପୁରୁଣା ସିଟି, ବି.ଇଡି ସଂଘ

**ଭୁବନେଶ୍ୱର, ୩।୯(ବ୍ୟୁରୋ)**



ଲୋୟର ପିଏମ୍‌ଜିଠାରେ ଆନ୍ଦୋଳନରେ ବସିଥିବା ଅଲ୍ ଓଡ଼ିଶା ଅଣକର୍ମଚାରୀ ପୁରୁଣା ସିଟି ଏବଂ ବି.ଇଡି ସଂଘ ସଦସ୍ୟ।

ପୁଣି ଆନ୍ଦୋଳନାକୁ ଓହ୍ଲାଇଲା ଅଲ୍ ଓଡ଼ିଶା ଅଣକର୍ମଚାରୀ ପୁରୁଣା ସିଟି ଏବଂ ବି.ଇଡି ସଂଘ। ସ୍ୱତନ୍ତ୍ର ପ୍ୟାକେଜ ଜରିଆରେ ପୁରୁଣା ସିଟି ଏବଂ ବି.ଇଡିମାନଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦିଅନ୍ତୁ ବୋଲି ସଂଘ ଦାବି କରିଛି। ପୂର୍ବରୁ ସଂଘ ଆନ୍ଦୋଳନ କରି ସଂଘର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ପ୍ରକୋଷ୍ଠରେ ସାକ୍ଷାତ କରିଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସଂଘର ଦାବି ଯଥାର୍ଥ ବୋଲି ଗ୍ରହଣ କରିଥିଲେ। ସ୍ୱତନ୍ତ୍ର ପ୍ୟାକେଜ ଆଣି ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଅତିରିକ୍ତ ସଚିବଙ୍କ ପ୍ରତିଶ୍ରୁତିକୁ ଦୁଇ ମାସ ପୂରି ଯାଇଛି। ଏପର୍ଯ୍ୟନ୍ତ ସ୍ୱତନ୍ତ୍ର ପ୍ୟାକେଜ ବ୍ୟବସ୍ଥା ଅଣାଯାଇ କୌଣସି ନିଯୁକ୍ତି ଦିଆଗଲା ନାହିଁ। ଫଳରେ ସଂଘ ପୁନର୍ବାର ଆନ୍ଦୋଳନାକୁ ଓହ୍ଲାଇଛି ବୋଲି ସଂଘ ସଭାପତି ଗୋପବନ୍ଧୁ ମୁଦୁଲୀ କହିଛନ୍ତି।

ମୁଦୁଲୀଙ୍କ କହିବା ହେଲା, ୧୯୯୦ରୁ ୨୦୦୦ ମସିହା ମଧ୍ୟରେ ସିଟି ଏବଂ ବି.ଇଡି ତାଲିମ୍ ପାଇଁ ଶିକ୍ଷାନୀତି ଅଲଗା ଥିଲା। ପରୀକ୍ଷାରେ ବିଷୟ ପିଛା ପୂର୍ଣ୍ଣ ସଂଖ୍ୟା ୧୦୦ ଥିଲା। ୫ଟି ପ୍ରଶ୍ନର ଦୀର୍ଘ ମୂଳକ ଉତ୍ତର ଦେବାକୁ ପଡୁଥିଲା। ମାତ୍ର ୨୦୦୧ ବେଳକୁ ଶିକ୍ଷାନୀତିରେ ପରିବର୍ତ୍ତନ କରାଗଲା। ଯେଉଁ ନୂଆ ପିଲାମାନେ ସିଟି ଏବଂ ବି.ଇଡି ତାଲିମ୍ ନେଲେ ସେମାନଙ୍କ ପାଇଁ ପରୀକ୍ଷାରେ ସଂକ୍ଷିପ୍ତ ପ୍ରଶ୍ନୋତ୍ତର ରହିଲା। ଯାହାକି ସେମାନେ ଅଧିକ ନମ୍ବର ରଖି ପାସ୍ କଲେ। ନିଯୁକ୍ତି ବେଳେ ସେମାନେ ଚାକିରି ପାଇଁ ପୁରୁଣା ସିଟି ଏବଂ ବି.ଇଡି ତାଲିମଧାରୀଙ୍କ ଅପେକ୍ଷା ଅଧିକ ଯୋଗ୍ୟ ହୋଇପାରିଲେ। ଏହି ୧୦ ବର୍ଷ ଭିତରେ ସରକାର ଶିକ୍ଷକ ପଦବୀ ନିଯୁକ୍ତି କଲେ ନାହିଁ। ଫଳରେ ସିଟି ଏବଂ ବି.ଇଡି ତାଲିମ୍ ନେଇଥିବା ଯୁବତୀ ଯୁବକ ଚାକିରି ପାଇ ପାରିଲେ ନାହିଁ ବୋଲି ମୁଦୁଲୀ କୁହନ୍ତି। ତେଣୁ ସଂଘ ଦାବି କରୁଛି କି, ସରକାର ପୁରୁଣା ସିଟି ଏବଂ ବି.ଇଡି ତାଲିମପ୍ରାପ୍ତ ବ୍ୟକ୍ତିଙ୍କ ଭବିଷ୍ୟତକୁ ବିଚାର କରି ତୁରନ୍ତ ସ୍ୱତନ୍ତ୍ର ପ୍ୟାକେଜ ଆଣି ନିଯୁକ୍ତି ଦିଅନ୍ତୁ।

# ୫ରେ କଳାଦିବସ ପାଳିବେ ୬୦ ହଜାର ଶିକ୍ଷକ

- ୧୯ ଦିନରେ ଶିକ୍ଷକଙ୍କ ଆନ୍ଦୋଳନ
- ମିଳିତମଞ୍ଚ ଷ୍ଟିଅରିଂ କମିଟିର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

**ଭୁବନେଶ୍ୱର, ୩।୯(ବ୍ୟୁରୋ)**

ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ ଦାବିରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତମଞ୍ଚର ଆନ୍ଦୋଳନ ସୋମବାର ୧୯ଦିନରେ ପହଞ୍ଚିଛି। ଯେହେତୁ ସରକାର ଦାବି ସମ୍ପର୍କରେ କୌଣସି ପଦକ୍ଷେପ ନେଲେ ନାହିଁ, ତେଣୁ ମିଳିତମଞ୍ଚ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ୫ତାରିଖ ଗୁରୁଦିବସକୁ ୬୦ହଜାର ଶିକ୍ଷକ, ଅଧାପକ, ଶିକ୍ଷା କର୍ମଚାରୀ କଳାଦିବସ ଭାବେ ପାଳନ କରିବେ। ୬ତାରିଖରୁ ରାଜ୍ୟର ସମସ୍ତ ନୂତନ ଅନୁଦାନପ୍ରାପ୍ତ(ବ୍ଲକ୍‌ଗ୍ରାଣ୍ଟ), ପ୍ରତ୍ୟାଶୀ ସ୍କୁଲ ଓ କଲେଜ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ ରହିବ। ୫ରୁ ୭ ତାରିଖ ପର୍ଯ୍ୟନ୍ତ ଶିକ୍ଷକ, ଅଧାପକ, ଶିକ୍ଷା କର୍ମଚାରୀ ୩ଦିନ ଧରି ଭୁବନେଶ୍ୱରରେ ରହିବେ। ୬ତାରିଖ ଦିନ ପୂର୍ବାହ୍ନରେ ୧୪୭ ବିଧାୟକଙ୍କର ବାସଭବନ ଘେରାଉ କରାଯିବ। ଏହି ଘେରାଉ କାର୍ଯ୍ୟକ୍ରମ ୭ତାରିଖ ଅପରାହ୍ନ ପର୍ଯ୍ୟନ୍ତ ବଳବତ୍ତର ରହିବ। ସେହିଦିନଠାରୁ ପ୍ରତ୍ୟେକ ସ୍କୁଲ ଓ କଲେଜରୁ ୨ଜଣ, ଉଚ୍ଚପ୍ରାଥମିକ ବିଦ୍ୟାଳୟ, ମଦ୍ରାସା, ସଂସ୍କୃତ ଟୋଲ ବିଦ୍ୟାଳୟରୁ ଜଣେ ଲେଖାଏ ବିଧାନସଭା ଶେଷ ହେବା ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆନ୍ଦୋଳନରେ ଉପସ୍ଥିତ ରହିବେ। ୧୦ ତାରିଖଠାରୁ ସ୍କୁଲ, କଲେଜର ଅବଶିଷ୍ଟ ଶିକ୍ଷକ, ଅଧାପକ ଓ ଶିକ୍ଷା କର୍ମଚାରୀମାନେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା କରିବେ। ୧୭ ତାରିଖରୁ ବ୍ଲକ୍‌ର ସମସ୍ତ ଶିକ୍ଷକ, ଅଧାପକ ଓ ଶିକ୍ଷା କର୍ମଚାରୀମାନେ ପ୍ରତିଦିନ ଗୋଟିଏ ପଞ୍ଚାୟତରେ ପଦଯାତ୍ରା କିମ୍ବା ମୋଟରସାଇକେଲ ରାଲି କରି ଘରେ ଘରେ ମିଳିତମଞ୍ଚର ଲିଫ୍‌ଲେଟ୍ ଦେବେ। ଶିକ୍ଷା ବିରୋଧୀ ସ୍ଲୋଗାନ ଦେଇ ଅପରାହ୍ନ ୩ଟାରେ ପଞ୍ଚାୟତ ହେଡ୍‌କ୍ୱାର୍ଟରରେ ସାଧାରଣ ସଭା କରିବେ। ଆନ୍ଦୋଳନ ବେଳେ ମଧ୍ୟାହ୍ନଭୋଜନ କାର୍ଯ୍ୟ ବନ୍ଦ ରହିବ। ଏହି ସମସ୍ତ ନିଷ୍ପତ୍ତିକୁ ପାଳନ କରିବା ପାଇଁ ଜିଲା ଷ୍ଟିଅରିଂ କମିଟି, ବ୍ଲକ୍ ଷ୍ଟିଅରିଂ କମିଟିର ଶିକ୍ଷକ, ଅଧାପକ ଓ ଶିକ୍ଷା କର୍ମଚାରୀମାନଙ୍କୁ ମିଳିତମଞ୍ଚର ଆବାହକ ମଣ୍ଡଳୀ ସଦସ୍ୟ ପବିତ୍ର ମହାଲା, ଗୋଲକ ନାୟକ ଓ ପ୍ରକାଶ ଚନ୍ଦ୍ର ମହାନ୍ତି ନିବେଦନ କରିଛନ୍ତି।

# ଦାମଙ୍କ ଚକ୍ରବ୍ୟୂହ ବାଣକୁ ନେଇ ଅଡୁଆରେ ବିଜେଡି

**ଭୁବନେଶ୍ୱର, ୩।୯(ବ୍ୟୁରୋ)**



ଦାମୋଦର ରାଉତ

ନିଜର ରୋକ୍‌ଠୋକ୍ ମନ୍ତବ୍ୟ ଦେଇ ବିଜେଡିକୁ ପୁଣିଥରେ ଅଡୁଆରେ ପକାଇଛନ୍ତି ଦଳର ବରିଷ୍ଠ ନେତା ଦାମୋଦର ରାଉତ। ସୋମବାର ଦାମଙ୍କ ଚକ୍ରବ୍ୟୂହ ବାଣ ବିଜେଡି ଶିବିରରେ କମ୍ପନ ସୃଷ୍ଟି କରିଛି। କେତେଜଣ ନେତା ଓ ଅଫିସରଙ୍କ ଚକ୍ରବ୍ୟୂହରେ ପଶି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବେ ବଦ୍‌ନାମ ହେଉଛନ୍ତି। ସେହି ନେତା ଓ ଅଫିସରଙ୍କୁ ଭଗବାନ ସହାୟକ ହୁଅନ୍ତୁ। ମେ ୨୯ ମିଡ୍‌ନାଇଟ୍ ଅପରେଶନ୍‌ରେ ସାମିଲ ଥିବା ଲୋକ ଏବେ ବିଜେଡିର ସର୍ବେସର୍ବା ହୋଇଛନ୍ତି। ପ୍ରତ୍ୟେକ ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଯେଉଁ ଗୋଇନ୍ଦା ରିପୋର୍ଟ ଆସିବା କଥା। ତାହା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚୁ ନାହିଁ। ପ୍ୟାରିମୋହନ ମହାପାତ୍ର ସେତେବେଳେ ଏଭଳି କରୁଥିଲେ। ସ୍ପେଶାଲ ବ୍ରାଞ୍ଚ ରିପୋର୍ଟକୁ ମାଗିଆଣି ପ୍ୟାରିବାବୁ ତାକୁ ସଂଶୋଧନ କରି ମୁଖ୍ୟମନ୍ତ୍ରୀଙ୍କୁ ଦେଇ ଦେଉଥିଲେ। ଏବେ ପ୍ୟାରିବାବୁଙ୍କ ସମୟରୁ ଅଧିକ ଗଫଲତି ହେଉଛି ବୋଲି ଦାମ କହିଛନ୍ତି। ବିଜୁବାବୁଙ୍କ ସଭାରେ ଯେଉଁମାନେ ଖଣ୍ଡା ବୁଲାଉଥିଲେ ସେମାନେ ଦଳର ଆଗ ଧାଡିର ନେତା ହୋଇଛନ୍ତି। ଯେଉଁମାନେ ବିଜୁବାବୁଙ୍କୁ କେବେହେଲେ ଦେଖି ନାହାନ୍ତି ସେମାନେ ବିଜୁବାବୁଙ୍କ ଆଦର୍ଶ କଥା କହୁଛନ୍ତି ବୋଲି ସେ କହିଛନ୍ତି।

ବିଜେଡି କିନ୍ତୁ ଦାମଙ୍କ ମନ୍ତବ୍ୟର ଜବାବ୍ ରଖିଛି। ଦଳର ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ, ଦଳରେ କିଏ କ'ଣ କରୁଛି ତାହା ଗଣମାଧ୍ୟମ ଆଗରେ କହିବା ଠିକ୍ ନୁହେଁ। ଜଣେ ବରିଷ୍ଠ ନେତା ଭାବରେ ଦାମବାବୁ ଯାହା କହିବା କଥା ତାହା ଦଳୀୟ ଫୋରମରେ କୁହନ୍ତୁ ବୋଲି ସେ କହିଛନ୍ତି।

### ୧୪ରେ ନୂଆଁଖାଇ: ଧାର୍ଯ୍ୟ ହେଲା ଲଗ୍ନ

**ସମ୍ବଲପୁର, ୩।୯ (ବ୍ୟୁରୋ)**

ଆସନ୍ତା ୧୪ ତାରିଖରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ। ସୋମବାର ଏଥିଲାଗି ବ୍ରହ୍ମପୁରା ମନ୍ଦିରରେ ଲଗ୍ନ ଧାର୍ଯ୍ୟ କରାଯାଇଛି। ୧୪ ତାରିଖ ପୂର୍ବାହ୍ନ ୮ଟା ୧୦ରୁ ୮ଟା ୪୦ ମିନିଟ ମଧ୍ୟରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ନବାନ୍ନ ଭୋଗ ଲାଗିବ ବୋଲି ଲଗ୍ନ ଧାର୍ଯ୍ୟ କରାଯାଇଛି। ବିଭିନ୍ନ ଅଞ୍ଚଳରୁ ଆସିଥିବା ପଣ୍ଡିତମାନେ ଏହି ଲଗ୍ନ ଧାର୍ଯ୍ୟ କରିଥିଲେ। ଘଣ୍ଟ, ଶଙ୍ଖ, ହୁଳହୁଳି ସହ ପଣ୍ଡିତମାନେ ସହର ପରିକ୍ରମା କରି ଗୋଧୂଳି ଲଗ୍ନରେ ସମଲେଶ୍ୱରୀ ପୀଠରେ ପହଞ୍ଚିଥିଲେ। ସେଠାରେ ବ୍ରହ୍ମପୁରା ମନ୍ଦିର ପୂଜକ ସନ୍ତୋଷ କୁମାର ପଣ୍ଡା ଦେବୀଙ୍କୁ ଲଗ୍ନ ଅର୍ପଣ କରିଥିଲେ। ସମଲେଶ୍ୱରୀ ମନ୍ଦିର ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ସମେତ ଅନ୍ୟ ପୂଜକମାନେ ଏହି ସମୟରେ ଉପସ୍ଥିତ ଥିଲେ। ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସରୋଜ କୁମାର ଦଳପତଙ୍କ ପରିଚାଳନାରେ ଲଗ୍ନ ଧାର୍ଯ୍ୟ କାର୍ଯ୍ୟକ୍ରମ ହୋଇଥିଲା।




# କେନ୍ଦ୍ରମନ୍ତ୍ରୀଙ୍କୁ ଅସମ୍ମାନ କରୁଛନ୍ତି ରାଜ୍ୟ ସରକାର: ଭାଜପା

## ■ ଭାଜପା ଅଭିଯୋଗରୁ ରାଜନୈତିକ ଗନ୍ଧ ଆସୁଛି: ବିଜେଡି

**ଭୁବନେଶ୍ୱର, ୩।୯(ବ୍ୟୁରୋ)**

ରାଜ୍ୟ ଗସ୍ତରେ ଆସୁଥିବା କେନ୍ଦ୍ରମନ୍ତ୍ରୀମାନଙ୍କୁ ବାରମ୍ବାର ଅସମ୍ମାନ କରାଯାଉଛି। ରାଜ୍ୟ ସରକାର ବାସ୍ତବରେ ଅତିଥିମାନଙ୍କୁ ସମ୍ମାନ ଦିଅନ୍ତି ନାହିଁ। ଅସହିଷ୍ଣୁତା ମନୋଭାବ ରଖି ରାଜ୍ୟକୁ ଆସୁଥିବା ଅତିଥିମାନଙ୍କୁ ସୁରକ୍ଷା ଯୋଗାଇବାରେ ରାଜ୍ୟ ସରକାର ହୀନ ରାଜନୀତି ଅଭିସନ୍ଧି ରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ସମଗ୍ର ରାଜ୍ୟବାସୀଙ୍କ ପାଇଁ ଲଜ୍ଜାର ବିଷୟ ବୋଲି ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂ ଦେଓ କହିଛନ୍ତି।

ସୋମବାର ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କନକ ବର୍ଦ୍ଧନ କହିଛନ୍ତି, ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ବାଲେଶ୍ୱରଠାରେ ନବନିର୍ମିତ ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲର ଶୁଭ ଉଦ୍‌ଘାଟନ ପାଇଁ ରବିବାର କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ ଚୌବେ ଭୁବନେଶ୍ୱରଠାରେ ପହଞ୍ଚିଥିଲେ। ମାତ୍ର କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇବାକୁ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ କିମ୍ବା କୌଣସି ଉଚ୍ଚପଦସ୍ଥ ପଦାଧିକାରୀ ଉପସ୍ଥିତ ନ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ହେଲିକପ୍ଟର ଯୋଗେ ଭୁବନେଶ୍ୱରଠାରୁ ବାଲେଶ୍ୱର ଯିବା ଲାଗି କାର୍ଯ୍ୟକ୍ରମ ପୂର୍ବରୁ ନିର୍ଦ୍ଧାରିତ ହୋଇଥିଲା, ମାତ୍ର ଶେଷ ମୁହୂର୍ତ୍ତରେ ତାହା ବାତିଲ ହୋଇଥିଲା। ଏହାପରେ ସଡକ ପଥରେ ଚୌବେଙ୍କୁ ବାଲେଶ୍ୱର ଯିବାକୁ ପଡିଥିଲା। ମାତ୍ର ତାଙ୍କ ଗସ୍ତ ସମୟରେ ଯାଜପୁର ଜିଲାର ସୀମା ପର୍ଯ୍ୟନ୍ତ ପୋଲିସ ସୁରକ୍ଷା ଯୋଗାଇ ଦିଆଯାଇଥିଲା। କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀଙ୍କୁ ୱାଇ କାଟେଗୋରି ସୁରକ୍ଷା ମିଳିଥିବା ବେଳେ ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ପୂର୍ବରୁ ୨ଟି ମେଡିକାଲ କଲେଜ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସମୟରେ ରାଜ୍ୟ ସରକାର କେନ୍ଦ୍ରର କୌଣସି ମନ୍ତ୍ରୀ ବା ଅଧିକାରୀଙ୍କୁ ନିମନ୍ତ୍ରଣ କରି ନ ଥିଲେ। ଗତ ୩୧ତାରିଖରେ ବଲାଙ୍ଗୀର ଜିଲାର ଭୀମଭୋଇ ମେଡିକାଲ କଲେଜ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଯୋଗଦେଇଥିଲେ। ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ନିମନ୍ତ୍ରଣ ପତ୍ରରେ କେନ୍ଦ୍ରମନ୍ତ୍ରୀଙ୍କ ନାମ ରହି ନ ଥିଲା। ଏହାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା ବୋଲି କନକ କହିଛନ୍ତି।

ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ଓଡିଶା ଗସ୍ତରେ ଆସୁଥିବା କେନ୍ଦ୍ରମନ୍ତ୍ରୀ ବା ସରକାରୀ ପଦାଧିକାରୀଙ୍କ ସୁରକ୍ଷା ଏବଂ ପ୍ରୋଟକଲ୍ ପାଇଁ ରାଜ୍ୟ ସରକାର ସର୍ବଦା ସଚେତନ ରହିଛନ୍ତି। ଭାଜପା ଯେଉଁ ଅଭିଯୋଗ ଆଣୁଛି ତା'ପଛରେ ରାଜନୈତିକ ଅଭିସନ୍ଧି ରହିଥିବା ସ୍ପଷ୍ଟ ବାରି ହୋଇପଡୁଛି। ଯଦି କେନ୍ଦ୍ରମନ୍ତ୍ରୀଙ୍କ ସୁରକ୍ଷାରେ କୌଣସି ପ୍ରକାର ଅସୁବିଧା ହୋଇଥାଏ ତେବେ ସେ ନିଜେ ଏ ସମ୍ପର୍କରେ କହିପାରି ଥାଆନ୍ତେ। ପ୍ରଶାସନିକସ୍ତରରେ ଏସବୁ ଆଲୋଚନା ହେବା କଥା। ଏଭଳି ମିଛ ଅଭିଯୋଗ ଆଣି ଭାଜପା ରାଜନୀତି କରିବାକୁ ଚେଷ୍ଟା କରିବା ଦୁର୍ଭାଗ୍ୟଜନକ ବୋଲି ସସ୍ମିତ କହିଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୪ ସେପ୍ଟେମ୍ବର, ୨୦୧୮



ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କୁ କଡ଼ା ଜବାବ ଦେବା ପାଇଁ ମିଳିତ ସୁରକ୍ଷାବଳଙ୍କ ପକ୍ଷରୁ ସୋମବାର ସକାଳେ ଆରମ୍ଭ ହୋଇଛି ସର୍ଚ୍ଚ ଅପରେଶନ। ପୁଲଓ୍ୱମା ଏବଂ ଶୋପିଆନ୍ ଜିଲାର ୧୮ଟି ଗାଁରେ ସର୍ଚ୍ଚ ଅପରେଶନ ଜାରି ରହିଛି। ଏସବୁ ଅଞ୍ଚଳରେ ଆତଙ୍କବାଦୀମାନେ ସକ୍ରିୟ ଥିବାରୁ ଏପରି କରାଯାଉଥିବା କୁହାଯାଉଛି। ଏଥିରେ ଜାମ୍ମୁ-କଶ୍ମୀର ପୋଲିସ, ସିଆରପିଏଫ୍ ତଥା ସେନାର ୫୫ ଆର୍‌ଆର୍, ୪୪ଆର୍‌ଆର ଏବଂ ୫୩ ଆର୍‌ଆର ଯବାନ ଅଂଶଗ୍ରହଣ କରିଛନ୍ତି।




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଜୀଦିନ୍
ପରିବାରବର୍ଗ



ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

real estate

### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Book duplex (ready to move) Tankapani road, near BJEM-2 school, Ranga bazar. Cost- 55 lakhs with bank finance. 8917360040, 7077074156. D-64125

Gharabari boundary plot infront of Krupajal Engineering College, Bhubaneswar: 9090899281, 8908805482. D-63484

Plot for sale near AIIMS Hospital, Bhubaneswar. Contact: 9938670164, 6370907396. D-64119

Flats for sale 2BHK/ 3BHK at Patrapada (Ready to move) near Amber Showroom and Krupajal College, Bhubaneswar- Puri NH side. 9861037729, 9040337729. D-63910

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64130

BDA approved 3BHK duplex at Hanspal Square and Atala, Bhubaneswar DB Reality. 9438419823, 9861086655. D-63486

ଭୁବନେଶ୍ୱର ବାଳକାଟି ବଜାରରୁ 3km. ଦୂରତାରେ 30' road, eletricity ସୁବିଧାଥାଇ ଘରବାରି ପାଚେରି ପ୍ଲଟ୍ ପିଚୁରୋଡକୁ ଲାଗି sqft. 450/-ରେ ବିକ୍ରିହେବ। 9438855652, 9090053827. D-64302

### PURCHASE

A reputed realestate company requires land in around Cuttack and Bhubaneswar on basis of outright sharing and marketing contact: 9937816565, 9583944403. D-64131

### GENERAL SALE

କଲେଜବ୍ୟାଗ୍ ସ୍କୁଲ, ଲଗେଜ, ଲେଡିଜ୍‌ବ୍ୟାଗ କଲିକତା ଦାମ୍‌ରେ ବିକ୍ରିହେବ। College bag School, luggage, ladies bag for sale. 7978677350, 9778250077. D-59917

packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-8090

healthcare

Fully refreshed/ relaxed body massage by expert therapist, Shastrinagar. 7377984773. D-64116

Rejuvenate and Ayurvedic full body massage by smart therapist. 9114402304. D-64118

Pamper yourself this Mansoon professional massage. Contact Purple Orchid. 9776598888. D-64117

Bangkok spa special offer 50% off on all 1hrs any full body massage. 9861688844, 8018739084. D-63594

G.S Spa herbal full body massage ladies/ gents. 9078429117, 7683840853. D-63079

Physiotherapy and Herbal massage by trained ladies/ Gents Therapist- 7008773793. D-63482

Newly opening ayurvedic body massage in joint pains, smart therapist. 9776383819. D-64126

Newly opening ayurvedic body massage smart therapist, Shree Herbal. 7750020754. D-64127

Herbal full body massage by smart/ expert therapist. Contact: 8338067247. D-64128

Experience full body massage with us by experts. Enquiry: 7377048581. D-64129

All type of massage and good therapy full body massage Sai herbal spa. 7609005923. D-64201

Sonali ayurvedic full body massage/ smart lady expert therapist. Best facility. 9973747265, 9572698260, 9934132232, 9631368840. D-8096

Opening newly ayurvedic full body massage ladies & gents. 7438851534, 7609923705. D-38527

Newly open herbal full body massage with refreshment. 7381239385. D-63085

### AFFIDAVIT

By virtue of affidavit before Executive Magistrate, Bhubaneswar I changed my name from Mamita Patra to Mamita Patro for all purpose. D-61496

That by an affidavit Notary, Puri I shall known as Sonali Mohapatra Daughter of Kailash Chandra Mohapatra of Puri. That Sonali Mohapatra and Sonali Sahoo is one and same. D-63722

That by an affidavit Notary, Puri I shall known as Monalisa Mohapatra Daughter of Kailash Chandra Mohapatra of Puri. That Monalisa Mohapatra and Monalisa Sahoo is one and same. D-63721

ମୁଁ ବିରଞ୍ଚି ନାରାୟଣ ବାରିକ/ ବିରଞ୍ଚି ବାରିକ, ପିତା- ନରସିଂହ ବାରିକ, ଗ୍ରାମ- ଗୋବର୍ଦ୍ଧନପ୍ରସାଦ, ଥାନା- ଫତେଗଡ଼, ଜିଲ୍ଲା- ନୟାଗଡ଼, ନୋଟାରି ସତ୍ୟପାଠ (37AA340822) ଅନୁଯାୟୀ ଏହା ଦ୍ୱାରା ସମସ୍ତ ଉଦ୍ଦେଶ୍ୟ ପାଇଁ ବିଜୟ ବାରିକ ଭାବେ ପରିଚିତ ହେବି। ଧ-୮୨୧୯

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ଆଇନ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ

# ପୈଠ କରାଯାଉନି ବାର କାଉନ୍‌ସିଲ ଫି

- ସରକାରୀ ଆଇନ କଲେଜର ଅବହେଳା
- ବାକି ରହିଛି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା
- ରାଜ୍ୟ ବାହାରକୁ ଯାଇ ହଇରାଣ ହେଉଛନ୍ତି ଛାତ୍ରୀଛାତ୍ର

ଦୀପକ କୁମାର ଭଳ
କଟକ ଅଫିସ, ୩।୯

ଭାରତୀୟ ବାର କାଉନ୍‌ସିଲରେ ସମସ୍ତ ରାଜ୍ୟର ଆଇନ ଛାତ୍ରୀଛାତ୍ରଙ୍କ ନାମ ପଞ୍ଜୀକରଣ ନିତାନ୍ତ ଆବଶ୍ୟକ। ପଞ୍ଜୀକରଣ ହେବା ଦ୍ୱାରା ଛାତ୍ରୀଛାତ୍ରମାନେ ଭାରତର ଯେକୌଣସି କୋର୍ଟରେ ଓକିଲାତି କରିପାରିବେ। ଏହି ପଞ୍ଜୀକରଣ କରିବା ପାଇଁ ପ୍ରତି ଶିକ୍ଷାବର୍ଷରେ ଆଇନ କଲେଜ ତରଫରୁ କାଉନ୍‌ସିଲରେ ଫି' ଜମା କରିବାକୁ ପଡିଥାଏ। ହେଲେ ଓଡ଼ିଶାର ଅଧିକାଂଶ ସରକାରୀ ଆଇନ କଲେଜ ଏହି ଫି ଜମା କରୁନାହାନ୍ତି। ଫଳରେ ରାଜ୍ୟ ବାହାରକୁ ଏବଂ ସୁପ୍ରିମ୍‌କୋର୍ଟରେ ଓକିଲାତି କରିବାକୁ ଯାଉଥିବା ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଓକିଲାତି କରିବା ପାଇଁ ସେମାନଙ୍କୁ ଲାଇସେନ୍ସ ମିଳୁନାହିଁ। ଛାତ୍ରୀଛାତ୍ରମାନେ କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଏନେଇ ଅଭିଯୋଗ କରୁଥିଲେ ମଧ୍ୟ ଏଥିପ୍ରତି ଧ୍ୟାନ ଦିଆଯାଉନାହିଁ। ସବୁଠୁ ବଡ଼ କଥା ହେଉଛି, ଭାରତୀୟ ବାର କାଉନ୍‌ସିଲ ଫି ବାବଦରେ ଛାତ୍ରୀଛାତ୍ରଙ୍କଠାରୁ ଟଙ୍କା ନେଉଥିଲେ ମଧ୍ୟ ତାହା ଜମା କରାଯାଉନାହିଁ। ଓଡ଼ିଶାର ସରକାରୀ ଆଇନ କଲେଜଗୁଡ଼ିକ ଏହି ଫି ବାବଦକୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବକେୟା ରଖିଥିବା ଜଣାପଡିଛି।

ବାର କାଉନ୍‌ସିଲର ୨୦୧୧ ନିର୍ଦ୍ଦେଶନାମା ଅନୁଯାୟୀ ୩ ବର୍ଷିଆ ଏବଂ ୫ ବର୍ଷିଆ ଏଲଏଲବି କୋର୍ସ ପାଇଁ ଦେଢ଼ ଲକ୍ଷ ଟଙ୍କା ଲେଖାଏ ଫି ରହିଥିଲା। ୨୦୧୬ ନୂତନ ନିର୍ଦ୍ଦେଶନାମା ଅନୁସାରେ ୩ ବର୍ଷିଆ ଏବଂ ୫ ବର୍ଷିଆ ଏଲଏଲବି କୋର୍ସ ପାଇଁ ଯଥାକ୍ରମେ ୩ ଲକ୍ଷ ଏବଂ ୫ ଲକ୍ଷ ଟଙ୍କା ଫି ଆକାରରେ ଜମା କରିବାକୁ କୁହାଯାଇଛି। ଉଭୟ ନୂଆ ଏବଂ ପୁରୁଣା କଲେଜ ଏହି ଫି ଜମା କରିବାକୁ ନିର୍ଦ୍ଦେଶ ରହିଛି। ଓଡ଼ିଶାର ଘରୋଇ ଆଇନ କଲେଜଗୁଡ଼ିକ ଏହି ଫି ଜମା କରୁଥିବାବେଳେ ଅଧିକାଂଶ ସରକାରୀ କଲେଜ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ଭାରତୀୟ ବାର କାଉନ୍‌ସିଲ ୱେବ୍‌ସାଇଟ୍‌ରୁ ମିଳିଥିବା ସୂଚନା ଅନୁଯାୟୀ, ଓଡ଼ିଶାର ଉତ୍କଳ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧୀନରେ ୨୧ଟି ସରକାରୀ ଆଇନ କଲେଜ ରହିଛି। ଏହି କଲେଜଗୁଡ଼ିକ ମଧ୍ୟରୁ କେଉଁଥିରେ ୩ ବର୍ଷିଆ, କେଉଁଥିରେ ୫ ବର୍ଷିଆ ଏବଂ କେଉଁଥିରେ ଉଭୟ ୩ ଓ ୫ ବର୍ଷିଆ ଏଲଏଲବି କୋର୍ସ ରହିଛି। ୨୦୧୫-୧୬ ଶିକ୍ଷାବର୍ଷ କିମ୍ବା ତା'ପରଠାରୁ ଏହି ଫି କୌଣସି ସରକାରୀ କଲେଜ ଜମା କରିନାହାନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ୟୁନିଭରସିଟି ଲ କଲେଜ ଏବଂ ମଧୁସୂଦନ ଲ କଲେଜ ଉଭୟ ୩ ବର୍ଷିଆ ଏବଂ ୫ ବର୍ଷିଆ ଏଲଏଲବି କୋର୍ସ ପାଇଁ ୨୦୧୨-୧୩ରେ ଶେଷ ଥର ଫି ଜମା କରିଥିଲେ। ଏହି ତଥ୍ୟ ଭାରତୀୟ ବାର କାଉନ୍‌ସିଲ ୱେବ୍‌ସାଇଟ୍‌ରେ ପ୍ରକାଶ ପାଇଛି।

ୟୁନିଭରସିଟି ଲ' କଲେଜର ଛାତ୍ର ଅବିନାଶ ମହାନ୍ତି କୁହନ୍ତି, ମୁଁ ଓକିଲାତି କରିବା ପାଇଁ ଦିଲ୍ଲୀ ଯାଇଥିଲି। ସେଠାକାର ରାଜ୍ୟ ବାର କାଉନ୍‌ସିଲରେ ଲାଇସେନ୍ସ ପାଇଁ ଆବେଦନ କରିଥିଲି। ହେଲେ ଆମ କଲେଜ ବାର କାଉନ୍‌ସିଲର ଫି ଜମା କରି ନ ଥବାରୁ ମୋର ଆବେଦନକୁ ଖାରଜ କରି ଦିଆଯାଇଥିଲା। ଏନେଇ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ସେମାନେ ଆଦୌ ଶୁଣୁନାହାନ୍ତି ବୋଲି ସେ କହିଛନ୍ତି।

ୟୁନିଭରସିଟି ଲ' କଲେଜର ଅଧ୍ୟକ୍ଷ ପ୍ରଣବ କୁମାର ରଣାଙ୍କୁ ପଚାରିବାରୁ ସେ କହିଲେ, ଆମେ ଫି ଜମା କରୁଛୁ। ଫି ବାବାଦକୁ ଆଉ କିଛି ଟଙ୍କା ବାକି ରହିଛି, ଯାହାକୁ ଆମେ ଖୁବ୍‌ଶୀଘ୍ର ଜମା କରିଦେବୁ ବୋଲି ସେ କହିଛନ୍ତି।

କଟକ ମଧୁସୂଦନ ଆଇନ କଲେଜ ଅଧ୍ୟକ୍ଷ ଏସ୍. କେ. ନନ୍ଦଙ୍କୁ ପଚାରିବାରୁ ସେ କହିଲେ, ଆମେ ଫି ଜମା କରିଦେଇଛୁ। ହେଲେ ବିଳମ୍ବରେ ଫି ଜମା କରିଥିବାରୁ ତାହା ଉପରେ ଫାଇନ୍ ଲାଗିଛି। ଫାଇନ ଜମା କରି ଦେବା ପରେ ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।

# ଛେଳି ଗୋଠ ଜଗୁଆଳିଙ୍କୁ ହତ୍ୟା

ସୋରଡ଼ା,୩।୯(ଡି.ଏନ.ଏ.)

ଗଞ୍ଜାମ ଜିଲା ସୋରଡ଼ା ଥାନା ସରାବାଡି ପଞ୍ଚାୟତ ସନ୍ଧି ଗୁଣ୍ଡିରିବାଡି ଗ୍ରାମ ନିକଟରେ ରବିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ରାତିରେ ଛେଳି ଗୋଠ ଜଗୁଥିବା ଜଣେ ବ୍ୟକ୍ତିଙ୍କ ଗୋଡ଼ ହାଣିଦିଆଯିବାରୁ ପ୍ରଚୁର ରକ୍ତସ୍ରାବ ହୋଇ ମୃତ୍ୟୁ ଘଟିଛି। ମୃତକ ହେଲେ ସନ୍ଧି ଗୁଣ୍ଡିରିବାଡିର ବାଞ୍ଛାନିଧି ଗୌଡ଼। ମୃତଦେହକୁ ପୋଲିସ ଜବତ କରି ସୋମବାର ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ମୃତ ବାଞ୍ଛାନିଧିଙ୍କ ପୁଅ ମନୁଙ୍କ ଅଭିଯୋଗ ପ୍ରକାରେ ସୋରଡ଼ା ଥାନାରେ ଏକ ମାମଲା (ନଂ. ୧୪୧/୧୮) ରୁଜୁ କରାଯାଇଛି। ଆକ୍ରମଣକାରୀ ଫେରାର୍ ଅଛନ୍ତି, ଖୁବଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

## ପ୍ରଥମ ପୃଷ୍ଠାରୁ...

### ସ୍ୱାସ୍ଥ୍ୟସେବା କ୍ଷେତ୍ରରେ...

ବ୍ୟାଚରେ ନାମ ଲେଖାଇଥିବା ୧୪ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇ ସେମାନଙ୍କ ଗହଣରେ କିଛି ସମୟ ବିତାଇଥିଲେ। ଏହା ବିଦ୍ୟାର୍ଥୀମାନଙ୍କୁ ବେଶ୍ ଉତ୍ସାହିତ କରିଥିଲା। ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ୭୦ ଲକ୍ଷ ଲୋକଙ୍କୁ ସାମିଲ କରିବା ସକାଶେ ନିଆଯାଇଥିବା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ବେଳେ କେନ୍ଦ୍ର ମନ୍ତ୍ରୀ ଚୌବେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଯୋଜନା ସମ୍ପର୍କରେ କହିଥିଲେ। ଓଡ଼ିଶା ସରକାର ଏହି କେନ୍ଦ୍ରୀୟ ଯୋଜନାରେ ସାମିଲ ହୁଅନ୍ତୁ ବୋଲି ସେ ଗୁରୁତ୍ୱାରୋପ କରିଥିଲେ।

ବାଲେଶ୍ୱର ରେମୁଣା ଗୋଲେଇସ୍ଥିତ ନବନିର୍ମିତ ଫକୀରମୋହନ ମେଡିକାଲ କଲେଜ ପରିସର ଲୋକାର୍ପଣ ସମାରୋହ ପାଇଁ ବେଶ୍ ଚଳଚଞ୍ଚଳ ରହିଥିଲା। ସୋମବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ମେଡିକାଲ କଲେଜ ପରିସରରେ ନିର୍ମିତ ହେଲିପ୍ୟାଡଠାରେ ପହଞ୍ଚିବା ପରେ ସେଠାରେ ଥିବା ସ୍ୱାସ୍ଥ୍ୟ ମନ୍ତ୍ରୀ, ଶିଳ୍ପ ମନ୍ତ୍ରୀ, ଦୁଇ ଏମ୍‌ପି, ସମସ୍ତ ବିଧାୟକ ଓ ବରିଷ୍ଠ ଅଧିକାରୀଗଣ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଉପସ୍ଥିତ ଲୋକ କଳାକାରମାନେ ଶଙ୍ଖ ବଜାଇ ହୁଳହୁଳି ଦେଇ ଲୋକବାଦ୍ୟର ତାଳେ ତାଳେ ମୁଖ୍ୟମନ୍ତ୍ରୀଙ୍କୁ ପାଛୋଟି ନେଇଥିଲେ । ପରେ ପ୍ରେକ୍ଷାଳୟଠାରେ ଆୟୋଜିତ ଛାତ୍ରୀଛାତ୍ରଙ୍କ ଭାବବିନିମୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଏଥିରେ ଯୋଗଦେଇ ରାଜ୍ୟରେ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇବା ଦିଗରେ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ଏକ ଐତିହାସିକ ପଦକ୍ଷେପ ବୋଲି ସେ ବର୍ଣ୍ଣନା କରିଥିଲେ। ଫକୀରମୋହନଙ୍କ ନାମରେ ମେଡିକାଲ କଲେଜ ନାମକରଣ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଚୌବେ ତାଙ୍କ ବକ୍ତବ୍ୟରେ କେନ୍ଦ୍ର ସରକାର ଗତ ୪ ବର୍ଷ ମଧ୍ୟରେ ଦେଶରେ ପ୍ରସ୍ତାବିତ ୭୨ ମେଡିକାଲ କଲେଜ ମଧ୍ୟରୁ ୫୭ଟିକୁ ଅନୁମୋଦନ କରାଯାଇଥିବା କହିଥିଲେ। ଓଡ଼ିଶାରେ ସ୍ୱାସ୍ଥ୍ୟସେବା ବିକାଶ ଦିଗରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟ କରିଥିବାରୁ ସେ ସ୍ୱତନ୍ତ୍ର ଭାବେ ଧନ୍ୟବାଦ ଜଣାଇଥିଲେ। କେନ୍ଦ୍ର ସରକାର ସ୍ୱାସ୍ଥ୍ୟସେବାରେ ଅଧିକ ଉନ୍ନତି ଆଣିବା ଲକ୍ଷ୍ୟ ନେଇ ଆରମ୍ଭ କରିଥିବା ଆୟୁଷ୍ମାନ ଭାରତ ଯୋଜନା ଉପରେ ସେ ଆଲୋକପାତ କରି ଏହାକୁ ଏକ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରିଥିଲେ।

ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେନା ତାଙ୍କ ବକ୍ତବ୍ୟରେ ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲ ପକ୍ଷରୁ ପ୍ରଶିକ୍ଷଣ କାର୍ଯ୍ୟ ପାଇଁ ଆଗକୁ ଏକ 'ଟିଚିଂ ହସ୍‌ପିଟାଲ' ନିର୍ମାଣ କରାଯିବ ବୋଲି ସୂଚନା ଦେଇଥିଲେ। ସେହିପରି ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟ ଉପକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏପିଏଲ ଓ ବିପିଏଲଙ୍କୁ ଏଣିକି ମାଗଣା ସ୍ୱାସ୍ଥ୍ୟସେବା ମିଳିବ। ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଦାସ, ବାଲେଶ୍ୱର ଏମ୍‌ପି ଜେନା, ଭଦ୍ରକର ଏମ୍‌ପି ସେଠୀ ମଧ୍ୟ ବାଲେଶ୍ୱର ମେଡିକାଲ କଲେଜ ସ୍ୱପ୍ନ ସାକାର ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇ ଏହାଦ୍ୱାରା ଉତ୍ତରଓଡ଼ିଶା ଓ ଅନ୍ୟାନ୍ୟ ଅଞ୍ଚଳର ରୋଗୀ ଉପକୃତ ହେବେ ବୋଲି କହିଥିଲେ। ସୋର ବିଧାୟକ ପର୍ଶୁରାମ ଧଡା, ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବାଲେଶ୍ୱର ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲା ପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷ ଆଲୋକ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲାପାଳ ରମେଶ ଚନ୍ଦ୍ର ରାଉତ ଲୋକାର୍ପଣ ସଭାରେ ସ୍ୱାଗତଭାଷଣ ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ମେଡିକାଲ କଲେଜ ଅଧ୍ୟକ୍ଷ ଡା. ପ୍ରତାପ କୁମାର ରଥ କଲେଜ ସମ୍ବନ୍ଧୀୟ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରଜ୍ଞା ପ୍ରିୟଦର୍ଶନୀ, କୀର୍ତ୍ତିମାନ ସାହୁ, ଦେବୀ ଅନ୍ୱେଷା ଧଳ, ଅରୁଣ ଗୁପ୍ତା, ତନୁ ମିତ୍ତଲ, ବିବେକ ପ୍ରସାଦ ଦାସ, ଉତ୍କଳିକା ବିଶ୍ୱମ୍ଭର ଓ ରାକେଶଙ୍କୁ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥିମାନେ ସ୍ମୃତି ଫଳକ ପ୍ରଦାନ କରିଥିଲେ। ମେଡିକାଲ କଲେଜ ଅଧୀକ୍ଷକ ଡା. ସୁଧୀର କୁମାର ଘୋଷ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଭାରପ୍ରାପ୍ତ ସଦର ତହସିଲଦାର ଅନୁଜା ତାରିଣୀ ମିଶ୍ର କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ପରେ 'ଫଟୋ ସେସନ' କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଅଧ୍ୟାପିକ, ଅଧ୍ୟାପକମାନଙ୍କ ସହ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ।

### ଆଜିଠାରୁ ବିଧାନସଭା...

ସେପ୍ଟେମ୍ବର ୭ ତାରିଖରେ ବେସରକାରୀ କାର୍ଯ୍ୟଦିବସ ଥିବା ବେଳେ ୮ ଓ ୯ ତାରିଖ ସରକାରୀ ଛୁଟି ଦିବସ ରହିଛି। ୧୦ରୁ ୧୨ ତାରିଖ ୩ ଦିନ ଖର୍ଚ୍ଚ ଦାବି ଉପରେ ଆଲୋଚନା ହେବ। ୧୩ ତାରିଖରେ ଗଣେଶ ପୂଜା, ୧୪ରେ ନୂଆଖାଇ, ୧୫ ଶନିବାର ଓ ୧୬ ତାରିଖ ରବିବାର ପଡୁଥିବାରୁ ଲଗାତର ୪ ଦିନ ବିଧାନସଭା ଗୃହ କାର୍ଯ୍ୟବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ୧୭ ତାରିଖରେ ଗୃହରେ ବ୍ୟୟମଞ୍ଜୁରୀ ବିଲ୍ ୨୦୧୮-୧୯ ପାରିତ ହେବ। ସେପ୍ଟେମ୍ବର ୨୦ ତାରିଖରେ ଅଧିବେଶନ ଶେଷ ହେବ ହେବ।

### ୬ରେ ଲଘୁଚାପ..

କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୭ ତାରିଖରେ ଉତ୍ତର ଓଡିଶା ସମେତ ପୁରୀ ଓ ଖୋର୍ଦ୍ଧା ଜିଲାରେ ପ୍ରବଳ ବର୍ଷା ହେବ। ସେହିପରି ୮ ତାରିଖରେ ସୁନ୍ଦରଗଡ, ବରଗଡ, ଝାରସୁଗୁଡା, ସମ୍ବଲପୁର, କେନ୍ଦୁଝର ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡିଶାର ଅଧିକାଂଶ ସ୍ଥାନରେ ଏବଂ ଦକ୍ଷିଣ ଓଡିଶାର ଅଳ୍ପ କେତେକ ସ୍ଥାନରେ ଘଡଘଡି ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି କୁହାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଗତ ୪୮ ଘଣ୍ଟା ମଧ୍ୟରେ ପାରାଦୀପରେ ୨୩.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବାରିପଦା ୮.୮, ଭବାନୀପାଟଣା ୨୦ ଏବଂ ମାଲକାନଗିରିରେ ୨୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ରାଜ୍ୟରେ ବର୍ଷା ସ୍ୱାଭାବିକ ରହିଛି। ଜୁନ ପହିଲାରୁ ସେପ୍ଟେମ୍ବର ୩ ତାରିଖ ମଧ୍ୟରେ ରାଜ୍ୟରେ ୧୨ ପ୍ରତିଶତ ଅଧିକ ବର୍ଷା ରେକର୍ଡ କରାଯାଇଛି। ଏହି ସମୟ ମଧ୍ୟରେ ୯୪୧.୬ ପ୍ରତିଶତ ବର୍ଷା ହେବାକୁ ଥିବା ବେଳେ ହୋଇଛି ୧୦୫୦.୯ ପ୍ରତିଶତ।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ହରେକୃଷ୍ଣ ଦାଶ**
ପୂର୍ବତନ ଯୁଗ୍ମ ସଚିବ, ପଞ୍ଚାୟତିରାଜ ବିଭାଗ,
କପିଳପ୍ରସାଦ, ଭୁବନେଶ୍ୱର
ଆବିର୍ଭାବ: ୧୪।୦୭।୧୯୪୫
ତିରୋଧାନ: ୧୬।୦୮।୨୦୧୭

ଆପଣ ଆରପାରିକୁ ଚାଲିଯିବା ଏହାମଧ୍ୟରେ ବର୍ଷଟିଏ ବିତିଗଲାଣି। ଆପଣଙ୍କ ପାର୍ଥିବ ଶରୀର ପଞ୍ଚଭୂତରେ ଲୀନ ହୋଇଯାଇଛି ସିନା ହେଲେ ଆପଣ ଆମ୍ଭମାନଙ୍କ ସ୍ମୃତିରେ ଏବେବି ସଜୀବ ଅଛନ୍ତି। ଆଜି ଏ ପବିତ୍ର ତିଥିରେ ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ ପରିବାର ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଧ-୫୬୧୪୫

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ପ୍ରତୀକ ସିଂହ**
୪ର୍ଥ ବାର୍ଷିକ ଛାତ୍ର (I.T.E.R)
Engineering College, BBSR
ଦରଜୀ ପୋଖରୀ ଛକ, ପୁରୀ
ଜନ୍ମ: ୧୪।୦୭।୧୯୯୭ (ବାହୁଡା ଦଶମୀ)
ତିରୋଧାନ: ୨୫।୦୮।୨୦୧୮

ଆଜି ଏକାଦଶାହ ଉପଲକ୍ଷେ ତୁମ ଅମର ଆତ୍ମାର ଚିର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ସହିତ ଅଜସ୍ର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଶୋକସନ୍ତପ୍ତ: ପରିବାରବର୍ଗ ଓ ସାଙ୍ଗସାଥୀମାନେ। ଧ-୬୩୭୨୩


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଚତୁର୍ଥାଧିପ ଚନ୍ଦ୍ର ମିତ୍ର ମଙ୍ଗଳଙ୍କ ନକ୍ଷତ୍ରସ୍ଥ ଯୋଗୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟମ୍ଭାବୀ। ସୁସ୍ଥ ପାରିବାରିକ ଜୀବନ ସାଙ୍ଗକୁ ବନ୍ଧୁମାନଙ୍କ ସହ ସୁସମ୍ପର୍କ ବୃଦ୍ଧି, ନୂତନ ଗୃହ, ଗାଡ଼ି, ମୋଟର କ୍ରୟକରିବା ସକାଶେ ମନ ବଳାଇପାରନ୍ତି। ଛୋଟ ଛୋଟ କଥାକୁ କେନ୍ଦ୍ରକରି ନିଜ ପରିସରରେ କଳହର ଆଶଙ୍କା ଦେଖାଦେଇପାରେ।

**ବୃଷ** ଆଜି ତୃତୀୟାଧିପ ଚନ୍ଦ୍ର ରାଶିରେ ରହିଥିବାରୁ ସମ୍ପର୍କୀୟା ମହିଳାଙ୍କ ସାହାଯ୍ୟରୁ ଉପକୃତ ହେବେ। ଘରେ କିମ୍ବା କୌଣସି ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟ ହୋଇପାରେ । ହଠାତ୍ ବାହାରକୁ ଯିବା ସମୟକୁ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହେବେ। ମାନସିକ ଅସ୍ଥିରତା କାରଣରୁ କ'ଣ କରିବେ ନ କରିବେ ଏହି ଦ୍ୱନ୍ଦ୍ୱରେ ପଡ଼ି କିଛି ବି କରିପାରିବେ ନାହିଁ।

**ମିଥୁନ** ରବି ଓ ବୁଧ ପ୍ରଭାବରେ ବନ୍ଧୁବାନ୍ଧବଙ୍କ ସାହାଯ୍ୟ, ସହାନୁଭୂତି ଆପଣଙ୍କ ସ୍ଥଗିତ କାମରେ ସହାୟକ ହୋଇପାରିବ। ପାରସ୍ପରିକ ସହମତି ଅଭାବରୁ ପାରିବାରିକ ଅସ୍ଥିରତା ଓ ଅଶାନ୍ତି କାରଣରୁ ମନ ଭଲ ରହିବ ନାହିଁ। ବ୍ୟବସାୟିକ କ୍ଷେତ୍ରରେ ନିଜର ବୁଦ୍ଧିବଳ ଖଟାଇ ଅର୍ଥଲାଭ କରିବେ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟାକଲେ ଉପକୃତ ହେବେ।

**କର୍କଟ** ଆଜି କାମର ଚାପ ବୃଦ୍ଧି ପାଇଲେ ମଧ୍ୟ ଉପସ୍ଥିତ ବୁଦ୍ଧି ଓ କାର୍ଯ୍ୟଦକ୍ଷତା ବଳରେ ସାଧନ କରିବାରେ ଅସୁବିଧା ହେବନାହିଁ। ସାମାଜିକ ସ୍ତରରେ କିନ୍ତୁ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ, ବ୍ୟବସାୟ, ସଭାସମିତି,ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇପାରନ୍ତି।

**ସିଂହ** ତୃତୀୟରେ ଶୁଭଗ୍ରହ ଓ ରାଶିରେ ବୁଧ ହେତୁ ସକାଳୁ ସକାଳୁ କିଛି ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନଟା ଖୁସି ହୋଇଯାଇପାରେ। ଈର୍ଷାପରାୟଣ ମନୋଭାବ ପୋଷଣ କରି ନିକଟସ୍ଥ ବ୍ୟକ୍ତିବିଶେଷ ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ। ପରିବହନ, ନିର୍ମାଣ, ବାଣିଜ୍ୟ, ବ୍ୟବସାୟ ସକାଶେ ଦିନଟି ବହୁତ ଭଲ ।

**କନ୍ୟା** ରାଶ୍ୟାଧିପ ଦ୍ୱାଦଶରେ ରହି ଚନ୍ଦ୍ରଙ୍କ କେନ୍ଦ୍ରସ୍ଥ ହେତୁ ହଠାତ୍ କୌଣସି କାମରେ ବାହାରକୁ ଯିବାକୁ ପଡ଼ିପାରେ। ଆଲୋଚନା କ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି ତାହା ନିଶ୍ଚୟ ପାଇବେ। ଉପସ୍ଥିତ ବୁଦ୍ଧି ଖଟାଇ ପରିବାର ଭିତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେବେ।

**ତୁଳା** ଚନ୍ଦ୍ର ସହ ଶୁକ୍ରଙ୍କ ଷଡ଼ାଷ୍ଟକ ସ୍ଥିତି ସ୍ୱାସ୍ଥ୍ୟ ସକାଶେ ଅନୁକୂଳ ନ ହୋଇପାରେ। ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଭୋଗବିଳାସରେ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ବାଧାବିଘ୍ନ ଘଟିପାରେ। ଅଫିସ ଭିତରେ କିମ୍ବା ଆଜିର ଫେରନ୍ତା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**ବିଛା** ମାନସିକ ସୁସ୍ଥତା ସାଙ୍ଗକୁ ସୁସ୍ଥ ପାରିବାରିକ ଜୀବନ ଦିନଟିକୁ ସରସ, ସୁନ୍ଦର ରଖିବାରେ ସହାୟକ ହେବ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ସକାଳୁ ସକାଳୁ ଦୂରଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ ଓ ଶିଳ୍ପ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲ୍ଲଭ ହୋଇପଡ଼ିବ।

**ଧନୁ** ବିଶେଷ କିଛି ଅସୁବିଧା ନ ଥାଇ ମଧ୍ୟ ନିଜର ପୁରୁଣା କଥାକୁ କେନ୍ଦ୍ରକରି ମନ ଭଲ ରହିବନାହିଁ। ମୂଳା ନକ୍ଷତ୍ର ସକାଶେ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟସ୍ୱଜନଙ୍କ ଉପସ୍ଥିତି ଯୋଗୁ ଖୁସି ହେବେ। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇପାରନ୍ତି।

**ମକର** ଅନ୍ୟମାନଙ୍କୁ ମନେଇ କାମ ହାସଲ କରିବା ପାଇଁ ପ୍ରକୃଷ୍ଟ ଦିନଟିଏ କହିଲେ ଅତ୍ୟୁକ୍ତି ହେବନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମ ରହିଲେ ମଧ୍ୟ ବ୍ୟବସାୟ,ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ଆକସ୍ମିକ ଭାବେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ।

**କୁମ୍ଭ** ଧୈର୍ଯ୍ୟଧାରଣ ପୂର୍ବକ ଅନ୍ୟମାନଙ୍କ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭକରିବେ। ଯାତ୍ରା,ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ।

**ମୀନ** ପାରିବାରିକ ଜୀବନ ଓ କର୍ମକ୍ଷେତ୍ର ଚନ୍ଦ୍ରଙ୍କ ସ୍ଥାନ ସ୍ଥିତିରୁ ପ୍ରାୟତଃ ଶୁଭପ୍ରଦ ରହିବ। ତଥାପି ପୂର୍ବଭାଦ୍ରପଦ୍ ନକ୍ଷତ୍ର ସକାଶେ ଆପଣ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ପାଇପାରିବେନି। ବ୍ୟବସାୟ ଓ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଈର୍ଷାପରାୟଣତା ଜନିତ ପ୍ରତିବନ୍ଧକ ହେତୁ ବ୍ୟସ୍ତବିବ୍ରତ ହୋଇପାରନ୍ତି।

ଆଜି ଭାଦ୍ରବ କୃଷ୍ଣ ନବମୀ ମଙ୍ଗଳବାର, ବୈଷ୍ଣବ ମତାନୁସାରେ ନନ୍ଦୋତ୍ସବ, ସେପ୍ଟେମ୍ବର ୪ ତାରିଖ, ରାଶି ନକ୍ଷତ୍ର-ମୃଗଶିରା/ବୃଷ, ଦିବା ଘ୮।୨୮ମି. ପରେ ମିଥୁନ ଚନ୍ଦ୍ର, କନ୍ୟା ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୮।୩୦ମି. ଗତେ ଘ୧୦।୧୦ମି. ମଧ୍ୟେ, ଘ୧୧।୪୯ମି. ଗତେ ଘ୧।୨୭ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୧୦ମି. ଗତେ ଘ୧୧।୪୯ମି. ମଧ୍ୟେ, ଘ୩।୪୩ମି. ଗତେ ଘ୫।୦୪ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ୨।୫୦ମି.ଗତେ ଘ୪।୨୪ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୪ ସେପ୍ଟେମ୍ବର, ୨୦୧୮





ଏବେ ବୋହୂ ହେବା ପାଇଁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ(ବିଏଚ୍ୟୁ)ରେ ୩ ମାସିଆ ପାଠ୍ୟକ୍ରମ ପ୍ରଦାନ କରାଯିବ। ଦାମ୍ପତ୍ୟ ଜୀବନରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ବଢୁଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସ୍କିଲ୍ ଇଣ୍ଡିଆ ସିଇଓ ନୀରବ ଶ୍ରୀବାସ୍ତବ ସୂଚନା ଦେଇଛନ୍ତି। ଏନେଇ ବିଏଚ୍ୟୁ ଆଇଆଇଟି ପକ୍ଷରୁ ଆରମ୍ଭ କରାଯାଇଛି ଉଦ୍ୟମ। ବାହାଘର ପୂର୍ବରୁ ଯେକୌଣସି ଛାତ୍ରୀ ଏହି ପାଠ୍ୟକ୍ରମରେ ନାମ ଲେଖାଇ ପାରିବେ। ଏଥିରେ ବିଭିନ୍ନ ଘରକରଣା ତାଲିମ୍ ଦିଆଯିବା ସହିତ ଶାଶୁଘରେ କିପରି ଚାଲିଚଳଣ କରାଯିବ ସେ ନେଇ ଶିକ୍ଷା ଦିଆଯିବ।



୫୪ ନମ୍ବର ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜେଡି ବିଧାୟକ ଦଳ ବୈଠକ।



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବିଧାୟକ ଦଳ ବୈଠକ।



ବିଧାନସଭା ପରିସରରେ ଥିବା ବିରୋଧୀ ଦଳ ନେତାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ କଂଗ୍ରେସ ବିଧାୟକ ଦଳ ବୈଠକ।

# ସରକାରଙ୍କୁ ଘେରିବାକୁ ବିରୋଧୀ ପ୍ରସ୍ତୁତ

**ଭୁବନେଶ୍ୱର, ୩।୯(ବ୍ୟୁରୋ)**

ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି ବିଧାନସଭାର ମୌସୁମୀ ଅଧିବେଶନ। ଏହି ଅଧିବେଶନ ସେପ୍ଟେମ୍ବର ୨୦ ଯାଏ ଚାଲିବ। ସ୍ୱଳ୍ପକାଳୀନ ହୋଇଥିଲେ ମଧ୍ୟ ଏହା ବେଶ୍ ସରଗରମ ହେବ। ବିରୋଧୀ କଂଗ୍ରେସ ଓ ଭାଜପା ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଷଣ୍ଢଆସି ଆକ୍ରମଣ କରିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା, ଶିକ୍ଷକ ଆନ୍ଦୋଳନ, ଚାଷୀଙ୍କୁ ବୀମା ଅର୍ଥ ନ ମିଳିବା, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ପ୍ରସଙ୍ଗକୁ ବିରୋଧୀ ମୁଖ୍ୟ ଅସ୍ତ୍ର କରିବେ।

ସରକାରଙ୍କୁ ଘେରିବାକୁ କଂଗ୍ରେସ ରଣନୀତି ପ୍ରସ୍ତୁତ କରିଛି। କୃଷି ବୀମା ଓ ଶିକ୍ଷକମାନଙ୍କ ସମସ୍ୟା ହେବ ଦଳର ମୁଖ୍ୟ ପ୍ରସଙ୍ଗ। ଦୀର୍ଘଦିନ ହେବ ଚାଷୀମାନେ କୃଷି ବୀମା ପାଉ ନାହାନ୍ତି। ସେଥିପ୍ରତି ସରକାର ଦୃଷ୍ଟି ଦେଉ ନାହାନ୍ତି। ଅନ୍ୟ ପଟେ ଅଧ୍ୟାପକ ଓ ଶିକ୍ଷକମାନେ ଦାବି ପୂରଣ ପାଇଁ ଦୀର୍ଘଦିନ ହେବ ରାଜରାସ୍ତାରେ ବସିଛନ୍ତି। ଏହି ଉଭୟ ପ୍ରସଙ୍ଗକୁ ବିଧାନସଭାରେ ଜୋରଦାର ଉଠାଇ କଂଗ୍ରେସ ସରକାରଙ୍କୁ ଘେରିବାକୁ ଯୋଜନା ପ୍ରସ୍ତୁତ କରିଛି। ଏଥିସହିତ କୃଷକ ସମସ୍ୟା, ବେକାରି ସମସ୍ୟା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଲୋକାୟୁକ୍ତ ନିଯୁକ୍ତିରେ ବିଳମ୍ବ, ଡାକ୍ତର ସମସ୍ୟା, ଦୁର୍ନୀତି, ପାନୀୟ ଜଳ ଆଦିକୁ ନେଇ କଂଗ୍ରେସ ସରକାରଙ୍କୁ ନାକେଦମ୍ କରିବ ବୋଲି ବିରୋଧୀ ଦଳ ନେତା ନରସିଂହ ମିଶ୍ର ସୂଚନା ଦେଇଛନ୍ତି। ସୋମବାର ସନ୍ଧ୍ୟାରେ ବିଧାନସଭା ପରିସରରେ ବିରୋଧୀ ଦଳ ନେତାଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରସଙ୍ଗଗୁଡିକ ଉପରେ ଆଲୋଚନା ହୋଇ ରଣନୀତି ପ୍ରସ୍ତୁତ କରାଯାଇଛି। ଏହି ବୈଠକରେ ୧୫ ଜଣ କଂଗ୍ରେସ ବିଧାୟକଙ୍କ ମଧ୍ୟରୁ ନବ କିଶୋର ଦାସ, କୈଳାସ ଚନ୍ଦ୍ର କୁଲେସିକା ଓ କୃଷ୍ଣ ଚନ୍ଦ୍ର ସଗରିଆ ଉପସ୍ଥିତ ନ ଥିଲେ।

ଭାଜପା ମଧ୍ୟ ସରକାରଙ୍କୁ ହଲାପଟା କରିବାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ବିଧାୟକ ଦଳ ନେତା କେ.ଭି ସିଂଦେଓଙ୍କ ଅଧ୍ୟକ୍ଷତାରେ ଦଳୀୟ କାର୍ଯ୍ୟାଳୟରେ ଭାଜପା ବିଧାୟକ ଦଳ ବୈଠକ ଅନୁଷ୍ଠିତ

> **ଆଜିଠୁ ବିଧାନସଭା**
> - ଚାଷୀଙ୍କୁ ବୀମା ଅର୍ଥ ନ ମିଳିବା, ଶିକ୍ଷକ ଆନ୍ଦୋଳନ ହେବ ମୁଖ୍ୟ ଅସ୍ତ୍ର
> - ସରକାରଙ୍କ ଡାଲ ତୈଳଦର ବୃଦ୍ଧି, ପୋଲାଭରମ୍, ମହାନଦୀ

ହୋଇଛି। ଆୟୁଷ୍ମାନ ଭାରତ ଯୋଜନାକୁ ଭାଜପା ମୁଖ୍ୟ ଅସ୍ତ୍ର କରିବ। ଏହାଛଡା ଦୁର୍ନୀତି, ମହିଳା ନିର୍ଯାତନା, ଆଇନଶୃଙ୍ଖଳା, ଚାଷୀ ସମସ୍ୟାକୁ ନେଇ ସରକାରଙ୍କୁ ପ୍ରଚଣ୍ଡ ଆକ୍ରମଣ କରିବ ଭାଜପା। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ଭାଜପା ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି ବାହାର ରାଜ୍ୟକୁ ଯାଇ କାମ କରୁଥିବା ଗରିବ ଲୋକଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ କେନ୍ଦ୍ର ସରକାର ଆୟୁଷ୍ମାନ ଭାରତ କାର୍ଯ୍ୟକାରୀ କରୁଛନ୍ତି। ରାଜ୍ୟ ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ଓଡ଼ିଆଙ୍କ ସହ ବିଶ୍ୱାସଘାତକତା କରିଛନ୍ତି। ବିଧାନସଭାରେ ଏହି ପ୍ରସଙ୍ଗ ଉପରେ ସୌଭାଗ୍ୟ ଯୋଜନାରେ ମଗଣାରେ ବିଜୁଳି ଦେବା ପରିବର୍ତ୍ତେ ଟଙ୍କା ଆଦାୟ କରିବା, ଅଘୋଷିତ ବିଜୁଳି କାଟ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩ ଲକ୍ଷ ଲୋକଙ୍କୁ ବାଦ ଦେବା ଓ ହଜାର ହଜାର ଆଦିବାସୀ ପରିବାରଙ୍କୁ ରାଶନ କାର୍ଡ ପାଇବା ସତ୍ତ୍ୱେ ୧ ଟଙ୍କିଆ ଚାଉଳରୁ ବଞ୍ଚିତ କରିବା ଆଦି ବିଷୟରେ ଦଳ ସରକାରଙ୍କଠାରୁ କୈଫିୟତ ତଲବ କରିବ ବୋଲି ସେ କହିଛନ୍ତି। ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଜରିଆରେ ରାଜ୍ୟ ସରକାର ପଲ୍ଲିସଭା ଓ ଜନପ୍ରତିନିଧିଙ୍କୁ କରୁଥିବା ଅଣଦେଖାର ମଧ୍ୟ ଜୋରଦାର ପ୍ରତିବାଦ କରାଯିବ ବୋଲି ସେ କହିଛନ୍ତି। ବୈଠକରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ଚୌବେଙ୍କ ସହ ଦଳୀୟ ବିଧାୟକମାନେ ଉପସ୍ଥିତ ଥିଲେ।

ବିରୋଧୀଙ୍କୁ ସମ୍ମୁଖୀନ ହେବାକୁ ଶାସକ ବିଜେଡି ମଧ୍ୟ ରଣନୀତି ପ୍ରସ୍ତୁତ କରିଛି। ତୈଳ ଦର ବୃଦ୍ଧି, ଓଡ଼ିଶା କେନ୍ଦ୍ରୀୟ ଅନୁଦାନ ପ୍ରଦାନରେ ବିଳମ୍ବ, ମହାନଦୀରେ ଛତିଶଗଡ଼ ବ୍ୟାରେଜରୁ ହଠାତ୍ ଜଳ ଛାଡିବା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ପୋଲାଭରମ୍ ଓ ଅନ୍ୟାନ୍ୟ କେନ୍ଦ୍ର ବିରୋଧୀ ପ୍ରସଙ୍ଗକୁ ନେଇ ଶାସକ ଦଳ ବିରୋଧୀଙ୍କ ଆକ୍ରମଣରୁ ବର୍ତ୍ତିବାକୁ ଉଦ୍ୟମ କରିବ।

ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲ। ଏଥିରେ ୧୧୨ ଜଣ ସଦସ୍ୟ ଯୋଗ ଦେଇଥିଲେ। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଧାନସଭାରେ ଯାହା ଲୋକମାନଙ୍କ ହିତ ପାଇଁ ହୋଇଥିବ ସେ ସବୁ ପ୍ରସଙ୍ଗ ଉପରେ ଆଲୋଚନା ହେବ। ବିରୋଧୀ ଦଳ ଆଣୁଥିବା ବିଭିନ୍ନ ପ୍ରସଙ୍ଗ ଉପରେ ଗୃହରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ରହିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି ଯେ, ଆସନ୍ତା ବିଧାନସଭାରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହେବ। ବିରୋଧୀ ଦଳ ଆଣୁଥିବା ଜନହିତକର ପ୍ରସ୍ତାବ ଉପରେ ସରକାର ଆଲୋଚନା କରିବାକୁ ପଛାଇବେ ନାହିଁ।

## ସଂକ୍ଷେପରେ

ଅବସର ପରେ ଆଉ ରହିବନି ଚାକିରି

### ସବୁ ବିଭାଗକୁ ଚିଠି କଲେ ସରକାର

**ଭୁବନେଶ୍ୱର, ୩।୯(ବ୍ୟୁରୋ):** ଅବସର ପରେ ପୁନଃନିଯୁକ୍ତି ପାଇ ସରକାରୀସ୍ତରରେ ଦାୟିତ୍ୱ ତୁଲାଉଥିବା ବହୁ ଅଧିକାରୀ ଏବେ ଦାୟିତ୍ୱ ମୁକ୍ତ ହେବେ। ଶକ୍ତି ବିଭାଗ ସଚିବ ତାଙ୍କ ବିଭାଗୀୟ ଅଧିକାରୀଙ୍କୁ ଏ ସମ୍ପର୍କିତ ଚିଠି ଲେଖିବା ପରେ ଏହା ଜଣାପଡିଛି। କେବଳ ଶକ୍ତି ନୁହେଁ ସବୁ ବିଭାଗକୁ ଏନେଇ ଚିଠି କରାଯାଇଛି। ନିକଟ ଅତୀତରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ବସିଥିବା ସଚିବସ୍ତରୀୟ ବୈଠକରେ ଏନେଇ ଆଲୋଚନା ହୋଇଥିଲା। ବିଗତ ୪ବର୍ଷରେ ପ୍ରାୟ ୫୦ହଜାର ଅବସରପ୍ରାପ୍ତ କର୍ମଚାରୀ ସରକାରୀ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ପ୍ରଶାସନିକ ଆବଶ୍ୟକତା ଏବଂ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଅବସର ପରେ ବହୁ ଅଧିକାରୀଙ୍କୁ ପୁନଃନିଯୁକ୍ତି ଦିଆଯାଉଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଉଥିଲା। ମାତ୍ର ଏଭଳି ଆଭିମୁଖ୍ୟ ବଦଳାଇ ଅବସର ପରେ ଆଉ ଚାକିରି ନ ଦେବା ପାଇଁ ସ୍ଥିର ହୋଇଛି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ ମଧ୍ୟ କରାଯାଇଛି। ରାଜ୍ୟ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ କହିଛନ୍ତି, ଏନେଇ ଆମ ନିକଟକୁ ଚିଠି ଆସିବା ପରେ ଅଧିକାରୀମାନଙ୍କୁ ଚିଠି କରାଯାଇଛି। ଅବସର ପରେ କେତେ କର୍ମଚାରୀ ଶକ୍ତି ବିଭାଗରେ କାର୍ଯ୍ୟ କରୁଛନ୍ତି ତା'ର ରିପୋର୍ଟ ଅଣାଯିବ। ଏହାପରେ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି ସୁଶାନ୍ତ କହିଛନ୍ତି।

### ରେଙ୍ଗାଲି ଡ୍ୟାମ୍‌ରୁ ପ୍ରଥମ ବନ୍ୟାଜଳ ନିଷ୍କାସନ

**କଣିହାଁ, ୩।୯(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକ ବ୍ରାହ୍ମଣୀ ନଦୀର ରେଙ୍ଗାଲି ଡ୍ୟାମ୍‌ରୁ ସୋମବାର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ସନ୍ଧ୍ୟା ୬ଟାରେ ଏହାର ଗୋଟିଏ ଗେଟ୍ ଖୋଲାଯାଇ ପାଣି ଛଡାଯାଇଛି। ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ଜେନାଙ୍କ ସୂଚନା ମୁତାବକ, ଡ୍ୟାମ୍‌ରେ ଜଳ ନିଷ୍କାସନ ପାଇଁ ୨୪ଟି ଗେଟ୍ ରହିଛି। ଏହାର ଜଳଧାରଣ କ୍ଷମତା ୧୨୩.୦୫ ମିଟର। ଉପରମୁଣ୍ଡରୁ ବନ୍ୟାଜଳ ପ୍ରବେଶ ଯୋଗୁ ଜଳସ୍ତର ବୃଦ୍ଧି ପାଇଛି। ଏଥିଯୋଗୁ ୭ ନମ୍ବର ଗେଟ ଖୋଲାଯାଇଛି।

ମହିଳାଙ୍କୁ ଅସଦାଚରଣ ଅଭିଯୋଗ

### ଚିଟ୍‌ଫଣ୍ଡ ଅଭିଯୁକ୍ତ ଶୁଭଙ୍କର ନାୟକ ଗିରଫ

**ଭୁବନେଶ୍ୱର, ୩।୯(ବ୍ୟୁରୋ)**

ପୁଣି ଚର୍ଚ୍ଚାରେ ସି-ସୋର ଚିଟ୍‌ଫଣ୍ଡ ଠକେଇ ଅଭିଯୁକ୍ତ ଶୁଭଙ୍କର ନାୟକ। ଜଣେ ମହିଳାଙ୍କୁ ଅସଦାଚରଣ କରିବା ସହ ତାଙ୍କ ପୁଅକୁ ମାଡ ମାରିବା ଘଟଣାରେ ଖାରବେଳନଗର ପୋଲିସ ସୋମବାର ତାଙ୍କୁ ଗିରଫ କରିଛି। ପୋଲିସ ଦଫା ୪୫୮, ୩୪୧, ୨୯୪, ୩୨୩, ୪୨୭, ୩୫୪(ଏ)(୨), ୩୫୪(ଡି)(୨), ୫୦୬ରେ ଏକ ମାମଲା(୨୪୧/୧୮) ରୁଜୁ କରି ଶୁଭଙ୍କରଙ୍କୁ କୋର୍ଟ ଚାଲାଣ କରିଛି। ଏଥିସହ କୋର୍ଟରେ ବୟାନ ରେକର୍ଡ ଲାଗି ପୋଲିସ ମହିଳାଙ୍କୁ ନୋଟିସ ଜାରି କରିଛି।

ସୂଚନା ମୁତାବକ, ଖାରବେଳନଗର ଥାନା ଅନ୍ତର୍ଗତ ଚନ୍ଦ୍ରମା ଆପାର୍ଟମେଣ୍ଟର ସ-ବ୍ଲକ୍‌ରେ ଶୁଭଙ୍କର ପରିବାର ସହ ରୁହନ୍ତି। ସ୍ଥାନୀୟ ଜଣେ ମହିଳାଙ୍କ ସହ ତାଙ୍କର ଭଲ ସମ୍ପର୍କ ରହିଥିଲା। ମହିଳାଙ୍କ ସ୍ୱାମୀଙ୍କ ଦେହାନ୍ତ ହେବା ପରେ ସେ ତାଙ୍କର ୧୨ବର୍ଷର ପୁଅ ସହିତ ରହୁଥିଲେ। ରବିବାର ରାତି ପ୍ରାୟ ୮ଟାରେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ମହିଳାଙ୍କ ୧୨ ବର୍ଷର ପୁଅ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଯୁକ୍ତିତର୍କ ଧୀରେ ଧୀରେ ଗଣ୍ଡଗୋଳର ରୂପ ନେଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶୁଭଙ୍କର ମହିଳାଙ୍କୁ ଗାଳି ଗୁଲଜ କରି ଅସଦାଚରଣ କରିବା ସହ ତାଙ୍କ ଗାଡିକୁ ଭଙ୍ଗାରୁଜା କରିଥିଲେ। ପାଖିଶୁଣି ପଡୋଶୀମାନେ ଦୌଡି ଆସିଥିଲେ ହେଁ ଶୁଭଙ୍କର ଝଗଡା ବନ୍ଦ କରି ନ ଥିଲେ। ବରଂ ସର୍ବ ସମ୍ମୁଖରେ ସମ୍ପୃକ୍ତ ମହିଳା ଏବଂ ତାଙ୍କ ପୁଅଙ୍କୁ ମାଡ ମାରିଥିଲେ। ମହିଳାଙ୍କ ପୁଅ ଖାରବେଳନଗର ଥାନାକୁ ଫୋନ୍ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶୁଭଙ୍କରକୁ ଥାନାକୁ ନେଇଯାଇଥିଲା। ସୂଚନାଯୋଗ୍ୟ, ସି-ସୋର ଚିଟଫଣ୍ଡ ଠକେଇ ମାମଲାରେ ସିବିଆଇ ୨୦୧୪ରେ ଶୁଭଙ୍କରଙ୍କୁ ଗିରଫ କରିଥିଲା। ୨୦୧୭ ଅଗଷ୍ଟରେ ସେ ଜାମିନରେ ଆସିଥିଲେ।

# ବିଧାନସଭା ପାଇଁ ତ୍ରିସ୍ତରୀୟ ସୁରକ୍ଷା

**ଭୁବନେଶ୍ୱର, ୩।୯(ବ୍ୟୁରୋ)**

ମଙ୍ଗଳବାରଠାରୁ ଆରମ୍ଭ ହେବ ବିଧାନସଭା ଅଧିବେଶନ। ଏଥିପାଇଁ ପୋଲିସ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୋମବାର ପୋଲିସ କମିଶନର ସତ୍ୟଜିତ ମହାନ୍ତି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ସେ ବିଧାନସଭା ପରିସର ଓ ଭିତରେ ବୁଲି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ବରିଷ୍ଠ ପୋଲିସ ଅଧିକାରୀଙ୍କଠାରୁ ପଚାରିବୁଝିଥିଲେ। ୫ ଅତିରିକ୍ତ ଡିସିପି, ୧୨ ଏସ୍‌ପି, ୮୫ ଏଏସ୍‌ଆଇ ଏବଂ ଏସ୍‌ଆଇ ସୁରକ୍ଷା ଦାୟିତ୍ୱରେ ରହିବେ। ବିଧାନସଭା ଭିତରେ ଓ ବାହାରେ ୩୨ ପ୍ଲାଟୁନ

> - ଯାଞ୍ଚ କଲେ ପୋଲିସ କମିଶନର
> - ଜଗିବେ ୩୨ ପ୍ଲାଟୁନ ପୋଲିସ, ୨ପ୍ଲାଟୁନ ଏସ୍‌ଓଜି, ୧୦୦ ଅଫିସର

ପୋଲିସ ଫୋର୍ସ, ୨ପ୍ଲାଟୁନ ଏସ୍‌ଓଜି ଯବାନ ମୁତୟନ ହେବେ। ବିଧାନସଭା ଚାରିପଟରେ ଥିବା ଗଳିକନ୍ଦି ରାସ୍ତାରେ ବନ୍ଧୁକଧାରୀ ପୋଲିସ ମୁତୟନ ରହିବେ। ଏହାସହ ଏଥର ପ୍ରଥମଥର କ୍ୟୁଆରଟି ମଧ୍ୟ ବିଧାନସଭା ଭିତରେ ମୁତୟନ ରହିବେ। ବିଧାନସଭା ଆଗରେ ଯେପରି ଟ୍ରାଫିକ୍ ସମସ୍ୟା ନ ହୁଏ ସେଥିପାଇଁ ମଧ୍ୟ ଟ୍ରାଫିକ ପୋଲିସ ମୁତୟନ ରହିବେ ବୋଲି ପୋଲିସ କମିଶନର କହିଛନ୍ତି।

ବିଧାନସଭା ଚାଲୁଥିବାରୁ ବିଭିନ୍ନ ସଂଗଠନ ନିଜର ଦାବି ନେଇ ଆନ୍ଦୋଳନ କରିବାର ଯୋଜନା ରହିଛି। ତେଣୁ ସେମାନଙ୍କ ଉପରେ ନଜର ରଖିବା ପାଇଁ ଲୋୟର ପିଏମ୍‌ଜିରେ ପୋଲିସ ମୁତୟନ କରାଯାଇଛି। ସେଠାରେ ମହିଳା ପୋଲିସ ରହିବା ସହ ସାଦା ପୋଷାକରେ ପୋଲିସ କର୍ମଚାରୀ ଉପସ୍ଥିତ ରହିବେ। ଏହାସହ ଲୋୟର ପିଏମ୍‌ଜିରେ ୩୦ରୁ ଊର୍ଦ୍ଧ୍ୱ ସିସିଟିଭି କ୍ୟାମେରା ଲଗାଯାଇଛି। ବିକ୍ଷୋଭକାରୀଙ୍କ ପାଇଁ ଦୁଇଟି ବ୍ୟାରିକେଡ କରାଯାଇଛି। ପ୍ରଥମ ବ୍ୟାରିକେଡ ନିକଟରେ ଏକାଧିକ ପୋଲିସ ମୁତୟନ ରହିବେ। ଦ୍ୱିତୀୟ ବ୍ୟାରିକେଡ ନିକଟରେ ବଜ୍ର, ଗ୍ୟାସ ଓ ପାଣି ସ୍ପ୍ରେ ଗାଡି ରହିଛି। ବିକ୍ଷୋଭକାରୀମାନେ ଦ୍ୱିତୀୟ ବ୍ୟାରିକେଡ ଭାଙ୍ଗିବାକୁ ଉଦ୍ୟମ କଲେ ଜରୁରିକାଳୀନ ପରିସ୍ଥିତିରେ ଏସବୁ ବ୍ୟବହାର କରାଯିବ ବୋଲି କମିଶନର କହିଛନ୍ତି।



କମିଶନରେଟ୍ ପୋଲିସ ପକ୍ଷରୁ ବିଧାନସଭା ପରିସରରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଉଛି।

ଭାରତୀୟ ବିମାନପତ୍ତନ ପ୍ରାଧିକରଣ
AIRPORTS AUTHORITY OF INDIA
ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି
ଟେଣ୍ଡର ଆଇଡି: ୨୦୧୮_ଏଏଆଇ_୧୪୭୨୩_୧
ଭାରତୀୟ ବିମାନବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ, ଏଏଆଇଙ୍କ ତରଫରୁ ସିନିୟର ମ୍ୟାନେଜର (ଇ-ସି), ଏଏଆଇ, ଭୁବନେଶ୍ୱରଙ୍କ ଦ୍ୱାରା **"୨୦୧୮-୧୯ ଅବଧିରେ ବି.ପି.ଆଇ. ବିମାନବନ୍ଦର, ଭୁବନେଶ୍ୱରଠାରେ ନନ୍-ଅପରେଶନାଲ ଏରିଆରେ ଛୋଟ ଛୋଟ କ୍ୟାପିଟାଲ କାର୍ଯ୍ୟ ଲାଗି ବାର୍ଷିକ ଠିକା। ଏସ୍‌ଏଚ୍: ବିଦ୍ୟମାନ ସିଆଇଏସ୍‌ଏଫ୍ ବାରାକ୍‌ର ଭୂଲମ୍ବ ସମ୍ପ୍ରସାରଣ"** କାର୍ଯ୍ୟ ପାଇଁ ଇ-ଟେଣ୍ଡରିଂ ପୋର୍ଟାଲ ମାଧ୍ୟମରେ ସାମଗ୍ରୀ ମୂଲ୍ୟ ଟେଣ୍ଡର ଆହ୍ୱାନ କରୁଛି। ଅଟକଳ ମୂଲ୍ୟ **ଟ.୧,୬୨,୩୨,୭୬୧.୦୦ (ଏକକୋଟି ବାଷଠି ଲକ୍ଷ ବତିଶ ହଜାର ସାତଶହ ଏକଷଠି ଟଙ୍କା ମାତ୍ର)** (ଜିଏସ୍‌ଟିକୁ ଛାଡ଼ି), ସମାପ୍ତି ଅବଧି **୦୬ (ଛଅ) ମାସ।** ବିଡ୍ କାଗଜପତ୍ର ଦାଖଲର ଶେଷ ତାରିଖ ଓ ସମୟ ହେଉଛି **ତା୧୫।୦୯।୨୦୧୮ରିଖ ୧୮.୦୦ ଘଟିକା** ପର୍ଯ୍ୟନ୍ତ। ସବିସ୍ତୃତ ସୂଚନା ପାଇଁ ସିପିପି ଇ-ପ୍ରୋକ୍ୟୋର୍‌ମେଣ୍ଟ ପୋର୍ଟାଲ୍ ରେଫରେନ୍ସ https://etenders.gov.in/eprocure/app କିମ୍ବା www.aai.aero ପରିଦର୍ଶନ କରନ୍ତୁ । ଅଧିକ ସ୍ପଷ୍ଟୀକରଣ/ଭ୍ରମ ସଂଶୋଧନ, ଯଦି ଥାଏ, ଇ-ପ୍ରୋକ୍ୟୋର୍‌ମେଣ୍ଟ ପୋର୍ଟାଲ୍ https://etenders.gov.in/eprocure/app ମାଧ୍ୟମରେ ଅଧିସୂଚିତ କରାଯିବ।

ପୂର୍ବ ତଟ ରେଳପଥ
'ଇ' କ୍ରୟ ପ୍ରଣାଳୀ
ଟେଣ୍ଡର ବିଜ୍ଞପ୍ତି ସଂ.Dy.CMM/CRW/EP/2018-19/1 ତା. 29.08.2018
ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି । ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ । ଇଚ୍ଛୁକ ଟେଣ୍ଡରଦାତାମାନେ ଏହି ସାଇଟ୍ ଅବଲୋକନ କରିବା ସହିତ ସେମାନଙ୍କ ପ୍ରସ୍ତାବ ଦାଖଲ କରିପାରିବେ ।
ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ,
ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର
PR-336/J/18-19

See Career Appointment on every Wednesday & Saturday

CLASSIFIED DISPLAY

EARN IN DOLLARS
NO ENTRANCE-NO INTERVIEW-DIRECT JOINING
AIMA is providing 6 months Training at its own campus at Berhampur, Ganjam to Join Merchant Navy, since-2004.
For Spot Admission in 24th batch please Contact / Visit /Call :-
Eligibility:-10th Pass, ITI ,+2,+3,Diploma (Age18-28Yrs)
ALL INDIA MARINE ACADEMY
N.H-5,Golanthara, Berhampur Ganjam, Odisha-761008
Website : www.aimaedu.in, E-Mail- aimaltd@rediffmail.com
PHONE- 0680-2492300 /2302/ 2303 MOB.9861212145 / 9861264222

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Estd.2000
Ph.0674-2385773, M:9437114882, 9090366575

APOLLO HOSPITALS HYDERABAD
VASCULAR CLINIC
All vascular and endo-vascular conditions, like upper & lower limb edema management of varicose veins, creation of vascular access to kidney failure patients. lower limb bypass surgeries, lymphedema, abdominal aortic aneurysm, leg artery diseases neuro stroke, thoracic aneurysm,pulmonary embolism, peripheral artery diseases etc.
Apollo Speciality Clinic, 11A, BJB Nagar, BBSR Date:-08.09.2018, Contact -8480902909
Super Speciality Hospital, Civil Township, Rourkela Date:-09.09.2018, Contact - 9861016907, 8480902909
Dr. Nihar Ranjan Pradhan MS. DNB (Vascular surgery), FVES(UK) Consultant vascular & endovascular surgeon

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ, ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ) ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
9650446732 9971793786

BRAIN TUMOUR OPERATION
NEUROSURGICAL OPERATION
ସବୁ ପ୍ରକାର ଯଥା:
Brain tumour, Head Injury, Spinal Cord Tumour, Brain ପାଇଁ Ashwini Hospital, CDA, Cuttack
ASHWINI HOSPITAL
Phone :- 7894460443 କୁ ଯୋଗାଯୋଗ କରନ୍ତୁ ।

HURRY UP LIMITED SEATS
FOR YOUR CIVIL SERVICE ASPIRATIONS JOIN
START 15TH SEPTEMBER
Surge Ahead
PANCHASAKHA ACADEMY
FOR
IAS- (PRELIM-CUM-MAINS) | OAS (ONE MONTH CRASH COURSE)
YES, TOGETHER WE CAN
PH : 6370981054, 8457099246
L-280, HB Colony, Bhubaneswar, www.panchasakha.com

ଆଧୁନିକ ମନୁଷ୍ୟର ସବୁକିଛି ସମସ୍ୟା ଓ ସଙ୍କଟର ପ୍ରତୀକ ପ୍ରତିନିଧି ହେଉଛି ଭାରତ। ଏହି ଭାରତରେ ହିଁ ଘଟିବ ଏକ ଅଭିନବ ଅଭ୍ୟୁଦୟ। ଏହି ଅଭ୍ୟୁଦୟ ହେବ ଏକ ଉଚ୍ଚତର ଓ ସତ୍ୟରେ ଜୀବନ ଆଡକୁ। -ଶ୍ରୀମା

# ବୁଢ଼ା ହେଲେ ବି

ପାଶ୍ଚାତ୍ୟରେ ବଡ଼ ଚୌକିରେ ବସିସାରିଥିବା ବ୍ୟକ୍ତି ପଦ ଲାଳସାରେ ପଡ଼ନ୍ତି ନାହିଁ। ସେମାନେ ଦୀର୍ଘ ବର୍ଷ ଧରି ଆହରଣ କରିଥିବା ଅଭିଜ୍ଞତାକୁ ଉତ୍ତରପିଢ଼ିଙ୍କ ମଧ୍ୟରେ ବାଣ୍ଟିବାକୁ ଉଚିତ ମଣିଥାନ୍ତି। ଉଦାହରଣ ସ୍ୱରୂପ ଆମେରିକାର କେତେକ ପୂର୍ବତନ ରାଷ୍ଟ୍ରପତି ଅବ୍ୟାହତି ନେବା ପରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ କରିବାକୁ ପସନ୍ଦ କରିଥାଆନ୍ତି। ବାରକ୍ ଓବାମା ଆମେରିକା ରାଷ୍ଟ୍ରପତି ପଦରୁ ଯିବା ପରେ ତାଙ୍କୁ ସାଧାରଣ ଜୀବନରେ ଦେଖିବାକୁ ମିଳୁନାହିଁ। ସେଠାରେ ବୟସ ହୋଇଗଲା ପରେ ଯୁବପିଢ଼ିଙ୍କୁ ସୁଯୋଗ ଦେବା ପରମ୍ପରା ରହିଆସିଛି। ଭାରତରେ ଏହାର ବିପରୀତ ଲକ୍ଷ୍ୟ କରାଯାଉଛି। ଘୁଷୁରିବା ସ୍ଥିତିକୁ ଆସିଯାଇଥିବା ବ୍ୟକ୍ତି ପଦବୀ ଛାଡ଼ିବାକୁ ନାରାଜ। ଚାକିରିରୁ ଅବସର ଗ୍ରହଣ କରିବା ପରେ ଅନେକେ ପୁଣି କିଭଳି ଏକ ନୂଆ ପଦ ମାଡ଼ିବସି ସବୁ ସୁବିଧା ହାତେଇ ହେବ କାର୍ଯ୍ୟକାଳ ଭିତରେ ହିଁ ତା'ର ବ୍ୟବସ୍ଥା କରିଦେଇଥାନ୍ତି।

ଭାରତକୁ ଯୁବ ଦେଶ ବୋଲି କୁହାଯାଉଛି। ଦେଶ ଜନସଂଖ୍ୟାର ୬୫ ପ୍ରତିଶତରୁ ଊର୍ଦ୍ଧ୍ୱ ୧୮ରୁ ୩୫ ବର୍ଷ ବୟସ ମଧ୍ୟରେ ଅଛନ୍ତି। ଏହା ସତ୍ତ୍ୱେ ଯୁବପିଢ଼ିକୁ ଅଣଦେଖା କରାଯାଉଛି। ଯୁବବର୍ଗଙ୍କ ବିଷୟରେ ବରିଷ୍ଠମାନେ ଚିନ୍ତା କରୁ ନ ଥିବାର ଦୃଷ୍ଟାନ୍ତ ଖୋଜିଲେ ଅନେକ ମିଳିବ। ସେନାଧ୍ୟକ୍ଷ ରହିଥିବା ଜଣେ ବ୍ୟକ୍ତି ରାଷ୍ଟ୍ରମନ୍ତ୍ରୀ ହେବା ପାଇଁ ବ୍ୟାକୁଳ। ଏବେ ଦେଶରେ ସୈନ୍ୟ ସଙ୍କଟ ଦେଖାଦେଇଛି। କାହିଁକି ଯୁବବର୍ଗ ଦେଶର ସେବା କରିବା ପାଇଁ ଆଗେଇ ଆସୁ ନାହାନ୍ତି, ସେ ନେଇ ଚିନ୍ତା କରି ସମାଧାନର ବାଟ ଖୋଲିଥିଲେ ହୁଏତ ସେହିଭଳି ବ୍ୟକ୍ତିଙ୍କୁ ଅଧିକ ସମ୍ମାନ ମିଳି ପାରିଥାଆନ୍ତା। ସେହିପରି ଉଚ୍ଚ ନ୍ୟାୟାଳୟ ବିଚାରପତି ପଦରୁ ଅବସର ନେବା ପରେ ବି ରାଜ୍ୟ ସଭା ସଦସ୍ୟ କିମ୍ବା ରାଜ୍ୟପାଳ ପଦବୀ ପାଇଁ ମୁହଁମାଡ଼ି ପଡ଼ୁଛନ୍ତି।

ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ରାଜନୈତିକ ମହତ୍ତ୍ୱାକାଂକ୍ଷାକୁ ନେଇ ଏବେ ଚର୍ଚ୍ଚା ଚାଲିଛି। ଗତ ଜୁନ୍‌ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟାଳୟ ନାଗପୁରରେ ସର ସଂଘଚାଳକ ମୋହନ ଭାଗବତଙ୍କ ସହ ତାଙ୍କୁ ଗୋଟିଏ ମଞ୍ଚରେ ବସିଥିବା ଦେଖିବାକୁ ମିଳିଥିଲା। ଫଳରେ ଆଲୋଚନା ଆରମ୍ଭ ହୋଇଥିଲା ଯେ ପ୍ରଣବ ପୁଣି ସକ୍ରିୟ ରାଜନୀତିକୁ ଫେରିବା ଲାଗି ପାଗ ଭିଡ଼ିଲେଣି। ଏହି ଚର୍ଚ୍ଚାରେ ଭଟ୍ଟା ପଡ଼ି ନ ଥିବା ବେଳେ ସେପ୍ଟେମ୍ବର ୨ରେ ହରିୟାଣାର ଗୁରୁଗ୍ରାମଠାରେ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାରଙ୍କ ସହ ତାଙ୍କୁ ଦେଖିବାକୁ ମିଳିଛି। କଥା ଉଠିଲାଣି ଯେ, କଂଗ୍ରେସଠାରୁ ସବୁ ସୁବିଧା ନେବା ପରେ ପ୍ରଧାନମନ୍ତ୍ରୀ ପଦବୀ ପାଇଁ ଅତ୍ୟନ୍ତ ଆଶାରେ ରହି ଯାଇଥିବା ଏହି ବିଚକ୍ଷଣ ରାଜନେତା ନୂଆ ସମୀକରଣ ଆଣିବାକୁ ଚେଷ୍ଟା କରୁଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ଆବଶ୍ୟକ ଆସନ ନ ପାଇଲେ ତାହାର ଅଳ୍ପସଂଖ୍ୟକ ସାଂସଦଙ୍କ ସହ ଏବେକାର ଅଣ-ଏନ୍‌ଡିଏ ଦଳଗୁଡ଼ିକର ସାଂସଦଙ୍କୁ ମିଶାଇ ନେତୃତ୍ୱ ନେବାର ସ୍ୱପ୍ନ ପ୍ରଣବ ଦେଖୁଥାଇପାରନ୍ତି। ଦେଖିବାକୁ ଗଲେ ବିରୋଧୀଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ହେବା ଭଳି ଚେହେରା ଦୃଶ୍ୟମାନ ହେଉ ନ ଥିବାରୁ ସମ୍ଭବତଃ ପ୍ରଣବ ନିଜକୁ ଏହି ପଦବୀ ଲାଗି ଯୋଗ୍ୟ ମନେକରୁଥାଇପାରନ୍ତି। ଅତୀତରେ ଏହି ୮୨ ବର୍ଷୀୟ ରାଜନେତା ପ୍ରଧାନମନ୍ତ୍ରୀ ହେବା ପାଇଁ ଅନେକ ଥର ଚେଷ୍ଟା କରିଥିଲେ। ରାଜୀବ ଗାନ୍ଧୀଙ୍କ ହତ୍ୟା ପରେ ପ୍ରଣବଙ୍କୁ ନେଇ ଏହିଭଳି ମନ୍ତବ୍ୟ ପ୍ରକାଶ ପାଇଥିଲା। କଂଗ୍ରେସ ତାଙ୍କୁ ରାଷ୍ଟ୍ରପତି ଆସନରେ ସନ୍ତୁଷ୍ଟ କରିବାକୁ ଚାହିଁଥିଲେ ମଧ୍ୟ ସେ ସେଥିରେ ଖୁସି ହୋଇ ନ ଥିଲେ। ବର୍ତ୍ତମାନ ପରିସ୍ଥିତିରେ ଭାଜପାର ଲୋକପ୍ରିୟତା କମିଥିବା ଲକ୍ଷ୍ୟ କରାଯାଇଛି। ଦଳ ଭିତରେ ବହୁ ବରିଷ୍ଠ ନେତା ଅସନ୍ତୁଷ୍ଟ ଅଛନ୍ତି। ଏମାନେ ପ୍ରଣବଙ୍କୁ ତାଙ୍କ ଲକ୍ଷ୍ୟରେ ପହଞ୍ଚିବା ପାଇଁ ସହଯୋଗ କରିପାରନ୍ତି। ରାଷ୍ଟ୍ରପତି ଥିବା ବେଳେ ପ୍ରଣବ 'ସଂଘୀୟ ସାମ୍ମୁଖ୍ୟ' ଗଠନ ନେଇ କେତେକ ଆଞ୍ଚଳିକ ଦଳ ସହ କଥା ହୋଇଥିବା ସେତେବେଳେ ଗଣମାଧ୍ୟମରେ ଆଲୋଚନା ହୋଇଥିଲା। ହେଲେ ସେ ଉଚ୍ଚ ସାମ୍ବିଧାନିକ ପଦବୀରେ ଥିବାରୁ ତାଙ୍କୁ କେହି ପ୍ରଶ୍ନ ପଚାରିପାରି ନ ଥିଲେ। ଏବେ ସକ୍ରିୟ ରାଜନୀତିରେ ପ୍ରବେଶ ଲାଗି ତାଙ୍କୁ ଆକଟ ନ ଥିଲେ ମଧ୍ୟ ବୟସାଧିକ୍ୟ କାରଣ ଓ ରାଷ୍ଟ୍ରପତି ରହିସାରିବା ପରେ ପ୍ରଧାନମନ୍ତ୍ରୀ ହେବା ଲାଗି ହେଉଥିବା ଚେଷ୍ଟା ସାଧାରଣରେ ଆଲୋଚନା ହେଉଛି। ଅତୀତରେ କଂଗ୍ରେସର ବରିଷ୍ଠ ନେତା ଏସ୍.ଏମ୍. କ୍ରିଷ୍ଣା ଓ ସୁଶୀଲ କୁମାର ସିନ୍ଦେ ରାଜ୍ୟପାଳ ରହିବା ପରେ କେନ୍ଦ୍ର ମନ୍ତ୍ରୀ ହୋଇଥିବାରୁ ସମାଲୋଚନାର ଶିକାର ହୋଇଥିଲେ। ଭାରତରେ ରାଷ୍ଟ୍ରପତି ହେବା ପରେ କେହି ପ୍ରଧାନମନ୍ତ୍ରୀ ହୋଇ ନାହାନ୍ତି। ପ୍ରଣବ ଯଦି ସେଭଳି ଲକ୍ଷ୍ୟ ନେଇ ଆଗାଉଥାଆନ୍ତି, ତାହା ହେଲେ ବୁଢ଼ା ହେଲେ ବି ଲୋଭ ସମ୍ବରଣ କରିପାରୁ ନାହାନ୍ତି ବୋଲି କୁହାଯାଇପାରିବ।

## ୨୫ ବର୍ଷ ତଳର ଧରିତ୍ରୀ

୪ ସେପ୍ଟେମ୍ବର ୧୯୯୩

- ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ଥିତିକୁ ମଜଭୁତ କରିବା ଲାଗି ସେମାନଙ୍କୁ ପୁଞ୍ଜି ବଜାରରେ ପ୍ରବେଶ ନିମନ୍ତେ ସୁଯୋଗ ଦେବାକୁ କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତି।
- ରୁଷିଆର ଉପରାଷ୍ଟ୍ରପତି ଆଲେକଜାଣ୍ଡାର ରୁତ୍‌ସ୍କୋଇଙ୍କୁ ଦୁର୍ନୀତି ଅଭିଯୋଗରେ ବହିଷ୍କାର କରିବା ନିମନ୍ତେ ରାଷ୍ଟ୍ରପତି ବୋରିସ ୟେଲଟସିନ ଜାରି କରିଥିବା ଡିକ୍ରୀକୁ ସ୍ଥଗିତ ରଖିବାକୁ ପାର୍ଲାମେଣ୍ଟରେ ଏକ ପ୍ରସ୍ତାବ ଗୃହୀତ।

## su | do | ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | | | 1 | 0 | | | | 7 | 5 | 8 | 6 | 4 | |
| | | | A | | | | | | 0 | | 6 | | | 7 |
| | | | | | | 8 | E | D | 2 | | 4 | | | 5 |
| | A | 5 | 3 | | | | | | | E | | | | 0 |
| | | | | E | | 1 | C | | | | A | | | B |
| 7 | 5 | | B | | | 0 | 1 | | | | 2 | 3 | | |
| C | | E | | | | 3 | 8 | 9 | | | | | 0 | |
| | | | D | C | | | | | | B | | 7 | | |
| 8 | | | | | A | | | 5 | | 9 | | | E | |
| 0 | | | 7 | | | D | | | | | 3 | C | | |
| | | | | 8 | 6 | | | | 3 | | C | | | |
| 1 | | | | | | C | | B | | 4 | | | | 6 |
| B | | | | 7 | | | 6 | E | | | | 5 | | |
| | | | | | 3 | 9 | | 4 | | | | | 8 | |
| | | 6 | | B | 4 | | A | | 5 | | | 1 | D | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 5 | 4 | A | D | 2 | 1 | 6 | 0 | E | C | 3 | 9 | 7 | 8 |
| 8 | A | 9 | 3 | 0 | E | C | 7 | B | 1 | D | 4 | 2 | 5 | 6 |
| C | 0 | E | 1 | 5 | 6 | 3 | D | 8 | 7 | 2 | 9 | 4 | B | A |
| 3 | 2 | 1 | 7 | 9 | 8 | 4 | A | 5 | B | 6 | 0 | D | C | E |
| 6 | 7 | D | 4 | C | B | 9 | 2 | E | 5 | A | 8 | 3 | 0 | 1 |
| D | 8 | 7 | 6 | 4 | C | E | 5 | 9 | 0 | 1 | 2 | B | A | 3 |
| 5 | 6 | A | B | 1 | 9 | 7 | 8 | 2 | 3 | 4 | D | C | E | 0 |
| 1 | 3 | 2 | 8 | 7 | A | B | 0 | 4 | C | E | 5 | 6 | D | 9 |
| 9 | 4 | B | 0 | E | D | A | C | 3 | 8 | 7 | 6 | 5 | 1 | 2 |
| 0 | E | C | 5 | 2 | 3 | D | 1 | 6 | 9 | B | A | 7 | 8 | 4 |
| 4 | 9 | 6 | C | 3 | 7 | 5 | B | 1 | A | 0 | E | 8 | 2 | D |
| 7 | C | 8 | E | A | 1 | 2 | 4 | D | 6 | 3 | B | 0 | 9 | 5 |
| E | B | 0 | D | 8 | 4 | 6 | 9 | A | 2 | 5 | C | 1 | 3 | 7 |
| A | D | 5 | 2 | B | 0 | 8 | 3 | 7 | 4 | 9 | 1 | E | 6 | C |
| 2 | 1 | 3 | 9 | 6 | 5 | 0 | E | C | D | 8 | 7 | A | 4 | B |

ଗତକାଲିର ଉତ୍ତର

# ଭାରତରେ ଶରଣାର୍ଥୀ ସମସ୍ୟା



ବୈକୁଣ୍ଠନାଥ ମିଶ୍ର

ସମଗ୍ର ପୃଥିବୀରେ ଶରଣାର୍ଥୀ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଗୋଟିଏ ଦେଶରେ ଜନ୍ମଗ୍ରହଣ କରି କୌଣସି କାରଣବଶତଃ ନିଜ ଜନ୍ମଭୂମିରୁ ସ୍ଥାନାନ୍ତରିତ ହୋଇ ଅନ୍ୟ ଏକ ଦେଶରେ ବସବାସ କରି ସମୟକ୍ରମେ ସେ ଦେଶର ନାଗରିକତ୍ୱ ଗ୍ରହଣ ଓ ରାଜନୈତିକ ପ୍ରକ୍ରିୟାରେ ଅଂଶଗ୍ରହଣ ସମ୍ପୃକ୍ତ ଦେଶର ମୂଳ ଅଧିବାସୀଙ୍କ ମଧ୍ୟରେ ଭ୍ରୂକୁଞ୍ଚନ ସୃଷ୍ଟି କରେ। ପ୍ରଥମେ ସେମାନେ ଅତ୍ୟନ୍ତ ନିରୀହ ଓ ସରଳ ପ୍ରତୀତ ହୁଅନ୍ତି। ସେମାନେ ସ୍ଥାନୀୟ ମୂଳ ଅଧିବାସୀଙ୍କ ବିଶ୍ୱାସଭାଜନ ହୁଅନ୍ତି ଓ ସମୟସୁବିଧା ଦେଖି ଜମିବାଡି କ୍ରୟ କରି ନିଜର ପ୍ରଭୁତ୍ୱ ବିସ୍ତାର କରନ୍ତି। ବେଳେ ବେଳେ ସେମାନଙ୍କ ଉପଦ୍ରବ ପ୍ରବଳ ହେଲେ ମଧ୍ୟ ସେମାନଙ୍କୁ ସେଥିରୁ ନିବୃତ୍ତ କରିବା ଦୁରୂହ ହୋଇପଡେ। ଅଧିକନ୍ତୁ ରାଜନେତା ଓ ରାଜନୈତିକ ଦଳମାନେ ଭୋଟ ଲୋଭରେ ସେମାନଙ୍କର ନିକଟତର ହୋଇ ପ୍ରିୟଭାଜନ ହୁଅନ୍ତି। ନେତାଙ୍କର ଆଶୀର୍ବାଦର ହାତ ସେମାନଙ୍କ ଉପରକୁ ଲମ୍ବି ଆସିଲେ ବିଚରା ସ୍ଥାନୀୟ ସାଧାରଣ ଜନତା କ'ଣ କରିପାରିବେ? ଫଳରେ ସେମାନେ ନାନା କୌଶଳ ପ୍ରୟୋଗ କରି ସ୍ଥାନୀୟ ଅଧିବାସୀଙ୍କୁ ଶୋଷଣ କରନ୍ତି।

୧୯୭୫ ମସିହାରେ ପାରାଦୀପରୁ କେତେକ ଥାଇଲାଣ୍ଡ ଧୀବରଙ୍କୁ ଭାରତୀୟ ତଟରକ୍ଷୀବାହିନୀ ଗିରଫ କରିଥିଲା। ଉକ୍ତ ଧୀବରମାନେ ଭାରତୀୟ ଜଳସୀମା ମଧ୍ୟକୁ ଅନଧିକାର ପ୍ରବେଶ ଅପରାଧରେ ଧରାହୋଇ ଜଗତ୍‌ସିଂହପୁର ସବ୍‌ଡିଭିଜନାଲ କୋର୍ଟକୁ ଆସିଥିଲେ ଏବଂ ପରେ ଆଳିପିଙ୍ଗଳ କାରାଗାରରେ ସେମାନଙ୍କୁ ରଖାଯାଇଥିଲା। ନିର୍ଦ୍ଦିଷ୍ଟ ସମୟର ଜେଲଦଣ୍ଡ ଭୋଗିସାରିବା ପରେ ଯେତେବେଳେ ସେମାନଙ୍କୁ ମୁକ୍ତ କରାଗଲା ସେତେବେଳକୁ ଅନେକ ବିଳମ୍ବ ହୋଇସାରିଥିଲା। ଭାରତ ସରକାର ଥାଇ ସରକାରଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ଥାଇଲାଣ୍ଡ ସରକାର କୌଣସି ଆଗ୍ରହ ପ୍ରକାଶ କଲେ ନାହିଁ। ବୋଧହୁଏ ସେମାନଙ୍କ ପରିବାର ତରଫରୁ ଆଗ୍ରହ ପ୍ରକାଶ ପାଇଲା ନାହିଁ। ଫଳରେ ସେମାନେ ଜେଲରୁ ମୁକ୍ତହୋଇ ନିକଟସ୍ଥ ଗ୍ରାମରେ ମୂଲମଜୁରି ଲାଗି ଜୀବିକା ନିର୍ବାହ କଲେ। ଅନେକେ ସେମାନଙ୍କ ଭିତରୁ ବର୍ତ୍ତମାନ ମୃତ। କିଛି ମଧ୍ୟ ସେ ଅଞ୍ଚଳରେ ବୈବାହିକ ସୂତ୍ରରେ ଆବଦ୍ଧ ହୋଇ ସଂସାର କରିଗଲେ। ଓଡ଼ିଆ ଭାଷା, ଖାଦ୍ୟ ଓ ଚଳଣିକୁ ସେମାନେ ସମୟକ୍ରମେ ଆପଣେଇନେଲେ।

ଶରଣାର୍ଥୀ ସମସ୍ୟା ଭାରତ ସ୍ୱାଧୀନତା ସମୟରୁ ଲାଗିରହିଛି। ପାକିସ୍ତାନ ସୃଷ୍ଟି ସମୟରେ ପାକିସ୍ତାନରେ ନୂତନ ରୂପେ ପ୍ରତିଷ୍ଠିତ ସରକାର ମାତ୍ର ୨୪ ଘଣ୍ଟା ମଧ୍ୟରେ ହିନ୍ଦୁମାନଙ୍କୁ ଭାରତ ଚାଲିଯିବା ପାଇଁ ନିର୍ଦ୍ଦେଶ ଦେଇ କେତୋଟି ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କଲେ। ଯେଉଁମାନେ ସେହି ସମୟ ମଧ୍ୟରେ ପାକିସ୍ତାନ ସୀମା ପାର ହୋଇପାରିବେ ନାହିଁ ସେମାନେ ପାକିସ୍ତାନରେ ରହିପାରିବେ, ମାତ୍ର ଦ୍ୱିତୀୟ ଶ୍ରେଣୀ ନାଗରିକ ହିସାବରେ। ଏ ସମ୍ବନ୍ଧରେ ପ୍ରସିଦ୍ଧ ଲେଖକ ଏଡିଥ୍ ପାରଜେଟରଙ୍କ 'ଏ ଗ୍ରେନ ଅଫ୍ ମଷ୍ଟାର୍ଡ ସିଡ୍' ଶୀର୍ଷକ ଲେଖାରେ ତାଙ୍କ ଅନୁଭୂତି ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। କେଉଁ ବାପଅଜା ଅମଳରୁ ଘର କରି ରହିଥିବା ମଣିଷକୁ ଯେତେବେଳେ ନିଜ ସ୍ୱତ୍ୱରୁ ଉଚ୍ଛେଦ କରାଗଲା, ସେମାନେ ଭାରତକୁ ଆସି ବହୁ ଦୟନୀୟ ପରିସ୍ଥିତିର ସମ୍ମୁଖୀନ ହେଲେ। ସେମାନେ ମୂଳତଃ ଭାରତୀୟ ହୋଇଥିଲେ ବି ଭିଟାମାଟି ତ୍ୟାଗକରି ଅନ୍ୟ ସ୍ଥାନରେ ନୂତନ ରୂପେ ବାସକରିବା ନିଶ୍ଚିତ ଭାବେ କଷ୍ଟଦାୟକ। ସେହିପରି ୧୯୭୧ରେ ବାଂଲାଦେଶ ପାକିସ୍ତାନଠାରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ଦେଶର ମାନ୍ୟତା ଲାଭ କଲା ପରେ ସେ ଦେଶରୁ ଶରଣାର୍ଥୀମାନଙ୍କର ଭାରତକୁ ସୁଅ ଛୁଟିବାକୁ ଲାଗିଲା। ପଶ୍ଚିମବଙ୍ଗ, ଓଡ଼ିଶା ଭଳି ଉପକୂଳବର୍ତ୍ତୀ ରାଜ୍ୟରେ ବାଂଲାଦେଶୀମାନେ ଦେଖାଯାଉଥିବା ବେଳେ ଆସାମରେ ସେମାନଙ୍କର ସ୍ଥାୟୀ ବସତି ରହିଛି। ଓଡ଼ିଶାର ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ତଟବର୍ତ୍ତୀ ଇଲାକାରେ ମାଇଲ ମାଇଲ ବ୍ୟାପୀ ବିଦେଶୀ ଶରଣାର୍ଥୀଙ୍କ ବସତି ରହିଛି। ସେମାନେ ଓଡ଼ିଶାରେ 'ରିଫ୍ୟୁଜି' ଭାବେ ପରିଚିତ।

ନିକଟରେ ଆସାମ ସରକାର ଏକ ତାଲିକା ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ସେ ରାଜ୍ୟର ମୂଳ ଅଧିବାସୀଙ୍କୁ ଚିହ୍ନଟ କରାଯାଇଛି। ତାଲିକା ବହିର୍ଭୂତ ଲୋକଙ୍କୁ ବିଦେଶୀ ବୋଲି ମନେକରାଯାଉଛି। ବିଶେଷକରି ଯେଉଁମାନେ ବଙ୍ଗଳା କହୁଛନ୍ତି ଅଥଚ ମୁସଲମାନ, ସେମାନଙ୍କୁ ବିଦେଶୀ ଭାବେ ଆଖ୍ୟାୟିତ କରାଯାଉଛି। ସରକାର ପ୍ରସ୍ତୁତ କରିଥିବା ତାଲିକାରୁ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ବାଦ୍ ପଡିଛନ୍ତି। ନ୍ୟାଶ୍‌ନାଲ ରେଜିଷ୍ଟର ଅଫ୍ ସିଟିଜେନ୍ସ (ଏନ୍‌ଆର୍‌ସି), ଯାହାକି ୨୦୧୮ ଜାନୁୟାରୀରେ ପ୍ରକାଶ ପାଇଥିଲା ; ସେଥିରେ ଏହି ତଥ୍ୟ ପ୍ରକାଶ ପାଇଛି। ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କୁହନ୍ତି, ''ଯେଉଁମାନଙ୍କୁ ବିଦେଶୀ ବୋଲି ଚିହ୍ନଟ କରାଗଲା ସେମାନଙ୍କୁ ସମସ୍ତ ପ୍ରକାର ସାମ୍ବିଧାନିକ ଅଧିକାର, ଭୋଟ୍ ଅଧିକାର ଏପରିକି ମୌଳିକ ଅଧିକାରରୁ ବଞ୍ଚିତ କରାଯିବ।'' ସେମାନେ ତାଙ୍କ ଜନ୍ମସ୍ଥାନକୁ ଯାଆନ୍ତୁ ବା ଆଉ ଯୁଆଡେ ଯାଆନ୍ତୁ ସେମାନଙ୍କୁ ଆସାମ ଛାଡିବାକୁ ହେବ। କିନ୍ତୁ ମାନବିକ ଅଧିକାର କର୍ମୀଙ୍କ ମତରେ ଏହା ମାନବିକ ଅଧିକାରର ଉଲ୍ଲଂଘନ। ବିଦେଶୀଙ୍କୁ ବିତାଡିତ କରିବା ସମୟରେ କୌଣସି ଦେଶ ବା ରାଜ୍ୟ ଆନ୍ତର୍ଜାତିକ ମାନବିକ ଅଧିକାରର ମାନ ରକ୍ଷା ପ୍ରତି ଧ୍ୟାନ ଦେବା ଉଚିତ। ବିତାଡିତ କରାଗଲେ ମଧ୍ୟ ସେମାନଙ୍କୁ ନ୍ୟାୟିକ ଲଢ଼େଇର ସୁଯୋଗ ଦେବା ଉଚିତ। ଏହି ପରିପ୍ରେକ୍ଷୀରେ ଭାରତ ପାର୍ଲାମେଣ୍ଟ ୨୦୧୬ ସମ୍ବିଧାନ ସଂଶୋଧନ (ନାଗରିକତ୍ୱ) ଅନୁସାରେ ଭାରତରେ ବସବାସ କରୁଥିବା କୌଣସି ବ୍ୟକ୍ତିକୁ ଧାର୍ମିକ ଭିତ୍ତିରେ ବିତାଡିତ କରାଯାଇପାରିବ ନାହିଁ।

ଆସାମର ଚା ବଗିଚାରେ କାମ କରୁଥିବା ବିଦେଶୀଙ୍କ ଯୋଗୁ ସେ ରାଜ୍ୟର ମୂଳ ଅଧିବାସୀମାନେ ବେକାର ହୋଇ ଦୁଃଖରେ କାଳାତିପାତ କରୁଥିବାରୁ ସେମାନେ ବହୁଦିନରୁ ବିଦେଶୀମାନଙ୍କୁ ତଡ଼ିବାର ଦାବି କରିଆସୁଛନ୍ତି। ୧୯୮୦ ଦଶକରେ ଆସାମରେ ବିଦେଶୀ ନାଗରିକ ସମସ୍ୟାକୁ ନେଇ ଏକ ବିରାଟ ଆନ୍ଦୋଳନ ହୋଇଥିଲା। ଏହି ଆନ୍ଦୋଳନରୁ ସୃଷ୍ଟ ଆସାମ ଗଣପରିଷଦ ସହ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କର ଏକ ଚୁକ୍ତି ହୋଇଥିଲା। ଚୁକ୍ତି ଅନୁସାରେ ଆସାମରେ ବିଦେଶୀମାନଙ୍କୁ ଚିହ୍ନଟ କରାଯିବା ଓ ବିତାଡିତ କରାଯିବାର ବ୍ୟବସ୍ଥା ଥିଲା। ମାତ୍ର ରାଜନୈତିକ କାରଣରୁ ଭୋଟ କଟିବା ସମ୍ଭାବନାକୁ ନେଇ ଏହା କାର୍ଯ୍ୟକାରୀ କରାଗଲା ନାହିଁ। ସେହି ସମୟରେ କିଛି ବ୍ୟବସ୍ଥା ଗ୍ରହଣ କରାଯାଇଥିଲେ ଆଜିର ଏ ସମସ୍ୟା ମୁଣ୍ଡ ଟେକି ନ ଥାନ୍ତା। ୨୦୧୪ ନିର୍ବାଚନୀ ଘୋଷଣାରେ ନରେନ୍ଦ୍ର ମୋଦି ଆସାମବାସୀଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଆସାମକୁ ବିଦେଶୀମୁକ୍ତ କରାଯିବ, ଯାହା ଆଜିର ସମସ୍ୟାର ମୂଳଉତ୍ସ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆସାମର ସାମ୍ପ୍ରତିକ ପରିସ୍ଥିତିକୁ ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ବର୍ଣ୍ଣନା କରି କେନ୍ଦ୍ରର ଏହା ଏକ ରାଜନୈତିକ ଚକ୍ରାନ୍ତ ବୋଲି କହିଛନ୍ତି।

ଯେଉଁ ୪୦ ଲକ୍ଷ ବା ତଦୂର୍ଦ୍ଧ୍ୱ ବ୍ୟକ୍ତି ତାଲିକାରୁ ବାଦ୍ ପଡିଛନ୍ତି, ସେମାନଙ୍କ ମଧ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ଅଛନ୍ତି। ଭାରତୀୟ ସେନାର କମିଶନ୍‌ଡ ଅଫିସର ମହମ୍ମଦ ଅଜମଲ ହକ୍ ଦୀର୍ଘ ୩୦ ବର୍ଷ ଭାରତୀୟ ସେନା ପାଇଁ ନିଷ୍ଠାପର ଭାବେ କାର୍ଯ୍ୟକରି ଅବସର ନେବା ପରେ ଏବେ ସେ ଏନ୍‌ଆର୍‌ସି ତାଲିକାରୁ ବାଦ୍ ପଡିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଫକିରୁଦ୍ଦିନ ଅଲ୍ଲୀ ଅହମ୍ମଦଙ୍କ ପରିବାର ତାଲିକାରୁ ବାଦ୍ ପଡିଛନ୍ତି। ଆସାମର ଜଣେ ଭାଜପା ବିଧାୟକ ମଧ୍ୟ ତାଲିକାରୁ ବାଦ୍ ପଡିଛନ୍ତି। ମିଳିଥିବା ସୂଚନା ଅନୁସାରେ ଏନ୍‌ଆର୍‌ସି ତାଲିକା ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ପ୍ରସ୍ତୁତ କରାଯାଇଛି। ସୁପ୍ରିମ୍‌କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଯେଉଁମାନେ ତାଲିକାରୁ ବାଦ୍ ପଡିଛନ୍ତି, ସେମାନଙ୍କୁ ଆସାମର ନାଗରିକତ୍ୱ ପ୍ରମାଣ ଦେବାକୁ ଏକ ଅବସର ଦିଆଯିବ। ସେମାନେ ଏ ସମ୍ବନ୍ଧରେ ସୁପ୍ରିମ୍‌କୋର୍ଟରେ ନ୍ୟାୟ ଭିକ୍ଷା କରିପାରିବେ କିମ୍ବା ଫରେନର୍ସ ଟ୍ରିବ୍ୟୁନାଲରେ ମଧ୍ୟ ଅପିଲ କରିପାରିବେ।

ଶରଣାର୍ଥୀ ସମସ୍ୟା ଗୁରୁତର ହେବା ପୂର୍ବରୁ ପ୍ରାଥମିକ ଅବସ୍ଥାରେ ଏହାର ସମାଧାନ ହେବା ଜରୁରୀ। ନଚେତ୍ ଆସାମ ପରିସ୍ଥିତି ଅନ୍ୟ ରାଜ୍ୟରେ ସୃଷ୍ଟି ନ ହେବ ବୋଲି କିଏ କହିପାରିବ?

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ-୯୯୩୭୪୫୦୫୪୦

# ଆମ୍ବଟାକୁଆ ଯାଉ

କାନ୍ତିଲତା ଦାଶ

ଖାଲି ମାଟି ଘୋଡ଼େଇ ଦେଇଥିବା ଆମ୍ବଟାକୁଆ ପାଣି ପବନ ପାଇ ଆପେ ଆପେ ବଡ଼ ହୋଇଛି ମୋ ବାଡ଼ିରେ। ଆମ ଘରକୁ ଲୋକେ ଆମ୍ବଗଛ ଘର ବୋଲି କହିଥାନ୍ତି। ବେଳେବେଳେ ମୁଁ ଦେଖେ ଏଇ ଆମ୍ବଗଛର ପତ୍ରଗୁଡ଼ିକ ଆପେ ଆପେ ପୁଡିଆ ଭଳି ବାନ୍ଧି ହୋଇଥାଏ, ଆଉ ଦେଖେ ତା' ଭିତରେ କାଇ (ନାଳିଜନ୍ଦା)ର ଡିମ୍ବ ଭର୍ତ୍ତି, ଚାରିପାଖେ କାଇ ପ୍ରହରୀ। ମୋର ମନେପଡ଼େ, ପିଲାଦିନେ ଆମ ଘରର ହଳିଆ ଜାଗିଲି କଥା। ସେ ଏ ଡିମ୍ବପୁଡିଆ ଉତାରି ଆଣି ଚଣା ଖାଇଲା ଭଳି ଡିମ୍ବଗୁଡିକ ଖାଇଯାଏ। ଆମ ଘରେ ଯୋଡିଏ ଭୃଙ୍ଗରାଜ ଚଢ଼େଇ ଥାନ୍ତି। ସେ ଚଢ଼େଇଙ୍କର ଖାଦ୍ୟ ଏଇ କାଇଡିମ୍ବ। ସୁତରାଂ ସେଇ ଡିମ୍ବ ସଂଗ୍ରହ କରି ଆଣିବାକୁ ଜାଗିଲି ନିୟୋଜିତ ଥାଏ। ସଂଗୃହୀତ ଡିମ୍ବରୁ ତିନିଭାଗ ସେ ନେଇ ଏକଭାଗ ଚଢ଼େଇ ପାଇଁ ପତ୍ର ଦନାରେ ଦିଏ। ସେ ଯେତେବେଳେ କଞ୍ଚା ଡିମ୍ବଗୁଡିକ ଖାଉଥାଏ, ଆମେ ତା' ପାଟିକୁ କାବା ହୋଇ ଚାହିଁଥାଉ, ଆଉ ପଚାରୁ ଜାଗିଲି କାକା ସେଗୁଡାକ କେମିତି ଲାଗୁଛି? ସେ ଚଣା ଖାଇଲା ପରି ପାଟିକୁ ଡିମ୍ବ ପକଉ ପକଉ ଆମ ଆଡ଼କୁ ନ ଚାହିଁ କହେ, ବଡ଼ ସୁଆଦ ଲାଗୁଛି। ତମେ ବ୍ରାହ୍ମଣ ଲୋକ। ଏଗୁଡାକ ଖାଇନ, ଜାଣିବ କେମିତି? ସେ କିଛି ଖାଇ ବାକିତକ ମଇଳା ଗାମୁଛାରେ ବାନ୍ଧୁ ବାନ୍ଧୁ କହେ, ଏତକ ତମ ଆମ୍ମା ପାଇଁ ନେବି। ତେଲଲୁଣ ଦେଇ ଭାଜିଦେଲେ ଯାଉ ସାଙ୍ଗେ ଚାଖଣା କରି ରାତିକୁ ଆମେ ଖାଇବୁ। ଏ କଥା ଜେଜେମା କି ଜେଜେ ଶୁଣିଲେ କହନ୍ତି ତାଙ୍କର ଖାଦ୍ୟ ସେଇଟା, ତମର କ'ଣ ଗଲା? ଖାଲି ସେତିକି ନୁହେଁ, ବଡ଼ ମୂଷାଟିଏ ଯନ୍ତାରେ ପଡିଲେ, ଆମ ଘରେ ଗାଧୁଆ ପାଣି ଗରମ କରୁଥିବା ସରାବୁର ମା' ଧାଇଁଆସି ମୂଷାଟିକୁ ଝାମ୍ପିନିଏ, ଆଜି ତା'ର ଗୋଟେ ଭଲ ତରକାରି ହେବ।

ମୋର ଏଇ ପ୍ରସଙ୍ଗ ଅବତାରଣା କରିବାର କାରଣ ହେଲା, ଆମ୍ବକୋଇଲି ପ୍ରସ୍ତୁତ ଯାଉ, ପିଠା ଖାଇ ପ୍ରତିବର୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ତାହା ଏବେ ଏକ ଚର୍ଚ୍ଚିତ ପ୍ରସଙ୍ଗ। କିନ୍ତୁ ଏହା ସେମାନଙ୍କ ପାରମ୍ପରିକ ଖାଦ୍ୟ। କେବଳ ଫିମ୍ପମରା ଆମ୍ବଟାକୁଆ ଯାଉ ଖାଇଲେ ସେମାନଙ୍କର ଏପରି ଦଶା ହୁଏ। ଏ ବିଷୟରେ ମୋର ଅନୁଭୂତି ପାଠକଙ୍କ ଜାଣିବା ପାଇଁ ଲେଖିବାକୁ ଉଚିତ ମନେକଲି। ମୋର ଜନ୍ମ ରାୟଗଡା ନିକଟସ୍ଥ 'ପିତାମହଲ' ଗ୍ରାମରେ। ସେ ଗାଁରେ ଆମେ ଏକମାତ୍ର ବ୍ରାହ୍ମଣ ପରିବାର। ପାଇକସାହିରେ ତିରିଶ ଚାଳିଶ ଘର ସେତେବେଳେ ରହୁଥିଲେ। ସେମାନେ ତାଙ୍କ ଖାଦ୍ୟପେୟରେ ସଚେତନ ଥିଲେ। ପାଇକସାହି ପରେ ବାକି ଆଦିବାସୀ ସଉରାକନ୍ଧ ଓ ହରିଜନ ସାହି। ତେବେ ଆଦିବାସୀ ପରିବାରରେ କୟାଁମଞ୍ଜି ଗୁଣ୍ଡ, ଆମ୍ବକୋଇଲି ଗୁଣ୍ଡର ଯାଉ ଓ ପତ୍ରପୋଡ଼ା ପିଠା ଖାଇବା ପିଲାଦିନେ ଦେଖିଛି।

ଖରାଦିନେ ପାଚିଲା ଆମ୍ବ ଖାଇସାରି ତା'ର ଟାକୁଆକୁ ନିଜ ନିଜ ବାଡିରେ ଗଦେଇଥାନ୍ତି। ବର୍ଷା ପଡିଲେ ସେଗୁଡିକରୁ ଗଛ ଉଠିଥାଏ। ସେଇ ଗଛଗୁଡିକ ଏକହାତ ଉଚ୍ଚ ହେଲେ ଉପାଡି ଆଣନ୍ତି। ଗଛମୂଳରେ ଟାକୁଆଟି ଲଟକିଥାଏ। ସେ ଟାକୁଆ ଆଁ କରି ଦୁଇଫାଳିଆ ଥାଏ। ଅନାୟାସରେ ସେ ଟାକୁଆକୁ ଚିରି ତା' ପେଟରୁ କୋଇଲିଟି କାଢି ଯତ୍ନରେ ଗଦାକରେ ଆଦିବାସୀ ରମଣୀଟି। ବଡ଼ ବଡ଼ ଝୁଡିରେ ପୂରାଇ ଖରାରେ ଶୁଖାଇଥାଏ। କୋଇଲିଗୁଡିକ ଶୁଖି ଟାଣ ହେଲେ ଢିଙ୍କି କିମ୍ବା ହାତ ପାହୁରାଣୀରେ ତୁସ୍‌ତୁସା କୁଟି ରାତିରେ ଶୁଏଇ ଦିଅନ୍ତିନି ସେମାନେ। କେହି କେହି ଆଦିବାସୀ ରମଣୀ ଛତୁ, ବାଉଁଶ କରଡି, ସୁନୁସୁନିଆ ଶାଗ ସଂଗ୍ରହ କରି ଆମ ଘରେ ଦେଇ ତା' ବଦଳରେ ଚାଉଳ, ଖୁଦ ନେଇଥାନ୍ତି ଯାଉରେ ମିଶେଇ ରାନ୍ଧିବା ପାଇଁ। ପଇସା ଦେଲେ ନିଅନ୍ତି ନାହିଁ। ବିଭିନ୍ନ ଜଙ୍ଗଲଜାତ ଶାଗକନ୍ଦା ଯଥା, ବର୍‌ଡା ଶାଗ, କଣ୍ଟାଖେଡା, ଲୁଡୁଲାଇ, ଲହୁଣି, ବାଉଁଶକରଡି, ଚାକୁଣ୍ଡା ଶାଗ, କାଶୁଣ୍ଡି ଇତ୍ୟାଦି ଶାଗ ସବୁ ସଂଗ୍ରହ କରି ଘରେ ଘରେ ଦେଇ ନିଜ ପରିବାରର ଚାଖଣା ଅଭାବ ମେଣ୍ଟାନ୍ତି ଆଦିବାସୀ ରମଣୀ। ଆମ୍ବକୋଇଲିର ଯାଉ, ତାକୁ ଚାଉଳ ଖୁଦ ସହ ଗୋଳେଇ ଲୁଣ ଗୁଡ଼ ଦେଇ ଶାଳପତ୍ରରେ ଲଦି ରଡ଼ନିଆଁରେ ବସାଇ ପୋଡ଼ପିଠା କରନ୍ତି। ତାଙ୍କରି ଭିତରେ ସାଇପଡିଶାରେ ବାଣ୍ଟକୁଣ୍ଟ, ଖିଆପିଆ ହୁଏ। ରାତି ହେଲେ ସାଇଦାଣ୍ଡରେ କରଞ୍ଜତେଲ, ଜଡାତେଲ ଢାଳି ଦିହୁଡି ଜାଳି ବିଭିନ୍ନ ନାଚତାମସା କରନ୍ତି।

ତେବେ ସେ ଆମ୍ବକୋଇଲି ଯାଉ କି ପିଠା, କନ୍ଦା ପୋଡା, କୟାଁମଞ୍ଜି ପୋଡି, କୁଟି ଯାଉ ରନ୍ଧା ଆଉ ଆମ ଗାଁରେ ନାହିଁ। ଏବେ ଗଲେ ଦେଖୁଛୁ ଆଦିବାସୀ ସାହିରେ ସେ କୁକୁଡା ଲଣ୍ଡି, ମଇଁଷି ଗୋବର, ଅପରିଷ୍କାର ଛେଳି ଗାଦି ନାହିଁ, ଢିଙ୍କିକୁଟା ଶବ୍ଦ ଆଉ ଶୁଭୁନି। ସୁନ୍ଦର ଚୂନ ସିମେଣ୍ଟର ଛୋଟ ଛୋଟ ଘର, ସେବାଶ୍ରମ ସ୍କୁଲ, ଛୋଟ ଡାକ୍ତରଖାନା, ରାସ୍ତାଘାଟ, ପ୍ରତ୍ୟେକ ଘରେ ଗୋଟିଏ ଲେଖାଁ ମୋଟରସାଇକେଲ। ଝିଅବୋହୂଙ୍କ ପୋଷାକ ବେଶ୍ ଆଧୁନିକ ଓ ପରିଷ୍କାର ମଧ୍ୟ। ପ୍ରାୟ ପ୍ରତି ଝିଅ ଶିକ୍ଷିତ ଓ ସ୍ମାର୍ଟଫୋନ୍‌ଧାରୀ ଏବଂ କେହି ନା କେହି, କୋଉଠି ନା କୋଉଠି ଚାକିରି ମଧ୍ୟ କରୁଛନ୍ତି। ଏ ସବୁ ସତ୍ତ୍ୱେ କିଛି ଆଦିବାସୀ ପରିବାରରେ ଆମ୍ବକୋଇଲି ଯାଉ, ପିଠା ଖାଇ ମୃତ୍ୟୁମୁଖରେ ପଡୁଥିବା ଖବର ଶୁଣି ବିସ୍ମିତ ହୁଏ।

- ପ୍ଲଟ୍ ନଂ. ୮୦୨, ମହାବୀର ନଗର,
ଝାରପଡ଼ା, ଭୁବନେଶ୍ୱର

## ଏଇ ଭାରତରେ

ମଣିଷକୁ ମଣିଷ ଭଲ ପାଇବା ବୋଧହୁଏ ସବୁଠୁ ଶ୍ରେଷ୍ଠ ଧର୍ମ। ଏଭଳି ସର୍ବଧର୍ମ ସମନ୍ୱୟର ବାର୍ତ୍ତା ବହନ କରି ଜଣେ କ୍ୟାଥୋଲିକ୍ ଧର୍ମଯାଜକ କେରଳ ବନ୍ୟାପୀଡିତଙ୍କୁ ସାହାଯ୍ୟ କରିଥିବା ମୁସଲମାନ ସମ୍ପ୍ରଦାୟକୁ ଧନ୍ୟବାଦମୂଳକ ବକ୍ତୃତା ଦେବା ଅବସରରେ ପ୍ରଶଂସା କରିଛନ୍ତି। ବନ୍ୟା ପ୍ରପୀଡିତ ଲୋକମାନେ ଏକ ଗୀର୍ଜାରେ ଆଶ୍ରୟ ନେଇଥିବା ବେଳେ ମୁସଲମାନ ଭାଇମାନେ ସେମାନଙ୍କୁ ଖାଦ୍ୟ ଯୋଗାଇବା ଭଳି ନିଃସ୍ୱାର୍ଥପର ସେବା କରିଥିଲେ। ସାଇରୋ-ମାଲାବାର ଚର୍ଚ୍ଚର ଫାଦର ସାନୁ ପୁଥୁସେରି ଶୁକ୍ରବାର ପ୍ରାର୍ଥନା ଅବସରରେ କୋଟାୟାମ ଜିଲାର ଜୁମା ମସ୍‌ଜିଦ୍ ପରିଦର୍ଶନ କରିଥିଲେ। ମସଜିଦ୍ ପ୍ରାର୍ଥନା କକ୍ଷରେ ସେ ଧନ୍ୟବାଦମୂଳକ ବକ୍ତୃତା ଦେଇଥିଲେ। ଦୁଇ ସପ୍ତାହ ତଳେ କେରଳର ଭୟାନକ ବନ୍ୟାରେ ୫୮୦ଜଣ ବିପନ୍ନ ଆଚିନାକୋମ୍‌ସ୍ଥିତ ସେଣ୍ଟ୍ ଆଣ୍ଟୋନି ଚର୍ଚ୍ଚରେ ଆଶ୍ରୟ ନେଇଥିଲେ। ଫାଦର ପୁଥୁସେରି ହେଉଛନ୍ତି ଏହି ଗୀର୍ଜାର ଧର୍ମଯାଜକ। ଚର୍ଚ୍ଚ କର୍ତ୍ତୃପକ୍ଷ ବିପନ୍ନଙ୍କ ପାଇଁ ତାଙ୍କ ଗୀର୍ଜା ଦୁଆର ଖୋଲିଦେଇଥିଲେ ହେଁ ପରବର୍ତ୍ତୀ ଦିନ ଖାଦ୍ୟ ଅଭାବ ଦେଖାଦେଇଥିଲା। ଫାଦର ପୁଥୁସେରି ମସ୍‌ଜିଦ୍ ଯାଇ ଖାଦ୍ୟ ପାନୀୟର ବ୍ୟବସ୍ଥା କରିବାକୁ ମୌଲବୀଙ୍କୁ ଅନୁରୋଧ କରିଥିଲେ। ତାଙ୍କ ଅନୁରୋଧକ୍ରମେ ମୁସଲମାନ ଭାଇମାନେ ପ୍ରଚୁର ଖାଦ୍ୟ ଓ ପାନୀୟ ସଂଗ୍ରହ କରି ବିପନ୍ନଙ୍କୁ ଯୋଗାଇ ଦେଇଥିଲେ। ବିପଦ ସମୟରେ ମୁସଲମାନ ଭାଇଙ୍କ ଅକୁଣ୍ଠିତ ସାହାଯ୍ୟ ଓ ସହଯୋଗ ପାଇଁ ଫାଦର ପୁଥୁସେରି ଗଭୀର କୃତଜ୍ଞତା ଜଣାଇଛନ୍ତି।

## ଚିରନ୍ତନୀ

ନ ପାରେ ତୁମ ସାଥିରେ ଉଡି
ବେଦନା ତଳେ ଯାଇଛି ବୁଡ଼ି
ପବନ ତାକୁ ଠେଲିଲା ଆଜି
ସ୍ୱପନ ଏବେ ଦେଲା ଘଉଡି।
(କବିର ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭାଇରାଲ ଭିଡିଓ

ମହାଶୟ,

ଝିଅମାନଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ ହେବା ଏବେ ଗଣମାଧ୍ୟମର ଏକ ରୀତିମତ ଖବର ପାଲଟିଗଲାଣି। ସବୁ ଭାଇରାଲ ଘଟଣା ଏକାଭଳି ନୁହେଁ। ଯେଉଁ କ୍ଷେତ୍ରରେ ଜବରଦସ୍ତି ଓ ବଳାତ୍କାରଜନିତ ଭିଡିଓ ଉଠାଇ ତାକୁ ଭାଇରାଲ କରାଇ ଫାଇଦା ନେବାର ଚେଷ୍ଟା କରାଯାଉଛି, ତାହା ଅକ୍ଷମଣୀୟ ଅପରାଧ। ସେଥିପ୍ରତି କଠିନ ଦଣ୍ଡ ଆବଶ୍ୟକ। କିନ୍ତୁ ଯେଉଁ କ୍ଷେତ୍ରରେ ସହମତିରେ ଫଟୋ ଓ ଭିଡିଓ ଉଠାଯାଉଛି, ସେ ସ୍ଥଳରେ ଦୋଷ ଉଭୟଙ୍କର। ପ୍ରେମ କରିବା, ଭଲ ପାଇବାର ଅର୍ଥ ନୁହେଁ ବିବାହ ପୂର୍ବରୁ ଦୈହିକ ସମ୍ପର୍କ ସ୍ଥାପନ କରିବା। ଏଥିପାଇଁ ଝିଅପୁଅ ସମପରିମାଣରେ ଦାୟୀ। ପ୍ରଶାସନ ଓ ନ୍ୟାୟପାଳିକା ଏଥିପ୍ରତି ସତର୍କ ରହିବା ଭଲ ହେବ। ପୁଅ ଓ ଝିଅ ଉଭୟଙ୍କ ପାଇଁ ନ୍ୟାୟ ସମାନ ହେବା ଉଚିତ।

ପ୍ରଭାତ କୁମାର ଦାସ, ୫୮ ସ୍ୱର୍ଣ୍ଣପୁରୀ, ଭୁବନେଶ୍ୱର

### ଗ୍ରାମାଞ୍ଚଳ ଜବରଦଖଲକାରୀ

ପ୍ରଥମେ ସରକାର 'ସର୍ବକ୍ଷମା ଯୋଜନା' କରି ତେଲିଆ ମୁଣ୍ଡରେ ତେଲ ଢାଳିଲେ। ଏବେ ସହରରେ 'ଜବରଦଖଲ କରିଥିବା ଜବରଦଖଲକାରୀଙ୍କୁ ସରକାରୀ ଅନୁକମ୍ପା' ପ୍ରଦର୍ଶନ କରିବାର ପ୍ରସ୍ତାବ ଉପରେ ମୋହର ବାଜିବ। କିନ୍ତୁ ସରକାର ଗ୍ରାମାଞ୍ଚଳ ସରକାରୀ ଜମି ଜବରଦଖଲକାରୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। କଳକାରଖାନା କର୍ତ୍ତୃପକ୍ଷଙ୍କୁ ସରକାର ହଜାର ହଜାର ଏକର ଜମି କୋଉଠି ମାଗଣାରେ ତ କୋଉଠି ଶାଗମାଛ ଦରରେ ଯୋଗାଉଛନ୍ତି। ଗ୍ରାମାଞ୍ଚଳର ବହୁ ଜବରଦଖଲକାରୀ ନିଜ ଭିଟାମାଟିରୁ ବିସ୍ଥାପିତ। କିଏ ବାସଗୃହ ହରାଇଛି ତ କିଏ ସମସ୍ତ ଜମି ହରାଇ ଦାଣ୍ଡର ଭିକାରି ସାଜିଛି। କିଛି ଉପାୟ ନ ପାଇ ସେମାନେ ସରକାରୀ ଜାଗାରେ କୁଡ଼ିଆ ଖଣ୍ଡେ କରି ମୁଣ୍ଡ ଗୁଞ୍ଜିଛନ୍ତି। ତେଣୁ ସରକାର ଶୀଘ୍ର ବିସ୍ଥାପିତ ଓ ଗ୍ରାମାଞ୍ଚଳ ଜବରଦଖଲକାରୀଙ୍କ ଜବରଦଖଲକୁ ଆଇନସିଦ୍ଧ କରି ପଟ୍ଟା ପ୍ରଦାନ କରି ମହାନୁଭବତାର ପରିଚୟ ଦିଅନ୍ତୁ।

ନିର୍ଭୟ କୁମାର ପାଣି, ବିଜିଗୋଳ, କଣିହାଁ, ଅନୁଗୋଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ବର୍ତ୍ତମାନ ଅର୍ଥନୀତି ଯେଉଁ ସ୍ତରରେ ପହଞ୍ଚିଛି, ପୂର୍ବରୁ ତାହା ଏତେ ତଳକୁ ଖସି ନ ଥିଲା। ପେଟ୍ରୋଲ ଓ ଡିଜେଲ ଦର ଆକାଶଛୁଆଁ ହୋଇଥିବାବେଳେ ଟଙ୍କାର ମୂଲ୍ୟ ସର୍ବନିମ୍ନ ସ୍ତରକୁ ଛୁଇଁଛି।

- ଅରବିନ୍ଦ୍ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

## ସଂକ୍ଷେପରେ

### ସେନା ଗୁଳିରେ ଟେକାମାଡ଼କାରୀ ନିହତ

**ଶ୍ରୀନଗର,୩।୯(ପି.ଟି.)-** ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ସୁରକ୍ଷା ବାହିନୀ ଏବଂ ଟେକାମାଡ଼କାରୀଙ୍କ ମଧ୍ୟରେ ସୋମବାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଟେକାମାଡ଼କାରୀଙ୍କୁ କାବୁ କରିବାକୁ ଯାଇ ସେନା ପକ୍ଷରୁ ଗୁଳିଚାଳନା କରାଯାଇଥିଲା। ଏଥିରେ ଜଣେ ଯୁବକ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ସୂଚନା ପାଇବା ପରେ ସେନା ପକ୍ଷରୁ ୧୨ରୁ ଅଧିକ ଗ୍ରାମରେ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଯାଇଥିଲା। ଏହାକୁ ବିରୋଧକରି ଲୋକେ ଟେକାମାଡ଼ କରିବା ଆରମ୍ଭ କରିଥିଲେ। ଗୁସୋ ଗ୍ରାମରେ ସେନାର ଗୁଳିମାଡ଼ରେ ଦୁଇଜଣ ଯୁବକ ଆହତ ହୋଇଥିଲେ ବୋଲି ଜଣେ ସେନା ଅଧିକାରୀ ସୂଚନା ଦେଇଛନ୍ତି। ତେବେ ତୁରନ୍ତ ଦୁଇ ଯୁବକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଫୟାଜ୍ ଅହମ୍ମଦ ୱାନିଙ୍କ ମୃତ୍ୟୁ ହୋଇଥିବା ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

### ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ହତ୍ୟା ଧମକ



**ଦାମୋହ,୩।୯(ଆଇଏଏନ୍‌ଏସ୍)-**କଂଗ୍ରେସ ଏମ୍‌ପି ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ମିଳିଛି ହତ୍ୟା ଧମକ। ତାଙ୍କୁ ଗୁଳିକରି ନିହତ କରିବେ ବୋଲି ମଧ୍ୟପ୍ରଦେଶର ଭାଜପା ବିଧାୟିକା ଉମା ଦେବୀ ଖାଟିକ୍‌ଙ୍କ ପୁଅ ସୋମବାର ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଫେସ୍‌ବୁକ୍‌ରେ ଲାଲଚାନ୍ଦ୍ ଖାଟିକ୍ ଲେଖି ଜ୍ୟୋତିରାଦିତ୍ୟଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସ ଏମ୍‌ପିଙ୍କ ଶିରାପ୍ରଶିରାରେ ଜିୱାଜିରାଓଙ୍କ ରକ୍ତ ପ୍ରବାହିତ ହେଉଛି ଯିଏକି ଝାନ୍‌ସୀ ରାଣୀଙ୍କୁ ହତ୍ୟା କରିଥିଲେ। ହାଟା ନିର୍ବାଚନମଣ୍ଡଳୀରେ ପାଦ ଦେଲେ ତାଙ୍କୁ ସେ ଗୁଳି କରିବେ। ସେପ୍ଟେମ୍ବର ୫ରେ ଜ୍ୟୋତିରାଦିତ୍ୟ ହାଟା ଗସ୍ତ କରି ଏକ ରାଲିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ବିଧାୟିକା ଉମା ଦେବୀଙ୍କ ପୁଅଙ୍କ ବିବାଦୀୟ ପୋଷ୍ଟକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

### ଶିବରାଜଙ୍କ ଗାଡ଼ିକୁ ଟେକାମାଡ଼

**ଭୋପାଳ,୩।୯(ପି.ଟି.)-** ମଧ୍ୟପ୍ରଦେଶ ଚୁରହୁଟଠାରେ ରବିବାର ରାତିରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ 'ଜନ ଆଶୀର୍ବାଦ ଯାତ୍ରା'ରେ ବାହାରିଥିବା ବେଳେ ତାଙ୍କ ଗାଡି ଉପରକୁ କଂଗ୍ରେସ କର୍ମୀମାନେ ପଥର ମାଡ କରିଥିଲେ। ସୌଭାଗ୍ୟବଶତଃ ତାଙ୍କର କୌଣସି କ୍ଷତି ହୋଇନାହିଁ। ଏପର୍ଯ୍ୟନ୍ତ ୩ ଆକ୍ରମଣକାରୀ ଗିରଫ ହୋଇଛନ୍ତି। ଏହି ଘଟଣା ପରେ ଶିବରାଜ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ 'କଂଗ୍ରେସ ମୋ ରକ୍ତର ପିପାସୁ ହୋଇଯାଇଛି। ବିଚାରର ସଂଘର୍ଷ ଚାଲିଥାଏ। ଭିନ୍ନ ଭିନ୍ନ ଦଳ ନିଜର କାର୍ଯ୍ୟକ୍ରମ କରିଥାନ୍ତି, କିନ୍ତୁ କେବେ ଏଭଳି ହୋଇନି। ଏହି ପରିପ୍ରେକ୍ଷୀରେ ସୋନିଆ ଗାନ୍ଧୀ, ରାହୁଲ ଏବଂ କଂଗ୍ରେସ ରାଜ୍ୟ ସଭାପତିଙ୍କୁ ସେ ପଚାରିବାକୁ ଚାହିଁଛନ୍ତି ଯେ ଏସବୁ କାହା ନିର୍ଦ୍ଦେଶରେ ଘଟିଛି। ଆକ୍ରମଣକୁ ହତ୍ୟା ଷଡଯନ୍ତ୍ର ବୋଲି କହିଛନ୍ତି ଗୃହମନ୍ତ୍ରୀ ଭୂପେନ୍ଦ୍ର ସିଂ। ସେ କହିଛନ୍ତି କଂଗ୍ରେସ କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ଗାଡିକୁ ଟାର୍ଗେଟ କରି ପଥର ମାଡ଼ କରିଛନ୍ତି। ଏଥିରେ ତାଙ୍କ ଗାଡ଼ିର କାଚ ଭାଙ୍ଗି ତାଙ୍କ ଦେହରେ ମଧ୍ୟ ପଥର ବାଜିଥିଲା। ତେବେ ସୁରକ୍ଷାକର୍ମୀମାନେ ସଜାଗ ଥିବାରୁ ବଡ଼ ଅଘଟଣକୁ ରୋକିହେଲା। ଅନ୍ୟପକ୍ଷେ କଂଗ୍ରେସ ଗୋଇନ୍ଦା ସୂତ୍ରର ବିଫଳତାକୁ ଦାୟୀ କରି ଗୃହମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କହିଛି।

### ଇତିହାସର ଆଇନାରେ

#### ସେପ୍ଟେମ୍ବର ୪ର ପ୍ରମୁଖ ଘଟଣା

୧୯୭୦ ସେପ୍ଟେମ୍ବର ୪ରେ ଚିଲିର ରାଷ୍ଟ୍ରପତି ଭାବେ ସାଲଭାଡର ଆଲେଣ୍ଡେ ନିର୍ବାଚିତ ହୋଇଥିଲେ। ସେ ଜଣେ ଚିକିତ୍ସକ ଏବଂ ରାଜନେତା ଥିଲେ। ପ୍ରାୟ ୪୦ ବର୍ଷ ଧରି ଚିଲି ରାଜନୀତି ଜଗତରେ ସେ ସକ୍ରିୟ ରହିଥିଲେ। ସୋସିଆଲିଷ୍ଟ ଦଳର ନେତା ହୋଇଥିବା ବେଳେ ସିନେଟର ଏବଂ କ୍ୟାବିନେଟ୍ ମନ୍ତ୍ରୀ ହୋଇଥିଲେ।

୧୯୯୮ ସେପ୍ଟେମ୍ବର ୪ରେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ଦୁଇ ଜଣ ଛାତ୍ର ଲ୍ୟାରି ପେଜ୍ ଏବଂ ସେର୍ଜି ବ୍ରିନ୍ ଗୁଗୁଲ୍‌ର ପ୍ରତିଷ୍ଠା କରିଥିଲେ। ଆମେରିକୀୟ ବହୁରାଷ୍ଟ୍ରୀୟ କମ୍ପାନୀ ଗୁଗଲ ଇଣ୍ଟରନେଟ୍ ସର୍ଚ୍ଚ, କ୍ଲାଉଡ କମ୍ପ୍ୟୁଟିଂ, ଅନଲାଇନ୍ ଆଡଭର୍ଟାଇଜିଂ ଟେକ୍ନୋଲୋଜି ପାଇଁ ଖୁବ୍ ଲୋକପ୍ରିୟ। ଲ୍ୟାରିପେଜ୍ ଆମେରିକାର ପ୍ରତିଷ୍ଠିତ କମ୍ପ୍ୟୁଟର ସାଇଣ୍ଟିଷ୍ଟ ଏବଂ ଇଣ୍ଟରନେଟ୍ ଉଦ୍ୟୋଗୀ।

---

■ କର୍ଣ୍ଣାଟକ ପୌର ନିର୍ବାଚନ: ଭାଜପା ପୁଣି ନିରାଶ

# ତ୍ରିମୁଖୀ ଲଢ଼େଇରେ କଂଗ୍ରେସ ବିଜୟୀ

**ବେଙ୍ଗାଲୁରୁ,୩।୯(ପି.ଟି.)**



ଏଚ୍.ଡି. କୁମାରସ୍ୱାମୀ



ବି.ଏସ୍. ୟେଦୁରପ୍ପା



ରଣଦୀପ ସୁର୍ଜେୱାଲା

- ■ ସରକାର ଦୁର୍ବଳ ବୋଲି କହୁଥିବା ଲୋକଙ୍କୁ ଜବାବ: କୁମାରସ୍ୱାମୀ
- ■ ଆଶାନୁରୂପ ଫଳ ମିଳିଲା ନାହିଁ: ୟେଦୁରପ୍ପା
- ■ ଭାଜପାର ଫମ୍ପା ଭାଷଣକୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି: କଂଗ୍ରେସ

କର୍ଣ୍ଣାଟକ ପୌର ନିର୍ବାଚନର ଫଳାଫଳ ସୋମବାର ପ୍ରକାଶ ପାଇଛି। କଂଗ୍ରେସ, ଭାଜପା ଏବଂ ଜେଡିଏସ୍‌ର ତ୍ରିମୁଖୀ ଲଢ଼େଇରେ ବାଜି ମାରିଛି କଂଗ୍ରେସ। ଅବଶ୍ୟ ଭାଜପା ଏବଂ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଛି। ଭାଜପା ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ତୃତୀୟରେ ରହିଛି ଜେଡିଏସ୍। ମେଣ୍ଟ ଦଳ ଜେଡିଏସ୍ ସହ ମିଶି କଂଗ୍ରେସ ରାଜ୍ୟର ଅଧିକାଂଶ ପୌର ପରିଷଦରେ ରାଜ୍ କରିବାକୁ ଯାଉଛି। କାରଣ ଦୁଇଦଳ ମିଳିତ ଭାବେ ୧୩୫୭ ଆସନରେ ବିଜୟୀ ହେବା ସହ ଭାଜପାଠାରୁ ବହୁ ଆଗରେ ରହିଛନ୍ତି।

ଶନିବାର ଅନୁଷ୍ଠିତ ୨୭୦୯ ପୌର ସଂସ୍ଥା ଆସନ ମଧ୍ୟରୁ ୨୬୬୮ର ଫଳାଫଳ ପ୍ରକାଶ ପାଇଛି। ରାଜ୍ୟ ନିର୍ବାଚନ କମିଶନଙ୍କ ସୂଚନା ମୁତାବକ ୨୬୬୮ ଆସନ ମଧ୍ୟରୁ କଂଗ୍ରେସ ୯୬୬ରେ ବିଜୟୀ ହୋଇଥିବାବେଳେ ୯୧୦ ଆସନ କବ୍‌ଜା କରିଛି ଭାଜପା। ୩୭୩ ଆସନ ସହ ତୃତୀୟ ସ୍ଥାନରେ ରହିଛି ଜେଡିଏସ୍। ବାକି ଆସନରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। କର୍ଣ୍ଣାଟକରେ ୩ ନଗର ନିଗମ, ୨୯ ନଗର ପୌର ପରିଷଦ(ସିଏମ୍‌ସି), ୫୨ ସହର ପୌର ପରିଷଦ(ଟିଏମ୍‌ସି) ଏବଂ ୨୦ ସହର ପଞ୍ଚାୟତ(ଟିପି)ରେ ନିର୍ବାଚନ ହୋଇଥିଲା। ତେବେ ଏଥିରେ ଯଦି ଝୁଲା ଫଳାଫଳ ଆସେ, ତା'ହେଲେ ପ୍ରାକ୍ ନିର୍ବାଚନୀ ମେଣ୍ଟ ପାଇଁ ପୂର୍ବରୁ ଘୋଷଣା କରିଥିଲେ କଂଗ୍ରେସ ଏବଂ ଜେଡିଏସ୍। ବନ୍ୟା ଏବଂ ଅନ୍ୟାନ୍ୟ କାରଣରୁ କୋଡାଗୁ ସମେତ ବିଭିନ୍ନ ପ୍ରାନ୍ତରେ ପ୍ରାୟ ୨୩୦୦ ଆସନରେ ଭୋଟ ଗ୍ରହଣ ହୋଇପାରିନାହିଁ। ଆସନ୍ତା ବର୍ଷ ସେଠାରେ ନିର୍ବାଚନ ହେବ ବୋଲି କୁହାଯାଉଛି।

କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାର ଗଠନ ହେବା ପରେ ଏହା ଥିଲା ପ୍ରଥମ ନିର୍ବାଚନ। ଏଣୁ ଏହାକୁ ମେଣ୍ଟ ସରକାରଙ୍କ ଭାଗ୍ୟ ପରୀକ୍ଷା ଭାବେ ଦେଖାଯାଉଥିଲା। ଏହାକୁ ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭାବେ ଦେଖାଯାଉଛି। ସେପଟେ ୨୦୧୩ ପୌର ନିର୍ବାଚନ ତୁଳନାରେ ଏଥର ଭାଜପାର ପ୍ରଦର୍ଶନ ବେଶ୍ ଭଲ ରହିଛି। ୨୦୧୩ରେ ୪,୯୭୬ ଆସନ ମଧ୍ୟରୁ କଂଗ୍ରେସ ୧୯୬୦ରେ ବିଜୟୀ ହୋଇଥିବାବେଳେ ଭାଜପା ଏବଂ ଜେଡିଏସ୍ ୯୦୫ଟି ଲେଖାଏ ଆସନ କବ୍‌ଜା କରିଥିଲେ।

ନିର୍ବାଚନ ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡିଏସ୍ ସୁପ୍ରିମୋ ଏଚ୍.ଡି. ଦେବେଗୌଡ଼ା କହିଛନ୍ତି, ଭାଜପାକୁ କ୍ଷମତାଚ୍ୟୁତ କରିବା ଲାଗି ଯେଉଁଠାରେ ବି ମେଣ୍ଟ କରିବାକୁ ପଡ଼େ ଆମେ ପ୍ରସ୍ତୁତ। ସେହିପରି ମେଣ୍ଟ ସରକାର ଦୁର୍ବଳ ଏବଂ ଏହା ଖୁବ୍‌ଶୀଘ୍ର ଭାଙ୍ଗିଯିବ ବୋଲି ଯେଉଁମାନେ କହୁଥିଲେ, ତାଙ୍କ ପାଇଁ ଏହା ଏକ କଡ଼ା ଜବାବ ବୋଲି ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ପ୍ରକାଶ କରିଛନ୍ତି। ସେପଟେ ଏହି ନିର୍ବାଚନ ଆଶାନୁରୂପ ଫଳ ଆଣିପାରିଲା ନାହିଁ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ଭାଜପା ମୁଖ୍ୟ ବି.ଏସ୍. ୟେଦୁରପ୍ପା ପ୍ରକାଶ କରିଛନ୍ତି। କିନ୍ତୁ ଆଗାମୀ ଲୋକ ସଭା ନିର୍ବାଚନରେ ଦଳ ୨୨ରୁ ୨୩ଟି ଆସନରେ ନିଶ୍ଚିତ ବିଜୟୀ ହେବ ବୋଲି ୟେଦୁରପ୍ପା ଆଶାବ୍ୟକ୍ତ କରିଛନ୍ତି। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, କର୍ଣ୍ଣାଟକବାସୀ ଭାଜପାର ଫମ୍ପା ଭାଷଣବାଜିକୁ ପ୍ରତ୍ୟାଖ୍ୟାନ କରି କଂଗ୍ରେସ ଏବଂ ଜେଡିଏସ୍ ମେଣ୍ଟ ସରକାଙ୍କ ବିକାଶୋନ୍ମୁଖୀ ନୀତିକୁ ସମର୍ଥନ ଜଣାଇଛନ୍ତି। କଂଗ୍ରେସ ଉପରେ ଲୋକେ ପୁଣିଥରେ ଆସ୍ଥା ପ୍ରକଟ କରିଛନ୍ତି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିଭିନ୍ନ ପ୍ରାନ୍ତରେ ଉତ୍ସବ ଦେଖିବାକୁ ମିଳିଛି। ରାଜ୍ୟର ତୁମାକୁରୁଠାରେ କଂଗ୍ରେସ ପ୍ରାର୍ଥୀ ଇନାୟାତୁଲ୍ଲା ଖାନ୍‌ଙ୍କ ବିଜୟ ଉତ୍ସବ ବେଳେ ତରଳ ରାସାୟନିକ ଆକ୍ରମଣ ହୋଇଛି। ଏଥିରେ ୧୦ ଆହତ ହୋଇଛନ୍ତି।

---

■ ରାଜନୈତିକ କାଦୁଅଫିଙ୍ଗାକୁ ନାହିଁ ଖାତିର

# ଗ୍ୱାଲିୟର, ଆଗ୍ରାରେ ଉଡୁଛି ୩ ରାଫେଲ୍ ବିମାନ

**ନୂଆଦିଲ୍ଲୀ, ୩।୯(ପି.ଟି.)**

- ■ ଉଡ଼ାଣ ପ୍ରଶିକ୍ଷଣ ନେଉଛନ୍ତି ଆଇଏଏଫ୍ ପାଇଲଟ
- ■ ଚାରିଦିନ ହେବ ମିଳିତ ସମରାଭ୍ୟାସ
- ■ ସମ୍ପର୍କ ମଜଭୁତ କରିବ 'ମିଶନ୍ ପେଗାସ୍': ଫ୍ରାନ୍ସ

ରାଫେଲ୍ ଯୁଦ୍ଧବିମାନ କ୍ରୟ ବେଳେ ହୋଇଥିବା ଚୁକ୍ତିରେ କଂଗ୍ରେସ ଦୁର୍ନୀତିର ଗନ୍ଧ ବାରୁଥିବାରୁ ଏହାକୁ ନେଇ ହଟଚମଟ ଲାଗିରହିଛି। ଗୋଟିଏ ପଟେ ରାଜନୈତିକ କାଦୁଅଫିଙ୍ଗା ଚାଲିଥିବାବେଳେ ଅନ୍ୟପଟେ ଭାରତରେ ଥିବା ତିନୋଟି ରାଫେଲ୍ ବିମାନର ଉଡ଼ାଣ ଅଭ୍ୟାସ ଆରମ୍ଭ ହୋଇଯାଇଛି। ମଧ୍ୟପ୍ରଦେଶର ଗ୍ୱାଲିୟର ଏବଂ ଉତ୍ତରପ୍ରଦେଶର ଆଗ୍ରାରେ ଥିବା ବାୟୁସେନା ଘାଟିରେ ଆଇଏଏଫ୍ ପାଇଲଟ୍‌ମାନେ ପ୍ରଶିକ୍ଷଣ ନେଉଛନ୍ତି। ଫ୍ରାନ୍ସରୁ ୧୦୦ ବିମାନ ଚାଳକ, ଗୋଟିଏ ଆଟ୍‌ଲାସ୍ ଏ-୪୦୦ ଏମ୍ ସାମରିକ ପରିବହନକାରୀ ବିମାନ, ଗୋଟିଏ ଆକାଶମାର୍ଗରେ ଇନ୍ଧନ ଭର୍ତ୍ତି କରିପାରୁଥିବା ସି-୧୩୫ ବିମାନ ଏବଂ ଆଉ ଏକ ଏୟାରବସ୍ ଏ-୩୧୦ କାର୍ଗୋ ଏୟାରକ୍ରାଫ୍ଟ ମଧ୍ୟ ଚାରିଦିନ ପାଇଁ ଭାରତକୁ ଆସିଛି।


ମିଳିଥିବା ସୂଚନା ମୁତାବକ, ସ୍ୱତନ୍ତ୍ର କ୍ଷମତାଧାରୀ ତିନି ରାଫେଲ୍ ବିମାନ ଇଣ୍ଡୋନେସିଆ, ମାଲେସିଆ, ଭିଏତ୍‌ନାମ ଏବଂ ସିଙ୍ଗାପୁର ଯାଇ ଫେରିବା ପରେ ଶନିବାର ଭାରତରେ ଅବତରଣ କରିଥିଲା। ରବିବାର ସନ୍ଧ୍ୟାରେ ଏସବୁ ଯୁଦ୍ଧବିମାନ ଗ୍ୱାଲିୟରସ୍ଥିତ ମହାରାଜପୁର ବାୟୁସେନା ଘାଟିରେ ପହଞ୍ଚିଥିଲା। ପରେ ଆଗ୍ରା ଆକାଶରେ ମଧ୍ୟ ଏଗୁଡ଼ିକର ଉଡ଼ାଣ ହୋଇଛି। ଶତ୍ରୁପକ୍ଷଙ୍କୁ ଟାର୍ଗେଟ କରିବା ଲାଗି ଏଗୁଡ଼ିକର ଉଡ଼ାଣ କୌଶଳ ଶିଖିବାର ସୁଯୋଗ ପାଇଛନ୍ତି ବାୟୁସେନାର ଏକ ପାଇଲଟ୍ ଟିମ୍। ଫ୍ରାନ୍ସ ଦୂତାବାସ ପକ୍ଷରୁ ଜାରି ଏକ ବିବୃତି ଅନୁଯାୟୀ, ଦୁଇଦେଶର ଯୁଦ୍ଧବିମାନଗୁଡ଼ିକ ମିଳିତ ସମରାଭ୍ୟାସ କରିବେ। ଉଭୟ ପକ୍ଷର ପାଇଲଟ୍‌ମାନେ ଅପରର ଯୁଦ୍ଧବିମାନ ମଧ୍ୟ ଉଡ଼ାଣ କରିବେ। ଭାରତ-ଫ୍ରାନ୍ସ ଦ୍ୱିପାକ୍ଷିକ ସାମରିକ ସହଯୋଗିତାକୁ ୨୦ବର୍ଷ ପୂର୍ତ୍ତି ହୋଇଥିବାବେଳେ ସଦ୍ୟ ସମରାଭ୍ୟାସ ଆଉ ଏକ ଉଦାହରଣ ସୃଷ୍ଟି କରିଥିବା ଏଥିରେ କୁହାଯାଇଛି। ବିଭିନ୍ନ ରାଷ୍ଟ୍ରରେ ଯୁଦ୍ଧବିମାନଗୁଡ଼ିକୁ ନେଇ ସାମରିକ କୌଶଳ ପ୍ରଦର୍ଶନକୁ ଫ୍ରାନ୍ସ 'ମିଶନ୍ ପେଗାସ୍' ଭାବେ ନାମିତ କରିଛି। ପ୍ରମୁଖ ସହଯୋଗୀ ରାଷ୍ଟ୍ର ସହ ସମ୍ପର୍କ ମଜଭୁତ କରିବା ଏହାର ମୁଖ୍ୟ ଲକ୍ଷ୍ୟ। ନିକଟରେ ଫ୍ରାନ୍ସ କଣ୍ଟିନ୍‌ଜେଣ୍ଟ ଅଷ୍ଟ୍ରେଲିଆରେ 'ଅପରେଶନ୍ ପିଚ୍ ବ୍ଲାକ୍' ଚଳାଇଥିଲା। ଏହି ମେଗା ମିଳିତ ସମରାଭ୍ୟାସରେ ଭାରତୀୟ ବାୟୁସେନା ମଧ୍ୟ ସାମିଲ ହୋଇଥିଲା। ସେଠାରେ ଆଇଏଏଫ୍ ପାଇଲଟମାନେ ପ୍ରଥମ କରି ରାଫେଲ୍ ଯୁଦ୍ଧବିମାନ ଉଡ଼ାଣ କରିବାର ସୁଯୋଗ ପାଇଥିଲେ। ଜୁଲାଇ ୨୪ରୁ ଅଗଷ୍ଟ ୧୮ ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟକ୍ରମରେ ବାୟୁସେନାର ପ୍ରାୟ ୧୪୫ ଯୋଦ୍ଧା ପାଇଲଟ୍ ଏଠାରେ କୌଶଳ ପ୍ରଦର୍ଶନ କରିଥିଲେ।



---

# ସାଇପ୍ରସ୍ ନିବେଶକାରୀଙ୍କୁ କୋବିନ୍ଦଙ୍କ ଆହ୍ୱାନ

**ଦୁଇ ଚୁକ୍ତି ସ୍ୱାକ୍ଷର**



**ନିକୋସିଆ,୩।୯(ପି.ଟି.)-**ତିନିଦିନିଆ ୟୁରୋପୀୟ ରାଷ୍ଟ୍ର ଗସ୍ତରେ ଯାଇଥିବା ଭାରତ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପ୍ରଥମେ ସାଇପ୍ରସ୍‌ରେ ପହଞ୍ଚିଛନ୍ତି। ସୋମବାର ସ୍ଥାନୀୟ ପ୍ରତିପକ୍ଷ ନିକୋସ୍ ଆନାସ୍ତାସିଆଡେସ୍‌ଙ୍କୁ ସାକ୍ଷାତ୍ କରି ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଦୁଇ ଦେଶର ସମ୍ପର୍କ ଉପରେ ଗୁରୁତ୍ୱ ଦେବା ସହ ନୂଆଦିଲ୍ଲୀ ଏବଂ ନିକୋସିଆ ମଧ୍ୟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଅପରାଧ ନିରୋଧୀ ରାଜିନାମା ସ୍ୱାକ୍ଷର ହୋଇଛି। ଭାରତରେ ପୁଞ୍ଜିନିବେଶ ଲାଗି ସାଇପ୍ରସ୍ ନିବେଶକାରୀଙ୍କୁ କୋବିନ୍ଦ ଆହ୍ୱାନ ଦେଇଛନ୍ତି। ସାଇପ୍ରସ୍ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସରେ ଉଦ୍‌ବୋଧନ ଦେଇ କୋବିନ୍ଦ ଭାରତୀୟ ଅର୍ଥନୈତିକ ଅଭିବୃଦ୍ଧିରେ ନିକୋସିଆର ଅବଦାନକୁ ପ୍ରଶଂସା କରିଛନ୍ତି। ଭାରତର ଡିଜିଟାଲକରଣ, ସ୍ମାର୍ଟ ସିଟି, ଭିତ୍ତିଭୂମି ନିର୍ମାଣ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ନିବେଶ ପାଇଁ ଏଠାକାର ବ୍ୟବସାୟୀଙ୍କୁ ଆହ୍ୱାନ ଦେଇଛନ୍ତି।

---

## ଫୁରସତ


# ସ୍ୱାସ୍ଥ୍ୟକୁ ହିତ କୁକୁର ପାଳନ




**ଷ୍ଟକ୍‌ହୋମ୍:** କୁକୁର ହେଉଛି ମଣିଷର ଆଦିମ ସାଥୀ। ଏହାକୁ ମଧ୍ୟ ମଣିଷର ଉତ୍ତମ ବନ୍ଧୁ ଭାବରେ ବିବେଚନା କରାଯାଏ। କିନ୍ତୁ କୁକୁର ପୋଷିବା ମୁନିବର ସ୍ୱାସ୍ଥ୍ୟ ପାଇଁ ଉତ୍ତମ ବୋଲି ଏକ ଅଧ୍ୟୟନରୁ ଜଣାପଡିଛି। ସ୍ୱିଡେନ୍‌ରେ କରାଯାଇଥିବା ସଦ୍ୟତମ ଏକ ଅଧ୍ୟୟନର ଫଳାଫଳ ଅନୁଯାୟୀ, କୁକୁର ମାଲିକମାନେ ହୃଦ୍‌ରୋଗରେ ପୀଡିତ ହେବା ଆଶଙ୍କା ଅପେକ୍ଷାକୃତ କମ୍। ଉକ୍ତ ଅଧ୍ୟୟନରେ ୪୦ରୁ ୮୦ବର୍ଷ ବୟସ ମଧ୍ୟରେ ୩୪ଲକ୍ଷ ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଇଥିଲା। ତଥ୍ୟାବଳୀକୁ ବିଶ୍ଳେଷଣ କରିବାରୁ ଜଣାପଡିଲା ଯେ, କୁକୁର ପାଳୁଥିବା ଲୋକମାନେ ହୃଦ୍‌ରୋଗରେ ପଡିବା ଆଶଙ୍କା ୨୩% କମ୍। କୁକୁର ରଖିବା ଦ୍ୱାରା ଲୋକଙ୍କ ଚାପ ସମସ୍ୟା ହ୍ରାସ ପାଇଥାଏ। ସେମାନଙ୍କ ହୃଦ୍‌ସ୍ପନ୍ଦନ ଏବଂ ରକ୍ତଚାପ ନିୟନ୍ତ୍ରିତ ରହେ। ଏଥିସହିତ କୁକୁର ରଖୁଥିବା ବ୍ୟକ୍ତି ଶାରୀରିକ ଭାବରେ ସକ୍ରିୟ ରହନ୍ତି। ତେଣୁ ଆଧୁନିକ ଜୀବନ ଶୈଳୀକୁ ବିଚାରକୁ ନେଲେ କୁକୁର ରଖିବା ଜଣେ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପାଇଁ ଉପକାରୀ ବୋଲି ଗବେଷକମାନେ ପରାମର୍ଶ ଦେଇଛନ୍ତି।

# ରୋଭର ସହ ଯୋଗାଯୋଗ ଉଦ୍ୟମ

**ୱାଶିଂଟନ୍:**



ମଙ୍ଗଳ ପରିବେଶ ସମ୍ପର୍କରେ ତଥ୍ୟ ଯୋଗାଉଥିବା ମାର୍ସ ରୋଭର ଅପର୍ଚ୍ୟୁନିଟି ସହ ପୁଣି ଯୋଗାଯୋଗ ସ୍ଥାପନ ପାଇଁ ନାସା ଉଦ୍ୟମ କରୁଛି। ନାସା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରୋଭର ଉପରିଭାଗ ଆକାଶ ସମ୍ପୂର୍ଣ୍ଣ ନିର୍ମଳ ହୋଇଯିବା ପରେ ଏହା ସହିତ ପୁଣି ଯୋଗାଯୋଗ ପାଇଁ ଏକ ୪୫ ଦିନିଆ ସକ୍ରିୟ ପ୍ରୟାସ ଅଭିଯାନ ଆରମ୍ଭ ହେବ। ଜୁନ୍ ପ୍ରଥମ ସପ୍ତାହରେ ଏକ ବୃହତ୍ ଧୂଳିଝଡ଼ ଯୋଗୁ ରୋଭର ସୌରଶକ୍ତି ପାଇବାକୁ ଅକ୍ଷମ ହୋଇଥିଲା। ଫଳରେ ଏହା ସହିତ ଯୋଗାଯୋଗ ହୋଇପାରି ନ ଥିଲା। ବର୍ତ୍ତମାନ ଧୂଳିଝଡ଼ର ବ୍ୟାପକତା ହ୍ରାସ ପାଇଛି। ମାର୍ସ ରିକନାଇସାନ୍ସ ଅର୍ବିଟର ନିମନ୍ତେ କାର୍ଯ୍ୟ କରୁଥିବା ପ୍ରକଳ୍ପ ବୈଜ୍ଞାନିକ ରିଚ୍ ଜୁରେକ୍ କହନ୍ତି, ୨୦୧୮ର ମଙ୍ଗଳ ଧୂଳିଝଡ଼ର ବ୍ୟାପକତା ରେକର୍ଡ ସୃଷ୍ଟିକାରୀ। ବର୍ତ୍ତମାନ ରୋଭରଠାରୁ ୩ ହଜାର କିଲୋମିଟର ପରିମିତ ଅଞ୍ଚଳ ମଧ୍ୟରେ ଧୂଳିଝଡ଼ର କୌଣସି ସୂଚନା ନାହିଁ। ସେଥିପାଇଁ ରୋଭର୍‌ର ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଜେଟ୍ ପ୍ରପଲସନ୍ ଲାବୋରେଟରିର ଅପର୍ଚ୍ୟୁନିଟି ପ୍ରୋଜେକ୍ଟ ମ୍ୟାନେଜର ଜନ୍ କୋଲାସ୍ ପ୍ରକାଶ କରିଛନ୍ତି। କିନ୍ତୁ ରୋଭରକୁ ସକ୍ରିୟ କରିବା ପାଇଁ ନାସା ଏହାର ଉଦ୍ୟମକୁ ୪୫ ଦିନ ମଧ୍ୟରେ ସୀମିତ ରଖିଥିବାରୁ ଏହା ସମାଲୋଚକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏ ସମ୍ପର୍କରେ ନାସାର ସହଯୋଗୀ ପ୍ରଶାସକ ଥୋମାସ୍ ଜୁରବଚନ କହନ୍ତି, ମଙ୍ଗଳଯାନକୁ ସକ୍ରିୟ କରିବା କାର୍ଯ୍ୟ ଜାରି ରହିବ। ଧାର୍ଯ୍ୟ ୪୫ ଦିନ ମଧ୍ୟରେ ରୋଭର ସକ୍ରିୟ ନହେଲେ ପୁନଶ୍ଚ ଉଦ୍ୟମ କରାଯିବ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୫ | ୨୩.୮ |
| ଚାନ୍ଦବାଲି | ୨୩.୨ | ୨୪.୮ |
| କଟକ | ୩୨.୬ | ୨୩.୪ |
| ପାରାଦ୍ୱୀପ | ୩୧.୭ | ୨୬.୪ |
| ଭୁବନେଶ୍ୱର | ୩୨.୭ | ୨୪.୦ |
| ଗୋପାଳପୁର | ୩୩.୧ | ୨୬.୬ |
| ପୁରୀ | ୩୩.୬ | ୨୬.୦ |
| ଅନୁଗୋଳ | ୩୩.୧ | ୨୨.୦ |
| ବାରିପଦା | ୩୧.୮ | ୨୫.୫ |
| ଝାରସୁଗୁଡ଼ା | ୩୦.୫ | ୨୪.୫ |
| କେନ୍ଦୁଝର | ୨୮.୯ | ୨୩.୪ |
| ସମ୍ବଲପୁର | ୩୧.୪ | ୨୨.୦ |
| ସୁନ୍ଦରଗଡ଼ | --- | ୧୮.୦ |
| ହୀରାକୁଦ | ୩୦.୮ | ୨୦.୬ |
| ତାଳଚେର | ୩୨.୧ | ୨୪.୭ |
| ଭବାନୀପାଟଣା | ୩୧.୦ | ୨୪.୦ |
| ବଲାଙ୍ଗୀର | ୩୨.୭ | ୨୪.୨ |
| କୋରାପୁଟ | ୨୫.୬ | ୧୯.୮ |
| ଫୁଲବାଣୀ | --- | ୨୦.୦ |
| ଟିଟିଲାଗଡ଼ | ୩୩.୦ | ୨୧.୫ |
| ମାଲକାନଗିରି | ୩୦.୦ | ୨୪.୪ |
| ସୋନପୁର | ୩୨.୬ | ୨୨.୬ |
| ଦାରିଙ୍ଗିବାଡ଼ି | ୨୭.୨ | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ପ୍ରକୃତିର ମଜା ନେଉଛନ୍ତି ପ୍ରିୟଙ୍କା

**ଲସ୍ ଏଞ୍ଜେଲସ୍:** ଆମେରିକୀୟ ଗାୟକ ନିକ୍ ଜୋନାସ୍‌ଙ୍କ ସହିତ ପ୍ରିୟଙ୍କା ଚୋପ୍ରାଙ୍କର ନିର୍ବନ୍ଧ ସରିଥିବା ବେଳେ ଉଭୟ ସ୍ଥାନୀୟ ମାମଥ୍ ମାଉଣ୍ଟେନ୍‌ରେ ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରିଛନ୍ତି। ଆମେରିକାରେ ଲେବର ଡେ' ହେଉଛି ଏକ ପବ୍ଲିକ୍ ହଲିଡେ। ଏହାକୁ ସେପ୍ଟେମ୍ବରର ପ୍ରଥମ ସୋମବାର ପାଳନ କରାଯାଏ। ଏହି ଦିନ ଗାୟକ ନିକ୍ ଜୋନାସ୍‌ଙ୍କ ପ୍ରିୟତମ ପ୍ରାକୃତିକ ସ୍ଥଳରେ ଉଭୟ ପ୍ରକୃତି କୋଳରେ କିଛି ସମୟ ଆତ୍ମବିସ୍ମୃତ ହେବାକୁ ପସନ୍ଦ କରିଥିଲେ। ପ୍ରିୟଙ୍କା ଚୋପ୍ରା ଏବଂ ନିକ୍ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ପୋଷ୍ଟକରି ତା ତଳେ 'ଏ ମ୍ୟାନ୍ ଆଣ୍ଡ ଦି ମାଉଣ୍ଟେନ୍ସ, ପ୍ରିୟଙ୍କା ଚୋପ୍ରା-ନିକ୍ (୨୫)' ଉଲ୍ଲେଖ କରିଛନ୍ତି। ଉକ୍ତ ଫଟୋରେ ପପ୍ ଷ୍ଟାର ଏକ ବିୟର କ୍ୟାନ୍ ଧରି ପ୍ରକୃତିକୁ ନିରୀକ୍ଷଣ କରୁଛନ୍ତି। ତାଙ୍କର ହାଇକିଙ୍ଗ୍ ବ୍ୟାକ୍‌ପ୍ୟାକ୍ ଏକ ବୃକ୍ଷଶାଖାରେ ଟଙ୍ଗା ହୋଇଥିବାର ଦେଖାଯାଉଛି। ଇତିମଧ୍ୟରେ ପ୍ରିୟଙ୍କା(୩୬) ନିଜ ରୁଚିର ଏକ ଚିତ୍ତ ବିନୋଦନ ସ୍ଥଳରେ ଉଭୟଙ୍କ ଫଟୋ ଉଠାଇ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି। ଜୋନାସ୍‌ଙ୍କ ପାଇଁ ମାମଥ୍ ମାଉଣ୍ଟେନ୍ ଦୀର୍ଘଦିନରୁ ଏକ ଅବସର ବିନୋଦନ ସ୍ଥଳ ହୋଇଥିବା ବେଳେ ପ୍ରଥମ ଥର ପାଇଁ ସେ ଓ ପ୍ରିୟଙ୍କା ସେଠାରେ ଏକତ୍ର ହେବାର ସୁଯୋଗ ପାଇଥିଲେ।



## ସଂକ୍ଷେପରେ

### କେରଳ ବନ୍ୟା ପୀଡ଼ିତଙ୍କ ପାଇଁ ୨୭ ହଜାର ସହାୟତା

**ମାର୍ଶାଘାଇ, ୩।୯ (ଡିଏନ୍ଏ):** କେରଳରେ ପ୍ରଳୟଙ୍କାରୀ ବନ୍ୟା ଯୋଗୁ ସେଠାକାର ଲୋକଙ୍କ ପାଇଁ ଦେଶବ୍ୟାପୀ ସହାୟତା ଯୋଗାଇ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ କେରଳ ବନ୍ୟା ପୀଡ଼ିତଙ୍କୁ ମାର୍ଶାଘାଇ ବ୍ଲକ କୁସୁନୁପୁର ଗ୍ରାମର ଅବସରପ୍ରାପ୍ତ କର୍ମଚାରୀଙ୍କ ସହ ଗ୍ରାମର ଯୁବକମାନେ ସହାୟତାର ହାତ ବଢ଼ାଇଛନ୍ତି। ଅବସରପ୍ରାପ୍ତ କର୍ମଚାରୀ ପର୍ଶୁରାମ ନାୟକଙ୍କ ନେତୃତ୍ୱରେ ଗଗନ ନାୟକ, ଧ୍ରୁବ ଚରଣ ସାହୁ, ସଚ୍ଚିଦାନନ୍ଦ ନାୟକ, ଅନିଲ କୁମାର ନାୟକ ବିରଭଦ୍ର ପୁର ଏବଂ ବଡ଼ପାଲଡ଼ିଆ ଗ୍ରାମବାସୀଙ୍କଠାରୁ ମୋଟ ୨୭ ହଜାର ଟଙ୍କା ଆଦାୟ କରି କେରଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରିଛନ୍ତି।

### ନନ୍ଦୋତ୍ସବ ପାଳିତ

**ମାର୍ଶାଘାଇ, ୩।୯ (ଡି.ଏନ୍.ଏ.):** ମାର୍ଶାଘାଇ ଯାଦବ ସମାଜ ତରଫରୁ ନନ୍ଦୋତ୍ସବ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସୁସଜ୍ଜିତ ଝୁଲଣ ଉପରେ ଆଣ୍ଠୁଆ ଗୋପାଳ ମୂର୍ତ୍ତିକୁ ରଖି ମାର୍ଶାଘାଇ, ଲକ୍ ଛକ, ଜୁଣଛକ, କଲେଜ ଛକ, ମାର୍ଶାଘାଇ ବଜାର ଏବଂ ବନମାଳୀ ଛକ ଆଦି ପରିକ୍ରମା କରାଇଥିଲେ। ଏହି ଶୋଭାଯାତ୍ରାରେ ଯାଦବମାନଙ୍କ ଲଉଡ଼ି ଖେଳ ବେଶ୍ ଆକର୍ଷଣ ଥିଲା। ନନ୍ଦ, ଯଶୋଦା, ହଳଧର ଏବଂ ଶ୍ରୀକୃଷ୍ଣଙ୍କ ବେଶରେ ସଜ୍ଜିତ ହୋଇ ପଥପ୍ରାନ୍ତ ନାଟକ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମଧୁସୁଦନ ବେହେରା, ବିନୋଦ କୁମାର ଦାସ, ସନ୍ତୋଷ କୁମାର ଦାସ, ହଗୁରା ଦାସ, ବିପିନ ଦାସ, ବିକ୍ରମ କେଶରୀ ସ୍ୱାଇଁ, କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ।

■ ବୈତରଣୀ, ଖରସ୍ରୋତା ନଦୀରେ ଜଳସ୍ତର ବୃଦ୍ଧି

# ପାଣିଘେରରେ ବହୁ ଏକର ଚାଷଜମି

■ ଯାତାୟାତ, ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ
■ ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଛି ଘାଇ
■ ଫସଲ ନଷ୍ଟ ହେବାର ରହିଛି ଆଶଙ୍କା

**ରାଜକନିକା, ୩।୯(ଡି.ଏନ୍.ଏ.)**

ଲଘୁଚାପ ଜନିତ ଲଗାଣ ବର୍ଷା ପରେ ସୋମବାର ଅପରାହ୍ଣରୁ ବୈତରଣୀ ଓ ଖରସ୍ରୋତା ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ନଦୀକୂଳିଆବାସୀ ଆତଙ୍କିତ ହୋଇ ପଡିଛନ୍ତି। ରାଜକନିକା ବ୍ଲକର ବହୁ ଏକର ଚାଷ ଜମିରେ ଏହି ବନ୍ୟା ଜଳ ପ୍ରବେଶ କରିଛି। ଫଳରେ ଫସଲ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏନେଇ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। ରାଜକନିକା ବ୍ଲକର ହାଟସାହି, ଅହମ୍ମଦପୁର, ଅବଦୁଲପୁର, ଦୁର୍ଗାଦେବୀପଡା, ପଧାନପଡା, ବଡହଲୁପଡା, ସାନହଦୁପଡା, ବାଲିସାହି, ଦାମୋଦରପୁର, ଚରପଡା, କଣ୍ଡିଆ, ନମତରା, ଦେଉଳତରା ଓ ସିହୋପଡା ଆଦି ଅଞ୍ଚଳର ବହୁ ଏକର ଚାଷଜମି ବନ୍ୟା ପାଣିରେ ବୁଡିଯାଇଛି । ପଧାନପଡା ଗ୍ରାମରୁ ହାଇସ୍କୁଲକୁ ଯାଇଥିବା ରାସ୍ତାକୁ ବୈତରଣୀ ନଦୀର ବନ୍ୟା ପାଣି ମାଡି ଆସିଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଯାଇପାରୁ ନାହାନ୍ତି। ଏଠାରେ ପ୍ରବଳ ସ୍ରୋତରେ ପାଣି ଚାଲିଥିବାରୁ ଗ୍ରାମବାସୀ ଭୟଭୀତ ହୋଇ ପଡିଛନ୍ତି । ବୈତରଣୀର ଜଳସ୍ତର ବଢୁଥିବାରୁ ନିକଟରେ ଥିବା ହରିଜନ ବସ୍ତି ପ୍ରତି ବିପଦ ଆଶଙ୍କା ଦେଖାଦେଇଛି। ବନ୍ୟାଜଳରେ ହାଟସାହିରୁ ବଟରପଡା ଯାଇଥିବା ପ୍ରଧାନମନ୍ତ୍ରୀ ସଡ଼କ ବୁଡିଯାଇଛି। ଏହି ସଡ଼କରେ ୫ଟି ଘାଇ ସୃଷ୍ଟି ହୋଇଛି। ଏହାପୂର୍ବରୁ ବାଦଲଫଟା ବର୍ଷା ଯୋଗୁ ଚରପଡା -ହାଟସାହି ଜଳସେଚନ ବନ୍ଧର କଦଳାଘାଇ ନିକଟରେ ପିରୁ ଦବିଯାଇଥିଲା। ଫଳରେ ଏଠାରେ ମଧ ଘାଇ ସୃଷ୍ଟି ହେବାର ଆଶଙ୍କା ରହିଛି । ଏଠାରେ ଘାଇ ହେଲେ ଅବସ୍ଥା ଅସମ୍ଭାଳ ହୋଇ ପଡିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏନେଇ ଅବଦୁଲପୁର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ସାରଙ୍ଗଧର ସାହୁ ବିଭାଗୀୟ କନିଷ୍ଠଯନ୍ତ୍ରୀ ଓ ଆଳି ତଟବନ୍ଧ ଡିଭିଜନର ସହକାରୀ ନିର୍ବାହୀଯନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି । ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଏନେଇ ଆବଶ୍ୟକ ପଦକ୍ଷେପ ନେବେ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ସେହିପରି ହଲୁପଡା ଚିନ୍ତାଶୀଳ ନାଳ ବାଟେ ବୈତରଣୀର ବନ୍ୟା ଜଳ ପ୍ରବେଶ କରି ଅନେକ ଅଞ୍ଚଳ ଜଳମଗ୍ନ କରିଦେଇଛି । ଜଳସ୍ତର ବୃଦ୍ଧି ପାଉଥିବାରୁ ବେଙ୍ଗା ନଦୀକୂଳରେ ଥିବା ଦଳିତ ବସ୍ତି ପ୍ରତି ମଧ ବିପଦ ଆଶଙ୍କା ଦେଖାଦେଇଛି । ଏନେଇ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



ବନ୍ୟାଜଳ ମାଡିଯିବାରୁ ବହୁ ଏକର ଚାଷଜମି ଜଳମଗ୍ନ ହୋଇଛି।

■ ଉନ୍ନୟନ କାର୍ଯ୍ୟରେ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ଅସହଯୋଗ

# ପ୍ରତିବାଦରେ ସରପଞ୍ଚ ସଂଘର ଧାରଣା

**ପଟ୍ଟାମୁଣ୍ଡାଇ, ୩।୯ (ସ୍ୱ.ପ୍ର.)**

ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ଲକ ପ୍ରଶାସନିକ ଅଧିକାରୀମାନେ ଲୋକପ୍ରତିନିଧିମାନଙ୍କୁ ସହଯୋଗ କରୁ ନାହାନ୍ତି। ଫଳରେ ଲୋକମାନେ ସୁଫଳ ପାଇପାରୁ ନଥିବା ନେଇ ପୂର୍ବରୁ ବିଡ଼ିଓଙ୍କୁ ସରପଞ୍ଚମାନେ ଅବଗତ କରାଇଥିଲେ। ମାତ୍ର ଏଥିରେ କୌଣସି ପରିବର୍ତ୍ତନ ନ ହେବାରୁ ଏହାର ପ୍ରତିବାଦରେ ସରପଞ୍ଚ ସଂଘ ପକ୍ଷରୁ ସୋମବାର ପୂର୍ବାହ୍ନ ୧୦ଟା ବେଳେ ପଟ୍ଟାମୁଣ୍ଡାଇ ବ୍ଲକ ଆଗରେ ଧାରଣା ଦେଇଥିଲେ। ସଂଘ ସଭାପତି ପ୍ରଭାତ ରଞ୍ଜନ ପ୍ରଧାନ, କୁଳମଣି ମଲିକ, ବିଜୟ ରାଉତ, ରମେଶ ଦାସ, ରବୀନ୍ଦ୍ର ବେହେରା, ଲକ୍ଷ୍ମୀପ୍ରିୟା ଜେନା, ରଶ୍ମିତା ପ୍ରଧାନ, ସୁଜାତା ପ୍ରଧାନ, ପ୍ରଭାତ ସେଠୀ, ପୁଷ୍ପାଞ୍ଜଳି ସେଠୀ, ସ୍ୱେତଲୀନା ପରିଡ଼ା, ବିରଞ୍ଚିନାରାୟଣ ଦାଶ, ପ୍ରିୟଦର୍ଶିନୀ ତରାଇ, ବବିତା ଦାସ ପ୍ରମୁଖ ଧାରଣାରେ ବସିଥିଲେ। ଖବରପାଇ ବିଡିଓ ପବିତ୍ର ମୋହନ କାନୁନଗୋ ଧାରଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ତେବେ ସରପଞ୍ଚମାନଙ୍କ ସମସ୍ତ କାର୍ଯ୍ୟକୁ ବ୍ଲକର ସମସ୍ତ ବିଭାଗୀୟ କର୍ମଚାରୀମାନେ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବେ ବୋଲି ବିଡିଓ କାନୁନଗୋ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଧାରଣାରତ ସରପଞ୍ଚମାନଙ୍କ ସହ ବିଡିଓ ଆଲୋଚନା କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଉଡ଼ ଘରର ଝୋଟି**
**କାଲି ଆସିଛି ବୋହୂ ପିଲାଟି**
**ଅଢ଼େଇ ଆଙ୍ଗୁଳି ଚୁଟି ।**

ସମୟ ସହ ତାଳ ଦେଇ ସବୁକିଛି ବଦଳି ଯାଇଥାଏ। ଯୁଗ ବଦଳିବା ସହ ମଣିଷର ବେଶ ପୋଷାକ ତଥା ଚାଲିଚଳନରେ ଅନେକ ପରିବର୍ତ୍ତନ ଘଟୁଥିବାର ଲକ୍ଷ୍ୟ କରାଯାଇଥାଏ। ଏପରି ସ୍ଥିତିରେ ଆଧୁନିକତାର ଦୁହାଇ ଦେଇ ଛୋଟ ଚୁଟି ରଖିଥିବା ନୂଆ ବୋହୂ ପ୍ରତି ପାଖ ପଡ଼ିଶା ମହିଳାଙ୍କ ଟୀକାଟିପ୍ପଣୀ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗହ୍ମାରି**
**ବୁଢ଼ା କୋଉ ମଣିଷରେ ସୁମାରି ।**

ସାଧାରଣତଃ ବୃଦ୍ଧ ବ୍ୟକ୍ତିମାନେ ନିଜକୁ ସର୍ବଦା ଅସହାୟ ମନେ କରିଥାନ୍ତି। ବୟସ ଅତିକ୍ରାନ୍ତ ହୋଇଗଲେ ସେମାନେ ନିଜ ଶକ୍ତି ଓ ସାମର୍ଥ୍ୟ ଉପରୁ ଆସ୍ଥା ବା ଭରସା ହରାଇ ବସିଥାନ୍ତି। ଏପରିସ୍ଥଳେ ବୃଦ୍ଧ ବ୍ୟକ୍ତିମାନଙ୍କୁ ଅନୁପଯୁକ୍ତ ମନେକରି ତାଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଜନଶୁଣାଣି ଶିବିରରେ ୩୩୮ ଅଭିଯୋଗ

**କେନ୍ଦ୍ରାପଡ଼ା ଅଫିସ, ୩।୯**

ଜନସାଧାରଣଙ୍କ ଅଭିଯୋଗ ଶୁଣିବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୩୩୮ଟି ଅଭିଯୋଗ ଆସିଥିଲା। ଏଥିମଧ୍ୟରୁ ୩୨୨ ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ଅବଶିଷ୍ଟ ସାମୂହିକ ଥିଲା। ଜିଲାପାଳ ଦାଶରଥି ଶତପଥୀ ଓ ଏସ୍ପି ନୀତି ଶେଖରଙ୍କ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ, ଲାଇନ ଡିପାର୍ଟମେଣ୍ଟ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ସର୍ବାଧିକ ରାଶନକାର୍ଡରେ ଅନିୟମିତତା ଥିବା ଦର୍ଶାଇ ଥିଲେ। ସେହିପରି ପାନୀୟ ଜଳ ସମସ୍ୟା, ଜମି ଚିହ୍ନଟ, ରିଲିଫ ପାଣ୍ଠିରୁ ସହାୟତା, ଇନ୍ଦିରା ଆବାସ ଯୋଜନା, ଭତ୍ତା ଇତ୍ୟାଦି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ସୁଷମ ବଣ୍ଟନ ବ୍ୟବସ୍ଥା, ରାସ୍ତା ଜବରଦଖଲ ହଟାଇବା, ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଠକେଇ ଇତ୍ୟାଦି ଅଭିଯୋଗ ସାମୁହିକ ଭାବେ ହୋଇଥିଲା। ଅଭିଯୋଗଗୁଡିକ ମଧ୍ୟରୁ ବିଭିନ୍ନ କେତୋଟିର ସଙ୍ଗେସଙ୍ଗେ ସମାଧାନ ହୋଇଥିଲା। ଅବଶିଷ୍ଟ ଅଭିଯୋଗକୁ ଆସନ୍ତା ୧୦ଦିନ ମଧ୍ୟରେ ସମାଧାନ କରିବା ପାଇଁ ଜିଲାପାଳ ଶତପଥୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗକାରୀ।


# CLASSIFIED DISPLAY

ALL EDITION-B/W (Every Day) — For Booking Contact: 0674-2580385, 7894447131, 7894447148, 9437038266, 7894447166

**B.Ed** M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300 7682826301
BRAHAMPUR 7682826307 7377730723

ADMISSION OPEN 2018-20
**B.Ed.**
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar
8260277745/8260277746
Cuttack No-9937313739
Bhawanipatna: 7982328673
Jajpur/Kendrapara:9692222120
www.anuskagroup.com

SPOT ADMISSION
**B.Ed** CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
**Gold Cash**
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

9911436726, 9540938429

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ନ୍ୟୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

**FINANCE**
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

**BUSINESS**
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580 95578-79781

GET INSTANT CASH AGAINST GOLD
**Sell your GOLD more than market value.**
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

(Registration Free)
**Bhartiya Telecom Group**
(Govt. Approved)
ଦ୍ୱାରା ନିଜର ଖାଲି ଜାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ । ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକମାନଙ୍କ ପ୍ରତି ସାବଧାନ।
(କାମ ଆମର, ବିଶ୍ୱାସ ଆପଣଙ୍କର)
କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ
7052176168
8808619133

**ଫାଇନାନ୍ସ**
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ମାତ୍ର 1250ରେ (1-90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ 60% ରିହାତି, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ରାଶନକାର୍ଡ, ଆଧାରକାର୍ଡ, ସମସ୍ତ ଋଣ 48 ଘଣ୍ଟାରେ
Dhanlaxmi Finance
9045324642
7417158225

**SMS JOB**
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

**ଏବିଏସ୍ ଫାଇନାନ୍ସ**
ଦ୍ୱାରା ସମସ୍ତ ଭାରତରେ ଲୋନ୍ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।
ଭୁବନେଶ୍ୱର: 7290027868
କଟକ: 7590022879
ପୁରୀ: 7290027864
ଅନୁଗୁଳ: 7290022884
ଯାଜପୁର: 9870548741
ବାଲେଶ୍ୱର: 9870548676
ଗଞ୍ଜାମ: 9870548744

!! ଋଣ ଋଣ ଋଣ !!
**ମହାରାଷ୍ଟ୍ର ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339

**ସୁବର୍ଣ୍ଣ ସୁଯୋଗ**
କଣ ଆପଣ ବେରୋଜଗାର ଅଛନ୍ତି କି ?
ଆପଣଙ୍କର ଭବିଷ୍ୟତପାଇଁ କିଛି ଯୋଜନା ଅଛି କି ? ଏସବୁର ସମାଧାନପାଇଁ ଆମ Company ଠାରୁ କିଛି ସାହାଯ୍ୟ ନେଇ ଆତ୍ମନିର୍ଭରଶୀଳ ହୁଅନ୍ତୁ ।
ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ
7873395955

**LOAN**
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

**SMS JOBS DHAMAKA**
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

**ମହାବୀର ଫାଇନାନ୍ସ**
!! ବିନା ଗ୍ୟାରେଣ୍ଟର!!
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
8750418810
9355438810

**UNIVERSAL COMMUNICATION GROUP**
ଦ୍ୱାରା ନିଜ ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍‌ରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଓ ପାଆନ୍ତୁ 60 ଲକ୍ଷ ଅଗ୍ରିମ, ଭଡ଼ା 40,000 + ଅନ୍ୟାନ୍ୟ ସୁବିଧାସୁଯୋଗ ଏଗ୍ରିମେଣ୍ଟ ସହିତ ।
CALL NOW:
08570958738
08570958378

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
**ADARSH FINANCE**
Ram Nagar, Narnel, Haryana
7310635473
7310568831

**BARSHA FINANCE**
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ

**ଡେରାବିଶ, ୩।୯(ସ୍ୱ.ପ୍ର.):** ଡେରାବିଶ ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ହୋଇଥିବା ନେଇ ସମ୍ପୃକ୍ତା ନାବାଳିକା ରବିବାର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ୧୨୨/୧୮ ନଂ.ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଅଭିଯୁକ୍ତ ଦେବାଶିଷ ବରାଳ (୧୯)ଙ୍କୁ ଗିରଫ କରିଛି। ଅଭିଯୋଗ ମୁତାବକ, ନାବାଳିକା ଜଣକ ଘର ପଛ ପଟେ ଥିବା ଏକ ନଳକୂପକୁ ପାଣି ଆଣିବାକୁ ଯାଇଥିବା ବେଳେ ଦେବାଶିଷ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ତେବେ ନାବାଳିକାଙ୍କ ପାଟି ଶୁଣି ପରିବାର ଲୋକେ ସେଠାରେ ପହଞ୍ଚି ତାଙ୍କୁ କାବୁ କରିଥିଲେ ହେଁ ସେ ଖସି ପଳାଇଥିଲେ। ଏହାପରେ ପରିବାର ଲୋକେ ଦେବାଶିଷଙ୍କ ଘରକୁ ଯାଇ କହିବାରୁ ସେମାନେ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ନାବାଳିକା ଜଣକ ସ୍କୁଲ ଯିବା ସମୟରେ ମଧ ବହୁଥର ସମ୍ପୃକ୍ତ ଅଭିଯୁକ୍ତ ତାଙ୍କୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରୁଥିବା ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଘଟଣାରେ ଅଭିଯୁକ୍ତ ଦେବାଶିଷଙ୍କୁ କୋର୍ଟ ଚାଲାଣ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି।

### ବିଳମ୍ବିତ ରାତିରେ ଘରୁ ସୁନା,ଟଙ୍କା ଲୁଟ୍

**ମହାକାଳପଡା,୩।୯(ଡି.ଏନ୍.ଏ.):** ମହାକାଳପଡା ବ୍ଲକ ଦେଉଳତରା ପଞ୍ଚାୟତ ଅନ୍ତର୍ଗତ ଚଣ୍ଡିଆପଲ୍ଲୀ ଗ୍ରାମର କୈଳାସ ବାରିକଙ୍କ ଘରୁ ରବିବାର ବିଳମ୍ବିତ ରାତିରେ ନଗଦ ଟଙ୍କା ଓ ସୁନା ଅଳଙ୍କାର ଲୁଟ୍ ହୋଇଛି। ଏନେଇ କୈଳାସଙ୍କ ସ୍ତ୍ରୀ କବିତା ବାରିକ ସୋମବାର ମହାକାଳପଡା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ମହାକାଳପଡା ପୋଲିସ ମାମଲା (ନଂ-୫/୧୮)ରୁଜୁ କରିଛି। ପୋଲିସ ପକ୍ଷରୁ ସନ୍ଧାନୀ କୁକୁର ଅଣାଯାଇ ଗ୍ରାମର ବିଭିନ୍ନ ସ୍ଥାନରେ ତଦନ୍ତ କରାଯାଇଛି।

### ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଆବେଦନର ସମୟସୀମା ଶେଷ

**ପାଟକୁରା, ୩।୯(ଡି.ଏନ୍.ଏ.):** ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଆବେଦନର ଶେଷ ତାରିଖ ସୋମବାର ଶେଷ ହୋଇଛି। ଏହି ଯୋଜନାରେ ଗରଦପୁର ବ୍ଲକରୁ ୨୩୦୦ ହିତାଧିକାରୀ ଆବେଦନ କରିଛନ୍ତି। ଏହି ଆବେଦନପତ୍ରଗୁଡ଼ିକୁ ଯାଞ୍ଚ କରାଯିବା ପରେ ଯୋଗ୍ୟ ହିତାଧିକାରୀଙ୍କୁ ଖାଉଟି କାର୍ଡ ପ୍ରଦାନ କରାଯିବ ବୋଲି ବ୍ଲକ ଯୋଗାଣ ନିରୀକ୍ଷକ ପ୍ରଦୀପ୍ତ କୁମାର ଭଞ୍ଜ ସୂଚନା ଦେଇଛନ୍ତି।

### ଜନ୍ମାଷ୍ଟମୀ ପାଇଁ ପଟ୍ଟାମୁଣ୍ଡାଇ ଉତ୍ସବମୁଖର

**ପଟ୍ଟାମୁଣ୍ଡାଇ, ୩।୯ (ସ୍ୱ.ପ୍ର.):** ଶ୍ରୀକୃଷ୍ଣ ଜନ୍ମୋତ୍ସବ ଉପଲକ୍ଷେ ୨ ଦିନ ଧରି ପଟ୍ଟାମୁଣ୍ଡାଇ ଅଞ୍ଚଳ ଉତ୍ସବମୁଖର ହୋଇଛି। ରବିବାର ଗୃହସ୍ଥମାନେ ହରିଜନ୍ମ ବ୍ରତ ପାଳନ କରିଥିବା ବେଳେ ସୋମବାର ବିଭିନ୍ନ ମଠମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହେଉଛି। ରବିବାର ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ମୂଳବସନ୍ତସ୍ଥିତ ଇସ୍କନ ମଠରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ ପାଳିତ ହୋଇଥିଲା। ସେହିପରି ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରର ପିଲାମାନେ କୃଷ୍ଣ ବେଶରେ ସଜ୍ଜିତ ହୋଇ ଜନ୍ମାଷ୍ଟମୀପାଳନ କରିଥିଲେ।

### ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳିତ

**ମାର୍ଶାଘାଇ, ୩।୯ (ଡି.ଏନ୍.ଏ.):** ମାର୍ଶାଘାଇ ଥାନା ଜୟଚନ୍ଦ୍ରପୁର ପଞ୍ଚାୟତ ସାନଗାଁ ବଜ୍ରମହାକାଳୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଥାନ ସଫେଇ କରିଥିଲେ। ଏଥିସହ ଆଖପାଖ ଗ୍ରାମରେ ଶୋଭାଯାତ୍ରା ଯାଇ ଡେଙ୍ଗୁ, ମ୍ୟାଲେରିଆ, ଡ଼ାଇରିଆ ଉପରେ ଲୋକମାନଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ଦାସ କହିଛନ୍ତି। ଶିକ୍ଷକ କୋକିଳ ନାୟକ, ଶିକ୍ଷୟତ୍ରୀ ପ୍ରଭାତୀ ସ୍ୱାଇଁ, ମିନାକ୍ଷୀ ବେହେରା, ଝୁନିବାଳା ବେହେରା ଓ ସନ୍ଧ୍ୟାରାଣୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ସୁନାମିକୁ ସାମ୍‌ନା କରିବାକୁ ସାହସ ଦିଏ ମକ୍‌ଡ୍ରିଲ

# ସେପ୍ଟେମ୍ବର ୫ରେ ସୁନାମି ମକ୍‌ଡ୍ରିଲ

**କେନ୍ଦ୍ରାପଡ଼ା ଅଫିସ, ୩।୯**

ସମୁଦ୍ର ତଟବାସୀଙ୍କ ପାଇଁ ସୁନାମି ଏକ ଆତଙ୍କ । ସମୁଦ୍ରରେ ସୁନାମି ଆସିଲେ ଏହି ଅଞ୍ଚଳରେ ବହୁ ଧନଜୀବନ ନଷ୍ଟ ହେବାର ଆଶଙ୍କା ରହିଥାଏ। ଏଥିରୁ ରକ୍ଷା ପାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ପକ୍ଷରୁ ମକ୍‌ଡ୍ରିଲ ପରିଚାଳିତ ହେଉଛି । ଏହି ମକ୍‌ଡ୍ରିଲ ସୁନାମିକୁ ସାମ୍‌ନା କରିବାକୁ ସାହସ ଯୋଗାଇଥାଏ। ରାଜ୍ୟର ୧୬ ଜିଲାକୁ ସୁନାମୀପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ତନ୍ମଧ୍ୟରେ କେନ୍ଦ୍ରାପଡାର ନାମ ରହିଛି। ଜିଲାର ଉପାନ୍ତରେ ପ୍ରାୟ ୪୮ କିଲୋମିଟର ଲମ୍ବ ପର୍ଯ୍ୟନ୍ତ ସମୁଦ୍ର ତଟ ରହିଛି। ଫଳରେ ସୁନାମି ଆସିଲେ କେନ୍ଦ୍ରାପଡା ଜିଲାର ଚିହ୍ନଟ ୬୪ ଗ୍ରାମ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ୧୯୯୯ରେ ବାତ୍ୟା ଓ ସୁନାମୀ ପ୍ରଭାବରେ ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଏହାକୁ ଦୃଷ୍ଟିରେ ରଖି ବର୍ଷର ବିଭିନ୍ନ ସମୟରେ ଜିଲାରେ ସୁନାମି ସମ୍ପର୍କିତ ମକ୍‌ଡ୍ରିଲ ପରିଚାଳିତ ହେଉଛି। ଜିଲାରେ ଆସନ୍ତା ବୁଧବାର ଏହି ମକ୍‌ଡ୍ରିଲ ଅନୁଷ୍ଠିତ ହେବ। ଏଥିପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦାଶରଥି ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମକ୍‌ଡ୍ରିଲ ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା।

### ପ୍ରବାହର କାରଣ

ସାଧାରଣତଃ ସମୁଦ୍ର ମଧ୍ୟରେ ଭୂମିକମ୍ପ, ଭୂସ୍ଖଳନ ହେଲେ ଅବା ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବିରାଟ ଆକାର ବାହ୍ୟ ସାମଗ୍ରୀର ପତନ ହେଲେ ସୁନାମି ଆସିବାର ସମ୍ଭାବନା ରହିଥାଏ। ଏହା ତୀବ୍ରଗତିରେ ଉପକୂଳ ଅଞ୍ଚଳରେ ପ୍ରଭାବ ପକାଇଥାଏ। ସମୁଦ୍ର ଗର୍ଭରୁ ୫୦୦ କିଲୋମିଟର ଦୂରରେ ୮.୭ ରିକ୍ଟର ସ୍କେଲର ଭୂମିକମ୍ପ ହେଲେ ମଧ ତଟବର୍ତ୍ତୀ ଅଞ୍ଚଳରେ ଏକ ଘଣ୍ଟା ମଧ୍ୟରେ ଏହାର ପ୍ରଭାବ ପଡିଥାଏ। ଏହି ସମୟରେ ୧ରୁ ୧୦ ମିଟର ପର୍ଯ୍ୟନ୍ତ ବିକ୍ଷିପ୍ତ ଲହଡ଼ି ତଟବର୍ତ୍ତୀ ଅଞ୍ଚଳରେ ବ୍ୟାପକ କ୍ଷତୟତି ଘଟାଇଥାଏ। ଏହାଛଡା ସାମୁଦ୍ରିକ ଝଡ ଆସିଲେ ମଧ ସୁନାମି ଆସିବାର ଆଶଙ୍କା ରହିଥାଏ।

### ଭୟାବହତା

ସମୁଦ୍ର ଲହଡ଼ି ତଟବର୍ତ୍ତୀ ଅଞ୍ଚଳକୁ ବିକ୍ଷିପ୍ତ ଭାବେ ଆସିଲେ ସେହି ସମୟରେ ଏହାର ବେଗ ଆକଳନ କରିବା ସମ୍ଭବ ହୋଇ ନ ଥାଏ। ଫଳରେ ତଟବର୍ତ୍ତୀ ଅଞ୍ଚଳରେ ସମୁଦ୍ରର ଲୁଣିଜଳ ପଶି ବ୍ୟାପକ କ୍ଷୟକ୍ଷତି ଘଟଇଥାଏ। ସମୁଦ୍ର ତଟବର୍ତ୍ତୀ ଚାଷଜମିଗୁଡିକ କ୍ଷତିଗ୍ରସ୍ତ ହୋଇଥାଏ। ଏଥିସହିତ ଗମନାଗମନ, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଥାଏ । ତୁରନ୍ତ ପୀଡ଼ିତ ଲୋକଙ୍କୁ ସାହାଯ୍ୟ ଓ ସହଯୋଗ ନ ମିଳିଲେ କ୍ଷତିର ପରିମାଣ ବହୁଗୁଣିତ ହୋଇଥାଏ ।

### ଜିଲାବାସୀଙ୍କ ସୁନାମି ଅନୁଭୂତି

୧୯୯୯ ମସିହା ମହାବାତ୍ୟା ସମୟରେ ଜିଲାବାସୀଙ୍କ ପାଇଁ ସୁନାମିର ଅନୁଭୂତି ଆଣିଦେଇଥିଲା। ବାତ୍ୟା ପ୍ରଭାବରେ ସମୁଦ୍ରରୁ ଜୁଆର ଉଠି ଜିଲାର ବହୁ ଅଞ୍ଚଳରେ ପ୍ରବେଶ କରିଥିଲା। ଏହି ସମୁଦ୍ର ଜୁଆର ଯୋଗୁ ଜଗତସିଂହପୁର, କେନ୍ଦ୍ରାପଡା ଜିଲାର ପ୍ରାୟ ୧୦ହଜାର ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ବହୁ ଗୋଧନ ଓ ସମ୍ପତ୍ତି ନଷ୍ଟ ହୋଇଥିଲା । ଏହାର ପ୍ରଭାବରେ ରାଜନଗର ବ୍ଲକର ମହନୀପୁର, ଯଦୁପୁର ଗ୍ରାମ ଏବେ ନିଶ୍ଚିହ୍ନ ହୋଇଯାଇଛି।

### ବିପର୍ଯ୍ୟୟ ପ୍ରଶମନ ବ୍ୟବସ୍ଥା

ଗତ ୨୦୦୨ରୁ ୨୦୦୮ ମଧ୍ୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ଏନେଇ ତଥ୍ୟ ସଂଗ୍ରହ ହୋଇଥିଲା । ରାଜ୍ୟର ସୁନାମିପ୍ରବଣ ଜିଲାଗୁଡିକୁ ଚିହ୍ନଟ କରାଯାଇଛି। ସେଠାରେ କେନ୍ଦ୍ର ସରକାରଙ୍କ ଗୃହ ବିଭାଗ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ପ୍ରତିବର୍ଷ କର୍ମଶାଳା କରାଯାଇ ଲୋକଙ୍କୁ ସଚେତନ କରାଯାଉଛି। ଜିଲାର ୨୦ଟି ସ୍ଥାନରେ ସୁନାମି ସାଇରନ ଆଲର୍ଟ କେନ୍ଦ୍ର ସ୍ଥାପନ କରାଯାଇଛି। ସମୁଦ୍ର ତଟରେ ହେନ୍ତାଳ ବଣ ସୃଷ୍ଟି ଓ ଆଶ୍ରୟସ୍ଥଳ ନିର୍ମାଣ କରାଯାଇଛି। ଉଦ୍ଧାର କାର୍ଯ୍ୟ ପାଇଁ ତାଲିମ ଦିଆଯାଉଛି।

### ଜିଲାର ସୁନାମିପ୍ରବଣ ଚିହ୍ନଟ ଗ୍ରାମ

ଜିଲାରେ ସମୁଦ୍ରକୂଳର ଦେଢ଼ କିଲୋମିଟର ମଧ୍ୟରେ ଥିବା ଗ୍ରାମଗୁଡିକରେ ସୁନାମି ଆସିବାର ଆଶଙ୍କା ରହିଛି। ଏଥିଲାଗି ଓସ୍‌ଡମା ପକ୍ଷରୁ ଜିଲାର ସମୁଦ୍ର ତଟବର୍ତ୍ତୀ ମହାକାଳପଡା ଓ ରାଜନଗର ବ୍ଲକର ୬୪ ଗ୍ରାମକୁ ସୁନାମିପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି । ସେଥିରୁ ମହାକାଳପଡା ବ୍ଲକର ୧୮ଟି ଓ ରାଜନଗର ବ୍ଲକର ୪୬ ଗ୍ରାମ ଚିହ୍ନଟ କରାଯାଇ ସଚେତନତା ସୃଷ୍ଟି କରାଯାଉଛି।

## ସମିତିସଭ୍ୟଙ୍କୁ ଆକ୍ରମଣ ଘଟଣା, ତଦନ୍ତ କଲେ ଏସ୍‌ଡିପିଓ

**ଡେରାବିଶ,୩।୯ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ସମିତିସଭ୍ୟ ମାନସ ଯେନାଙ୍କୁ ମାଡ଼ ମାରିବା ଘଟଣାରେ ସୋମବାର କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା ତଦନ୍ତ କରିଛନ୍ତି। କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ କେତେଜଣ ଲୋକଙ୍କୁ ଏ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ସୂଚନାଥାଉ କି, ଗତ ୧ ତାରିଖରେ ପଲେଇ ଗ୍ରାମର ରମାକାନ୍ତ ପରିଡ଼ା ଓ ତାଙ୍କ ଭାଇ ଅମୀୟ ପରିଡ଼ା ସମିତିସଭ୍ୟ ଯେନାଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏ ନେଇ ସମିତିସଭ୍ୟ ଯେନା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ୧୨୦/୧୮ ନଂ.ରେ ଏକ ମାମଲା ରୁଜୁ କରିବା ସହ ଥାନା ଅଧିକାରୀ ସୁଧୀର କୁମାର ସାହୁ ରବିବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

■ ବଡକୂଳ ପଞ୍ଚାୟତ ବାସଗୃହ ଅନୁଦାନ ହଡ଼ପ ଘଟଣା

# ଭିଜିଲାନ୍ସ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ

**କେନ୍ଦ୍ରାପଡ଼ା ଅଫିସ, ୩।୯**



ଭିଜିଲାନ୍ସ ଅଫିସ୍ ଆଗରେ ଓସା ସଦସ୍ୟଙ୍କ ଅନଶନ।

କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକ ବଡ଼କୂଳ ପଞ୍ଚାୟତର ୨୨ ବିପିଏଲ ହିତାଧିକାରୀଙ୍କ ଅଜାଣତରେ ସେମାନଙ୍କ ଇନ୍ଦିରାଆବାସ ଅର୍ଥରାଶିକୁ ହଡପ କରାଯାଇଛି। ଏଥିସହ ଏହି ପଞ୍ଚାୟତର ଜଣେ ବ୍ୟକ୍ତିଙ୍କ ନାମରେ ଏକାଧିକ ଇନ୍ଦିରା ଆବାସ ଗୃହ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବିରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା)ର କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଗରାପୁରସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଗଣଧାରଣା ସହ ଅନଶନ ଦିଆଯାଇଥିଲା। ତେବେ ଆସନ୍ତା ୧୫ ଦିନ ମଧ୍ୟରେ ଏହାର ତଦନ୍ତ ହେବ ବୋଲି ବିଭାଗୀୟ ଡିଏସପି ସୁରେନ୍ଦ୍ର ନାଥ ରାୟଗୁରୁ ପ୍ରତିଶ୍ରୁତି ଦେବା ପରେ ଏହା ବନ୍ଦ ହୋଇଛି। ଏ ସମ୍ପର୍କରେ ଧାରଣାରତ ଓସାର ଜିଲା ଆବାହକ ରଞ୍ଜନ କୁମାର ଦାସ କୁହନ୍ତି ଯେ, ଉକ୍ତ ପଞ୍ଚାୟତର ବାସଗୃହ ଯୋଜନାରେ ବ୍ୟାପକ ଜାଲିଆତି ହୋଇଛି। ପ୍ରମୋଦ କୁମାର ଲେଙ୍କା, ସୁରଥ ଓଝା ଓ ସୁରେନ୍ଦ୍ର ସାହୁ ବିପିଏଲ ତାଲିକାଭୁକ୍ତ। ଏମାନେ ବାସଗୃହ ଯୋଜନାରେ ସାମିଲ ପାଇଁ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ନିକଟକୁ ଯିବା ପରେ ତାଙ୍କ ନାମରେ କେହି ଚଞ୍ଚକତା କରି ଅନୁଦାନ ଅର୍ଥ ହଡପ କରିଥିବା ଜଣାପଡିଛି। ଅନ୍ୟତମ ସଦସ୍ୟ ପ୍ରତାପ କୁମାର ମହାନ୍ତି ପ୍ରକାଶ କରିଛନ୍ତି ଯେ, ଡିଆର୍‌ଡିଏ, ପଞ୍ଚାୟତ ସମିତି ଓ ପଞ୍ଚାୟତ କାର୍ଯ୍ୟାଳୟରୁ ୨୦୧୪-୧୫ ଆର୍ଥିକ ବର୍ଷର ବାସଗୃହ ଯୋଜନାର ହିତାଧିକାରୀ ଓ ଏହାର ବିବରଣୀ ମଗାଯାଇଥିଲା। ମାତ୍ର ଉଭୟ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟରେ ତଫାତ ରହିଛି। ଅପରପକ୍ଷରେ ଏହି ପଞ୍ଚାୟତର ୪ ଜଣ ବ୍ୟକ୍ତି ଏକାଧିକ ବାସଗୃହ ହାତେଇଛନ୍ତି ବୋଲି ଓସା ସଦସ୍ୟ ରାୟ ପ୍ରକାଶ କରିଛନ୍ତି। ଏହି ଗଣଧାରଣା ଓ ଅନଶନରେ ଜିଲା ପରିଷଦ ସଭ୍ୟ ଦେବବ୍ରତ ଚୌଧୁରୀ, ହଳଧର ସେଠୀ, ଅମରବର ବିଶ୍ୱାଳ, ପ୍ରମୋଦ ସ୍ୱାଇଁ, ପ୍ରତାପ ତ୍ରିପାଠୀ ପ୍ରମୁଖଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସାମିଲ ହୋଇଥିଲେ।

## ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ

**ଡେରାବିଶ, ୩।୯ (ସ୍ୱ.ପ୍ର.)**

କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ ଫାଣ୍ଡି ନିକଟରେ ଓଡ଼ିଶା ଜନସେବା ସଂଗଠନ ଆନୁକୂଲ୍ୟରେ ସୋମବାର ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ସଦର ଥାନା ସହଯୋଗରେ ସଂଗଠନର ରାଜ୍ୟ ସଭାପତି ଶୋଭନ ଆଚାର୍ଯ୍ୟ, ରାଜ୍ୟ ସମ୍ପାଦକ ବିଭୁପ୍ରସାଦ ପ୍ରଧାନ, ଜିଲା ସଭାପତି ରଜତ ମହାନ୍ତି, ଯୁବ ସଭାପତି ବିଶ୍ୱଭୂଷଣ ମହାପାତ୍ର, ସାମାଜିକ କର୍ମୀ ଦିଲ୍ଲୀପ ମହାନ୍ତି, ଶିବାଶିଷ ମହାନ୍ତି, ମତୃଦତ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବାଇକ୍ ଆରୋହୀଙ୍କୁ ହେଲମେଟ୍ ପିନ୍ଧିବା, ଦ୍ରୁତ ଗତିରେ ଗାଡ଼ି ନ ଚଳାଇବା, ନିଶାସେବନ କରି ଗାଡ଼ି ନ ଚଳାଇବା ଓ ଡ୍ରାଇଭିଂ କଲାବେଳେ ମୋବାଇଲ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଥିଲେ। ସଂଗଠନ ସଦସ୍ୟ ବିଶ୍ୱଜିତ୍ ଦାଶ, ପ୍ରକାଶ ନାୟକ, ରାକେଶ ମହାନ୍ତି, ପରେଶ ବଳ, ପ୍ରଫୁଲ୍ଲ ମଲ୍ଲ ପ୍ରମୁଖ କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ତରାଣ୍ଡୋ ଆଦର୍ଶ ବିଦ୍ୟାଳୟ

# ରାସ୍ତାରେ ପାଣି: ପାଠପଢ଼ା ବାଧାପ୍ରାପ୍ତ


ଆଦର୍ଶ ବିଦ୍ୟାଳୟ ଆଗରେ ଜମି ଥିବା ପାଣିରେ ପଶି ଲୋକମାନେ ଯାଉଛନ୍ତି।

**କେନ୍ଦ୍ରାପଡା ଅଫିସ, ୩।୯**

ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ଶିକ୍ଷାବର୍ଷଠାରୁ କେନ୍ଦ୍ରାପଡା ବ୍ଲକ ତରାଣ୍ଡୋଠାରେ ଆରମ୍ଭ ହୋଇଥିବା ଆଦର୍ଶ ବିଦ୍ୟାଳୟର ଅବ୍ୟବସ୍ଥା ଅଦ୍ୟାବଧି ସୁଧୁରି ନାହିଁ। ଏହି ବିଦ୍ୟାଳୟ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମିଥିବାରୁ ବିଦ୍ୟାଳୟକୁ ଛାତ୍ରୀଛାତ୍ରମାନେ ଯାଉ ନଥିବାରୁ ସୋମବାର ସ୍କୁଲରେ ପାଠପଢ଼ା ବନ୍ଦ ହୋଇଛି। ଏ ସମ୍ପର୍କରେ ଅଭିଭାବକ ହରେକୃଷ୍ଣ ବେହେରା, ଶରତ ଚନ୍ଦ୍ର ସ୍ୱାଇଁ, ଭବାନୀ ଶଙ୍କର ଓଝା ପ୍ରମୁଖ କହିଛନ୍ତି, ଭିତ୍ତିଭୂମି ଅଭାବରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଅବ୍ୟବସ୍ଥା ଲାଗିରହିଛି। ଏ ସମ୍ପର୍କରେ ଜିଲା ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରା ଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ । ଶିକ୍ଷକ ଅଭାବ ସହ ଅଦ୍ୟାବଧି ଶ୍ରେଣୀଗୃହ ନିର୍ମାଣ ସରିନାହିଁ। ସେହିପରି ରାସ୍ତାକାମ ହୋଇ ନଥିବାରୁ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। ଫଳରେ ଅଭିଭାବକମାନେ ପିଲାଙ୍କୁ ସ୍କୁଲକୁ ଛାଡୁନାହାନ୍ତି। ଏ ନେଇ ଉଚ୍ଚ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସେମାନେ ନିବେଦନ କରିଛନ୍ତି।

# 'ଶିଳ୍ପ ବିପ୍ଳବ' ବିଜ୍ଞାନ ଆଲୋଚନାଚକ୍ର

**ରାଜକନିକା, ୩।୯ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅଧୀନ ଦେଉଳତରା ଲକ୍ଷ୍ମୀନାରାୟଣ ନୋଡାଲ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ବ୍ଲକ ଅଧୀନ ୧୯ ହାଇସ୍କୁଲର ଛାତ୍ରୀଛାତ୍ରୀମାନେ ଯୋଗଦେଇ 'ଶିଳ୍ପ ବିପ୍ଳବ' ଉପରେ ଆଲୋଚନା କରିଥିଲେ। ଏଥିରେ ରାଜକନିକା ଆର୍.ଏନ୍. ହାଇସ୍କୁଲର ଛାତ୍ରୀ ସାଇସିପ୍ରା ଦାସ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ଆଲୋଚନା ଚକ୍ରରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନ ଶିକ୍ଷକ ନରେଶ ଚନ୍ଦ୍ର ବଳ ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ରାପଡା ଜିଲା ଇକୋ କ୍ଲବର ମାଷ୍ଟର ଟ୍ରେନର ସୁବାସ ଚନ୍ଦ୍ର ରାଉତ ମୁଖ୍ୟଅତିଥି ଓ ଶିବରାମ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅଧ୍ୟାପକ ଶିଶିର କୁମାର ପତି, ରତିକାନ୍ତ ଲେଙ୍କା ଓ ଅନିଲ କୁମାର ବେହେରା ଯୋଗଦେଇଥିଲେ।

# କଳାବ୍ୟାଜ୍ ପିନ୍ଧିଲେ କୃଷି ବିଜ୍ଞାନ କେନ୍ଦ୍ର କର୍ମଚାରୀ

**କେନ୍ଦ୍ରାପଡା ଅଫିସ, ୩।୯**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ କେନ୍ଦ୍ରପଡ଼ା ବ୍ଲକ ଜଜାଙ୍ଗସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର (କେବିକେ)ର ସମସ୍ତ କର୍ମଚାରୀ ସୋମବାର କଳାବ୍ୟାଜ୍ ପରିଧାନ କରିଛନ୍ତି। ଏହି ପ୍ରତୀକାତ୍ମକ ଆନ୍ଦୋଳନ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କୃଷି ବିଜ୍ଞାନ କେନ୍ଦ୍ର କର୍ମଚାରୀ ପ୍ରଭାତ କୁମାର ସାହୁ ସୂଚନା ଦେଇଛନ୍ତି । ସେ ପ୍ରକାଶ କରିଛନ୍ତି ଯେ, ରାଜ୍ୟରେ ଥିବା ବିଭିନ୍ନ କୃଷି ବିଜ୍ଞାନ କେନ୍ଦ୍ର ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। କର୍ମଚାରୀଙ୍କ ଚାକିରିରେ ସ୍ଥାୟିତ୍ୱ, ଆରଏସିପି, ସିଏସିପି, ସିଏଏସ, ଜାତୀୟ ପେନସନ ଯୋଜନା, ସାମାଜିକ ସୁରକ୍ଷା, ସମାନ କାମକୁ ସମାନ ଦରମା ଆଦି ଠିକ ଢ଼ଙ୍ଗରେ କାର୍ଯ୍ୟ କରୁନାହିଁ। ଏ ସମ୍ପର୍କରେ ଓଡ଼ିଶା କର୍ମଚାରୀ ମହାମଞ୍ଚ ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆଣିସାରିଛି। ଏହାର ସୁଫଳ ନ ମିଳିବାରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଛି। କର୍ମଚାରୀ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଆନ୍ଦୋଳନରେ କିଶୋର ଚନ୍ଦ୍ର ଦାସ, ଅନିରୁଦ୍ଧ ଗୋଚ୍ଛାୟତ, ରାଜେଶ କୁମାର ବେହେରା, କୃଷ୍ଣଚନ୍ଦ୍ର ଭୁଜବଳ, ବଂଶୀଧର ପରିଡ଼ା ପ୍ରମୁଖ ସାମିଲ ହୋଇଛନ୍ତି।

# ଜିଲା ବିଜେଡି ସଭାପତିଙ୍କ କୁଶପୁତ୍ତଳିକା ଦାହ


ପତ୍ରପୁର ସେତୁ ନିକଟରେ ଧ୍ରୁବ ସାହୁଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

**ଆଳି, ୩।୯ (ଡି.ଏନ୍.ଏ.)**

ରାଜନଗର ବ୍ଲକ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସମୀର ରଞ୍ଜନ ଜେନାଙ୍କୁ ଜିଲା ବିଜେଡ଼ି ସଭାପତି ଧ୍ରୁବ ସାହୁ ଓ ତାଙ୍କ ସମର୍ଥକମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ଜିଲା ବିଜେଡ଼ି ସଭାପତି ସାହୁଙ୍କ ଗିରଫ ଦାବି କରିଛି ଆଳି ଯୁବ କଂଗ୍ରେସ କମିଟି। ଏ ନେଇ କମିଟି ସଭାପତି ରାଜମୋହନ ସ୍ୱାଇଁଙ୍କ ନେତୃତ୍ୱରେ ସୋମବାର ଅପରାହ୍ନରେ ପତ୍ରପୁର ସେତୁ ନିକଟରେ ଜିଲା ବିଜେଡି ସଭାପତି ସାହୁଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏଥିରେ କେନ୍ଦ୍ରାପଡା ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ଜିଲା ଯୁବ କଂଗ୍ରେସର ଉପ ସଭାପତି ମିର୍ଜା ସାହାଜନ ବେଗ, ନକୁଳ ଚନ୍ଦ୍ର ପରିଡା, ବାବନ ରାଉତ, ଅଶ୍ୱିନୀ ପରିଡା, ଗୁରୁଦତ୍ତ ପରିଡା, ନୀହାର ରଞ୍ଜନ ପରିଡା, ଶୁଭମ୍ ପରିଡା, ପର୍ଶୁରାମ ମଲିକ, ସୋନା ସ୍ୱାଇଁ, ସଞ୍ଜୟ ନାୟକ, କୌସ୍ତୁଭ ପରିଡାଙ୍କ ସମେତ ଶତାଧିକ ଯୁବ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

■ ହାଜତରୁ ଫେରାର ଯୁବକଙ୍କ ମୃତ୍ୟୁ ଘଟଣା

# ଟଙ୍କା ଦେଇ ମାମଲା ଚପାଇବାକୁ ଷଡ଼ଯନ୍ତ୍ର

- ନିଲମ୍ବିତ ଆଇଆଇସିଙ୍କୁ ଗିରଫ ଦାବି କଲେ ମୃଷାଙ୍କ ସ୍ତ୍ରୀ
- କ୍ଷତିପୂରଣ ଟଙ୍କାର ହିସାବ ଦେଉନି ଜିଲା ପ୍ରଶାସନ
- ରାଜନେତାଙ୍କ ସମ୍ପୃକ୍ତି ଅଭିଯୋଗ ଆଣିଲେ ସୂଚନା ଅଧିକାର କର୍ମୀ

**କେନ୍ଦ୍ରାପଡ଼ା ଅଫିସ, ୩।୯**

ମହାକାଳପଡା ଥାନା ହାଜତରୁ ଫେରାର ଜନୈକ ଯୁବକ ଅବିନାଶ ପାଇଟାଳ ଓରଫ୍ ମୃଷାଙ୍କ ମୃତ୍ୟୁ ଘଟଣାକୁ ଇତିମଧ୍ୟରେ୧୦ ଦିନ ବିତିଛି। ମାର୍ଶାଘାଇ ଥାନା ଅଧୀନ ବାଲଣା ଗ୍ରାମସ୍ଥିତ ତାଙ୍କ ଘରେ ଶୋକାକୁଳ ପରିବେଶରେ ଗୁରୁବାର ମୃଷାଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟ ଚାଲିଥିବା ବେଳେ ନିଲମ୍ବିତ ଆଇଆଇସି ଶ୍ୟାମଘନ ବେହେରାଙ୍କ ଗିରଫ ଦାବି କରିଛନ୍ତି ସ୍ତ୍ରୀ ରୋଜାଲିନ୍ ଓ ମା' ବନିତା। ସେପଟେ ମୃଷାଙ୍କ ପରିବାରକୁ କ୍ଷତିପୂରଣ ବାବଦ ଦିଆଯାଇଥିବା ଟଙ୍କା ନଗଦ ଆକାରରେ ଦିଆଯାଇଥିବା ନେଇ କେତେଜଣ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ତେବେ ଟଙ୍କା ଦେଇ ମାମଲା ଦଫାରଫା କରିବାକୁ ଜିଲା ପୋଲିସର ବରିଷ୍ଠ ଅଧିକାରୀମାନେ ଷଡ଼ଯନ୍ତ୍ର ଚଳାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆସନ୍ତା ବୁଧବାର ଗ୍ରାମବାସୀ, ସାମାଜିକ କର୍ମୀ, ମାନାବାଧିକାର କର୍ମୀ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଏ ନେଇ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିବେ ବୋଲି ମୃଷାଙ୍କ ବଡ଼ ଭାଇ ସୁଶାନ୍ତ କହିଛନ୍ତି। ଅପରପକ୍ଷେ କ୍ଷତିପୂରଣ ବାବଦ ମୃଷାଙ୍କ ପରିବାରକୁ ଦିଆଯାଇଥିବା ୨ଲକ୍ଷ ୧୦ ହଜାର ଟଙ୍କା କେଉଁ ପାଣ୍ଠିରୁ ଦିଆଯାଇଛି, ସେ ସମ୍ପର୍କରେ ମଧ ଜିଲା ପ୍ରଶାସନିକ ଅଧିକାରୀମାନେ ସୂଚନା ନ ଦେବା ଘଟଣାକୁ ଅଧିକ ରହସ୍ୟାବୃତ କରିଛି। ଏ ସମ୍ପର୍କରେ ସୂଚନା ଆଇନ ଅଧିକାର କର୍ମୀ ରଞ୍ଜନ ଦାସ କୁହନ୍ତି ଯେ, ମୃଷାଙ୍କ ମୃତ୍ୟୁ ଖବର ଜଣାପଡିବା ବେଳେ ଗ୍ରାମବାସୀ ରାସ୍ତାରୋକୋ କରିଥଲେ। ପ୍ରଶାସନିକ ଅଧିକାରୀମାନେ ମୃଷାଙ୍କ ପରିବାରକୁ ଟଙ୍କା ଓ ତାଙ୍କ ସ୍ତ୍ରୀକୁ ହୋମଗାର୍ଡ ଚାକିରି ଦେବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ସଙ୍ଗେସଙ୍ଗେ ପୋଲିସ ପ୍ରଶାସନ ପକ୍ଷରୁ ୫୦ ହଜାର ଓ ରେଡକ୍ରସରୁ ୧୦ ହଜାର ମୋଟ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ତେବେ ସେହି ୬୦ ହଜାର ଟଙ୍କା ଜନୈକ ରାଜନେତାଙ୍କ ଇସାରାରେ ଜଣେ ଜିଲା ପରିଷଦ ସଭ୍ୟ ନିଜ କାରରୁ ଆଣି ପ୍ରଶାସନିକ ଅଧିକାରୀଙ୍କୁ ଦେଇଥିଲେ। ଫଳରେ ଏହି ଘଟଣାରେ ରାଜନୈତିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ସ୍ପଷ୍ଟ ହୋଇଛି। ସେହିପରି ଗତ ସୋମବାର ପୋଲିସ ପ୍ରଶାସନ ପକ୍ଷରୁ ଅବଶିଷ୍ଟ ୫୦ ହଜାର ଟଙ୍କା ଓ ବୁଧବାର ମାର୍ଶାଘାଇର ଭାରପ୍ରାପ୍ତ ତହସିଲଦାର ଚନ୍ଦ୍ରକାନ୍ତ ପଣ୍ଡା ଜିଲା ପ୍ରଶାସନର ୧ ଲକ୍ଷ ଟଙ୍କା ମୃଷାଙ୍କ ପରିବାର ସଦସ୍ୟଙ୍କୁ ଦେଇଥିଲେ। ମାତ୍ର ଜିଲା ଓ ପୋଲିସ ପ୍ରଶାସନ ସହ ଜିଲା ପରିଷଦ ସଭ୍ୟ ଏହି ନଗଦ ଟଙ୍କା କେଉଁ ପାଣ୍ଠିରୁ ଭରଣା କଲେ, ଅଦ୍ୟାବଧି ତାହା ଜଣା ପଡିନାହିଁ। ସମସ୍ତ ଟଙ୍କା ନଗଦ ଆକାରରେ ଦିଆଯାଇଥିବାରୁ ଏହା ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇ ନଥିବା ଏବଂ ନିଲମ୍ବିତ ଆଇଆଇସି ବେହେରା ଏହି ଟଙ୍କା ଦେଇ ମାମଲା ଚପାଇ ଦେବାକୁ ଚେଷ୍ଟା କରୁଥିବା ନେଇ ଦାସ ସନ୍ଦେହ ପ୍ରକାଶ କରିଛନ୍ତି। ସେହିପରି 'ଆମ ଅଞ୍ଚଳ ଆମ ପ୍ରଗତି' ଅନୁଷ୍ଠାନ ମୁଖ୍ୟ ପୂର୍ବତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ପଦ୍ମଲାଭ ଚୌଧୁରୀ ରବିବାର ମୃଷାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ନିଲମ୍ବିତ ଆଇଆଇସି ବେହେରାଙ୍କ ଗିରଫ ପାଇଁ ମୃଷାଙ୍କ ପରିବାରକୁ ସେ ଆଇନଗତ ସହାୟତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଥାନା ହାଜତରୁ ଫେରାର ହେବା ପରେ ଆତ୍ମହତ୍ୟା କରିଥିବା ମୃଷାଙ୍କୁ ପୋଲିସ ପିଟି ପିଟି ମାରି ଦେଇଥିବା ସନ୍ଦେହରେ ତାଙ୍କ ବଡ଼ବାପା ଦୈତାରୀ ପାଇଟାଳ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ୯୧/୧୮ ନଂ.ରେ ଏକ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ଆଇଆଇସି ଶ୍ୟାମଘନ ବେହେରାଙ୍କୁ ନିଲମ୍ବିତ କରାଯାଇଥିଲା।

# ବଢ଼ିଛି ବିରୋଧୀଙ୍କ ଭୋଟ୍ ହାର

**ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ**

- ପଞ୍ଚାୟତ ନିର୍ବାଚନରେ ଭାଜପା ହାତେଇଛି ୨ ଜିଲା ପରିଷଦ ଜୋନ
- କଂଗ୍ରେସ ସପକ୍ଷରେ ମଧ୍ୟ ବଢ଼ିଛି ଭୋଟ୍
- ବିଜେଡି, କଂଗ୍ରେସରେ ଗୋଷ୍ଠୀ କନ୍ଦଳ

**ଜଗତ୍‌ସିଂହପୁର ଅଫିସ, ୩।୯**

ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳି ଏବେ ବିଜେଡି ଦଖଲରେ ରହିଛି। ୨୦୧୪ ନିର୍ବାଚନରେ ଏଠାରେ ବିଜେଡି ପ୍ରାର୍ଥୀ ପାଖାପାଖି ୩୯ ହଜାର ଭୋଟ ଏବଂ ୨୦୦୯ରେ ମଧ୍ୟ ପ୍ରାୟ ୩୦ ହଜାର ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ। କିନ୍ତୁ ଏବେ ସ୍ଥିତିରେ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। କାରଣ ଗତ ପଞ୍ଚାୟତ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀର ୨ଟି ଜିଲା ପରିଷଦ ଜୋନ ଭାଜପା ଦଖଲକୁ ଯାଇଛି। ଅନ୍ୟ ଏକ ଜୋନରେ ମଧ୍ୟ ଭାଜପା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। କେବଳ ଭାଜପାର ଶକ୍ତି ବୃଦ୍ଧି ନୁହେଁ, କଂଗ୍ରେସର ଭୋଟ ବ୍ୟାଙ୍କ ମଧ୍ୟ ବଢ଼ିଛି। ତେଣୁ ଆଗାମୀ ସାଧାରଣ ନିର୍ବାଚନରେ ଫଳାଫଳ କଣ ହେବ ତାହା ଏବେଠୁ ଆକଳନ କରିବା ସହଜ ନୁହେଁ। ତଥାପି ଏଥର ବିଜେଡି ପ୍ରାର୍ଥୀଙ୍କୁ ଭାଜପା ଓ କଂଗ୍ରେସ ଅଡୁଆରେ ପକାଇବା ଏକପ୍ରକାର ନିଶ୍ଚିତ। ଏଠାରୁ ବିଧାୟକ ହୋଇ ଏକାଧିକବାର ମନ୍ତ୍ରୀ ପଦ ଅଳଙ୍କୃତ କରିଥିବା ଡା.ଦାମୋଦର ରାଉତଙ୍କ ଉପରେ ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଉ ଆଗଭଳି ସନ୍ତୁଷ୍ଟ ନ ଥିବା କୁହାଯାଉଛି। ତେଣୁ ଏଠାରେ କିଏ ପ୍ରାର୍ଥୀ ହେବ ତାହାକୁ ନେଇ ମଧ୍ୟ କଳ୍ପନା ଜଳ୍ପନା ପ୍ରକାଶ ପାଉଛି।

କୁଜଙ୍ଗ ବ୍ଲକ, ପାରାଦୀପ ପୌର ପରିଷଦ ଓ ତିର୍ତ୍ତୋଲ ବ୍ଲକର ୮ ପଞ୍ଚାୟତକୁ ନେଇ ଏହି ନିର୍ବାଚନମଣ୍ଡଳି ଗଠିତ। ୨୦୦୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଦାମୋଦର ରାଉତଙ୍କୁ ଏଠାରେ ୬୬,୮୬୩ ଓ ସ୍ୱାଧୀନ ପ୍ରାର୍ଥୀ ରମେଶ ସାମନ୍ତରାୟଙ୍କୁ ୩୬,୫୧୨ ଭୋଟ୍ ମିଳିଥିଲା। କଂଗ୍ରେସ ପ୍ରାର୍ଥୀ ପ୍ରମୋଦ କିଶୋର ଜେନା ମାତ୍ର ୧୩,୭୧୮ ଭୋଟ ପାଇଥିଲେ। ଭାଜପା ପ୍ରାର୍ଥୀ ଶଙ୍ଖନାଦ ବେହେରାଙ୍କୁ ୩,୬୫୨, ସ୍ୱାଧୀନ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ତରେଇ ୨,୮୯୮, ବିଏସ୍‌ପିର ସୌମେନ୍ଦ୍ର ଶେଖର ବିଶ୍ୱାଳ ୧,୧୩୨ ଓ ସ୍ୱାଧୀନ ପ୍ରାର୍ଥୀ ବିଜୟ କୁମାର ସ୍ୱାଇଁଙ୍କୁ ୮୮୯ ଭୋଟ ମିଳିଥିଲା। ଭୋଟ ହାର ଦେଖିଲେ ଜଣାଯାଏ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ୫୩.୨୧, ସ୍ୱାଧୀନ ପ୍ରାର୍ଥୀ ସାମନ୍ତରାୟଙ୍କୁ ୨୯.୦୫, କଂଗ୍ରେସକୁ ୧୦.୯୨, ଭାଜପାକୁ ୨.୯୧ ଓ ସ୍ୱାଧୀନ ପ୍ରାର୍ଥୀ ତରେଇଙ୍କ ସପକ୍ଷରେ ୨.୩୧ ପ୍ରତିଶତ ଜନମତ ଯାଇଥିଲା। ଦାମ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସ୍ୱାଧୀନ ପ୍ରାର୍ଥୀ ସାମନ୍ତରାୟଙ୍କଠାରୁ ୩୦,୩୫୧ ଅଧିକ ଭୋଟରେ ବିଜୟୀ ହୋଇଥିଲେ। ୨୦୧୪ ନିର୍ବାଚନରେ ବିଜେଡିର ଭୋଟ ୫.୯୪% ବଢ଼ି ୫୯.୧୫%ରେ ପହଞ୍ଚିଥିଲା। କିନ୍ତୁ ଏଥର ଦାମ ଓ କଂଗ୍ରେସ ପ୍ରାର୍ଥୀ ଅରିନ୍ଦମ ସର୍ଖେଲ (ବାପି)ଙ୍କ ମଧ୍ୟରେ ଲଢେଇ ହୋଇଥିଲା। ଦାମଙ୍କୁ ୮୫,୨୦୬ ଓ ବାପିଙ୍କୁ ୪୬,୬୦୬ ଭୋଟ ମିଳିଥିଲା। ତେଣୁ ୨୦୦୯ ନିର୍ବାଚନ ତୁଳନାରେ କଂଗ୍ରେସର ଭୋଟ ୨୧.୪୩% ବଢ଼ି ୩୨.୩୫%ରେ ପହଞ୍ଚିଥିଲା। ଭାଜପା ଭୋଟ ମଧ୍ୟ ୨.୯୧%ରୁ ବଢ଼ି ୪.୦୫% ହୋଇଥିଲା। ଏହି ହାର ଯଦିଓ ସନ୍ତୋଷଜନକ ନୁହେଁ ତଥାପି ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ସପକ୍ଷରେ ୨ଟି ଜିଲା ପରିଷଦ ଆସନ ଯିବା ବିସ୍ମୟ ସୃଷ୍ଟି କରିଥିଲା। ଏହି ଜିଲା ପରିଷଦ ଅସାନ ୨ଟି ହେଲା କୁଜଙ୍ଗ-୩ ଓ କୁଜଙ୍ଗ-୪। ଏଥିସହ କୁଜଙ୍ଗ-୧ରେ ବିଜେଡି-ଭାଜପା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରୁ ଜଣାପଡୁଛି ଭାଜପା ଓ କଂଗ୍ରେସ ଭୋଟ ବଢୁଛି। ଏହା ଅର୍ଥ ନୁହେଁ ଯେ, ବିଜେଡି ସ୍ଥିତି ଦୁର୍ବଳ ହୋଇଛି। କେବଳ ଏତିକି କୁହାଯାଇପାରେ ଦାମଙ୍କ ଉପରେ ଦଳୀୟ ନେତୃତ୍ୱ ପୂର୍ବପରି ସନ୍ତୁଷ୍ଟ ନ ଥିବାରୁ ନିର୍ବାଚନମଣ୍ଡଳୀର କେତେକ ଗାଁ ଗହଳିର ନେତା ଓ କର୍ମୀ ମହଲରେ ନୈରାଶ୍ୟ ଭାବ ଦେଖାଯାଉଛି। ଏପରି କି କେତେକ କର୍ମୀ ଦାମଙ୍କଠାରୁ ଦୂରତ୍ୱ ଅବଲମ୍ବନ କରୁଛନ୍ତି। ସେହିପରି ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସ ଓ ଦାମଙ୍କ ବିବାଦ ମଧ୍ୟ ନିର୍ବାଚନ ମଣ୍ଡଳୀରେ ବିଜେଡି ଉପରେ ପ୍ରଭାବ ପକାଉଛି। କାରଣ ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକ ହେଉଛନ୍ତି ଦାସଙ୍କ ନିକଟତର ଲୋକ। ସେ ବିଧାୟକଙ୍କ ପାଇଁ କଣ୍ଟା ସାଜୁଛନ୍ତି। ଯେହେତୁ ପ୍ରାର୍ଥୀ କିଏ ହେବେ ତାହା ସ୍ପଷ୍ଟ ହୋଇନି ତେଣୁ ଆଗକୁ କଣ ହେବ କହିବା ମୁସ୍କିଲ। ଅନ୍ୟପକ୍ଷରେ କଂଗ୍ରେସ ନେତା ବାପି ସର୍ଖେଲ ଗତ ନିର୍ବାଚନରେ ପ୍ରଥମ ଥର ପ୍ରାର୍ଥୀ ହୋଇ ଭଲ ଭୋଟ ପାଇଥିଲେ ସୁଦ୍ଧା କିଛି ମାସ ପୂର୍ବେ ଏକ ହତ୍ୟା ମାମଲାରେ ଜେଲ୍ ଯାଇଥିବାରୁ ତାଙ୍କ ନେତୃତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନେକ କଂଗ୍ରେସ ଲୋକ ତାଙ୍କଠାରୁ ଛାଡି ଯାଇଥିଲେ। ସେ ଜାମିନରେ ଆସିଲା ପରେ ଯଦିଓ ସଙ୍ଗଠନ ସଜାଡିବା ପାଇଁ ପୁରା ଦମରେ ଲାଗିଛନ୍ତି ତଥାପି କ'ଣ ହେଉଛି କହିହେବ ନାହିଁ। ପ୍ରସାଦ ହରିଚନ୍ଦନ ପିସିସି ସଭାପତି ଥିବା ବେଳେ ସର୍ଖେଲ ତାଙ୍କ ନିକଟତର ହୋଇଯାଇଥିଲେ। ସେତେବେଳେ ହରିଚନ୍ଦନ ଓ ବିରୋଧୀ ଦଳ ଉପନେତା ତଥା ଜଗତ୍‌ସିଂହପୁର ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କ ମଧ୍ୟରେ ସମ୍ପର୍କ ଭଲ ନ ଥିଲା। ତେଣୁ ସର୍ଖେଲ ଓ ବିଶ୍ୱାଳଙ୍କ ମଧ୍ୟରେ ଦୂରତ୍ୱ ବଢି ଯାଇଥିଲା। କିଛି ମାସ ପୂର୍ବରୁ ପିସିସି ସଭାପତି ବଦଳିବା ଏବଂ ବିଶ୍ୱାଳ ପିସିସି କାର୍ଯ୍ୟକାରୀ ସଭାପତି ହୋଇଯିବା ପରେ ସର୍ଖେଲଙ୍କ ପ୍ରଭାବ କମିଥିବା ଚର୍ଚ୍ଚା ହେଉଛି। ଉଭୟ ବିଶ୍ୱାଳ ଓ ସର୍ଖେଲଙ୍କ ମଧ୍ୟରେ ବୁଝାମଣା ହୋଇଥିଲେ ସୁଦ୍ଧା ଭିତର କଥା କିଛି ନିଆରା ବୋଲି କୁହାଯାଉଛି। ଅନ୍ୟପକ୍ଷଷର ବିଶ୍ୱାଳଙ୍କ ସହ ପ୍ରମୋଦ ଜେନାଙ୍କ ସମ୍ପର୍କ ଭଲ। ତେଣୁ ଆଗକୁ ପ୍ରମୋଦ ନା ବାପି କିଏ ପ୍ରାର୍ଥୀ ହେବେ ତାହାକୁ ନେଇ ସନ୍ଦେହ ରହିଛି। ପ୍ରାର୍ଥୀ ଚୂଡାନ୍ତ ହେଲା ପରେ ଯାଇ କଂଗ୍ରେସ କେଉଁ ସ୍ଥିତିରେ ଅଛି ବାରିହେବ। ଯଦି ଉପଯୁକ୍ତ ପ୍ରାର୍ଥୀ ଚୟନ ହୁଅନ୍ତି, ତେବେ ବିଜେଡିକୁ ଉଭୟ କଂଗ୍ରେସ ଓ ଭାଜପା ଅଡୁଆରେ ପକାଇବା ସମ୍ଭାବନା ଅଧିକ।

## ସଂକ୍ଷେପରେ

### ଖାଦ୍ୟ ନିରାପତ୍ତାରେ ସାମିଲ ହେବାକୁ ୧୫୩୧ ଆବେଦନ

**ବିରିଡି,୩।୯(ଡି.ଏନ.ଏ):** ରାଜ୍ୟ ସରକାରଙ୍କ ଖାଦ୍ୟ ନିରାପତ୍ତା ଯୋଜନାରେ ସାମିଲ ହେବା ପାଇଁ ବିରିଡ଼ି ବ୍ଲକର ୨୧ ପଞ୍ଚାୟତରୁ ୧୫୩୧ଟି ଆବେଦନ ପତ୍ର ଗ୍ରହଣ କରାଯାଇଛି। ପରବର୍ତ୍ତୀ କାଳରେ ଏହି ଆବେଦନ ପତ୍ରର ଯାଞ୍ଚ କରାଯାଇ ଯୋଗ୍ୟ ହିତାଧିକାରୀ ମନୋନୟନ କରାଯିବ। ଏହି ମନୋନୟନ ପ୍ରକ୍ରିୟା ବିଭିନ୍ନ ପର୍ଯ୍ୟାୟରେ ହେବ। ଏଥିନିମନ୍ତେ ସାମାଜିକ, ଅର୍ଥନୈତିକ, ଜାତି ଭିତ୍ତିକ ଗଣନା ତାଲିକା ଓ ସତ୍ୟପାଠକୁ ବିଚାରକୁ ନିଆଯିବ ବୋଲି ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ବର୍ତ୍ତମାନ ସୁଧା ଏହି ବ୍ଲକରେ ୧୬ ହଜାର ୮ଶହ ୬୨ପରିବାର ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଏହି ସମସ୍ତ ଆବେଦନ ପତ୍ରର ବିଚାର ଅକ୍ଟୋବର ୨ତାରିଖ ପୂର୍ବରୁ କରାଯିବ ବୋଲି ବ୍ଲକ ଯୋଗାଣ ନିରୀକ୍ଷକ ମୋତିରାମ ଦାସ କହିଛନ୍ତି। ତେବେ ଏହି ଆବେଦନ ଅଗଷ୍ଟ ୧୩ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୩ ତାରିଖ ସୋମବାର ପର୍ଯ୍ୟନ୍ତ ଚାଲିଥିଲା।

### ସ୍ୱୟଂସହାୟକ ଗୋଷ୍ଠୀର କର୍ମଶାଳା

**ବାଲିଆ,୩।୯:** ବିରିଡି ବ୍ଲକ ଓଡିଶା ଜୀବିକା ମିଶନ ତରଫରୁ ଅଲାଣ୍ଡୋ ଗ୍ରାମ ପଞ୍ଚାୟତରେ ସୋମାବାର ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଛି। ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ଏହି କର୍ମଶାଳା କରାଯାଇଥିଲା। ଏଥିରେ ବିରିଡି ବ୍ଲକ ପ୍ରଗତି ସହାୟକ ସୁରେନ୍ଦ୍ର ନାଥ ଶତପଥୀ, ସରପଞ୍ଚ ରଞ୍ଜିତା ବେହେରା, ସମିତି ସଭ୍ୟା ଅନୁସୟା ରାଉତରାୟ, ଜୀବିକା ମିଶନର ବିରିଡି ବ୍ଲକ ସଂଯୋଜିକା ଅନୁସୟା ମହାନ୍ତି, ଅନ୍ୟତମ ସଂଯୋଜିକା ସରିତା ସାହୁ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ରାୟ, ଜିଆରଏସ୍ ସୌମ୍ୟ ରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ପଞ୍ଚାୟତରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିବା ସମ୍ପର୍କରେ ଆଲୋଚନା କରିଥିଲେ।

### ସରୋଜ ସାରଙ୍କୁ ରାଜ୍ୟ କୃତୀ ଶିକ୍ଷକ ସମ୍ମାନ

**ବାଲିକୁଦା,୩।୯(ସ୍ୱ.ପ୍ର.):** ରାଜ୍ୟ କୃତୀ ଶିକ୍ଷକ ସମ୍ମାନ ପାଇଁ ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ମାଛଗାଁ ପଞ୍ଚାୟତ ସିଙ୍ଗିଟାଳିଆ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜକାନ୍ତ ସ୍ୱାଇଁ ମନୋନିତ ହୋଇଛନ୍ତି। ୨୦୧୭ ଶିକ୍ଷା ବର୍ଷ ପାଇଁ ସ୍ୱାଇଁଙ୍କୁ ଏହି ସମ୍ମାନ ମିଳିବ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡିଶା ପକ୍ଷରୁ ପତ୍ର ସଂଖ୍ୟା ୨୯୫୨୧/୦୧/୦୯/୨୦୧୮ରେ ସ୍ୱାଇଁଙ୍କୁ ଚିଠି କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ବାଲିକୁଦା ବ୍ଲକ ଶିକ୍ଷକଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଆସନ୍ତା ୫ ତାରିଖ ପବିତ୍ର ଗୁରୁଦିବସ ଅବସରରେ ଭୁବନେଶ୍ୱର ଜୟଦେବ ଭବନରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ସ୍ୱାଇଁଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯିବ। ଶିକ୍ଷକତା ବ୍ୟତୀତ ସେ ସମାଜସେବା କ୍ଷେତ୍ରରେ ନିଜକୁ ସାମିଲ କରିଛନ୍ତି। ଏହି କୃତିତ୍ୱ ପାଇଁ ତାଙ୍କୁ ବାଲିକୁଦା ପୂଜ୍ୟପୂଜା ସଂସଦ ସଭାପତି କୈଳାସ ବିଶ୍ୱାଳ, ସମ୍ପାଦକ ଅରୁଣ କୁମାର ମହାନ୍ତି, ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ କୃତୀ ଶିକ୍ଷକ ବିଷ୍ଣୁଚରଣ ସ୍ୱାଇଁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚାରାରୋପଣ

**କୁଜଙ୍ଗ,୩।୯(ସ୍ୱ.ପ୍ର)**

କୁଜଙ୍ଗ ବ୍ଲକ ବାମଦେଇପୁର ପଞ୍ଚାୟତର ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଚାରାରୋପଣ ସହ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବାମଦେଇପୁର ସରପଞ୍ଚ ଗୋପୀନାଥ ସାମନ୍ତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରାଜ୍ୟ କଂଗ୍ରେସ ପ୍ରଚାର କମିଟି ସଭ୍ୟ ଶାରଦା ପ୍ରସନ୍ନ ଜେନା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ ଯେ ଅତୀତରେ ବିଦ୍ୟାଳୟ, ଦେବାଳୟ ତଥା ଗ୍ରାମର ଯୁବକ ସଂଘ ଆଦିରେ ଯୁବତୀ ଯୁବକମାନେ ସ୍ୱତଃପ୍ରବୃତ୍ତ ଭାବେ ଚାରା ରୋପଣ କରି ଏହାର ଯତ୍ନ ନେଉଥିଲେ। ଏହା ଗ୍ରାମ୍ୟ ସଂସ୍କୃତିର ଏକ ଅଙ୍ଗ ଥିଲା। ଏହି ସବୁ ସଂସ୍କାର ପୁନରୁଦ୍ଧାର ତଥା ସ୍ଥାନୀୟ ଅଞ୍ଚଳରେ ଯୁବକ ଓ ମୁରବୀମାନଙ୍କୁ ସଙ୍ଗଠିତ କରି କେବଳ ବୃକ୍ଷରୋପଣ ନୁହେଁ, ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟକ୍ରମ କରାଯିବ। ବିକ୍ରମ ମହାପାତ୍ର, ଯୁବ କଂଗ୍ରେସ ସମ୍ପାଦକ ସୃତାର ରଞ୍ଜନ ମହାପାତ୍ର, ସମୀର ସ୍ୱାଇଁ, ତୁଷାର ମୁଦୁଲି, ଦୀନବନ୍ଧୁ ଦାସ, ବିଦ୍ୟାଧର ଦଳାଇ, ଲିଙ୍ଗରାଜ ପଟ୍ଟନାୟକ, ବାଇନ ମହାନ୍ତି, ଆର୍ତ୍ତତ୍ରାଣ ଶତପଥୀ, ପ୍ରମୋଦ ପରିଡା, ଧ୍ରୁବ ସାହୁ, ଶଙ୍କର ମହାନ୍ତି, ପ୍ରେମାନନ୍ଦ ବିଶ୍ୱାଳଙ୍କ ସମେତ ବହୁ ମୁରବୀ ଓ ଯୁବକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜେନା ବିଭିନ୍ନ ଦେବାଳୟ ପରିଦର୍ଶନ ସହ ବୃକ୍ଷରୋପଣ କରିଥିଲେ।

## କଳା ବ୍ୟାଜ୍ ପିନ୍ଧିଲେ କୃଷି ବିଜ୍ଞାନ କେନ୍ଦ୍ର କର୍ମଚାରୀ




କୃଷି ବିଜ୍ଞାନ କେନ୍ଦ୍ର କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଉଛନ୍ତି।

**ତିର୍ତ୍ତୋଲ, ୩।୯(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ନିମକଣାସ୍ଥିତ ଜିଲା କୃଷି ବିଜ୍ଞାନକେନ୍ଦ୍ରର କର୍ମଚାରୀମାନେ ଓୟୁଏଟିର ବୈମାତୃକ ମନୋଭାବ ଓ ବିଭିନ୍ନ ଦାବି ନେଇ ସୋମବାର କଳାବ୍ୟାଜ ପରିଧାନ କରି ପ୍ରତିବାଦ ଜଣାଇଛନ୍ତି। ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ କୃଷି ବିଜ୍ଞାନ କେନ୍ଦ୍ରରେ କାର୍ଯ୍ୟରତ ବୈଜ୍ଞାନିକ ଓ କର୍ମଚାରୀମାନଙ୍କ ଦାବି ପ୍ରତି କର୍ତ୍ତୃପକ୍ଷଙ୍କ ଉଦାସିନତା ନେଇ ଏହି ପ୍ରତିବାଦ କରାଯାଇଛି। ଓଡିଶା କର୍ମଚାରୀ ମହାମଞ୍ଚ ଡାକରାରେ ରାଜ୍ୟର ସମସ୍ତ ୩୧ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଏବଂ କର୍ମଚାରୀମାନଙ୍କ ପରି ଏମାନେ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଜିଲା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବିଶ୍ୱ ରଞ୍ଜନ ପଟ୍ଟନାୟକ, ଉଦ୍ୟାନ କୃଷି ବୈଜ୍ଞାନିକ ଆଶିଷ କୁମାର ମହାନ୍ତି, ଡା.ପ୍ରଭାତ କୁମାର ପାଢ଼ୀ, ବିଜୟ କୁମାର ରଉତରାୟ, ଦୀପଶିଖା ପରମଜିତା, ଦିବେନ୍ଦୁ ମଣ୍ଡଳ, ସରିତା ଦାସ, ରବିନ୍ଦ୍ର କୁମାର ପ୍ରଧାନ, ପ୍ରଦିପ କୁମାର ମହାନ୍ତି, ସଞ୍ଜୟ ପଣ୍ଡା, କରୁଣାକର ସିଂ, ଉର୍ବଶୀ ନାୟକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ବିଜୁ ଯୁବବାହିନୀର ଚାରାରୋପଣ

**ବାଲିକୁଦା,୩।୯(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ମାଛଗାଁ ପଞ୍ଚାୟତର ବିଜୁ ଯୁବବାହିନୀ ପକ୍ଷରୁ ଓଚିନ୍ଦା ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି। ଏହି ଅବସରରେ ବିଜୁ ଯୁବବାହିନୀ ସଭାପତି ଅଭିଜିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସଭା କରାଯାଇଥିଲା। ଏଥିରେ ବାଲିକୁଦା ଥାନା ଏସଆଇ ଜ୍ୟୋତି ଶଙ୍କର ସାହୁ ମୁଖଅତିଥି, ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ମହାନ୍ତି ମୁଖ୍ୟବକ୍ତା, ଜିଲାପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ଯୁବ ସଂଗଠକ ମାନସ ମଲ୍ଲିକ, ସରପଞ୍ଚ ପର୍ଶୁରାମ ସେଠୀ, ସମିତିସଭ୍ୟା ମମତା ଦାସ, ପଞ୍ଚାୟତ ବିଜେଡି ସଭାପତି ଗଗନ ବିହାରୀ ଦାସ, ପୂର୍ବତନ ସରପଞ୍ଚ ଶୁଭେନ୍ଦୁ ଦାଶ, ପୂର୍ବତନ ସରପଞ୍ଚ ମନମୋହନ ପରିଡା, ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ଦେବାଶିଷ ମଲ୍ଲିକ, ବାଲିକୁଦା ଥାନା କର୍ମଚାରୀ ରାଜୀବ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାରାରୋପଣର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଯୁବ ବାହିନୀ ସମ୍ପାଦକ ତନ୍ମୟ ଜେନା ଅତିଥି ପରିଚୟ ପ୍ରଦାନ ଓ କୋଷାଧ୍ୟକ୍ଷ ମଧୁସ୍ମିତା ନାୟକ ଧନ୍ୟବାଦ ଦେଇଥିଲେ।

## ପଙ୍କପାଳରେ ସଙ୍କୁଳସ୍ତରୀୟ କ୍ରୀଡ଼ା ଉଦ୍‌ଯାପିତ

**କୁଜଙ୍ଗ,୩।୯(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ୍ ପଙ୍କପାଳ ଶିଶୁମନ୍ଦିର ପରିସରରେ ପାରାଦୀପ ସଙ୍କୁଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କୁଜଙ୍ଗ, ପଙ୍କପାଳ, ନୂଆଗଡ଼, ପାରାଦୀପ ଓ ବାଲିତୁଠ ଆଦି ୫ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ସଙ୍କୁଳ ସଂଯୋଜକ ମନୋରଞ୍ଜନ ସେଠୀଙ୍କ ପୌରୋହିତ୍ୟରେ ହୋଇଥିବା ଏହି କ୍ରୀଡା ପ୍ରତିଯୋଗିତାକୁ ପଙ୍କପାଳ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁମାର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗ କ୍ରୀଡ଼ା ପ୍ରମୁଖ ପ୍ରଦୀପ କୁମାର ନାୟକ, କୁଜଙ୍ଗ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ଖୁଣ୍ଟିଆ, ନୂଆଗଡ଼ର ବାବୁରାମ ବାରିକ, ବାଲିତୁଠର ଅନୀଲ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାକୁ ସଙ୍କୁଳ କ୍ରୀଡ଼ା ପ୍ରମୁଖ ଦେବନାରାୟଣ ସେଠୀ, ସରୋଜ କୁମାର ପଟ୍ଟନାୟକ, ଅସୀମା ଦାଶ, ମାନିନୀ ପ୍ରଭା ନାୟକ, ଅନସୂୟା ବେହେରା, ବିଶ୍ୱନାଥ ସେନାପତି ଓ ସନ୍ତୋଷ କୁମାର ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଦୌଡ଼, ହାଇଜମ୍ପ, ଲଙ୍ଗ୍ ଜମ୍ପ, ସଟ୍‌ପୁଟ୍, ଡିସ୍‌କସ୍, ଜାଭେଲିନ୍, ହଡଲ୍ସ ରେସ ଆଦି ବିଭାଗରେ ଦୁଇଟି ବର୍ଗରେ ମୋଟ୍ ୮୩ କ୍ରୀଡାବିତ୍ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩୮ ଜଣଙ୍କ ଖୋର୍ଦ୍ଧାରେ ହେବାକୁ ଥିବା ବିଭାଗସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିଲେ।



ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇଥିବା କ୍ରୀଡ଼ାବିତ୍।

## ମହାନଦୀରେ ଦୁଃସାହସିକ ଜଳଯାତ୍ରା

**ପାରାଦୀପ,୩।୯(ଡି.ଏନ.ଏ.)**

ନୟାଗଡ଼ ଜିଲା କଣ୍ଟିଲୋ ନୀଳମାଧବ ପୀଠରୁ ମହାନଦୀରେ ଜଳଯାତ୍ରାରେ ବାହାରିଥିବା ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଗୋବିନ୍ଦ ମହାରଣା ସୋମବାର ପାରାଦୀପର ଭୁତମୁଣ୍ଡାଇଠାରେ ପହଞ୍ଚିଛନ୍ତି। ଅଗଷ୍ଟ ୩୦ରେ ସେ ଜଳଯାତ୍ରାରେ ବାହାରିଥିଲେ। ଏକ ମୋଟର ଟ୍ୟୁବ୍‌କୁ ସୁସଜ୍ଜିତ କରି ମା' ଗଙ୍ଗାଦେବୀ ନାମରେ ସେ ଭାସମାନ ରଥ ତିଆରି କରିଛନ୍ତି। ସେଥିରେ ବସି ମହାନଦୀ ସୁରକ୍ଷା ସଚେତନତା ନିମନ୍ତେ ସେ ଜଳଯାତ୍ରା କରୁଛନ୍ତି। ମଙ୍ଗଳବାର ସେ ପାରାଦୀପର ମହାନଦୀ ମୁହାଣରେ ପହଞ୍ଚିବେ ବୋଲି କହିଛନ୍ତି।

## ପିପିଏଲ୍‌ର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ପାରାଦୀପ,୩।୯(ଡି.ଏନ.ଏ.)**

ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ୍ (ପିପିଏଲ) ପକ୍ଷରୁ ମଙ୍ଗଳବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶଙ୍ଖଧ୍ୱନି ରାଷ୍ଟ୍ର ସମିତିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିବହନ ବିଭାଗ ସହକାରୀ ସଚିବ ସମୀର କୁମାର ପାଣିଗ୍ରାହୀ, ପିପିଏଲ ଉପସଭାପତି ଜୟ ଶଙ୍କର, କାରଖାନା ଓ ବାସ୍ପିତ ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ସଡ଼କ ଦୁର୍ଘଟଣାରେ ଯେତେ ଧନଜୀବନ ହାନୀ ହେଉଛି, ସାମାନ୍ୟ ସୁରକ୍ଷାକୁ ଧ୍ୟାନ ଦେଲେ ତାହା ରୋକି ହୁଅନ୍ତା ବୋଲି ଏଥିରେ ବକ୍ତାମାନେ ପ୍ରକାଶ କରିଥିଲେ।

**OFFICE OF THE DISTRICT MAGISTRATE & COLLECTOR, SAMBALPUR, S.H. SPORTS SECTION**

**TENDER CALL NOTICE No. 120/S.H. sbp date 01.09.2018**

Sealed Tenders are invited through Speed Post/ Registered Post only from the authorized Dealer/ Manufactural Registered Firms/ Suppliers for supply of Sports dress Materials & Shoes materials etc for the Sports Hostel, Sambalpur which must be reach to the District Sports Officer, District Sports Office, Sambalpur latest by 5.00 P.M. on 03.10.18 positively. And the Tender will be opened on 04.10.18 at 4.00 P.M. Details regarding Tender Call Notice can be obtained from the official website of the Collectorate, Sambalpur i.e www.sambalpur.nic.in.

*Sd./- Coach in Charge, Sports Hostel, Sambalpur*

**OFFICE OF THE CHIEF CONSTRUCTION ENGINEER UPPER INDRAVATI IRRIGATION PROJECT**

AT/PO: MUKHIGUDA, DIST.- KALAHANDI, ODISHA, PIN: 766026
Email ID: seuircc@rediffmail.com

Lr. No. 822 Dt. 01.09.2018

**CANCELLATION NOTICE**

**Bid Identification No. CCE UIIP-01(01-02)/2018-19, Dt.10.04.2018**

**No. 471-A:-** The tender for work "Renovation and Restoration of Upper Indravati Right Main Canal under CLSRP from RD 00KM to 41.10KM" invited vide Bid Identification No. CCE UIIP-01(01-02)/ 2018-19, dt.10.04.2018 is hereby cancelled as per Govt. in DoWR letter no. II-T-UIP-2/2018-22978/WR dated 29.08.2018.

*Sd./- Chief Construction Engineer*
*Upper Indravati Irrigation Project*

32352/11/0006/1819

Classified Display
on
Every Tuesday and Friday

**ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା**
**ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର**
**ବ୍ଲକ୍‌ସ୍ତରୀୟ ଜନଶୁଣାଣି**

**No. CAD-788:-** ନବରଙ୍ଗପୁର ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି କି, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ୨୦୧୭-୧୮ ଆର୍ଥିକବର୍ଷର ଅକ୍ଟୋବର ମାସଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ବ୍ଲକ୍‌ସ୍ତରୀୟ ଜନଶୁଣାଣି ପାଇଁ ଅସଟ (OSSAAT) ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ସମସ୍ତ ପଞ୍ଚାୟତ ସମିତି ପରିସରରେ ଦିନ ଓ ସମୟ ଧାର୍ଯ୍ୟ କରାଯାଇଛି।

ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ, ଅଣକୁଶଳୀ ଶ୍ରମିକ, ହିତାଧିକାରୀ, ଯୋଜନା ସହ ସମ୍ପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ତ୍ରିସ୍ତରୀୟ ପଞ୍ଚାୟତିରାଜର ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରି ଯୋଜନାର କାର୍ଯ୍ୟକାରିତାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ସୁନିଶ୍ଚିତ କରିବା ଓ ଯୋଜନାକୁ ସଫଳତାର ସହିତ ଆଗେଇ ନେବା ପାଇଁ ଆପଣଙ୍କର ସହଭାଗିତା, ବହୁମୂଲ୍ୟ ମତାମତ, ଆପତ୍ତି ଓ ଅଭିଯୋଗ ଉପସ୍ଥାପନାକୁ ଜିଲ୍ଲା ପ୍ରଶାସନ ସ୍ୱାଗତ କରୁଛି।

**କାର୍ଯ୍ୟସୂଚୀ:**

| କ୍ର. ନଂ. | ବ୍ଲକ୍‌ର ନାମ | ତାରିଖ | ସମୟ (ପୂର୍ବାହ୍ନ) | ଜନଶୁଣାଣି କରିବା ନିମନ୍ତେ କ୍ଷମତାପ୍ରାପ୍ତ ଅଧିକାରୀ |
|---|---|---|---|---|
| ୧ | ଚନ୍ଦାହାଣ୍ଡି | ୧୦।୦୯।୨୦୧୮ | ୧୦.୦୦ | ଉପଜିଲ୍ଲାପାଳ, ନବରଙ୍ଗପୁର |
| ୨ | ଡାବୁଗାଁ | ୧୧।୦୯।୨୦୧୮ | ୧୦.୦୦ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |
| ୩ | ଝରିଗାଁ | ୧୨।୦୯।୨୦୧୮ | ୧୦.୦୦ | ଜିଲ୍ଲାପାଳ, ନବରଙ୍ଗପୁର |
| ୪ | ନନ୍ଦାହାଣ୍ଡି | ୧୪।୦୯।୨୦୧୮ | ୧୦.୦୦ | ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର |
| ୫ | କୋଷାଗୁମୁଡ଼ା | ୧୮।୦୯।୨୦୧୮ | ୧୦.୦୦ | ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର |
| ୬ | ନବରଙ୍ଗପୁର | ୧୯।୦୯।୨୦୧୮ | ୧୦.୦୦ | ଜିଲ୍ଲାପାଳ, ନବରଙ୍ଗପୁର |
| ୭ | ପାପଡ଼ାହାଣ୍ଡି | ୨୨।୦୯।୨୦୧୮ | ୧୦.୦୦ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |
| ୮ | ରାଇଘର | ୨୪।୦୯।୨୦୧୮ | ୧୦.୦୦ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |
| ୯ | ତେନ୍ତୁଲିଖୁଣ୍ଟି | ୨୫।୦୯।୨୦୧୮ | ୧୦.୦୦ | ଉପଜିଲ୍ଲାପାଳ, ନବରଙ୍ଗପୁର |
| ୧୦ | ଉମରକୋଟ | ୨୬।୦୯।୨୦୧୮ | ୧୦.୦୦ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |

ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶ
ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର

ସ୍ୱା./- ଜିଲ୍ଲାପାଳ ତଥା କାର୍ଯ୍ୟକ୍ରମ ସଂଯୋଜକ
ନବରଙ୍ଗପୁର

19076/11/0003/1819

**State Health Assurance Society, Odisha**
**Deptt. of Health & Family Welfare, Govt. of Odisha**
**Bhubaneswar-751012, District-Khordha (Odisha)**
**Phone No.-0674-2560311,**
**Email ID, snaodisha@gmail.com**

**Tender for hiring an agency to deal with IEC activities through road shows (Caravan Movement), documentation, animation movies & wall paintings for promoting Biju Swasthya Kalyan Yojana in Odisha**

**Advt No. 09/2018** **Date:04.09.2018**

No.402-E: Sealed tenders are invited from eligible bidders for undertaking IEC activities for promoting Biju Swasthya Kalyan Yojana in Odisha. The tender document with all information relating to the tender process including tender document cost, EMD, eligibility criteria, scope of work, terms & conditions, evaluation criteria and formats of submission of tender may be downloaded from the website: www.nhmodisha.gov.in

A pre-bid meeting shall be held on 07.09.2018, 11.30 AM. Any amendment in the tender document due to decision in pre-bid meeting / extension of bid if any shall only be notified in the website mentioned above. The sealed tenders should reach the office of the undersigned by courier / registered post or may be dropped in the tender box, on or before 24.09.2018, 3.00 PM. The technical bid shall be opened on 24.09.2018 at 3.30 PM. Presentation by qualified bidders will be held at 25.09.2018 at 11.30 AM. The undersigned reserves the right to reject any or all the tenders or cancel the tender without assigning any reason thereof.

**Sd./- Chief Executive Officer,**
**State Health Assurance Society, Odisha**

10001/11/0022/1819

## GOVERNMENT OF ODISHA

No.685-O

**OFFICE OF THE EXECUTIVE ENGINEER, RURAL WORKS DIVISION, JHARSUGUDA**

Tel. : 06645-271643, Email : eerw_jharsuguda@yahoo.co.in

**Bid Identification No. Online - EEJSG - 03 of 2018-19**

## NOTICE INVITING TENDER FOR BUILDING WORKS IN ODISHA

### NATIONAL COMPETITIVE BIDDING THROUGH e-Procurement

1. Name of the work : Building works as per DTCN available in the www.tendersorissa.gov.in
2. Total No. of Work : 01 no.
3. Estimated Cost : Rs. 65.98 Lakhs
4. Period of completion : 9 (Nine) Calendar Months
5. Period and Time of availability of bid document in the portal for bidding : Dt. 03.09.2018 at 11.00 A.M. to 12.09.2018 upto 5.00P.M.
6. Date and Time of bid opening : Dt. 17.09.2018 at 11.00 A.M.
7. Name and address of the officer inviting Bid : E.E., R.W.Division, Jharsuguda

(1) Other details can be seen from Detailed notice Inviting Tenders, available in website **www.tendersorissa.gov.in**.
(2) Corrigendum if any shall only be published in the above website.

**Sd./- (Rashmi Ranjan Mishra )**
**Executive Engineer**
25104/11/0003/1819 **R.W. Division, Jharsuguda**

---

## OFFICE OF THE EXECUTIVE ENGINEER, LIFT IRRIGATION DIVISION, CUTTACK

Tel. 0671-2414433, eeolic_ctc@yahoo.in

### Quotation Call Notice For Hiring of Vehicle - 13 / 2018-19 Dt.31.08.2018

No. CAD-791: Sealed quotations are invited from interested reputed travel agencies / tour operations / private individuals for providing 1 (One) Non A/C diesel driven Bolero (Mahindra) vehicle having sitting capacity not more than seven including driver which shall conform to the terms and conditions for official use in this office on monthly rent basis. The application form of quotation containing general bid information & terms and conditions for hiring of vehicles etc. will be available with Office of the Executive Engineer, L.I. Division, Cuttack, Zobra, Cuttack- 753007 on payment of Rs. 100/- + 5% GST from **03.09.2018** or can be downloaded from Odisha Govt. website **www.odisha.gov.in** from 03.09.18 to 10.09.2018. The quotation completed in all should reach the **Office of the Executive Engineer, L.I. Division, Cuttack, Zobra, Cuttack- 753007** on or before **10.09.18** by **2 PM** and shall be opened on the same day at **3 PM**.

32238/11/0020/1819 **Sd./- Executive Engineer**

---

## GOVT. OF ODISHA

No.468-A

**OFFICE OF THE EXECUTIVE ENGINEER JAJPUR IRRIGATION DIVISION, JAJPUR**

Office Phone No.06728-222022
Email – jpt.irrigation@gmail.com

### ‘e’ -Procurement Notice No.02/ 2018-19

1. Name of work : Restoration, protection & Improvement works.
2. Total No. of Packages : **12 (Twelve)** Nos. of packages only.
3. Estimated Cost : Varies from **Rs.12.87 Lakhs** to **Rs.44.43 Lakhs**
4. Mode of Payment of EMD (Bid Security) & Bid Cost : The bidder shall transfer the required amount of EMD (Bid Security) and cost of Bid by Online through electronic Payment as per Govt. of Odisha WDOM No.17254/W Dated 05.12.2017 as mentioned in DTCN.
5. Period of completion : **6 (Six)** Calendar Months.
6. Other details as follows:

(i) Procurement Officer : **Executive Engineer, Jajpur Irrigation Division, Jajpur**
(ii) Period of online Bidding : **05.09.2018 from 10.00 Hrs. to 15.09.2018 up to 17.00 Hrs.**
(iii) Date & time of opening of Bid through Online : **17.09.2018** at **10.00 Hrs.** in the office of the Executive Engineer, Jajpur Irrigation Division, Jajpur.
(iv) Date of transparent Lottery to be conducted (if required) : **25.09.2018** at **11.00 Hrs.** in the office of the Executive Engineer, Jajpur Irrigation Division, Jajpur

Further details can be seen from the Govt. website **www.tendersorissa.gov.in**.

**Sd./- Executive Engineer**
32130/11/0004/1819 **Jajpur Irrigation Division, Jajpur**

---

## GOVT. OF ODISHA

No.456-A

**OFFICE OF THE ENGINEER-IN-CHIEF, WATER RESOURCES ODISHA, BHUBANESWAR**

### ‘e’ Procurement Notice No.CELMB 24 OF 2018-19

1. Name of the work : Bank protection to left & right bank of river Jambhira near village Rahidhia to Kusudiha under NABARD Assistance RIDF – XXIV.
2. Amount put to Tender : Rs.6,56,70,520.00
3. Bid Document Cost : Rs.10, 000.00 (online)
4. E.M.D. : Rs.6,56,800.00 (online)
5. Class of Contractor : Special Class & Super Class
6. Period of Completion : 12 calendar months (365 Days)
7. Other details are as follows

| Procurement Officer | Bid Identification No. | Availability of Tender On- line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer, FC & Basin Manager, LMB, Bhubaneswar | CELMB MAYD 01 OF 2018-19 | 05.09.2018 10.00hrs | 20.09.2018 17.00hrs | 22.09.2018 11.00 hrs |

8. e-mail Id : celmbbbsr@yahoo.co.in

Further detail conditions can be seen from the Govt. website **www.tendersorissa.gov.in**.

**Sd./- Chief Engineer, FC & Basin Manager**
32252/11/0029/1819 **Lower Mahanadi Basin**

---

## PANCHAYAT SAMITI, DHANKAUDA

### BID IDENTIFICATION No. 04.2018-19

**No. 2559 Dt 03.09.2018**

1. The Block Development Officer, Dhankauda, on behalf of Governor of Odisha invites Percentage Rate Bids in Single Cover System for Civil Works as detailed in the table from the class of eligible Contractors as mentioned in column -5(Five) Registered with the state Governments and Contractors of equivalent Grades/ Class Registered with Central Government/ MES/ Railways to be eventually drawn up in PWD P-1 Agreement Form.

| Sl. No | Name of the work | Approximate Value of work | Period of Completion | Class of Contractor | Bid Security @ 1 % | Cost of bid document (including) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Kalyan Mandap at Hirakud Ward No.11,SMC | 49,99,000/- | 12 (Twelve) Calendar months | "B" & "A" Class | 49,990/- | Rs 6,000/- |
| 2 | Improvement of Mini Stadium at Hirakud, Ward No. 11, SMC. | 33,79,000/- | 06(Six) Calendar months | "B" & "C" Class | 33,790/- | Rs. 6,000/- |

2. The sale of the Bid documents shall start from Dt 05.09.2018 at 10.00 AM to Dt 24.09.2018 at 5.00 PM during office hours in the office of the undersigned. The Bid documents can be purchased on cash payment of Rs. 6,000/-(Rupees six thousand) only from the office of the undersigned by contractor or his/ her authorized representatives.
3. Bid documents shall be received by the undersigned upto 5.00 PM of 25.09.2018 through Registered Post/ Speed Post only. The Authority will not be held responsible for any postal delay in delivering of the Bid documents or non-receipt of the same.
4. The bid will be opened on Dt 26.09.2018 at 11.00 AM in the office chamber of the undersigned in presence of the Members of the Block Level Tender Committee and the Bidders or their Authorized Representatives.
5. The Terms and Conditions and other details can be viewed in the office Notice Board of BDO, Dhankauda.
6. The Authority reserves the right to reject any or all the bids without assigning any reason thereof.

**Sd/- (Sri S.K. Biswal)**
**Block Development Officer, Dhankauda**

---

## idco ODISHA NEW OPPORTUNITIES

**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

No. HO/Civil/T&E/E/4433/01/2018/18435 Date:01.09.2018

### QUOTATION CALL NOTICE

Sealed Quotations are invited from the original Manufacture or their Authorized Dealers (Marino Besco-Hanex/Greenlam Sturdo and equivalent) or firms who have supplied similar nature of items having GST No. & Valid PAN for **"Supplying, fitting and fixing of Cubicles, Vanity Counters along with accessories fittings & fixtures for West Stand, Kalinga Stadium Bhubaneswar"**. The firms are required to furnish experience certificate in this regard. The last date of submission of the quotation is 17.09.2018 by 3.30 P.M. and the quotation will be opened on the same day at 4.00P.M. For the detail Quotation Call Notice, Terms & Condition, Specification and B.O.Q, Please visit our web site **www.idco.in** (Tender- Quotation section)

**Sd/-**
**Chief General Manager (Civil) I/C**
**IDCO, Bhubaneswar**

---

## GOVERNMENT OF ODISHA

**OFFICE OF THE EXECUTIVE ENGINEER RURAL WORKS DIVISION, KHARIAR**

Email:- eerwkhariar@gmail.com

**BID IDENTIFICATION NO. RWKHR-03/2018-19 (Online) Date:28.08.2018**

### "e" PROCUREMENT NOTICE

No. 681-O: Bid documents consisting of Work, Estimated Cost, EMD, Cost of tender Paper, Class of Contractor, Time of Completion and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

1. Name of the Work : Building Works
2. Total No of Works : 01 No.
3. Estimated Cost : Rs.35 lakhs
4. Period of Completion : 04 Calendar Months
5. Other Details :

| Availability of Tender online for bidding | | Last date & time of seeking tender clarification | Date & time of opening of tender |
|---|---|---|---|
| From | To | | |
| 05.09.2018 At 10:00 AM | 15.09.2018 upto 5:00 PM | 12.09.2018 upto 5:00 PM | 20.09.2018 at 11.00 AM |

Further details can be seen from the website **www.tendersorissa.gov.in**.

**Sd./- Executive Engineer,**
25152/11/0002/1819 **Rural Works Division, Khariar**

---

## OFFICE OF THE SR. GENERAL MANAGER (ELECTRICAL) UPPER INDRAVATI HYDRO ELECTRIC PROJECT, MUKHIGUDA,

**DIST: KALAHANDI-766026, Ph.No. 9437073301, Fax:06673-252253**
**E-mail: sgmel_uihep@ohpcltd.com**

### ODISHA HYDRO POWER CORPORATION LTD.

**(A GOVERNMENT OF ODISHA UNDERTAKING)**
**Regd. Office OSPH & W.C Building, Vanivihar Chhak Janpath, Bhoinagar, Bhubaneswar-751022,**
Tel: 91-0674-2542983, 2542802, 2545526, 2542826
Fax:2542102, E-Mail: ohpc.co@gmail.com /
md@ohpcltd.com, WEB: www.ohpcltd.com, CIN: U40101OR1995SGC003963

OHPC ISO 9001-14001 18001 Certified

**TENDER CALL NOTICE NO.28/2018-19 DTD.31.08.2018**

No.CAD-783: The Unit Head, UIHEP, Mukhiguda invites sealed tenders in two parts from registered Travel Agencies / Vehicle Owners only for the following work.

| Name of Work | Estimated cost In Rs. | EMD in Rs. | Cost of Tender paper in Rs. |
|---|---|---|---|
| Deployment of Two nos. Hired light vehicle (Mahindra Bolero / Marshal / Max / Tata Sumo) for Maintenance Division of UIHEP, Mukhiguda for (03) three years. | Rs.14,00,400/- | 1% of quoted amount | Rs. 7,080/- inclusive of GST |

The sale of tender paper: from **11:00 Hrs.** of **06.09.2018** to **13:00 Hrs.** of **20.09.2018**
The last date & time of receipt of tenders: upto **13:00 Hrs** of **20.09.2018**
The date & time of opening of Techno Commercial bid : **12:30 Hrs** of **25.09.2018**
For details of tender documents, Terms and Conditions, Eligibility Criteria and downloading please visit our website **www.ohpcltd.com**.

**Sd./- Sr. General Manager (El.)**
32136/11/0039/1819 **UIHEP, Mukhiguda**

---

## SHORT TENDER CALL NOTICE

No.202-D

### OFFICE OF THE D.G & I.G. OF POLICE, ODISHA, CUTTACK

1. Sealed tenders are invited from the Original Equipment Manufacturers (OEM) or their Authorized Agent for purchase of Hardware Equipments for Installation of Centralized Monitoring System (CMS) for Odisha Police (SIW, Bhubaneswar) under MPF Scheme during the current financial year, 2018-19.
2. Name of items along with detail technical Specifications, probable requirements against each item may be seen from the Govt. of Odisha website i.e. **www.odisha.gov.in**. The quantity may vary during indent of the items depending upon budgetary allocation.
3. Date of Issue of Tender documents from **dtd:04.09.2018** at **10.00 AM** to **dtd:28.09.2018** upto **5.00 PM**.
4. Last date for receipt of sealed Tender on **dtd:29.09.2018** up to **5.00 PM**.
5. Date for opening of sealed Tenders / Technical Bids on **dtd:01.10.2018** at **1.30 PM at the Office of the Supdt. of Police, Security Wing, Odisha, Bhubaneswar**.
6. For further clarification, if any, intending bidder may contact **Supdt. of Police, Security Wing, Odisha, Bhubaneswar** in his e-mail: spsecurity.orpol@nic.in (Phone-0674-2536603 / Telefax - 2531372).

**A.I.G. of Police (Provisioning),**
**Odisha, Cuttack**
12018/11/0027/1819 **(Tender Calling Authority)**

---

## ODISHA STATE HOUSING BOARD

**SCHIVALAYA MARG, BHUBANESWAR - 751001**
**Phones EPABX : (0674) 2393524, 2390141, 2391542, 2393277,**
**Fax : (0674) 2393952, Visit us at : http://www.oshb.org.**

**No. 10864/OSHB** **Dated : 03.09.2018**

**Bid Identification No. -07/CE/OSHB/2018-19**
**E-Procurement notice for online bidding**
**Chief Engineer, OSHB invites online bids as per the following schedule**

| Sl. No. | Name of the work | Value of the Work (Rs. lakh) | Concerned T.I.A. | Security Amount (Rs. lakh online) | Cost of Bid Document (Rs.) (Online) | Class of Bidder | Period of completion |
|---|---|---|---|---|---|---|---|
| 1 | Supply, installation, testing and commissioning of 05. nos of 10 (ten) passenger lifts & 02 nos Goods lifts including supply and installation of Servo stabilizers and comprehensive annual maintenance (CMC) for two years excluding the OEM provided warranty to "Multi-Storied residential apartment at phase-VI at Dumuduma, Bhubaneswar | 178.00 | Chief Engineer OSHB | 1.78 | 10000 + GST (18%) = 11800.00 | Manufacturer / Authoruised Dealer | 06 (six) Calendar months |
| 2 | Supply, installation, testing and commissioning of 10 Nos of 8(eight) passenger lifts including supply and installation of Servo stabilizers and comprehensive annual maintenance (CMC) for two years excluding the OEM provided warranty to "Multi-Storied residential apartment (MIG Block) at phase- VII at Dumuduma Bhubaneswar | 148.00 | Chief Engineer, OSHB | 1.48 | 10000+ GST (18%) = 11800.00 | Manufacturer / Authorised Dealer | 06 (Six) Calendar months |

1. Other details

| Procurement Officer | Bid Identification No. | Availability of Bids for online bidding | |
|---|---|---|---|
| Chief Enginer, OSHB, Bhubaneswar | 07/CE/OSHB/2018-19 | From Dt. 05.09.2018 at 1.00 P.M. | To. Dt. 20.09.2018 upto 3.00 P.M. |

2. Place and Date of Opening of the bids : Office of the Chief Engineer, OSHB, Bhubaneswar at 12.00 Noon on Dt. 22.09.2018
Further details can be seen from the website : www.tendersodisha.gov.in,
Any Corrigendum / addendum shall be published in the website : www.tendersodisha.gov.in only

**Sd./- Chief Engineer**

---

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର,
ୟୁନିଟ୍-୮, ଭୁବନେଶ୍ୱର- ୭୫୧୦୧୨

ସଂଖ୍ୟା : ୧୦୨୬୭ / IND-II-PH-762 ତାରିଖ : ୦୧.୦୯.୨୦୧୮

### ବିଜ୍ଞାପନ

ଏତଦ୍ଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଲାଲ ଟ୍ରେଡ୍ସ ଆଣ୍ଡ ଏଜେନ୍ସି ପ୍ରାଇଭେଟ୍ ଲିମିଟେଡ୍ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା, କୁସୁମି ତହସିଲ ଅନ୍ତର୍ଗତ ଧାଙ୍ଗଡ଼ିମୁଟ, ବୁଢ଼ିଝରଣ ଗ୍ରାମ ଏବଂ ବାଦାମପାହାଡ଼ ଆର୍.ଏଫ୍‌ଠାରେ ୧୨୯.୬୧ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ ବାଦାମପାହାଡ଼ ଲୌହ ପଥର ଖଣିର ବାର୍ଷିକ ଉତ୍ପାଦନ କ୍ଷମତା ୦.୭୨ ନିୟୁତ ମେଟ୍ରିକ ଟନ୍‌ରୁ ୧.୫ ନିୟୁତ ମେଟ୍ରିକ ଟନ୍‌କୁ ବୃଦ୍ଧି** କରିବା ନିମନ୍ତେ ଭାରତ ସରକାରଙ୍କ ପରିବେଶ ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି। ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମିତ୍ତ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା. ୧୪.୦୯.୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମିତ୍ତ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କ ଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମିତ୍ତ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇ ପାରିବେ। ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା.୧୦.୧୦.୨୦୧୮ରିଖ ଦିବା ୧୦.୦୦ ଘଟିକା ସମୟରେ ମୟୂରଭଞ୍ଜ ଜିଲ୍ଲା, କୁସୁମି ତହସିଲ ଅନ୍ତର୍ଗତ ବାଦାମପାହାଡ଼ଠାରେ ଅବସ୍ଥିତ ବାଦାମପାହାଡ଼ ଲୌହ ପଥର ଖଣିର କାର୍ଯ୍ୟାଳୟ ପରିସରରେ ଧାର୍ଯ୍ୟ** ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ବାରିପଦା, ମୟୂରଭଞ୍ଜ**।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ବାରିପଦା, ମୟୂରଭଞ୍ଜ**।
୩. ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ବାରିପଦା, ମୟୂରଭଞ୍ଜ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର- ୭୫୧ ୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ବାଲେଶ୍ୱର**।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍ ସାଇଟ୍ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ବାଲେଶ୍ୱର** ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./- ସଦସ୍ୟ ସଚିବ**

---

## ଓଡ଼ିଶା ଶକ୍ତି ସଂଚାରଣ ନିଗମ ଲି଼.

### ODISHA POWER TRANSMISSION CORPORATION LTD.

**A GOVT. OF ODISHA UNDERTAKING**
**Office of The Deputy General Manager, Electrical EHT(O&M) Division, Bhanjanagar, At:Kanteipalli, Post:Badapada, Dist:Ganjam(Odisha), Pin: 761124, e-mail:ehtm.div.bnj@ optcl.co.in, GSTIN: 21AAACO7873L1Z6**

OPTCL Lifeline of Orissa

**TENDER CALL NOTICE NO.- 03/2018-19**

For and on behalf of OPTCL, sealed tenders are invited from registered Civil and HT contractors having valid contractor License, labour license, IT PAN, GST Certificate towards "Earth cutting in between location No. 223-224 of 132 KV Bhanjanagar-Phulbani SC line under EHT (O&M) Division, Bhanjanagar. **Commencement of Sale of Tender Paper :** From Dated 04.09.2018, 11:00 AM to Dated 19.09.2018, 12:00 Noon. **Last Date of Submission of Tender Paper :** Dated 19.09.2018 up to 2:00 PM. **Date of Opening of Tender Paper :** Dated 19.09.2018 at 3:00 PM. **Cost of Tender paper :** Rs.2,000/- + GST @12% = Rs. 2,240/-. For details please visit our website **www.optcl.co.in. N.B :** All subsequent addendums Corrigendum to the tender (if any) will be hosted in the OPTCL's website **http:// www.optcl.co.in** only.

***Dy.General Manager (Elect)***

---

## ODISHA POWER TRANSMISSION CORPORATION LIMITED

**(A Government of Odisha Undertaking)**
**OFFICE OF THE DEPUTY GENERAL MANAGER (ELECT.)**
**E.H.T. (O&M) DIVISION, JODA**
**P.O.- Boneikala, Dist.- Keonjhar, PIN- 758038 (Odisha), Phone: 7328829375**
**E-mail: ehtm.div.jod@optcl.co.in, CIN: U40102OR2004SGC007553**

OPTCL

**TENDER CALL NOTICE No.-03/18-19**

Sealed tenders are invited by the undersigned from the eligible reputed travel agencies / vehicle owners for supply of Diesel run Hired vehicle NON AC Bolero (09 seated) for DGM TLS Joda & Grid S/S Polaspanga on pool basis under EHT (O&M) Division, Joda. Cost of tender paper is **Rs. 2240/-**, EMD is **Rs. 300/-**. Sale of tender documents is from **Dt.10.09.2018** to **Dt.24.09.2018** (during office hours). Last date of submission of tender is **Dt.25.09.2018** upto **01.00 PM**. Date of opening of tender is **Dt.25.09.2018** at **03.00 PM**. For details visit our website **www.optcl.co.in**.

Corrigendum if any will be published in the website only.

**Sd./- Dy. General Manager (Elect)**
**EHT (O&M) Division, Joda**

---

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲି଼.

### ODISHA POWER TRANSMISSION CORPORATION LIMITED

**(A Government of Odisha Undertaking)**
**OFFICE OF THE DEPUTY GENERAL MANAGER (ELECT.)**
**E.H.T. (O&M) DIVISION, JODA**
**P.O.- Boneikala, Dist.- Keonjhar, PIN- 758038 (Odisha), Phone: 7328829375**
**E-mail: ehtm.div.jod@optcl.co.in, CIN: U40102OR2004SGC007553**

OPTCL

**TENDER CALL NOTICE No.-04/18-19**

Sealed tenders are invited from the Civil & HT Contractors having valid "C" & "D" Class Civil Contractor license issued by Govt. of Odisha / Military / Railways & having valid IT PAN Card / GST registration for the work of providing false ceiling in control room of Grid S/S Joda under EHT (O&M) Division, Joda. Cost of tender paper **Rs. 2240/-**, EMD - **Rs.4982/-** @ 1% of the estimated value. Sale of tender documents from **Dt.10.09.2018** to **Dt.24.09.2018**. Last date of submission of tender: **Dt.25.09.2018** upto **01.00 PM**. Date of opening of tender **Dt.26.09.2018** at **03.00 PM**. For details visit our website **www.optcl.co.in**.

Corrigendum if any will be published in the OPTCL website only.

**Sd./- Dy. General Manager (Elect)**
**EHT (O&M) Division, Joda**

---

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲି଼.

### ODISHA POWER TRANSMISSION CORPORATION LIMITED

(A Government of Odisha Undertaking)
Regd. Office: Janpath, Bhubaneswar -751 022 (Odisha)
**Tel: 0674-2542230 CIN: U40102OR2004SGC007553**

OPTCL Lifeline of Odisha

### NOTICE INVITING TENDER (NIT)

**(DOMESTIC COMPETITIVE e-BIDDING)**

**e-TENDER NOTICE NO.: SCRIPS PMU-01/2018-19 Date: 01.09.2018**

ODISHA POWER TRANSMISSION CORPORATION LTD.(OPTCL), Bhubaneswar, invites bids (in e-tendering mode only) under single stage two-envelop system from reputed EPC/Turnkey Contractors for **Engineering, Supply, Erection and Commissioning of 2x12.5 MVA (Five Nos.), 3x12.5 MVA (One No.) & 4x12.5 MVA (One No.), 33/11KV Gas (SF6) insulated Substation (GIS) in Bhubaneswar City at an Estimated Cost of Rs.86.17 Crore on "EPC/TURNKEY CONTRACT BASIS".** Interested bidders are required to enroll themselves in the tender portal **"www.tenderwizard.com/OPTCL"**. Complete set of bidding documents are available on **"www.tenderwizard.com/OPTCL"** portal from Dt.**(05.09.2018)/(11:00)AM** up to Dt.**(05.10.2018) / (12:45)PM.** Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/OPTCL"** for further detail.

**Note:** Bidders are requested to regularly visit OPTCL website/Tender Portal only for amendment/errata/corrigendum (if any) and any other information regarding the tender, as the same shall be published only on the OPTCL website/Tender Portal.

**Sd/-**
**Chief General Manager (SCRIPS-PMU)**
**CR Advt. No. 30/2018-19** e-Mail: scripspmu@optcl.co.in

Please connect us: optcl.odisha optcl_odisha energyodisha

---

## ଓଡିଶା ରାଜ୍ୟ ଅର୍ଥ ନିଗମ

ଓ.ଏମ.ପି. ଛକ, କଟକ-୭୫୩୦୦୩

ବିଜ୍ଞାପନ ନଂ DDAC/୦୫/୧୮-୧୯ **ବିକ୍ରୟ ବିଜ୍ଞାପନ** ତା.୦୩.୦୯.୨୦୧୮

ଓଡିଶା ରାଜ୍ୟ ଅର୍ଥ ନିଗମ ନିର୍ଦ୍ଧାରିତ ଜଉମୁଦଦିଆ ଟେଣ୍ଡର ଫର୍ମ ମାଧ୍ୟମରେ ତା ୧୭.୦୯.୨୦୧୮ ସମୟ ଦିବା ୧୦.୦୦ ଘଟିକାରେ ଓଡିଶା ରାଜ୍ୟ ଅର୍ଥ ନିଗମ, ମୁଖ୍ୟ କାର୍ଯାଳୟ, ଓ.ଏମ୍.ପି ଛକ, କଟକ-୦୩ ଠାରେ ହେବାକୁ ଥିବା **Default-cum-Disposal Advisory Committee (DDAC)** ଦ୍ୱାରା ନିମ୍ନୋକ୍ତ ଜବତ ସମ୍ପତ୍ତିକୁ "ଯେଉଁଠାରେ ଯେଉଁଭଳି ଅଛି ସେହି ଅବସ୍ଥାରେ" ବିକ୍ରୟ ପାଇଁ ଦରଖାସ୍ତ ଆହ୍ୱାନ କରୁଅଛି। ନିର୍ଦ୍ଧାରିତ ଟେଣ୍ଡର ଦରଖାସ୍ତ ଫର୍ମ, ବିକ୍ରୟର ନିୟମ ଓ ସର୍ତ୍ତାବଳୀ, ସ୍ଥାବର/ ଅସ୍ଥାବର ସମ୍ପତ୍ତିର ବିଶଦବିବରଣୀ ଟେଣ୍ଡର ପକାଇବାର ପ୍ରଣାଳୀ ଇତ୍ୟାଦି ଗୁଡିକ ଆମ୍ଭର ୱେବ୍ ସାଇଟ୍ **www.osfcindia.com** ରୁ ସଂଗ୍ରହ କରି ହେବ। ଟେଣ୍ଡର ଫର୍ମକୁ ସଠିକ୍ ଭାବେ ପୂରଣ କରି ତା ୧୫.୦୯.୨୦୧୮ ସମୟ ଅପରାହ୍ନ ୫ ଘଟିକା ମଧ୍ୟରେ ଆମ୍ଭ କଟକ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ପକାଇବାକୁ ହେବ କିମ୍ବା Registered Post/ Speed Post ମାଧ୍ୟମରେ ତଳଲିଖିତ ଠିକଣାରେ ପଠାଇ ପାରିବେ। କୌଣସି ଟେଣ୍ଡର ଆବେଦନ ପତ୍ର ଯଦି ବିଳମ୍ବରେ ଏବଂ ନିର୍ଦ୍ଧାରିତ ଅମାନତ ଜମା ବିନା ଏବଂ ଠିକ୍ ଭାବରେ ପୂରଣ କରାଯାଇ ନ ଥିବ ତେବେ ତାହା ନାକଚ ହୋଇଯିବ।

ନିଲାମଧାରୀ ସେମାନଙ୍କର ପରିଚୟ ପତ୍ରର ପ୍ରମାଣ ସହ ନିଜେ କିମ୍ବା ତାଙ୍କର ସ୍ୱିକୃତ ପ୍ରତିନିଧି ମାଧ୍ୟମରେ DDAC ରେ ଉପସ୍ଥିତ ହେବେ ଏବଂ ଯୋଉଁ ମାନଙ୍କର ନିଲାମ ଡାକ ସର୍ବାଧିକ ହେବ ସେମାନେ ଘୋଷିତ ହୋଇଥିବା ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ବା ରାଜି ହୋଇଥିବା ନିଲାମ ମୂଲ୍ୟର ୨୫ ପ୍ରତିଶତ ଅମାନତ ଭାବେ ପୂର୍ବରୁ ଦେଇଥିବା ଅମାନତ ଜମାକୁ ବାଦ୍ ଦେଇ ସେହିଠାରେ ବ୍ୟାଙ୍କ ଡ୍ରାଫ୍ଟ/ ପେ ଅର୍ଡର/ ବ୍ୟାଙ୍କର ଚେକ୍ / ନଗଦଟଙ୍କା ଜମା ଭାବେ ଦେବାକୁ ହେବ। ଯଦି ନିଲାମଧାରୀ ଏହି ସର୍ତ୍ତକୁ ପାଳନ ନ କରନ୍ତି ତେବେ ତାଙ୍କର ଅମାନତ ଜମା ବ୍ୟାଜ୍ୟାପ୍ତି ହୋଇଯିବ। ବିକ୍ରୟ ସମ୍ପତ୍ତିର ବଳକା ଦେୟ ପତ୍ର ମାଧମରେ କ୍ରେତାଙ୍କୁ ଅବଗତ କରାଯିବ ଏବଂ ସେମାନେ ବିକ୍ରୟ ପତ୍ର ପ୍ରେରଣର ୩୦ ଦିନ ମଧ୍ୟରେ ଉକ୍ତ ଟଙ୍କା ଜମା ଦେବାକୁ ହେବ। ଯଦି କ୍ରେତା ନିର୍ଦ୍ଧାରିତ ସମୟ ମଧ୍ୟରେ ଉକ୍ତ ଦେୟ ଦେଇ ନ ପାରନ୍ତି ତେବେ ସେ ଦେଇଥିବା ଜମାକୁ ମଧ ନିଗମ ବ୍ୟାଜ୍ୟାପ୍ତି କରିପାରିବ।

ଉକ୍ତ ସମ୍ପତ୍ତିର କୌଣସି ଅଂଶ କିମ୍ବା ସମସ୍ତ କ୍ରୟ ପ୍ରସ୍ତାବକୁ ଗ୍ରହଣ କିମ୍ବା ନାକଚ କରିବା ନିଷ୍ପତ୍ତି ନିଗମର ଇଚ୍ଛାଧୀନ ଅଟେ ଏବଂ କୌଣସି କାରଣ ନ ଦର୍ଶାଇ ମଧ୍ୟ ନିଗମ ଉକ୍ତ ସମ୍ପତ୍ତିକୁ ଋଣଗ୍ରହିତାଙ୍କୁ ଫେରସ୍ତ କରିପାରିବ।

### ବିକ୍ରୟ ସମ୍ପତ୍ତିର ବିବରଣୀ

| କ୍ରମାଙ୍କ | ଶିଳ୍ପର / ଋଣ ଗ୍ରହିତାଙ୍କ ନାମ / ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
|---|---|---|
| ୦୧. | ମେସର୍ସ ରେଡିଏଣ୍ଟ ଟେଲିସିଷ୍ଟମ (ପ୍ରା) ଲିଃ, IDCO Plot No.A/129, ଶିଳ୍ପାଞ୍ଚଳ ମଞ୍ଚେଶ୍ୱର, ଭୁବନେଶ୍ୱର(ଜ.ଗୃ.କ) **ସଂ.ମୂ-ଟ.୪୭୮.୧୩ ଲକ୍ଷ (ଭୁବନେଶ୍ୱର ଶାଖା)** | ୨୩,୯୧,୦୦୦/- |
| ୦୨. | ମେସର୍ସ ଟ୍ରାୟୋ ମଲ୍ଟି ପର୍ପୋଜ ଇଣ୍ଡଷ୍ଟ୍ରି, ଶିଳ୍ପାଞ୍ଚଳ, ଜଗତପୁର, କଟକ (ଜ.ଗୃ.), **ସଂ.ମୂ-ଟ.୧୮୮.୨୨ ଲକ୍ଷ (କଟକ ଶାଖା)** | ୯,୪୧,୫୦୦/- |
| ୦୩. | ଶ୍ରୀ ହରେନ୍ଦ୍ର ପାଣ୍ଡେ ଙ୍କ **Tata Truck No.OR-05-E-0225, TATA LP Truck 1996 model (kept in seized unit premises at Jagatpur under Cuttack Branch), ସଂ.ମୂ-ଟ.୦.୮୦ ଲକ୍ଷ (କଟକ ଶାଖା)** | ୪,୦୦୦/- |
| ୦୪. | ମେସର୍ସ ଶିବ ବାବା ପାୱାରଲୁମ ଇଣ୍ଡଷ୍ଟ୍ରି (ପ୍ରା) ଲିଃ, ଶିଳ୍ପାଞ୍ଚଳ କାରକା, ଧର୍ମଶାଳା, ଯାଜପୁର, (ଜ.ଗୃ.କ), **ସଂ.ମୂ-ଟ.୫୧.୯୨ ଲକ୍ଷ, (ପାରାଦୀପ ଶାଖା)** | ୨,୬୦,୦୦୦/- |
| ୦୫. | ମେସର୍ସ ଗଜଲକ୍ଷ୍ମୀ ରାଇସ୍ ମିଲ୍, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା (ଜ.) **ସଂ.ମୂ-ଟ.୧୪.୧୮ ଲକ୍ଷ, (ପାରାଦୀପ ଶାଖା)** | ୭୧,୦୦୦/- |
| ୦୬. | ମେସର୍ସ ମା କାଳୀ ରାଇସ୍ ମିଲ୍, ଅରଖପୁର, ପୁରୁଷୋତ୍ତମ ପୁର, ଗଞ୍ଜାମ (ଜ.ଗୃ.) **ସଂ.ମୂ-ଟ.୪.୬୧ ଲକ୍ଷ, (ବ୍ରହ୍ମପୁର ଶାଖା)** | ୨୩,୧୦୦/- |

ଋଣ ଗ୍ରହିତା/ ଜାମିନ ଦାତା/ ବନ୍ଧକ ଦାତାଙ୍କୁ ଏତଦ୍ଦ୍ୱାରା ବିଜ୍ଞାପନ ଜାରି ମାଧ୍ୟମରେ ଅନୁରୋଧ କରାଯାଉଅଛି ଯେ ସେ ନିଜେ କିମ୍ବା ତାଙ୍କର ସ୍ୱିକୃତିପ୍ରାପ୍ତ ପ୍ରତିନିଧି ଜରିଆରେ ନିଗମର DDAC ସମ୍ମୁଖରେ ନିର୍ଦ୍ଧାରିତ ସମୟ, ତାରିଖ ଓ ସ୍ଥାନରେ ହାଜର ହୋଇ ଋଣ ପରିଶୋଧ କରି ସେମାନଙ୍କର ଜବତ ସମ୍ପତ୍ତିକୁ ମୁକୁଳାଇବା ପାଇଁ ପ୍ରସ୍ତାବ ଦେବେ। ସେ ମଧ୍ୟ ନିଜ ଇଚ୍ଛାନୁଯାୟୀ ଉପଯୁକ୍ତ ଗ୍ରାହକ ଯୋଗାଡ କରି ଓ ଉପର ବିହିତ ମାଧମରେ ଟେଣ୍ଡର ପ୍ରଦାନ କରି ନିଲାମରେ ଭାଗନେଇ ତାଙ୍କ ସମ୍ପତ୍ତିକୁ ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବାରେ ସୁଯୋଗ ନେଇ ପାରିବେ। ଯଦି ସେମାନେ DDAC ସମ୍ମୁଖରେ ଉପସ୍ଥିତ ନ ହୁଅନ୍ତି କିମ୍ବା ନିଗମକୁ ସନ୍ତୁଷ୍ଟ କଲାଭଳି ପ୍ରସ୍ତାବ ନ ଦିଅନ୍ତି ତେବେ ଧରାଯିବ ଯେ ସେମାନଙ୍କର ସମ୍ପତ୍ତି ମୁକୁଳାଇବାର ଉଦ୍ଦେଶ୍ୟ ନାହିଁ। ନିଗମ ଋଣ ଗ୍ରହିତା / ଜାମିନ ଦାତା / ବନ୍ଧକ ଦାତାଙ୍କୁ ବ୍ୟକ୍ତିଗତ ନୋଟିସ୍ ଦେବାକୁ ବାଧ୍ୟ ନୁହେଁ ଏବଂ ଏହି ବିଜ୍ଞାପନ ସେମାନଙ୍କର ଅବଗତ ନିମନ୍ତେ ଯଥେଷ୍ଟ।

ବି.ଦ୍ର- ବିକ୍ରୟ ବିଜ୍ଞାପନ ଏବଂ ୱେବ ସାଇଟ୍ ରେ ପ୍ରକାଶିତ ହୋଇଥିବା ତଥ୍ୟ ଜନିତ ତ୍ରୁଟି ମାର୍ଜନୀୟ।

ଜ.ଗୃ.କ.- ଜମି, ଗୃହ ଓ କଳକବ୍ଜା
ସଂ.ମୂ- ସଂରକ୍ଷିତ ମୂଲ୍ୟ

**ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶମତେ**
**ଉପସାଧାରଣ ପରିଚାଳକ (ଋଣ ଆଦାୟ ବିଭାଗ)**
**ଓଡିଶା ରାଜ୍ୟ ଅର୍ଥ ନିଗମ, ଓ.ଏମ.ପି ଛକ, କଟକ-୩**



ସୌନ୍ଦର୍ଯ୍ୟ

# ତ୍ୱଚା ପାଇଁ ଉପକାରୀ ସଜନାଶାଗ

**ସଜନାଶାଗ, ଫୁଲ ହେଉ ଅବା ଛୁଇଁରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ଅଧିକାଂଶଙ୍କର ଖୁବ୍ ପ୍ରିୟ, ଯାହାକି ବେଶ୍ ପୁଷ୍ଟିକର ମଧ୍ୟ। ହେଲେ ଆପଣ ଜାଣନ୍ତି, ଶରୀରକୁ ବିଭିନ୍ନ ପୋଷକ ତତ୍ତ୍ୱ ଯୋଗାଉଥିବା ଏହି ସଜନାରେ ଭରି ରହିଛି ଅନେକ ସୌନ୍ଦର୍ଯ୍ୟବୃଦ୍ଧି ଉପାଦାନ। ଜାଣିରଖନ୍ତୁ ଏହାକୁ ବ୍ୟବହାର କରିବାର ଉପାୟ...**

❖ସଜନା ତେଲ ଏବଂ ଏହାର ପତ୍ର ଗୁଣ୍ଡ ଉଭୟ ଲଗାଇବା ଦ୍ୱାରା ତ୍ୱଚାରେ ରିଙ୍କଲ ମାର୍କ ଦେଖାଯାଇ ନ ଥାଏ। ଏହା ତ୍ୱଚାକୁ ସଫା, ଟାଇଟ୍ ରଖିବା ସହ ଏଜିଂ ସମସ୍ୟା ଦୂର କରି ୟଙ୍ଗର୍ ଲୁକ୍ ଦେଇଥାଏ। ଏହାକୁ ଫେସ୍ ପ୍ୟାକ୍ ଭାବେ ବ୍ୟବହାର କରିପାରିବେ। ଫେସ୍ ପ୍ୟାକ୍ ପାଇଁ ସଜନାଶାଗକୁ ଶୁଖାଇ ଭଲ ଭାବେ ଗୁଣ୍ଡ କରିଦିଅନ୍ତୁ। ଏକ ଚାମଚ ଏହି ଗୁଣ୍ଡରେ ଅଧା ଚାମଚ ଲେମ୍ବୁରସ, ଏକ ଚାମଚ ଲେଖାଏଁ ମହୁ ଏବଂ ଗୋଲାପ ଜଳ ମିଶାଇ ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ରଖିବା ପରେ ନଖ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ।

❖ସଜନା ତେଲ ଓଠ ପାଇଁ ସବୁଠୁ ଭଲ ମଶ୍ଚରାଇଜର ଭାବେ କାମ କରିଥାଏ। ବିଭିନ୍ନ ଲିପ୍‌ବାମ୍ ଏବଂ ଲିପ୍ କେୟାର ପ୍ରଡକ୍ଟରେ ଏହାକୁ ବ୍ୟବହାର କରାଯାଇଥାଏ। ଏହାକୁ ସେନ୍‌ସିଟିଭ୍ ସ୍କିନ୍‌ରେ ଲଗାଇବା ଦ୍ୱାରା ମଧ୍ୟ ତାହା ମଶ୍ଚରାଇଜ୍‌ଡ୍ ରହିଥାଏ।

❖ସ୍କିନ୍ ଟୋନ୍ ଡାର୍କ ଥିଲେ କିମ୍ବା ମୁହଁରେ ଡାର୍କ ସ୍ପଟ୍ ଥିଲେ ଅନେକେ ବିଭିନ୍ନ ପ୍ରକାର ଫେୟାରନେସ୍ ପ୍ରଡକ୍ଟ ବ୍ୟବହାର କରିଥାନ୍ତି। କିନ୍ତୁ ଆପଣ ଚାହିଁଲେ ସଜନାଶାଗ ପେଷ୍ଟକୁ ଲଗାଇପାରିବେ। ଏହା ସ୍ପଟ୍‌ଲେସ୍ କରିବା ସହ ସ୍କିନ୍‌ଟୋନ୍ ବଢାଇ ତ୍ୱଚାକୁ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିଥାଏ।

❖ସଜନା ତେଲରେ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଭରି ରହିଛି, ଯାହାକି ବ୍ରଣ ସମସ୍ୟା ଦୂର କରିଥାଏ। ସଜନାଶାଗକୁ ପେଷ୍ଟ କରି ବି ଆପଣ ବ୍ରଣ ହୋଇଥିବା ସ୍ଥାନରେ ଲଗାଇଲେ ଉପକୃତ ହେବେ।

❖ସଜନାଶାଗ ଗୁଣ୍ଡ ଲଗାଇବା ସହିତ ଖାଇଲେ ତ୍ୱଚା ପାଇଁ ଲାଭଦାୟକ। ସଜନା ଶାଗ, ଛୁଇଁ ଖାଇବା ଦ୍ୱାରା ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଫଳରେ ବ୍ରଣ ଏବଂ ଅନ୍ୟ ତ୍ୱଚା ସମ୍ବନ୍ଧୀୟ ସମସ୍ୟା ବି ଦୂର ହୋଇଥାଏ।

❖ଏଥିରେ କୋଲାଜେନ୍ ପ୍ରୋଟିନ୍ ଭରି ରହିଛି। ଫଳରେ ଏହାକୁ ବ୍ୟବହାର କରିବା ଦ୍ୱାରା ସ୍କିନ୍ ଟାଇଟ୍ ଏବଂ ସୁନ୍ଦର ରହିଥାଏ।



# ଗୁରୁ



**ଜୀବନର ଲକ୍ଷ୍ୟପଥ ବାଛିବାରେ ଠିକ୍ ମାର୍ଗଦର୍ଶନ ଯୋଗାନ୍ତି ଯିଏ, ଆଉ ପ୍ରତ୍ୟେକ ସଫଳ ବ୍ୟକ୍ତିତ୍ୱ ପଛରେ ଥାଏ ଯାହାଙ୍କ ପ୍ରେରଣା, ସେ ହେଉଛନ୍ତି ଗୁରୁ। ଆସନ୍ତା କାଲି ଗୁରୁଦିବସ ଉପଲକ୍ଷେ ଗୁରୁଙ୍କୁ ନିଜ ସଫଳତାର ଶ୍ରେୟ ମାନୁଥିବା କେତେଜଣ ମହିଳାଙ୍କ ସମ୍ପର୍କରେ ବିଶେଷ ଉପସ୍ଥାପନା...**



ଗୀତାଞ୍ଜଳି

**ଗୁରୁଙ୍କ ବିନା ଲକ୍ଷ୍ୟ ହାସଲ ମୁସ୍କିଲ:** ମହିଳା ଫୁଟବଲରେ ଜଣେ ସଫଳ ଖେଳାଳି ଭାବେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ଗୀତାଞ୍ଜଳି ଖୁଣ୍ଟିଆ। ସେ ୨୦୦୬ରୁ ୨୦୧୦ ମସିହା ପର୍ଯ୍ୟନ୍ତ ଭାରତୀୟ ମହିଳା ଫୁଟବଲ ଦଳର ନିୟମିତ ଖେଳାଳି ମଧ୍ୟ ରହିଛନ୍ତି। ଯଦିଓ ବର୍ତ୍ତମାନ ସେ ରାଜ୍ୟ ମହିଳା ଫୁଟବଲ ଦଳର କୋଚ୍ ଭାର ସମ୍ଭାଳିବା ସହ ଜଣେ ଗୁରୁ ଭାବେ ମଧ୍ୟ ପରିଗଣିତ ହେଲେଣି ହେଲେ ନିଜ ସଫଳତାର ଶ୍ରେୟ ସେ ସର୍ବଦା ନିଜ ପ୍ରଥମ କ୍ରୀଡ଼ା ଗୁରୁଙ୍କୁ ଦିଅନ୍ତି। ସେ କୁହନ୍ତି, ଗୁରୁଙ୍କ ବିନା ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିବା କଷ୍ଟକର। କାରଣ ପ୍ରତ୍ୟେକ ସଫଳ ବ୍ୟକ୍ତିତ୍ୱ ପଛରେ ଜଣେ ଗୁରୁଙ୍କର ବି ପରିଶ୍ରମ ଲୁଚି ରହିଥାଏ। ଆଉ ମୋ ପ୍ରତିଟି ସଫଳତା ପଛରେ ବି ମୋ ଗୁରୁଙ୍କ ଭୂମିକା ରହିଛି। କ୍ରୀଡ଼ା ପ୍ରତି ମୋର ଅହେତୁକ ଦୁର୍ବଳତା। ପାଠପଢ଼ା ସମୟରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ ଭାଗନେବା ସହ ବିଭିନ୍ନ ବିଭାଗର ପ୍ରତିଯୋଗିତାରେ ସଫଳ ହେଉଥିଲି। ହେଲେ ଷଷ୍ଠଶ୍ରେଣୀରେ ପଢ଼ିବା ବେଳେ ଆମ ବିଦ୍ୟାଳୟର ପିଇଟି ଭୀମସେନ ବେହେରା ପ୍ରଥମ ଥର ପାଇଁ ମୋତେ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବାର ପ୍ରେରଣା ଯୋଗାଇ ଦେଇଥିଲେ। ସେ ହିଁ ପ୍ରଥମେ ଆଗ୍ରହୀ ଛାତ୍ରୀଛାତ୍ରଙ୍କୁ ବାରବାଟୀ ଷ୍ଟାଡିୟମ ବୁଲାଇ ନେଇ ବିଭିନ୍ନ ଖେଳ ଦେଖାଇଥିଲେ। ଆଉ ତାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଖେଳ ସମ୍ପର୍କରେ ଜାଣିବା ପରେ ମହିଳା ଫୁଟବଲ ନିମନ୍ତେ ମୋର ଆଗ୍ରହ ସୃଷ୍ଟି ହୋଇଥିଲା। ଏକଥା ଜାଣି, ଯେଉଁ ଖେଳ ବି ଖେଳ ନା କାହିଁକି ସେଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟାକର ବୋଲି ସାର୍ ପରାମର୍ଶ ଦେଇଥିଲେ। ସେବେଠୁ ମୁଁ କ୍ରୀଡ଼ା କ୍ଷେତ୍ରରେ ଆଗେଇ ପାରିଛି। ଯଦିଓ ବର୍ତ୍ତମାନ ସାର୍‌ଙ୍କର ପରଲୋକ ଘଟିଛି ହେଲେ ମୋ କ୍ରୀଡ଼ା ଜୀବନର ପ୍ରଥମ ଗୁରୁଙ୍କ ପ୍ରତିଟି ଛୋଟକଥା, ଉପଦେଶ ଏବେ ବି ମୋ ଜୀବନରେ ଆଗକୁ ବଢ଼ିବାରେ ସାହାଯ୍ୟ କରୁଛି। ତାଙ୍କ ଭଳି ଗୁରୁ ପାଇ ସର୍ବଦା ନିଜକୁ ଭାଗ୍ୟବାନ୍ ମନେକରେ।

*–ଗୀତାଞ୍ଜଳି ଖୁଣ୍ଟିଆ, ଓଡ଼ିଶା ମହିଳା ଫୁଟ୍‌ବଲ ଦଳର କୋଚ୍*

**ଏ ଭଳି ଗୁରୁ ପାଇ ମୋ ସ୍ୱପ୍ନ ସାର୍ଥକ ହୋଇଛି:** ନିମାପଡ଼ା ବ୍ଲକ୍ ଭଇଁଚିକୋରଡି ଗ୍ରାମର ମମତାରାଣୀ ସେଠୀ। ଭଲ ପାଠ ପଢ଼ିବା ସାଙ୍ଗକୁ ପିଲାବେଳୁ ଭଲ ଚିତ୍ରାଙ୍କନ ବି କରୁଥିଲେ। ହେଲେ ପରିବାରର ଆର୍ଥିକ ପରିସ୍ଥିତି ସେତେଟା ସ୍ୱଚ୍ଛଳ ନ ଥିବାରୁ ମାଟ୍ରିକ୍ ପଢିବା ପରେ ପାଠପଢାରେ ବନ୍ଧା ହୋଇଥିଲା ଡୋରି। ସେ ବିବାହ, ବ୍ରତ ଆଦି ଉତ୍ସବରେ ସାଙ୍ଗସାଥୀ କିମ୍ବା ଅନ୍ୟମାନଙ୍କ କେଶବିନ୍ୟାସ ଓ ସାଜସଜ୍ଜା ଆଦି କାର୍ଯ୍ୟ କରି ସମସ୍ତଙ୍କ ପ୍ରଶଂସାର ପାତ୍ରୀ ହେଲେ। ଧୀରେ ଧୀରେ ଏହି କାର୍ଯ୍ୟରେ ତାଙ୍କୁ ଖୁସି ଆଣିଦେଲା। କିନ୍ତୁ ଆବଶ୍ୟକ ସୁଯୋଗ ଅଭାବରୁ ଧୀରେ ଧୀରେ ତାଙ୍କ ଭିତରେ ଥିବା ଚିତ୍ର ଆଙ୍କିବାର କଳା ଭିତରେ ହିଁ ଲୁଚିଗଲା। ୨୦୧୦ ମସିହାରେ ତାଙ୍କ ବିବାହ ହେଲା ବଂଶୀଧର ସେଠୀଙ୍କ ସହ, ଯିଏ କି ଥିଲେ ଜଣେ ମୂର୍ତ୍ତି କାରିଗର। ଆଉ ଏହା ଥିଲା ମମତାଙ୍କ ପାଇଁ ହାତୀ ମୁଣ୍ଡରେ ସୁନାକଳସ ଢାଳିବା ଭଳି। ଅର୍ଥାତ୍ ସ୍ତ୍ରୀଙ୍କ ଆଗ୍ରହ ଜାଣି ସ୍ୱାମୀ ସାଜିଲେ ଗୁରୁ ଆଉ ଶିଖାଇଲେ ମୂର୍ତ୍ତି ଗଢିବା। ବର୍ତ୍ତମାନ ମମତା ଜଣେ ସଫଳ ମୂର୍ତ୍ତି କାରିଗର ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେ କୁହନ୍ତି, ନିଜ ସ୍ୱାମୀଙ୍କୁ ଗୁରୁ ଭାବେ ପାଇବାର ସୌଭାଗ୍ୟ ସମସ୍ତଙ୍କୁ ମିଳି ନ ଥାଏ। ତେଣୁ ଏଥିପାଇଁ ମୁଁ ଗର୍ବିତ। ନିଜ ସ୍ୱାମୀ ହିଁ ମୋ ଅନ୍ତର୍ନିହିତ କଳାକୁ ବାହାରକୁ ଆଣିବାରେ ସାହାଯ୍ୟ କରିଛନ୍ତି। ସେ ନିଜେ ମୋ ହାତ ଧରି ମୂର୍ତ୍ତିର ସୂକ୍ଷ୍ମ କାରୁକାର୍ଯ୍ୟର କୌଶଳ ଶିଖାଇଲେ। ଆଜି ତାଙ୍କ ଉଦ୍ୟମ ଓ ପ୍ରେରଣା ଯୋଗୁ ମାଟି, ଫାଇବର, ବ୍ରୋଞ୍ଜ ଏବଂ ମାର୍ବଲ ମୂର୍ତ୍ତି ନିର୍ମାଣରେ ଦକ୍ଷତା ହାସଲ କରିପାରିଛି।

*–ମମତାରାଣୀ ସେଠୀ, ମୂର୍ତ୍ତି କାରିଗର*



ଗୁରୁ ତଥା ସ୍ୱାମୀ ବଂଶୀଧରଙ୍କ ସହ ମମତାରାଣୀ

**ଗୁରୁଙ୍କ ଆଶୀର୍ବାଦରୁ ମିଳିଛି ସଫଳତା:** ଜଣେ ଯୁବ ନୃତ୍ୟଶିଳ୍ପୀ ଭାବେ ବେଶ୍ ପରିଚିତ ରୋଜାଲିନ୍ ପଣ୍ଡା। ଶ୍ରୀକ୍ଷେତ୍ରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଉତ୍ସବରେ ତାଙ୍କ ନୃତ୍ୟର ଝଲକ ଦେଖିବାକୁ ମିଳିଥାଏ। କେବଳ ପୁରୀ ନୁହେଁ, ଓଡ଼ିଶା ଏବଂ ବାହାର ରାଜ୍ୟରେ ନିଜ ଯାଦୁକରୀ ନୃତ୍ୟ ପରିବେଷଣ କରି ସେ ସମ୍ମାନିତ ହୋଇଛନ୍ତି। ସେ ଓଡ଼ିଶୀନୃତ୍ୟରେ ପ୍ରାଚୀନ କଳାକେନ୍ଦ୍ର ଚଣ୍ଡିଗଡ଼ରୁ ନୃତ୍ୟ ଭାସ୍କର ଓ ଅଖିଳ ଭାରତୀୟ ଗାନ୍ଧର୍ବ ମହାବିଦ୍ୟାଳୟରୁ ନୃତ୍ୟ ବିଶାରଦ ଉପାଧି ହାସଲ କରିଛନ୍ତି। ଜଣେ ଯୁବ ନୃତ୍ୟଶିଳ୍ପୀ ଭାବେ ଥିବା ନିଜର କଳାନୈପୁଣ୍ୟ ଲାଗି ସେ ଦର୍ଶକଙ୍କ ନିକଟରେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ତେବେ ଓଡ଼ିଶୀ ବ୍ୟତୀତ କଥକ, ସମ୍ବଲପୁରୀ କ୍ଲାସିକାଲ, ମାହାରୀ ନୃତ୍ୟ ପ୍ରତି ଆଗ୍ରହ ରଖୁଥିବା ରୋଜାଲିନ୍ ନିଜ ସଫଳତା ପଛରେ ଗୁରୁ ଅଶୋକ କୁମାର ଦାସଙ୍କ ଆଶୀର୍ବାଦ ଏବଂ ପ୍ରେରଣା ରହିଛି ବୋଲି ପ୍ରକାଶ କରନ୍ତି। ସେ କୁହନ୍ତି, ଆଜି ନୃତ୍ୟ କ୍ଷେତ୍ରରେ ଯେଉଁ ସ୍ଥାନରେ ପହଞ୍ଚିଛି ତାହା କେବଳ ମୋ ଗୁରୁଙ୍କ ଲାଗି ସମ୍ଭବ ହୋଇପାରିଛି। ପିଲାବେଳୁ ନୃତ୍ୟଶିକ୍ଷା ପ୍ରତି ରହିଥିବା ମୋର ଦୁର୍ବଳତା ତାଙ୍କ ଯୋଗୁ ପୂରଣ ହୋଇଛି। ତାଳ,ଲୟ, ଅଭିନୟ କିପରି ନିଖୁଣ ଭାବେ କରିପାରିବି ସେ ମୋତେ ଶିଖାଇଛନ୍ତି। ଯେକୌଣସି ପରିସ୍ଥିତିରେ ବି ଡରି ନ ଯାଇ କିମ୍ବା ହାର ନ ମାନି ତାକୁ ସାମ୍ନା କରିବାର ସାହସ ମୁଁ ତାଙ୍କଠାରୁ ପାଇଛି। ନିଷ୍ଠା ଓ ସମର୍ପଣ ଭାବ ସହିତ ନୃତ୍ୟ ପରିବେଷଣ କରିବାକୁ ସେ ସର୍ବଦା ମାର୍ଗଦର୍ଶନ କରିଛନ୍ତି। ତାଙ୍କଠାରୁ ଶିକ୍ଷାଲାଭ କରି ରାଜ୍ୟ ତଥା ଜାତୀୟ ସ୍ତରରେ ନୃତ୍ୟ ପରିବେଷଣକରି ଗୌରବ ଅର୍ଜନ କରିଛି। ତେବେ ବିଭିନ୍ନ ମଞ୍ଚରେ ବିଶେଷକରି ଗତବର୍ଷ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବରେ ଗୁରୁଙ୍କ ସହିତ ନୃତ୍ୟ ପରିବେଷଣ ମୋ ପାଇଁ ଭାଗ୍ୟର କଥା। ସେ କେବଳ ନୃତ୍ୟଗୁରୁ ନୁହନ୍ତି ବରଂ ଜଣେ ସଫଳ ମାର୍ଗଦର୍ଶକ। ତାଙ୍କ ଭଳି ଗୁରୁ ପାଇବା ମୋ ପାଇଁ ନିଶ୍ଚିତ ଭାବେ ଗୌରବର ବିଷୟ। ନିଜ ପିତାମାତା ଏବଂ ଗୁରୁଙ୍କ ଆଶୀର୍ବାଦ ନେଇ କରାଯାଇଥିବା କାର୍ଯ୍ୟରେ କିପରି ନିଶ୍ଚିତ ସଫଳତା ମିଳିଥାଏ, ତାହା ଅଙ୍ଗେ ନିଭାଇଛି।

*–ରୋଜାଲିନ୍ ପଣ୍ଡା, ଓଡ଼ିଶୀ ନୃତ୍ୟଶିଳ୍ପୀ*



ଗୁରୁ ଅଶୋକଙ୍କ ସହ ରୋଜାଲିନ୍

ଫ୍ୟାଶନ

# ଶାଢ଼ି ପିନ୍ଧୁଥିଲେ



**ଶାଢ଼ିକୁ ସଜାଡ଼ି ପିନ୍ଧି ଜାଣିଲେ ଏହା ପ୍ରତ୍ୟେକ ନାରୀଙ୍କୁ ଖୁବ୍ ସୁନ୍ଦର ମାନିଥାଏ। ତେଣୁ ଶାଢ଼ି ପିନ୍ଧିବା ବେଳେ କେଉଁ କଥା ପ୍ରତି ନଜର ଦେଲେ ଆପଣ ଅଧିକ ସୁନ୍ଦର ଲାଗିବେ ଜାଣିରଖନ୍ତୁ ଟିପ୍ସ...**

■ଯଦି ଆପଣ ଖୁବ୍ ଡେଙ୍ଗା ଏବଂ ପତଳା ତେବେ ଅନ୍ୟ ଶାଢ଼ି ତୁଳନାରେ ହେଭି ବର୍ଡର ଥିବା ବଡ଼ ବୋଲ୍ଡ ପ୍ରିଣ୍ଟ ଥିବା ଶାଢ଼ି ଚୟନ କରନ୍ତୁ, ଏହା ଆପଣଙ୍କୁ ସୁନ୍ଦର ମାନିବ। କିନ୍ତୁ ଡେଙ୍ଗା ହୋଇଥିଲେ ହେଁ ଯଦି ଆପଣ ମୋଟା ତେବେ ଏପରି ଶାଢ଼ି ନ ବାଛି ଜର୍ଜେଟ, ସିଫନ୍, ନେଟ୍ ଶାଢ଼ି ଭଳି ପତଳା ଏବଂ ହାଲୁକା ଶାଢ଼ି ପିନ୍ଧନ୍ତୁ।

■ଯଦି ଆପଣଙ୍କୁ ଲାଇଟ୍ କଲର ଶାଢ଼ିରେ ହେଭି ଏମ୍ବ୍ରୋଏଡରି କାମ ଥିବା ଶାଢ଼ି ପସନ୍ଦ ତେବେ ଜାଣିରଖନ୍ତୁ ପତଳା ବା ସ୍ଲିମ୍ ଫିଗରକୁ ଏହା ଭଲ ମାନିଥାଏ। ସେହିପରି ଆପଣ ପତଳା ହୋଇଥିଲେ ପାଟ, ମଠା, କଟନ୍, ଅର୍ଗାଞ୍ଜା ବାଛନ୍ତୁ, ଆକର୍ଷଣୀୟ ଲାଗିବେ।

■ମୋଟା ହୋଇଥିବାରୁ କେଉଁଭଳି ଶାଢ଼ି ଆପଣଙ୍କୁ ମାନିବ ବୋଲି ଚିନ୍ତା କରୁଛନ୍ତି ତେବେ ଡାର୍କ କଲରର ସିଫନ୍, ସିଲ୍କ ଭଳି ଶାଢ଼ି ସହ ଫୁଲ୍‌ସ୍ଲିଭ୍ ଲଙ୍ଗ୍ ବ୍ଲାଉଜ୍ ବାଛନ୍ତୁ। ମନେରଖନ୍ତୁ, କଟନ କିମ୍ବା ଅନ୍ୟ ହେଭି ଶାଢ଼ି ଆଦୌ ବାଛନ୍ତୁ ନାହିଁ। ଆବଶ୍ୟକରୁ ଅଧିକ ମୋଟା ଲାଗିବେ।

■ଅନେକଙ୍କର ଶରୀରର ଉପରଭାଗ ତୁଳନାରେ ତଳଭାଗ ସାଧାରଣତଃ ମୋଟା ଥାଏ। ତେଣୁ ଆପଣଙ୍କ ଫିଗର ଏପରି ହୋଇଥିଲେ ହେଭି ଶାଢ଼ି ନ ବାଛି ଜର୍ଜେଟ, ସିଫନ୍ କିମ୍ବା ବର୍ଡର ୱାର୍କ, ଏମ୍ବ୍ରୋଏଡରି ୱାର୍କ ଥିବା ପ୍ଲେନ୍ ଶାଢ଼ି ପିନ୍ଧନ୍ତୁ, ସୁନ୍ଦର ଲାଗିବେ। ମନେରଖନ୍ତୁ, ଯଦି ଆପଣଙ୍କର କେବଳ ଶରୀରର ମଧ୍ୟଭାଗ ଅର୍ଥାତ୍ ପେଟ, ଅଣ୍ଟା ଆଦି ଅପେକ୍ଷାକୃତ ମୋଟା ତେବେ ନେଟ୍ କିମ୍ବା ପତଳା ସିଫନ୍ ଭଳି ଶାଢ଼ି ନ ପିନ୍ଧି ପାଟ ଏବଂ ଅନ୍ୟ ହେଭି ଶାଢ଼ି ବିଶେଷକରି ଏମ୍ବ୍ରୋଏଡରି ୱାର୍କ ଥିବା ଶାଢ଼ି ବାଛନ୍ତୁ, ଭଲ ମାନିବ।

ଖାଦ୍ୟରୁଚି

# କଞ୍ଚାଆମ୍ବ ମାଛ

**ଆବଶ୍ୟକ ସାମଗ୍ରୀ:** ୧୮୦ ଗ୍ରାମ୍ ମାଛ, ୧୦୦ ଗ୍ରାମ୍ କଞ୍ଚାଆମ୍ବ, ୨୦୦ ଗ୍ରାମ୍ ପିଆଜ, ୮୦ ଗ୍ରାମ୍ ଟମାଟୋ, ୧୦ ଗ୍ରାମ୍ ଗୋଟା ଜିରା, ୨ ଗ୍ରାମ୍ ସୋରିଷ, ଅଳ୍ପ ମେଥି, ଛୋଟ ଛୋଟ କଟା ହୋଇଥିବା ଗୋଟିଏ କଞ୍ଚାଲଙ୍କା ଏବଂ ଅଦା, ୫ଗ୍ରାମ୍ ଶୁଖିଲା ଲଙ୍କା, ୫ଗ୍ରାମ୍ ଲେଖାଏଁ ହଳଦୀ ଓ ଜିରା ଗୁଣ୍ଡ, ୩ ଗ୍ରାମ୍ ଲଙ୍କାଗୁଣ୍ଡ, ୩ ଗ୍ରାମ୍ ଲୁଣ, ୨ ଗ୍ରାମ୍ ଗରମ ମସଲା, ୧୦ ମି.ଲି. ତେଲ ୧୫ମି.ଲି. ନଡ଼ିଆ ରସ।

**ପ୍ରସ୍ତୁତି ପ୍ରଣାଳୀ:** ଚୁଲାରେ ଏକ ପ୍ୟାନ୍ ବସାଇ ତେଲ ଗରମ କରନ୍ତୁ। ସେଥିରେ ସୋରିଷ, ମେଥି ପକାନ୍ତୁ। ଫୁଟିବା ଆରମ୍ଭ ହେଲେ କଟା ଅଦା ଏବଂ କଞ୍ଚାଲଙ୍କା ପକାଇ ଭାଜନ୍ତୁ। ସେଥିରେ କଟା ପିଆଜ ପକାଇ ଲାଲ୍ ହେବା ଯାଏ ଭାଜନ୍ତୁ। ଏକ କପ୍‌ରେ ଲଙ୍କା, ହଳଦୀ ଏବଂ ଜିରାଗୁଣ୍ଡ ପକାଇ ଅଳ୍ପ ପାଣି ଦେଇ ପେଷ୍ଟ କରନ୍ତୁ। ଏହାକୁ ପ୍ୟାନ୍‌ରେ ଢାଳି ଗୋଳାନ୍ତୁ। ଛୋଟ ଛୋଟ କଟା ଟମାଟୋ ମଧ୍ୟ ପକାଇ ଗୋଳାନ୍ତୁ। କଷି ହୋଇଯିବା ପରେ ସେଥିରେ କଟା ଆମ୍ବ ଏବଂ ଏକ କପ୍ ପାଣି ପକାଇ କିଛି ସମୟ ଘୋଡାଇ ଦିଅନ୍ତୁ। ବର୍ତ୍ତମାନ ନଡିଆକୁ ପେଷ୍ଟକରି ଏଥିରେ ଢାଳନ୍ତୁ। ଶେଷରେ ସେଥିରେ କଟା ମାଛ ଏବଂ ସ୍ୱାଦାନୁସାରେ ଲୁଣ ପକାଇ ୧୦ରୁ ୧୫ ମିନିଟ୍ ଚୁଲା ସିମ୍ ରଖି ଛାଡି ଦିଅନ୍ତୁ। ସିଝିଯିବା ପରେ ଏହାକୁ କାଢି ଗରମ ଗରମ ପରଷନ୍ତୁ।





“ଏଭଳି କ୍ରୟ କର, ଯାହାକୁ ବିକ୍ରି କରିବା ପାଇଁ ବାଧ ହେବେ ନାହିଁ।
– ୱାରେନ୍ ବଫେ, ପ୍ରତିଷ୍ଠାତା, ୱର୍କଶେୟାର ହାଥାୱେ



“ଅନ୍ୟମାନଙ୍କ ସହିତ ନିଜକୁ କେବେ ତୁଳନା କରନାହିଁ। ଯଦି ଏଭଳି କରୁଛନ୍ତି ଏହାର ଅର୍ଥ ନିଜେ ନିଜକୁ ଅପମାନିତ କରୁଛନ୍ତି।
– ବିଲ୍ ଗେଟ୍ସ, ପ୍ରତିଷ୍ଠାତା, ମାଇକ୍ରୋସଫ୍ଟ

## ସଂକ୍ଷେପରେ

### ଯାଞ୍ଚ ଘେରକୁ ଆସିବ କୋଚର ପରିବାର ସମ୍ପତ୍ତି



**ମୁମ୍ବାଇ,୩-୯:** ଭିଡିଓକନ ଗ୍ରୁପ୍‌କୁ ଋଣ ପ୍ରଦାନ ମାମଲାରେ ଆଇସିଆଇସିଆଇ ବ୍ୟାଙ୍କ ସିଇଓ ତଥା ଏମ୍‌ଡି ଚନ୍ଦା କୋଚର ଯାଞ୍ଚର ସାମ୍ନା କରୁଛନ୍ତି। ତାଙ୍କ ସମ୍ପର୍କରେ ଯାଞ୍ଚ କରୁଥିବା ଜଷ୍ଟିସ ଶ୍ରୀକ୍ରିଷ୍ଣା କମିଶନ ତାଙ୍କ ପରିବାରର ସମ୍ପତ୍ତି କିଣାବିକାର ଯାଞ୍ଚ କରିବେ। ଆଇସିଆଇସିଆଇ ବ୍ୟାଙ୍କ ବୋର୍ଡ ପକ୍ଷରୁ ଏସଂକ୍ରାନ୍ତରେ କମିଟିକୁ ପତ୍ର ଲେଖାଯାଇଛି। ଚନ୍ଦା କୋଚର ଆଇସିଆଇସିଆଇ ବ୍ୟାଙ୍କର ଦାୟିତ୍ୱ ନେବା ପରଠାରୁ ତାଙ୍କ ପରିବାର ପକ୍ଷରୁ ବଜାର ଦର ଠାରୁ କମ୍‌ରେ ଅଥବା ରିହାତିରେ ସମ୍ପତ୍ତି କିଣାଯାଇଛି କି ନା ତାହା ଯାଞ୍ଚ କରାଯିବା ଆବଶ୍ୟକ ବୋଲି ପତ୍ରରେ ଦର୍ଶାଯାଇଛି। ଏହାଛଡା ତାଙ୍କର କାର୍ଯ୍ୟକାଳ ଭିତରେ ଆଇସିଆଇସିଆଇ ବ୍ୟାଙ୍କ ସହ ସମ୍ପର୍କ ରଖିଥିବା ବିଲ୍ଡର ଅଥବା ରିଏଲ ଇଷ୍ଟେଟ କମ୍ପାନୀଙ୍କ ଆର୍ଥିକ କାରବାର ମଧ ଯାଞ୍ଚ ଘେରକୁ ଆସିବା ଦରକାର ବୋଲି କୁହାଯାଇଛି। ବ୍ୟାଙ୍କ ବୋର୍ଡ ପକ୍ଷରୁ ଏଭଳି ପତ୍ର ଆସିଥିବା ଜଷ୍ଟିସ ଶ୍ରୀକ୍ରିଷ୍ଣା ସ୍ୱୀକାର କରିଛନ୍ତି।

### ୧୦ରୁ ଅଧିକ ଶାଖା ଥିଲେ ଇଣ୍ଟରନାଲ୍ ଅମ୍ବୁଡ୍ସମ୍ୟାନ୍ ରଖିବେ ବ୍ୟାଙ୍କ

**ମୁମ୍ବାଇ,୩-୯(ପି.ଟି.):** ଯେଉଁ ବାଣିଜ୍ୟିକ ବ୍ୟାଙ୍କଗୁଡିକର ଶାଖା ସଂଖ୍ୟା ୧୦ରୁ ଅଧିକ ସେମାନଙ୍କୁ ଇଣ୍ଟରନାଲ୍ ଅମ୍ବୁଡ୍ସମ୍ୟାନ୍ ନିଯୁକ୍ତ କରିବାକୁ ପଡିବ। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସୋମବାର ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଏହି ନିର୍ଦ୍ଦେଶ ଦେଇଥିବା ବେଳେ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ(ଆର୍‌ଆର୍‌ବି)କୁ ଏଥିରେ ଅନ୍ତର୍ଭୁକ୍ତ କରି ନାହାଁ। ବିଭିନ୍ନ ସମସ୍ୟାକୁ ନେଇ ଗ୍ରାହକମାନଙ୍କର ଯେଉଁ ଅଭିଯୋଗ ରହିଛି ତାହାକୁ ଉକ୍ତ ବ୍ୟାଙ୍କରେ ସମାଧାନ କରିବା ପାଇଁ ଏହି ଇଣ୍ଟରନାଲ୍ ବା ଆଭ୍ୟନ୍ତରୀଣ ଅମ୍ବୁଡ୍ସମ୍ୟାନ୍ ନିଯୁକ୍ତି ବ୍ୟବସ୍ଥା ରହିଛି। ଏମାନେ ଗ୍ରାହକମାନଙ୍କ ଅଭିଯୋଗକୁ ତର୍ଜମା କରିବେ। ବ୍ୟାଙ୍କ ସେବା ଯୋଗାଇବାରେ କାହିଁକି ସକ୍ଷମ ହୋଇ ନାହିଁ ସେ ବାବଦରେ ସମୀକ୍ଷା କରିବେ।

### ଟେସ୍‌ଲା କାର୍ ପାଇବେ ଆଇଟି କମ୍ପାନୀ କର୍ମଚାରୀ

**ବେଙ୍ଗାଲୁରୁ,୩-୯:** ରାଜସ୍ୱ ବୃଦ୍ଧି ଉଦ୍ଦେଶ୍ୟରେ ବିକ୍ରି ବଢ଼ାଇବା ଲକ୍ଷ୍ୟରେ ଆଇଟି କମ୍ପାନୀଗୁଡିକ ନୂଆ ନୂଆ ମାଧମ ଖୋଜି ବାହାର କରୁଛନ୍ତି। ମାଫ୍‌ସିସ୍ କମ୍ପାନୀ ଏହାର ସେଲ୍ସ ଷ୍ଟାଫଙ୍କୁ ଇନସେଣ୍ଟିଭ ଭାବେ ଟେସ୍‌ଲା କାର୍ ଦେବାକୁ ପ୍ରତିଶ୍ରୁତି ଦେଇଛି। କେବଳ ମାଫ୍‌ସିସ୍ ନୁହେଁ ଇନଫୋସିସ୍ ଓ ଆକ୍ସେଞ୍ଚର ଭଳି ଆଇଟି କମ୍ପାନୀ ମାନେ ମଧ ସେମାନଙ୍କର ସେଲ୍ସ ଷ୍ଟାଫଙ୍କୁ ଇନସେଣ୍ଟିଭ ଦେବାକୁ ଇଚ୍ଛା ଜାହିର କରିଛି। ମାଫ୍‌ସିସ୍ ସିଇଓ ନିତୀନ ରାକେଶ କମ୍ପାନୀର ସେଲ୍ସ ଷ୍ଟାଫଙ୍କୁ କହିଛନ୍ତି ଯେ, ରାଜସ୍ୱ ଆଦାୟରେ ଅଗ୍ରଣୀ ରହିଥିବା ସେଲ୍ସ କର୍ମଚାରୀଙ୍କୁ କମ୍ପାନୀର ଏକଜିକ୍ୟୁଟିଭ ଟିମ୍ ସହିତ ଦୁଇ ଦିନ ରହିବାର ସୁଯୋଗ ମିଳିବ ଏବଂ ତାଙ୍କୁ ଏକ ଟେସ୍‌ଲା କାର୍ ଇନସେଣ୍ଟିଭ ଭାବେ ଦିଆଯିବ। କର୍ମଚାରୀଙ୍କୁ ଅଟୋମେଶନ ଲାଗି ପ୍ରୋତ୍ସାହିତ କରାଯାଉଛି ବୋଲି ସେ କହିଛନ୍ତି।

### ଇରାନ ଅଶୋଧିତ ତେଲ ସ୍ମଗ୍‌ଲିଂ କରିବ

**ତେହେରାନ,୩-୯:** ଅଶୋଧିତ ତେଲ ବିକ୍ରିକୁ ନେଇ ନଭେମ୍ବରରେ ଇରାନ ବିରୋଧରେ ଆମେରିକାର କଟକଣା ଲାଗୁ ହୋଇଯିବ। ତେବେ ଏହାକୁ ବେଖାତିର କରି ଇରାନ ସ୍ମଗଲିଂ, ଡିସକାଉଣ୍ଟ ଆଦି ଜରିଆରେ ଦୈନିକ ୮ ଲକ୍ଷ ବ୍ୟାରେଲ ତେଲ ବିକିବାକୁ ଯୋଜନା ପ୍ରସ୍ତୁତ କରିଛି। ପୂର୍ବରୁ ମଧ ଆମେରିକା ଏଭଳି କଟକଣା ଲାଗୁ କରିଥିଲା। ସେତେବେଳେ ଇରାନ ନିଜର ତେଲ ବିକିବା ଲାଗି ଉକ୍ତ ବାଟ ଆପଣାଇଥିଲା। ଦେଶର ତୈଳମନ୍ତ୍ରୀ ବାଇଜାନ ନାମଦାର ଜାଙ୍ଗାନେହଙ୍କ ଗୋଟିଏ ବକ୍ତବ୍ୟରୁ ଏହା ସ୍ପଷ୍ଟ ହୋଇଛି। ସେ କହିଛନ୍ତି ଯେ, ନିଜ ଦେଶର ତେଲ ବିକିବା ଲାଗି ଇରାନ ବିକଳ୍ପ ରାସ୍ତା ଆପଣାଇବ। ପୂର୍ବର କଟକଣା ଲାଗୁ ପୂର୍ବରୁ ଓପେକ୍ ଦେଶ ଜାହାଜର ଗତିବିଧି ତଥା କେତେ ତେଲ ରପ୍ତାନି ହେଉଛି ଜାଣିବା ଲାଗି ଏକ ଟ୍ରାକିଂ ସିଷ୍ଟମ ଆପଣାଇଥିଲା, ଯାହାକୁ ପରେ ପ୍ରତ୍ୟାହାର କରିନିଆଯାଇଛି। ଟ୍ରାକିଂ ସିଷ୍ଟମ ବନ୍ଦ ହୋଇଯିବା କାରଣରୁ କଟକଣା ବେଳେ ଇରାନ କେତେ ତେଲ ବିକିଥିଲା ତାହା ଜଣାପଡି ନ ଥିଲା। କଟକଣା ପରେ ମଧ ଇରାନରୁ ଚାଇନା, ଭାରତ ଓ ତୁର୍କି ଅଶୋଧିତ ତେଲ କିଣିବା ଜାରି ରଖିବେ ବୋଲି ଦୁବାଇସ୍ଥିତ କାମାର ଏନର୍ଜି କନ୍‌ସଲଟାନ୍ସିର ସିଇଓ ରବିନ ମିଲ୍ସ କହିଛନ୍ତି।

## ବିମୁଦ୍ରୀକରଣ ନୁହେଁ, ଏନ୍‌ପିଏ ସମସ୍ୟା ଦାୟୀ
# ରାଜନଙ୍କ ମୁଣ୍ଡରେ ଅଠା ବୋଳିଲେ ରାଜୀବ

**ନୂଆଦିଲ୍ଲୀ,୩-୯**

### ବିକାଶର ଧିମା ଗତି

- ୨୦୧୫-୧୬ରେ ଜିଡିପି ଅଭିବୃଦ୍ଧି ଥିଲା ୯.୨%
- ୨୦୧୮-୧୯ ପ୍ରଥମ ତ୍ରୈମାସରେ ୮.୨%



- ୨୦୧୭ ମଧଭାଗ ପର୍ଯ୍ୟନ୍ତ ଏନ୍‌ପିଏ ୧୦.୫ ଲକ୍ଷ କୋଟି ଟଙ୍କା
- ବୃହତ୍ ଉଦ୍ୟୋଗକୁ ଋଣ ପ୍ରଦାନ ୧%କୁ ହ୍ରାସ

ବିମୁଦ୍ରୀକରଣ ଯୋଗୁ ଦେଶର ଅଭିବୃଦ୍ଧି ଗତି ଧିମା ହୋଇଛି। ଏକଥା ମାନିବାକୁ କେନ୍ଦ୍ର ସରକାର ରାଜି ନୁହନ୍ତି। ନୀତି ଆୟୋଗ ଏଥିପାଇଁ ଓଲଟା ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନଙ୍କ ନୀତିକୁ ଦାୟୀ କରିଛି। ନୀତି ଆୟୋଗ ଉପାଧକ୍ଷ ରାଜୀବ କୁମାର ସୋମବାର କହିଛନ୍ତି ଯେ, ଏନ୍‌ପିଏ( ଅନାଦାୟ ଋଣ) ସମସ୍ୟା ଯୋଗୁ ଦେଶର ଅଭିବୃଦ୍ଧି ହାର ଧିମା ହୋଇଛି। ବିମୁଦ୍ରୀକରଣକୁ ଏଥିପାଇଁ ଦାୟୀ କରାଯାଇପାରିବ ନାହିଁ।

ରିଜର୍ଭ ବ୍ୟାଙ୍କର ଗଭର୍ନର ଭାବେ ରାଜନଙ୍କ କାର୍ଯ୍ୟକାଳ ମଧରେ ବ୍ୟାଙ୍କଗୁଡିକର ଏନ୍‌ପିଏ ସର୍ବାଧିକ ବୃଦ୍ଧି ପାଇଛି ବୋଲି କୁମାର ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ବିମୁଦ୍ରୀକରଣ ଓ ଅଭିବୃଦ୍ଧି ହାର ହ୍ରାସ ମଧରେ ପ୍ରତ୍ୟକ୍ଷ ସମ୍ପର୍କ ରହିଥିବା ପ୍ରମାଣ ମିଳିନାହିଁ। ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇ ଲୋକେ ଏଭଳି ଆଶଙ୍କାବ୍ୟକ୍ତ କରୁଛନ୍ତି। ଏପରି କି ପୂର୍ବତନ ପ୍ରଧାନମନ୍ତ୍ରୀ ଡ.ମନମୋହନ ସିଂହ ଓ ପୂର୍ବତନ ଅର୍ଥମନ୍ତ୍ରୀ ପି.ଚିଦାମ୍ବରମଙ୍କ ବକ୍ତବ୍ୟ ଏଭଳି ଧାରଣାକୁ ଅଧିକ ମଜଭୁତ୍ କରିଛି। ୨୦୧୫-୧୬ରେ ଦେଶର ଅଭିବୃଦ୍ଧି ହାର ୯.୨% ଥିଲା। ଏହା ପରଠାରୁ କ୍ରମାଗତ ହ୍ରାସ ପାଇଚାଲିଲା। ବିମୁଦ୍ରୀକରଣ ଏଥିପାଇଁ ଦାୟୀ ନୁହେଁ। ଗତ ଦେଢ଼ବର୍ଷ ହେବ ଏହି ଧାରା ଜାରି ରହିଛି। ତାଙ୍କର ଯୁକ୍ତି ହେଲା, ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଏନ୍‌ପିଏ ବୃଦ୍ଧି ଜିଡିପି ଅଭିବୃଦ୍ଧି ହାରରେ ବାଧକ ସାଜିଛି। ବର୍ତ୍ତମାନର ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ବେଳେ ଦେଶର ମୋଟ୍ ଏନ୍‌ପିଏ ପରିମାଣ ୪ ଲକ୍ଷ କୋଟି ଟଙ୍କା ଥିଲା, ଯାହା ୨୦୧୭ ମଧଭାଗରେ ବଢ଼ି ୧୦.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଅନାଦାୟ ଋଣ ଚିହ୍ନଟ ଲାଗି ରାଜନଙ୍କ ନୀତି ଯୋଗୁ ଏଭଳି ବୃଦ୍ଧି ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏହାକୁ ଦେଖି ବ୍ୟାଙ୍କ ଗୁଡିକ ବାଧ ହୋଇ ଉଦ୍ୟୋଗ ଜଗତକୁ ଋଣ ଦେବା ବନ୍ଦ କରିଦେଲେ। ବାସ୍ତବରେ ଦେଖିବାକୁ ଗଲେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ଋଣ ଦେବା ସମ୍ପୂର୍ଣ୍ଣ ହ୍ରାସ ପାଇଲା। ବୃହତ୍ ଉଦ୍ୟୋଗକୁ ଋଣ ପ୍ରଦାନ ୧%, ଏପରି କି କିଛି ମାସ ଧରି ଅଢ଼େଇ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଲା। ବିତ୍ତୀୟ ନିଅଣ୍ଟକୁ ନିୟନ୍ତ୍ରଣରେ ରଖି ସରକାର ପ୍ରକଳ୍ପ ନିର୍ମାଣରେ ବ୍ୟୟ ବଢ଼ାଇବା ଯୋଗୁ ହିଁ ବିକାଶ ହାର ଏବେ ବଢ଼ିଛି ବୋଲି କୁମାର ଯୁକ୍ତି ବାଢ଼ିଛନ୍ତି।

# ଜିଏସ୍‌ଟି ବିଜ୍ଞାପନରେ ୧୩୨ କୋଟି ଖର୍ଚ୍ଚ

**ନୂଆଦିଲ୍ଲୀ,୩-୯**



କେନ୍ଦ୍ର ସରକାର ଛପା ଗଣମାଧମରେ ଜିଏସ୍‌ଟି ବିଜ୍ଞାପନ ଦେଇ ୧୩୨.୩୮ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଏକ ଆର୍‌ଟିଆଇ ଉତ୍ତରରେ କୁହାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ବ୍ୟୁରୋ ଅଫ ଆଉଟରିଚ୍ ଆଣ୍ଡ କମ୍ୟୁନିକେଶନ କହିଛି ଯେ, ଛପା ଗଣମାଧମକୁ ଦିଆଯାଇଥିବା ବିଜ୍ଞାପନରେ ୧,୨୬,୯୩,୯୭,୧୨୧ ଟଙ୍କା ପ୍ରଦାନ କରାଯାଇଛି। ମେଗାଷ୍ଟାର ଅମିତାଭ ବଚ୍ଚନଙ୍କୁ ଜିଏସ୍‌ଟି ସମ୍ପର୍କରେ ସଚେତନ କରିବା ଲାଗି କେନ୍ଦ୍ର ସରକାର ତାଙ୍କୁ ବ୍ରାଣ୍ଡ ଆମ୍ବାସଡ଼ର ଭାବେ ନିୟୋଜିତ କରିଥିଲେ। ଆଉଟଡୋର ମେଡିଆ ବାବଦରେ ୫ କୋଟି ଟଙ୍କା ବ୍ୟୟ କରାଯାଇଛି। ଅପରପକ୍ଷରେ ଇଲେକ୍ଟ୍ରୋନିକ ଗଣମାଧମରେ ଏଥିପାଇଁ ଟଙ୍କାଟିଏ ଖର୍ଚ୍ଚ କରାଯାଇନି। ଗତବର୍ଷ ଜୁଲାଇ ପହିଲାରୁ ଦେଶରେ ବସ୍ତୁ ଏବଂ ସେବା କର(ଜିଏସ୍‌ଟି) ଲାଗୁ କରାଯାଇଥିଲା। ଏହି ଅପ୍ରତ୍ୟକ୍ଷ ଟିକସ ବ୍ୟବସ୍ଥାକୁ ଆପଣାଇବା ଲାଗି ସରକାର ଜୁଲାଇ ପହିଲା ପୂର୍ବରୁ ଛପା ଗଣମାଧମ ଜରିଆରେ ବ୍ୟବସାୟୀ ଓ ଜନସାଧାରଣଙ୍କୁ ସଚେତନ କରିବା ଆରମ୍ଭ କରିଥିଲେ।

## ପଳାତକ ଅପରାଧୀ ମାମଲା
# ମାଲ୍ୟାଙ୍କୁ ୩ ସପ୍ତାହ ମହଲତ

**ମୁମ୍ବାଇ,୩-୯**



ପଳାତକ ଅପରାଧୀ ଘୋଷଣା ମାମଲାରେ ପିଏମ୍‌ଏଲ୍‌ଏ ଅଦାଲତ ସୋମବାର ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ଜବାବ ଦେବା ଲାଗି ୩ ସପ୍ତାହ ସମୟ ଦେଇଛନ୍ତି। ଲଣ୍ଡନ ପଳାଇଥିବା ମାଲ୍ୟାଙ୍କୁ ପଳାତକ ଅପରାଧୀ ଭାବେ ଘୋଷଣା କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ପିଏମ୍‌ଏଲ୍‌ଏ ଅଦାଲତରେ ମାମଲା ଦାଏର କରାଯାଇଛି। ଚଳିତ ମାସ ୨୪ ତାରିଖ ସୁଦ୍ଧା ସେ ଜବାବ ଦାଖଲ କରିବେ।

ପିଏମ୍‌ଏଲ୍‌ଏ ଅଦାଲତରେ ଅଗଷ୍ଟ ୨୭ରେ ମାଲ୍ୟାଙ୍କ ବିରୋଧରେ ମାମଲାର ଶୁଣାଣି ହେବାର ଥିଲା। ସେଦିନ ଅଦାଲତରେ ତାଙ୍କ ଭଉଣୀଙ୍କ ସମେତ ଅନ୍ୟ କେତେକ ଏହି ମାମଲାରେ ପକ୍ଷଭୁକ୍ତ ହେବାକୁ ଆବେଦନ କରିଥିଲେ। ସେମାନେ ଇଡି ପକ୍ଷରୁ ଦାଖଲ କାଗଜପତ୍ର ଯୋଗାଇ ଦେବାକୁ ଆବେଦନରେ ଦର୍ଶାଇଥିଲେ। ଏହି କାରଣରୁ ବିଚାରପତି ଆଜିର ଦିନରେ ଏହାର ଶୁଣାଣି କରିବେ ବୋଲି ଦିନ ଧାର୍ଯ୍ୟ କରିଥିଲେ। ତେବେ ସୋମବାର ଶୁଣାଣି ବେଳେ ମାଲ୍ୟାଙ୍କୁ ଜବାବ ଦେବା ଲାଗି ସମୟ ଦେବାକୁ ଇଡି ବିରୋଧ କରିଥିଲା। ପଳାତକ ଅପରାଧୀ ଆଇନରେ ଏଭଳି ବ୍ୟବସ୍ଥା ନାହିଁ ବୋଲି ଇଡି ଓକିଲ ଯୁକ୍ତି ଦର୍ଶାଇଥିଲେ। ବିଚାରପତି ସମସ୍ତ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ମାଲ୍ୟାଙ୍କୁ ଜବାବ ଦେବାକୁ ୩ ସପ୍ତାହ ସମୟ ଦେଇଛନ୍ତି। ପଳାତକ ଅପରାଧୀ ଆଇନାନୁଯାୟୀ ପଳାତକ ବ୍ୟକ୍ତିଙ୍କୁ ଅଦାଲତ ଅପରାଧୀ ଭାବେ ଘୋଷଣା କଲେ ତାଙ୍କର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ ହୋଇଯିବ। ମାଲ୍ୟା ପ୍ରାୟ ୯ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ନେଇ ଲଣ୍ଡନ ପଳାଇଛନ୍ତି।

## ବଦଳିରେ ଯିବାକୁ ବିଳମ୍ବ
# ରେଲୱେ ବାବୁଙ୍କ ପଦୋନ୍ନତି ଅଟକିବ

**ନୂଆଦିଲ୍ଲୀ,୩-୯**

ବଦଳି ପରେ ନୂଆ ସ୍ଥାନକୁ ଯିବାରେ ବିଳମ୍ବ କଲେ ଅଥବା ଯିବାକୁ ନ ଚାହିଁଲେ ରେଲୱେ ବାବୁମାନଙ୍କ ପଦୋନ୍ନତି ଅଟକିବ। ଏଭଳି କ୍ଷେତ୍ରରେ ଅନ୍ତତଃପକ୍ଷେ ପଦୋନ୍ନତିକୁ ବର୍ଷେ ଝୁଲାଇ ଦେବାକୁ ରେଲୱେ ବୋର୍ଡ ପକ୍ଷରୁ ନିଷ୍ପତ୍ତି ନିଆଯାଇ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି।

ସୂଚନା ଥାଉ କି, ରେଲୱେ ବୋର୍ଡ ପକ୍ଷରୁ ୨୦୧୫ରେ ଏକ ସମନ୍ୱିତ ଟ୍ରାନ୍ସଫର ନୀତି ଆପଣାଯାଇଥିଲା। ବଦଳି ହୋଇଥିବା କର୍ମଚାରୀ ମାସକ ମଧରେ ଯେପରି ବଦଳି ସ୍ଥାନକୁ ଯିବେ ତାହା ବିଭାଗୀୟ ମୁଖ୍ୟ ଦେଖିବେ। କିନ୍ତୁ ଦେଖାଯାଇଛି ଯେ, ଗୋଟିଏ ଜୋନ୍ କିମ୍ବା ଅନ୍ୟ ୟୁନିଟ୍‌କୁ ପଦୋନ୍ନତି ସହ ବଦଳି ହୋଇଥିବା ଅଧିକାରୀ ନିର୍ଦ୍ଧାରିତ ସମୟ ମଧରେ ନୂଆ ସ୍ଥାନକୁ ଯାଉ ନାହାନ୍ତି। ସେମାନେ ବିଭିନ୍ନ ଆଳ ଦେଖାଇ ବଦଳିକୁ ଟାଳି ଦେବାକୁ ଚେଷ୍ଟା କରୁଛନ୍ତି ଅଥବା ଏଥିରେ ବିଳମ୍ବ କରୁଛନ୍ତି। ଏହାଦ୍ୱାରା ଜୋନ୍ କିମ୍ବା ୟୁନିଟ୍‌ର ପ୍ରଶାସନିକ କ୍ଷେତ୍ରରେ ଅସୁବିଧା ସୃଷ୍ଟି ହେଉଛି। ବଦଳି ଅଥବା ପଦୋନ୍ନତିକୁ ମାନୁ ନଥିବା ଅଧିକାରୀଙ୍କ ଏଭଳି ଅଭ୍ୟାସକୁ ରୋକିବା ମୁଖ୍ୟ ଉଦ୍ଦେଶ୍ୟ। ଏଥିପାଇଁ ଏଭଳି ପଦକ୍ଷେପ ନିଆଯାଉଛି ବୋଲି ଅଗଷ୍ଟ ୨୯ରେ ଜାରି କରାଯାଇଥିବା ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି। ବଦଳି/ପଦୋନ୍ନତିକୁ ଅବଜ୍ଞା କରୁଥିବା ଅଧିକାରୀଙ୍କ କାର୍ଯ୍ୟକୁ ନିର୍ଦ୍ଦେଶ ଅବମାନନା ବୋଲି ଧରାଯିବ ଏବଂ ବର୍ଷକ ପାଇଁ ତାଙ୍କର ପଦୋନ୍ନତିକୁ ରୋକାଯିବ। ଏହାଦ୍ୱାରା ସେମାନେ ନିଜର ବରିଷ୍ଠତା ହରାଇବେ ବୋଲି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି।


## ନୂଆ ରେକର୍ଡ ଛୁଇଁଲା ତୈଳ ଦର

**ନୂଆଦିଲ୍ଲୀ, ୩-୯(ପି.ଟି.)**

ଦେଶରେ ସୋମବାର ପେଟ୍ରୋଲ ଓ ଡିଜେଲ ଦର ଆଉ ଏକ ନୂଆ ରେକର୍ଡ ସ୍ତରରେ ପହଞ୍ଚିଛି। ସୂଚନା ଅନୁସାରେ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ଦର ୭୯.୧୫ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ଡିଜେଲ ଦର ୭୧.୧୫ ଟଙ୍କାରେ ପହଞ୍ଚିଛି। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକର ସୂଚନା ଅନୁସାରେ ସୋମବାର ପେଟ୍ରୋଲ ଲିଟର ପିଛା ଦର ୩୧ ପଇସା ବୃଦ୍ଧି ପାଇଛି। ସେହିପରି ଡିଜେଲ ଦର ୩୯ ପଇସା ବୃଦ୍ଧି ପାଇଛି। ଫଳରେ ମୁମ୍ବାଇରେ ପେଟ୍ରୋଲ ଦର ୮୬.୫୬ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ଡିଜେଲ ଦର ୭୫.୫୪ ଟଙ୍କାକୁ ବୃଦ୍ଧି ପାଇଛି।

# ସାର୍ବଜନୀନ ପରିବହନ ଲାଗି ‘ଗୋଟିଏ ଦେଶ ଗୋଟିଏ କାର୍ଡ’ ନୀତି

**ନୂଆଦିଲ୍ଲୀ,୩-୯**




ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ଏକସୂତ୍ରରେ ବାନ୍ଧିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଖୁବଶୀଘ୍ର ‘ଗୋଟିଏ ଦେଶ ଗୋଟିଏ କାର୍ଡ’ ନୀତି ଆପଣାଇବେ। ଏହାଦ୍ୱାରା ଏକାଧିକ ପରିବହନ ବ୍ୟବସ୍ଥାରେ ନିରନ୍ତର ସେବା ଯୋଗାଇବା ସମ୍ଭବ ହୋଇପାରିବ ବୋଲି ନୀତି ଆୟୋଗ ସିଇଓ ଅମିତାଭ କାନ୍ତ କହିଛନ୍ତି।

ଫ୍ୟୁଚର ମୋବିଲିଟି ସମ୍ମିଳନୀ ୨୦୧୮ରେ ଯୋଗ ଦେଇ ସେ କହିଛନ୍ତି ଯେ, ଭାରତ ଏକ ଜନବହୁଳ ରାଷ୍ଟ୍ର ହୋଇଥିବା ବେଳେ ଦେଶର ବିକାଶରେ ପରିବହନ ମେରୁଦଣ୍ଡ ସଦୃଶ। ଗାଡି ସହିତ ଆମକୁ ଲୋକଙ୍କ ହିତ ପ୍ରତି ପ୍ରଥମେ ଦୃଷ୍ଟି ଦେବାକୁ ପଡିବ। ସ୍ୱଚ୍ଛ ତଥା ନିରନ୍ତର ପରିବହନ ଲାଗି ଆମକୁ ଯୋଜନା ପ୍ରସ୍ତୁତ କରିବାକୁ ହେବ। ଦେଶର ଜିଡିପିରେ ସଡ଼କ ପରିବହନର ଯୋଗଦାନ ୪% ଥିବା ବେଳେ ଏହା ଫସିଲ ଫୁଏଲ ଉପରେ ନିର୍ଭରଶୀଳ। ପାଣିପାଗରେ ପରିବର୍ତ୍ତନ, ବାୟୁ ପ୍ରଦୂଷଣ ଯୋଗୁ ଜନଜୀବନ ପ୍ରଭାବିତ ହେଉଛି। ଏହାକୁ ରୋକିବାକୁ ହେବ। ଏହି ସମ୍ମିଳନୀରେ ଯୋଗ ଦେଇ ନୀତି ଆୟୋଗ ପରାମର୍ଶଦାତା ଅନୀଲ ଶ୍ରୀବାସ୍ତବ କହିଥିଲେ ଯେ, ସାରା ଭାରତରେ ଏକ ସୁଦୃଢ଼ ଇକୋ ପରିବହନ ବ୍ୟବସ୍ଥା ଆପଣାଇବା ଲାଗି କେନ୍ଦ୍ର ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି।

# କେରଳ ବନ୍ୟା ପୀଡ଼ିତଙ୍କୁ ଆର୍ଥିକ ସହାୟତା ଦେଲା ଓଏସ୍‌ଏଚ୍‌ବି

**ଭୁବନେଶ୍ୱର,୩-୯**



କେରଳ ବନ୍ୟା ପୀଡ଼ିତଙ୍କ ଉଦ୍ଦେଶ୍ୟରେ ଓଡିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ(ଓଏସ୍‌ଏଚ୍‌ବି) ୧୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଛି। ଏହି ଅର୍ଥରାଶି ସଂସ୍ଥା ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯାଇଛି। ବୋର୍ଡ ସୂଚନା ଅନୁସାରେ, ଶନିବାର ରାଜ୍ୟ ସଚିବାଳୟରେ ବୋର୍ଡ଼ ଅଧକ୍ଷ ଭୂପିନ୍ଦର ସିଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୧୦ ଲକ୍ଷ ଟଙ୍କାର ଚେକ୍ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ବୋର୍ଡର ସଚିବ ଗଙ୍ଗାଧର ପାତ୍ର, ମୁଖ୍ୟଯନ୍ତ୍ରୀ ଅରୁଣ କୁମାର ମିଶ୍ର, ବିତ୍ତ ଉପଦେଷ୍ଟା ପଦ୍ମିନୀ ପାତ୍ର, ଲୋକସମ୍ପର୍କ ଅଧିକାରୀ ବସନ୍ତ ସାହାଣୀ, ବୋର୍ଡର କର୍ମଚାରୀ ସଂଘ ସଭାପତି ମନୋଜ ମହାନ୍ତି, ସାଧାରଣ ସମ୍ପାଦକ ସଚ୍ଚିଦାନନ୍ଦ ଆଚାର୍ଯ୍ୟ, ଉପସଭାପତି ବିଷ୍ଣୁ ପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ ହଜାରରୁ ଉର୍ଦ୍ଧ୍ୱ ପୋଷାକ ଦେଲା ସିଟିଲାଇଫ୍

**କୋଲକାତା,୩-୯**




ଉତ୍ତର-ପୂର୍ବ ଭାରତରେ ଏକ ପ୍ରମୁଖ ଫ୍ୟାମିଲି ଷ୍ଟୋର ଚେନ୍ ଭାବେ ଆଦୃତ ହୋଇଥିବା ସିଟି ଲାଇଫ୍ କେରଳ ବନ୍ୟା ପ୍ରଭାବିତଙ୍କୁ ସହାୟତାର ହାତ ବଢ଼ାଇଛି। କମ୍ପାନୀର ସୂଚନା ଅନୁସାରେ, ବନ୍ୟାରେ ମାତ୍ରାଧିକ ପ୍ରଭାବିତ ହୋଇଥିବା ସେଠାକାର ଅଧିବାସୀଙ୍କୁ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ପୋଷାକପତ୍ର ପ୍ରଦାନ କରିଛି। ସେଠାକାର ସ୍ଥାନୀୟ ଏକ ଅଣ ସରକାରୀ ସଂଗଠନ (ଏନଜିଓ)ମାଧମରେ କେରଳ ସରକାରଙ୍କୁ ଏହି ପୋଷାକ ପ୍ରଦାନ କରାଯାଇଛି। ଏହାର ମୂଲ୍ୟ ପ୍ରାୟ ୧୪ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି କମ୍ପାନୀ କହିଛି। ଏ ସମ୍ପର୍କରେ ସୂଚନା ଦେଇ ସିଟିଲାଇଫ୍‌ର ସହ ପ୍ରତିଷ୍ଠାତା ରିତେଶ କେଡିଆ, ରାଜେଶ ବୈଦ, ମନୀଷ କକ୍ରାଣି ପ୍ରମୁଖ କହିଛନ୍ତି, ସମାଜ ମଙ୍ଗଳ କ୍ଷେତ୍ରରେ ସିଟିଲାଇଫ୍ ସର୍ବଦା ଏହାର ଦାୟିତ୍ୱବୋଧକୁ ବଜାୟ ରଖିବ।

**THE ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**ADVERTISEMENT FOR ENGAGEMENT OF RETIRED REVENUE OFFICIAL ON FULL TIME CONTRACT BASIS IN OMC LTD. AT BHAWANIPATNA (WALK-IN-INTERVIEW)**

| POST | POSITION | DATE & TIME | VENUE FOR WALK-IN-INTERVIEW |
|---|---|---|---|
| Retired Revenue Official | 01 | 12.09.2018 11:00 AM | The Odisha Mining Corporation Ltd., OMC House, Post Box No.34, Bhubaneswar-751 001 |

A) **ELIGIBILITY CRITERIA**
- He should have retired from Govt. service on attaining the age of superannuation as a Revenue Official.
- He should have professional excellence in Govt. assignments, good service records, physically & mentally fit for engagement after retirement on superannuation.
- Applications are invited from the intending retired Revenue Officials belonging to Kalahandi, Koraput & Rayagada District.
- Not more than 65 years of age as on **31.08.2018**.

B) **GENERAL CONDITIONS**
- Officers against whom departmental proceedings or criminal cases contemplated / pending or who have been penalized for misconduct during preceding five years of service period shall not be considered.

C) **TERMS OF ENGAGEMENT**
- The engagement will be on full time contract basis.
- The Retired Revenue Official is required to hold the Office at Bhawanipatna and take up assignments as per the scope of work.
- The above engagement is purely temporary and can be terminated by either side by giving one month's prior notice.
- He should abide by the Rules and Regulations of the Corporation.

D) **SCOPE OF WORK**
- To deal with CA Land issues at Bhawanipatna Office & other works in Revenue Department, Forest Department and other Government Offices.
- To report to Executive Director (F&E), OMC, Head Office on day to day progress of the work.
- To interact & liaise with Senior Officers at various Government bodies for processing of different Forest and Environment matters of OMC.
- Should have good communication and presentation skill, negotiation skills with ability to interact with people at various levels of the organization.
- Any other related works to be assigned from time to time.

E) **MONTHLY CONSOLIDATED REMUNERATION AND OTHER BENEFITS**
- The monthly consolidated remuneration is negotiable.
- During the above engagement, no accommodation / house rent allowance will be admissible.
- Besides the monthly consolidated remuneration, no other financial benefits will be given. However, while on official tour, he shall be paid TA/DA as admissible to the Executives in the rank of **Manager** in OMC.
- The monthly consolidated remuneration shall be drawn on pro rata basis.
- The monthly consolidated remuneration shall be drawn on voucher basis and no PF or other contribution shall be deducted / deposited except applicable income tax.
- He will not get the benefits of bonus, gift, incentive, liveries etc or any other benefit at par with the regular employees of OMC.
- Interested eligible candidates are required to download the bio-data format from OMC website **www.omcltd.in** and submit the same duly filled in and signed together with self-attested supporting documents at the time of **Walk-in-Interview on 12.09.2018 at 11:00 AM.** at OMC House, Bhubaneswar.

Sd/-
Director (Personnel)

" ନ୍ୟୁ କ୍ୟାସେଲ ବିପକ୍ଷ ମ୍ୟାଚ ପାଇଁ ଲେରଏ ସାନେଙ୍କ ଭଳି ଖେଳାଳି ବାଦ୍ ପଡ଼ିଥିବାରୁ ଆମ ଦଳରେ କୌଣସି ଖେଳାଳିଙ୍କ ସ୍ଥାନ ସୁରକ୍ଷିତ ନୁହେଁ।
–ଗାବ୍ରିଏଲ ଜେସସ୍, ମାଞ୍ଚେଷ୍ଟର ସିଟି ଫରୱାର୍ଡ



" ଚଳିତ ବର୍ଷର ବିଶ୍ୱ ଫର୍ମୁଲା ୱାନ ଚାମ୍ପିୟନଶିପ୍‌ରେ ଲୁଇସ୍ ହାମିଲଟନ ମୋଠାରୁ ୩୦ ପଏଣ୍ଟ ଆଗରେ ରହିଥିଲେ ମଧ୍ୟ ମୁଁ ପ୍ରତ୍ୟାବର୍ତ୍ତନ କରିପାରିବି ବୋଲି ଆଶା ରଖିଛି।
–ସେବାଷ୍ଟିଆନ ଭେଟେଲ, ଫେରାରି ଡ୍ରାଇଭର



## ସଂକ୍ଷେପରେ

### ଡେଟିଂ କରୁଛନ୍ତି ଶାସ୍ତ୍ରୀ



**ନୂଆଦିଲ୍ଲୀ,୩।୯:** କ୍ରିକେଟ ସହ ବଲିଉଡ୍‌ର ସମ୍ପର୍କ ବହୁତ ପୁରୁଣା। କୌଣସି କ୍ରିକେଟର ଅଭିନେତ୍ରୀଙ୍କୁ ଡେଟ୍ କି ବିବାହ କରିବା କିଛି ନୂଆ କଥା ନୁହେଁ। ଗତବର୍ଷ ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଅନୁଷ୍କା ଶର୍ମାଙ୍କୁ ବିବାହ କରିବା ପରେ ଏବେ ଆଉ ଏକ ଯୋଡ଼ି ଖୁବ ଚର୍ଚ୍ଚାକୁ ଆସିଛି। ଭାରତୀୟ ଦଳର ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ବର୍ତ୍ତମାନ ବଲିଉଡ୍ ଅଭିନେତ୍ରୀ ନିମରତ କୌରଙ୍କୁ ଡେଟିଂ କରୁଛନ୍ତି। ଏହି ଅଭିନେତ୍ରୀ ଅକ୍ଷୟ କୁମାରଙ୍କ ଅଭିନୀତ ଫିଲ୍ମ 'ଏୟାରଲିଫ୍ଟ'ରେ ଅଭିନୟ କରିଥିଲେ। ପ୍ରାୟ ଦୁଇବର୍ଷ ହେଲା ଶାସ୍ତ୍ରୀ ଓ ନିମରତ ରିଲେଶନରେ ଅଛନ୍ତି। 'ପୁନେ ମିରର' ଏକ ଖବରକାଗଜ ଅନୁଯାୟୀ ଉଭୟ ଦୁଇ ବର୍ଷ ହେଲା ଡେଟ୍ କରୁଛନ୍ତି। ଏହା ସତ୍ତ୍ୱେ ସେମାନେ ଖବରକୁ ସଭିଙ୍କ ଠାରୁ ଲୁଚାଇ ରଖିଥିଲେ। ସେମାନେ ପ୍ରଥମେ ୨୦୧୫ରେ ଏକ କାର ଲଞ୍ଚିଂ ଉତ୍ସବରେ ଦେଖାହୋଇଥିଲେ। ଏବେ ଶାସ୍ତ୍ରୀ ଭାରତୀୟ ଦଳ ସହ ଇଂଲଣ୍ଡରେ ଥିବାବେଳେ ନିମରତ ଏକ ଲୋକପ୍ରିୟ ୱେବ ଶୋରେ କାମ କରୁଛନ୍ତି।

### ଅନ୍‌ଅଫିସିଆଲ୍ ଟେଷ୍ଟ: ଭାରତ ଏ' ଅଗ୍ରଣୀ

**ବେଙ୍ଗାଲୁରୁ, ୩।୯ (ପି.ଟି.):** ଅଙ୍କିତ ବାଓନେଙ୍କ ଧୈର୍ଯ୍ୟପୂର୍ଣ୍ଣ ଅପରାଜିତ ୯୧ ରନ ଯୋଗୁ ଭାରତ ଏ' ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ ଏ' ବିପକ୍ଷ ପ୍ରଥମ ଅନ୍ ଅଫିସିଆଲ କ୍ରିକେଟ ଟେଷ୍ଟ ମ୍ୟାଚରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ଲାଭ କରିପାରିଛି। ଭାରତ ଏ' ଏକଦା ୧୨୭ ରନରେ ୫ଟି ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ମାତ୍ର ବାଓନେଙ୍କ ୧୫୯ ବଲ୍‌ରୁ ୯୧ ରନ ଯୋଗୁ ଦଳ ୨୭୪ ରନ କରିପାରିଥିଲା। ଅଷ୍ଟ୍ରେଲିଆ ଏ' ଏହାର ପ୍ରଥମ ଇନିଂସରେ ୨୪୩ ରନ କରିଥିଲା। ସୋମବାର ଦ୍ୱିତୀୟ ଦିବସ ଖେଳ ଷ୍ଟମ୍ପ ଅପସାରଣ ବେଳକୁ ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଉସ୍‌ମାନ ଖ୍ୱାଜା ଓ ଟ୍ରାଭିସ୍ ହେଡ୍ ଯଥାକ୍ରମେ ୧୬ ଓ ୧୩ ରନ କରି ଅପରାଜିତ ରହିଥିଲେ। ଏକମାତ୍ର ବ୍ୟାଟ୍ସମ୍ୟାନ ଭାବେ କର୍ଟିସ ପାଟରସନ ୧୩ ରନ କରି ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆ ଏ'ର ଏହି ଓପନର ମହମ୍ମଦ ସିରାଜଙ୍କ ବଲ୍‌ରେ ଉଇକେଟକିପର କୋନା ଭରତଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ଏ': ୨୪୩ ଓ ୪୨/୧।
ଭାରତ ଏ': ୨୭୪ (ଅଙ୍କିତ ବାଓନେ-୯୧*,ମୟଙ୍କ ଅଗ୍ରୱାଲ-୪୭, କ୍ରିଷ୍ଣାପ୍ପା ଗୋଥାମ-୩୧ ; ମାଇକେଲ ନେସର-୪/୬୧)।

# 'ଦୃଢ଼ ଇଚ୍ଛାଶକ୍ତି, ସଂକଳ୍ପବଦ୍ଧତା ସଫଳତାର ମୂଳମନ୍ତ୍ର'

## ଦୂତୀଙ୍କୁ ନାଗରିକ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୩।୯ (କ୍ରୀଡ଼ା ପ୍ରତିନିଧି)





ସମ୍ବର୍ଦ୍ଧିତ ହେବା ଅବସରରେ ଅତିଥି ଓ ପରିବାର ସଦସ୍ୟଙ୍କ ଗହଣରେ ଦୂତୀ ଚାନ୍ଦ।

ଇଚ୍ଛାଶକ୍ତି, ସଂଯମତା, ସଂକଳ୍ପବଦ୍ଧତା, ଦୃଢ଼ତା, କଠିନ ପରିଶ୍ରମ ଏବଂ ଜିଦ୍ ମନୋବୃତ୍ତି ହିଁ ଜଣକୁ ଶୀର୍ଷରେ ପହଞ୍ଚାଇବାରେ ସହାୟକ ହୋଇଥାଏ। ସଂକଳ୍ପରୁ ହିଁ ସିଦ୍ଧି ମିଳିଥାଏ। ଏହିସବୁ ଗୁଣ ଯୋଗୁ ଆଜି ଦୂତୀ ଚାନ୍ଦ ଦେଶ ଓ ରାଜ୍ୟକୁ ଗର୍ବିତ କରିପାରିଛନ୍ତି ବୋଲି ସୋମବାର ଏଠାରେ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ପ୍ରକାଶ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ହକି ଯାଦୁଗର ମେଜର ଧ୍ୟାନଚାନ୍ଦ, ଓଁକାରନାଥ ଠାକୁର ଓ ଏକଲବ୍ୟଙ୍କ ନିଷ୍ଠା ଓ ସଂକଳ୍ପବଦ୍ଧତାକୁ ଉଦାହରଣ ଦେଇଛନ୍ତି। ନିଷ୍ଠା ଓ ଏକାଗ୍ରତା ବଜାୟ ରହିଲେ ଦୂତୀ ଆଗାମୀ ଦିନରେ ଅଲିମ୍ପିକ୍ସରେ ମଧ୍ୟ ସଫଳତା ପାଇପାରିବେ ବୋଲି ସେ କହିଛନ୍ତି। ସାରା ସଂସାର ଦୌଡ଼ୁଛି, ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରା ସମସ୍ତେ ଦୌଡ଼ୁଛନ୍ତି, ମାତ୍ର ମୁଁ ଦୌଡ଼ି ମଧ୍ୟ ଦୌଡ଼ୁନାହିଁ, ମୋତେ ଆହୁରି ଅନେକ କିଛି କରିବାର ଅଛି, ମୁଁ ନିଶ୍ଚିତ ପାରିବି, ମୋଠାରୁ କେହି ବଡ଼ ନାହିଁ, ମୁଁ ସବୁଠାରୁ ସୁନ୍ଦର, ମୁଁ ସବୁଠାରୁ ଆଗରେ ବୋଲି ନିଜ ଉପରେ ଆତ୍ମବିଶ୍ୱାସ ରଖି ଆଗେଇ ଯାଅ, ଦେଖିବ ନିଶ୍ଚିତ ଆହୁରି ସଫଳତା ମିଳିବ ଏବଂ ଦିନେ କ୍ୟାରିୟରର ଶୀର୍ଷସ୍ଥାନରେ ପହଞ୍ଚି ପାରିବ ବୋଲି ରାଜ୍ୟପାଳ କହିଛନ୍ତି। ଏଠାରେ ଉପସ୍ଥିତ ସମସ୍ତ ବ୍ୟକ୍ତି ତାରା, ଦୂତୀ ଏକମାତ୍ର ଚାନ୍ଦ ବୋଲି ବର୍ଣ୍ଣନା କରିଥିଲେ। ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଆହୁରି ସଫଳତା ପାଇଁ ଦୂତୀଙ୍କୁ ଆଶୀର୍ବାଦ କରିଥିଲେ ଗଣେଶୀଲାଲ।

### ଯାଜପୁରରୁ ଜାକର୍ତ୍ତା

ଯାଜପୁର ଜିଲା ଚକା ଗୋପାଳପୁର ଗ୍ରାମର ମା ଅଖଜି ଓ ପିତା ଚକ୍ରଧର ଚାନ୍ଦଙ୍କ କନ୍ୟା ଦୂତୀ ଏବେ ଓଡ଼ିଶାବାସୀଙ୍କ ଭଲପାଇବାରେ ଅଭିଭୂତ। ଯାଜପୁରର ବ୍ରାହ୍ମଣୀ ନଦୀ କୂଳରେ ୫–୬ ବର୍ଷରୁ ଦୌଡ଼ିବା ଆରମ୍ଭ କରିଥିବା ଛୋଟ ଝିଅଟି ଏବେ ଇଣ୍ଡୋନେସିଆର ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ୨ଟି ରୌପ୍ୟ ପଦକ ହାସଲ କରି ଦେଶକୁ ଗର୍ବିତ କରିବା ସହ ସମାଲୋଚକଙ୍କୁ ଦୃଢ଼ ଜବାବ ଦେଇଛନ୍ତି। ସୋମବାର ସମ୍ବର୍ଦ୍ଧିତ ହେବା ଅବସରରେ ସେ ବଖାଣିଥିଲେ ନିଜ ସଂଘର୍ଷର କାହାଣୀ। ଛୋଟବେଳେ କିପରି ସେ ଦୌଡ଼ିବା ସମୟରେ ତାଙ୍କୁ ଲୋକମାନେ ହସରେ ଉଡ଼ାଉଥିଲେ, ଆଥଲେଟିକ୍ସରେ କ୍ୟାରିୟର କରି ଜୀବନରେ କିଛି କରିହେବନି ବୋଲି କହୁଥିଲେ ତାହା ସେ ବର୍ଣ୍ଣନା କରିବା ସହ ୨୦୧୪ରେ ବିବାଦୀୟ ହାଇପରଆଣ୍ଡ୍ରୋଜେନିଜମ ନିୟମ ପାଇଁ ତାଙ୍କ କ୍ୟାରିୟର କିପରି ସଙ୍କଟ ମଧ୍ୟକୁ ଚାଲି ଯାଇଥିଲା ତାହା ସେ ସ୍ମରଣକୁ ଆଣିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରତିଟି ସମୟରେ ତାଙ୍କ ନିକଟରେ ଛିଡ଼ା ହୋଇଥିବାରୁ ସେ ଆଜି ଏଠାରେ ପହଞ୍ଚି ପାରିଛନ୍ତି ବୋଲି କହିବାକୁ ଦ୍ୱିଧା କରି ନ ଥିଲେ। ଏହା ସହିତ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ୧୦୦ ମିଟରରେ ରୌପ୍ୟ ପଦକ ଜିତିବାପରେ ମୁଖ୍ୟମନ୍ତ୍ରୀ ସଙ୍ଗେସଙ୍ଗେ ତାଙ୍କ ପାଇଁ ଦେଢ଼କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଏହା କେବଳ ତାଙ୍କୁ ନୁହେଁ ଜାକର୍ତ୍ତାରେ ଉପସ୍ଥିତ ଅନେକ ଆଥଲେଟ୍ ଓ କୋଚ୍‌ଙ୍କୁ ଉଲ୍ଲସିତ କରିଥିଲା। ଏହି ଖବର ଦେବା ସହ କିମ୍ବଦନ୍ତୀ ଆଥଲେଟ୍ ପି.ଟି. ଉଷା ଖୁସିରେ ତାଙ୍କୁ କୁଣ୍ଢାଇ ପକାଇଥିଲେ ବୋଲି ଦୂତୀ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ଘୋଷଣାରେ ମୁଁ ଅତ୍ୟନ୍ତ ଆନନ୍ଦିତ ହୋଇଥିଲି ଏବଂ ୨୦୦ ଇଭେଣ୍ଟରେ ମଧ୍ୟ ଜୀବନ ଲଗାଇ ଦୌଡ଼ିବି ବୋଲି ସଂକଳ୍ପ କରିଥିଲି। ଦେଶ ଓ ରାଜ୍ୟବାସୀଙ୍କ ଭଲ ପାଇବା, ଆଶୀର୍ବାଦ ଯୋଗୁ ମୁଁ ସଫଳ ହୋଇପାରିଲି ଏବଂ ଏହି ଇଭେଣ୍ଟରେ ମଧ୍ୟ ରୌପ୍ୟ ପଦକ ହାସଲ କରିପାରିଲି ବୋଲି ଦୂତୀ କହିଥିଲେ। ଏହି ଅବସରରେ ଦୂତୀ ନିଜ ଗ୍ରାମରେ ବୁଣାକାର ବୃତ୍ତିକୁ ବେଉସା କରିଥିବା ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ସ୍ମରଣକୁ ଆଣିଥିଲେ। ସମସ୍ତଙ୍କ ଭଲପାଇବା ଓ ଶ୍ରଦ୍ଧା ଯୋଗୁ ସେ ଆଜି ଏଠାରେ ପହଞ୍ଚି ପାରିଛନ୍ତି। ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ଘୋଷଣା କରିଛନ୍ତି। ତେଣୁ ସେ ଆହୁରି କଠିନ ପରିଶ୍ରମ କରି ଅଲିମ୍ପିକ୍ସରେ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି। ତାଙ୍କର ଉତ୍‌ଥାନ ପାଇଁ ଗଣମାଧ୍ୟମର ଭୂମିକା ଅନେକ ରହିଛି। ଲୋକଲୋଚନକୁ ଆସି ନ ଥିଲେ ମୁଁ ହୁଏତ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ରହି ଯାଇଥାନ୍ତି। ଶେଷରେ ମୁଁ ମୋ କୋଚ୍, ବାପା, ମା' ଓ ଭଉଣୀ ସରସ୍ୱତୀ ଚାନ୍ଦଙ୍କୁ ଧନ୍ୟବାଦ ଦେବାକୁ ଚାହିଁବି। ଅନେକ ଅଭାବ ଓ ଅସୁବିଧା ମଧ୍ୟରେ ବାପା, ମା ମୋତେ ଆଗକୁ ବଢ଼ିବାକୁ ଦେଇଛନ୍ତି। ଭଉଣୀ ମୋତେ ଜଣେ ଆଥଲେଟ୍ ହେବାପାଇଁ ମାର୍ଗଦର୍ଶନ କରିଛନ୍ତି ଏବଂ କୋଚ୍‌ଙ୍କ କଠିନ ପରିଶ୍ରମ ଓ ଗାଇଡ୍ ଯୋଗୁ ମୁଁ ନିଜ ତ୍ରୁଟିକୁ ସୁଧାରିବା ସହ ପ୍ରଦର୍ଶନରେ ଉନ୍ନତି ଆଣି ପାରିଛି ବୋଲି ଦୂତୀ କହିଛନ୍ତି।

> **ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସର ଉଭୟ ମହିଳା ୧୦୦ ଓ ୨୦୦ ମିଟରରେ ରୌପ୍ୟ ପଦକ ଜିତି ଦେଶ ଏବଂ ରାଜ୍ୟକୁ ଗର୍ବିତ କରିଛନ୍ତି ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ। ସୋମବାର ଭୁବନେଶ୍ୱରରେ କିଟ୍ ପକ୍ଷରୁ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଦୂତୀଙ୍କୁ ଅଭିନନ୍ଦନ ଜଣାଇବା ସହ ୨୦୨୦ ଅଲିମ୍ପିକ୍ସରେ ପଦକ ଜିତିବା ପାଇଁ ଶୁଭକାମନା ଜଣାଇଛନ୍ତି।**

### ଦୂତୀ ଓଡ଼ିଆ ଜାତିର ସୁଭଦ୍ରା

କେବଳ ଦୂତୀ ନୁହନ୍ତି ଆଜି ଦୂତୀଙ୍କ ଗାଁରୁ ଆସିଥିବା ୯୦ ଲୋକ ପ୍ରକୃତରେ ଆଜି ସମ୍ବର୍ଦ୍ଧିତ ବୋଲି ଅନ୍ୟତମ ଅତିଥି ଏମପି ପ୍ରସନ୍ନ ପାଟ୍ଟଶାଣୀ ପ୍ରକାଶ କରିଥିଲେ। ଦୂତୀ ହେଉଛନ୍ତି ଓଡ଼ିଆ ଜାତୀର ସୁଭଦ୍ରା। ଗୋଡ଼ଟଣା ନୀତି ଯୋଗୁ ଅନେକ ଲୋକ ତାଙ୍କୁ ତଳେ ପକାଇ ଦେବାକୁ ଚେଷ୍ଟା କରିଥିଲେ। ମାତ୍ର ନିଜ ପ୍ରତିଭା ବଳରେ ସେ ଆଜି ସଫଳତାର ସୋପାନ ଚଢ଼ି ଚାଲିଛନ୍ତି। ଏହି ସଫଳତା ନିଶ୍ଚିତଭାବେ ତାଙ୍କ ସମାଲୋଚକଙ୍କ ମୁହଁ ତଳକୁ କରିଥିବ। ସମସ୍ତଙ୍କ ଆଶୀର୍ବାଦ, ସ୍ନେହ ଓ ସଦିଚ୍ଛା ନେଇ ଦୂତୀ ନିଶ୍ଚିତ ଆଗାମୀ ଦିନରେ ମଧ୍ୟ ବଡ଼ ସଫଳତା ପାଇପାରିବେ ବୋଲି ପାଟ୍ଟଶାଣୀ କହିଥିଲେ।

### ରୁପା ପଦକ ସୁନାଠାରୁ ବଡ଼

ଦୂତୀ ଜାକର୍ତ୍ତାରୁ ଆଣିଥିବା ରୁପା ପଦକ ଆମପାଇଁ ସୁନାଠାରୁ ବି ବଡ଼ ବୋଲି କହିଥିଲେ ବିଶିଷ୍ଟ ଅଭିନେତା ତଥା ରାଜ୍ୟସଭା ସଦସ୍ୟ ଅନୁଭବ ମହାନ୍ତି। ଆମେ ଏହି ମଞ୍ଚରେ ଦୂତୀଙ୍କୁ ଶୁଭେଚ୍ଛା ଜଣାଇଥିଲୁ। ଆଜି ଏଠାରେ ଅଭିନନ୍ଦନ ପାଇଁ ଏକାଠି ହୋଇଛୁ। ଆମେ ଯାହା ଆଶା କରିଥିଲୁ ସେ ତା'ଠାରୁ ଅଧିକ ଆଣିଛନ୍ତି। ଓଡ଼ିଆ ଜାତିର ଆଶା ଆକାଂକ୍ଷାକୁ ଦୂତୀ ତଳେ ପକାଇବାକୁ ଦେଇ ନାହାନ୍ତି। ତାଙ୍କ ନାଁ ଦୂତୀ ଚାନ୍ଦ, ସେ ଦୁଇଟି ଚାନ୍ଦ ଆଣି ନାରୀଜାତି ପାଇଁ ଉଦାହରଣ ସାଜିଛନ୍ତି। ବାପା, ମା'ଙ୍କୁ ଯିଏ ସମ୍ମାନ ଦେଇଛି ସେ କେବେହେଲେ କେଉଁଠି ହାରିବ ନାହିଁ। ଆଗାମୀ ଦିନରେ ସେ ଯେ ଆହୁରି ସଫଳତା ଆଣିବେ ଏଥିରେ କିଛି ସନ୍ଦେହ ନାହିଁ ବୋଲି ଅନୁଭବ କହିଥିଲେ।

### ଉଷାଙ୍କ ପରେ ଦୂତୀ

କିମ୍ବଦନ୍ତୀ ଆଥଲେଟ୍ ପି.ଟି. ଉଷା ୩୦ ବର୍ଷ ତଳେ ଏସିଆଡ୍‌ର ମହିଳା ୧୦୦ ମିଟରରେ ପଦକ ଆଣି ଦେଶକୁ ଗର୍ବିତ କରିଥିଲେ। ଏବେ ଜଣେ ଓଡ଼ିଆ ଝିଅ ଦୂତୀ ଦୀର୍ଘ ବର୍ଷ ବ୍ୟବଧାନରେ ସେହି ଇଭେଣ୍ଟରେ ପଦକ ଜିତି ନିଜ ଦକ୍ଷତା ପ୍ରତିପାଦନ କରିଛନ୍ତି। ଏହା ଦ୍ୱାରା ସେ ଏହି ଇଭେଣ୍ଟ ପାଇଁ ସମ୍ପୂର୍ଣ୍ଣ ଫିଟ୍ ବୋଲି ପ୍ରମାଣିତ କରିଛନ୍ତି। ତାଙ୍କ ଅସୁବିଧା ସମୟରେ ଉଭୟ ମାନସିକ ଓ ଆର୍ଥିକ ସମର୍ଥନ ଯୋଗାଇ ଦେଇଥିବାରୁ ଅଚ୍ୟୁତ ସାମନ୍ତଙ୍କୁ ଯେତେ ଧନ୍ୟବାଦ ଦେଲେ କମ୍ ହେବ। ଦୂତୀ ଆହୁରି ଆଗକୁ ଯାଇପାରିବେ ଏଥିରେ କୌଣସି ସନ୍ଦେହ ନାହିଁ ବୋଲି ଦୂରଦ୍ରଷ୍ଟା କିମ୍ବଦନ୍ତୀ ହକି ତାରକା ତଥା ପୂର୍ବତନ ରାଜ୍ୟସଭା ସଦସ୍ୟ ପଦ୍ମଶ୍ରୀ ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି।

### ସମସ୍ତ ଭାରତୀୟଙ୍କୁ ଗର୍ବିତ କରିଛନ୍ତି

ଆମେ ଆଜି ଏପରି ଜଣେ ଆଥଲେଟ୍‌ଙ୍କୁ ସମ୍ବର୍ଦ୍ଧିତ କରୁଛୁ, ଯିଏକି ପ୍ରତିଟି ଭାରତୀୟଙ୍କୁ ଗର୍ବିତ କରିଛନ୍ତି। ନିଜ ସଂଘର୍ଷମୟ ଜୀବନରେ ସେ କଠିନ ପରିଶ୍ରମ କରି ଆଗକୁ ବଢ଼ିଛନ୍ତି। ଏସିଆଡ୍‌ରେ ସେ ୨ଟି ରୌପ୍ୟ ପଦକ ଜିତିଛନ୍ତି ଅର୍ଥ ଆମ ପାଇଁ ବଡ଼ ସଫଳତା ବୋଲି କୁହାଯାଇପାରିବ। ନିଜ ଝିଅ ଭଳି ଦୂତୀଙ୍କୁ ଅଚ୍ୟୁତ ସାମନ୍ତ ଯେପରି ସାହାଯ୍ୟ ସହଯୋଗ ଜାରି ରଖିଛନ୍ତି ତାହା ବାସ୍ତବିକ ପ୍ରଶଂସନୀୟ। ନିଷ୍ଠାର ସହିତ ପରିଶ୍ରମ ଜାରି ରଖିଲେ ଦୂତୀ ଆଗାମୀ ୨୦୨୦ ଅଲିମ୍ପିକ୍ସରେ ମଧ୍ୟ ପଦକ ଜିତିପାରିବେ ବୋଲି କ୍ରୀଡ଼ା ସଚିବ ବିଶାଲ ଦେବ ପ୍ରକାଶ କରିଛନ୍ତି।

### ଅଲିମ୍ପିକ୍ସରେ ପଦକ ସମ୍ଭବ

ଦୂତୀ ଯେପରି ଭାବେ ଆଗକୁ ବଢୁଛନ୍ତି ନିଶ୍ଚିତ ଆଗାମୀ ଦିନରେ ଅଲିମ୍ପିକ୍ସରେ ପଦକ ଜିତି ଦେଶ ଓ ରାଜ୍ୟକୁ ଗର୍ବିତ କରିପାରିବେ ବୋଲି ଅନ୍ୟତମ ଅତିଥି ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ମେୟର ଅନନ୍ତ ନାରାୟଣ ଜେନା ପ୍ରକାଶ କରିଛନ୍ତି। ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ରାଜ୍ୟ ସରକାର ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦୂତୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ସେ ମତବ୍ୟକ୍ତ କରିଛନ୍ତି।

### ଆନନ୍ଦ ଫେରାଇବାର ବେଳ

ଏସିଆନ ଗେମ୍ସରେ ୨ଟି ରୌପ୍ୟ ପଦକ ଜିତି ଦୂତୀ ଆମକୁ ଖୁସି ଆଣି ଦେଇଛନ୍ତି। ଏବେ ତାଙ୍କୁ ସମ୍ବର୍ଦ୍ଧିତ କରି ଆନନ୍ଦ ଫେରାଇବାର ବେଳ ବୋଲି ଅତିଥି ମାନଙ୍କୁ ସ୍ୱାଗତ ଅବସରରେ ପ୍ରକାଶ କରିଛନ୍ତି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟସଭା ସଦସ୍ୟ ଅଚ୍ୟୁତ ସାମନ୍ତ। ଏଠାକୁ ତାଙ୍କ ଗ୍ରାମରୁ ୯୦ ଜଣ ଗ୍ରାମବାସୀ ଆସିଛନ୍ତି। ଏହା ସେମାନଙ୍କର ଦୂତୀଙ୍କୁ ଭଲପାଇବାକୁ ସୂଚାଉଛି। ତେଣୁ ସମସ୍ତେ ଏବେଠାରୁ ଦୂତୀଙ୍କ ପାଇଁ ଦୀପ ଜାଳିଲେ ନିଶ୍ଚିତ ଦୂତୀ ୨୦୨୦ ଅଲିମ୍ପିକ୍ସରେ ପଦକ ଜିତିପାରିବେ ବୋଲି ସେ କହିଛନ୍ତି। ଦୂତୀଙ୍କ ପାଇଁ ସମଗ୍ର ଦେଶ ଗର୍ବିତ। ଆଗକୁ ମଧ୍ୟ ଦୂତୀ ସେଭଳି ପ୍ରଦର୍ଶନ ଜାରି ରଖି ଦେଶ ଓ ରାଜ୍ୟକୁ ଗର୍ବିତ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ସମ୍ବର୍ଦ୍ଧନା ଉତ୍ସବରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କ୍ରିକେଟର ତଥା ଜାତୀୟ କୋଚ୍ ଦେବାଶିଷ ମହାନ୍ତି, ଅନ୍ତର୍ଜାତୀୟ ମହିଳା କବାଡ଼ି ଖେଳାଳି ରଶ୍ମିତା ସାହୁଙ୍କ ସମେତ ଅନେକ କ୍ରୀଡ଼ାବିତ୍, କ୍ରୀଡ଼ାପ୍ରେମୀ ଓ ଶୁଭେଚ୍ଛୁ ଏହି ଅବସରରେ ଦୂତୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଶେଷରେ କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


# ଓସିଏ ଛାଡ଼ିଲେ ୪ କ୍ରିକେଟର

କଟକ ଅଫିସ,୩।୯

## ଉତ୍ତରାଖଣ୍ଡରୁ ଖେଳିବେ ଦେବେନ୍ଦ୍ର, ସୌରଭ



ସୌରଭ ରାୱତ୍



ଦେବେନ୍ଦ୍ର ସିଂ କୁଅଁର

ଚଳିତ ସିଜନ ଆରମ୍ଭରୁ ୪ଜଣ କ୍ରିକେଟର ଓଡ଼ିଶାରୁ ବିଦାୟ ନେଇଛନ୍ତି। ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବା ପରେ ପୁର୍ନବାର ଏମାନେ ନିଜ ରାଜ୍ୟ ପକ୍ଷରୁ ଖେଳିବା ପାଇଁ ଇଚ୍ଛା ପ୍ରକଟ କରି ଫେରି ଯାଇଥିବା ଜଣାପଡ଼ିଛି । ଏମାନଙ୍କ ମଧ୍ୟରେ ୨ ପ୍ରମୁଖ ଖେଳାଳି ସୌରଭ ରାୱତ ଓ ଦେବେନ୍ଦ୍ର ସିଂ କୁଅଁର ରହିଛନ୍ତି । କିଛି ଦିନ ତଳେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ରେ ନୋ ଅବଜେକ୍ସନ ସାର୍ଟିଫିକେଟ(ଏନ୍‌ଓସି) ପ୍ରଦାନ କରି ଏମାନେ ଓଡ଼ିଶା କ୍ରିକେଟକୁ ଅଲବିଦା ଜଣାଇଛନ୍ତି ।

ଆସନ୍ତା ରଣଜୀ ସିଜିନରେ ପ୍ରଥମ ଥର ନିମନ୍ତେ ଭାଗ ନେବ ଉତ୍ତରାଖଣ୍ଡ କ୍ରିକେଟ ଦଳ । ଦୀର୍ଘ ୧୮ବର୍ଷ ପରେ ଏହି ଦଳକୁ ଦେଶର ପ୍ରମୁଖ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ଖେଳିବାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସବୁଜ ସଙ୍କେତ ଦେଇଛି । ତେବେ ଉତ୍ତରାଖଣ୍ଡ ରଣଜୀ ଖେଳିବାର ଯୋଗ୍ୟତା ପାଇବା ପରେ ଏହି ରାଜ୍ୟର ୨ ଖେଳାଳି ସୌରଭ ରାୱତ ଓ ଦେବେନ୍ଦ୍ର ସିଂ କୁଅଁର ଉତ୍ତରାଖଣ୍ଡକୁ ଫେରି ଯାଇଥିବା ଜଣାପଡ଼ିଛି । ଓଡ଼ିଶା ପକ୍ଷରୁ ୨୩ବର୍ଷରୁ କମ୍ ବର୍ଗରେ ନିୟମିତ ଖେଳାଳି ଭାବେ ରହିଥିବା ଏହି ୨ ପ୍ରତିଭା ରାଜ୍ୟ ନିମନ୍ତେ ଅନେକ ଭଲ ଇନିଂସ୍ ଖେଳିବାର ରେକର୍ଡ ମଧ୍ୟ ରଖିଛନ୍ତି । ୨୩ବର୍ଷରୁ କମ୍ ଦଳର ମଧ୍ୟକ୍ରମ ବ୍ୟାଟିଂ ଭାର ମଧ୍ୟ ଏହି ୨ ଖେଳାଳି ସମ୍ଭାଳୁଥିଲେ । ହେଲେ ଓଡ଼ିଶା ସିନିୟର ତଥା ରଣଜୀ ଦଳରେ ଏମାନଙ୍କ ସ୍ଥାନ ସୁରକ୍ଷିତ ନଥିବା ଆଶା କରି ଉଭୟ ଖେଳାଳି ଏହି ନିଷ୍ପତ୍ତି ନେଇ ଥାଇ ପାରନ୍ତି ବୋଲି ଆଶା କରାଯାଉଛି । ସୌରଭ ଓଡ଼ିଶା ପକ୍ଷରୁ ପ୍ରଥମଶ୍ରେଣୀ, ଲିଷ୍ଟ–ଏ, ଓ ଟି୨୦ ମ୍ୟାଚ୍‌ରେ ସିନିୟର ଦଳରେ ସାମିଲ ହୋଇ ପାରିଥିବା ବେଳେ ଦେବେନ୍ଦ୍ର ମାତ୍ର ଗୋଟିଏ ଟି୨୦ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ । ଦେବେନ୍ଦ୍ର ଗତ ସି.କେ. ନାଇଡୁ ଟ୍ରଫିରେ ଓଡ଼ିଶା ଦଳର ଅଧିନାୟକ ଭାର ସମ୍ଭାଳିଥିଲେ । ଏପରିକି ଗତ ସିଜନରେ ମଧ୍ୟ ତାଙ୍କର ପ୍ରଦର୍ଶନ ଭଲ ରହିଥିଲା । ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ଦୁଇଟି ଅର୍ଦ୍ଧଶତକ ଇନିଂସ୍ ଦେବେନ୍ଦ୍ର ଖେଳିଥିଲେ । ୨୦୧୭ରେ ସେ ସିନିୟର ଦଳରେ ସାମିଲ ହୋଇ ୨ଟି ଟି୨୦ ମ୍ୟାଚ୍ ଖେଳିଥିବା ବେଳେ ଗୋଟିଏ ମ୍ୟାଚରେ ବ୍ୟାଟିଂ କରିବାର ସୁଯୋଗ ପାଇ ମାତ୍ର ୧୩ରନ୍ କରିଥିଲେ । କଲିକତାଠାରେ ଆସାମ ବିପକ୍ଷ ମ୍ୟାଚରେ ସେ ଏହି ରନ କରିଥିଲେ । ଅନ୍ୟପକ୍ଷରେ ୨୩ବର୍ଷରୁ କମ୍ ଓ ରଣ୍‌ଜୀ ଦଳରେ ଉଇକେଟ କିପର ଓ ବ୍ୟାଟ୍ସମ୍ୟାନ ଭାବେ ଖେଳିଥିବା ସୌରଭ ରାୱତ ମଧ୍ୟ ଓଡ଼ିଶା ଛାଡ଼ି ଉତ୍ତରାଖଣ୍ଡ ପଳାଇଛନ୍ତି । ସୌରଭ ମୋଟ ୧୧ଟି ପ୍ରଥମ ଶ୍ରେଣୀ ମ୍ୟାଚ୍‌ରୁ ୨ଟି ଅର୍ଦ୍ଧଶତକ ବଳରେ ୩୩୫ରନ କରିଛନ୍ତି । ୨୦୧୬ରେ ସୌରାଷ୍ଟ୍ର ବିପକ୍ଷରେ ସେ ପ୍ରଥମ ଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ । ଉକ୍ତ ବର୍ଷ କର୍ଣାଟକ ବିପକ୍ଷ ମ୍ୟାଚରେ ସେ କ୍ୟାରିୟରର ସର୍ବାଧିକ ସ୍କୋର ୮୫ରନ୍ କରିଥିଲେ । ଏହାଛଡ଼ା ସୌରଭ ଗୋଟିଏ ଲିଷ୍ଟ–ଏ ଓ ଗୋଟିଏ ଟି୨୦ ମ୍ୟାଚ୍ ମଧ୍ୟ ଓଡ଼ିଶା ପକ୍ଷରୁ ଖେଳିଛନ୍ତି । ଗତ ରଣ୍‌ଜୀ ସିଜନରେ ମଧ୍ୟ ସୌରଭ କେତୋଟି ମ୍ୟାଚ୍ ନିମନ୍ତେ ରାଜ୍ୟ ଦଳରେ ରହିଥିଲେ । ଏହି ୨ ସିନିୟର ବର୍ଗର ଖେଳାଳିଙ୍କ ରାଜ୍ୟ ଛାଡ଼ିବା ପଛରେ ମୁଖ୍ୟ କାରଣ ଭାବେ ସିନିୟର ଦଳରେ ସୁଯୋଗର ଅଭାବ ବୋଲି କୁହାଯାଉଛି । ଅନ୍ୟପକ୍ଷରେ ୧୯ବର୍ଷରୁ କମ୍ ବର୍ଗରେ ରାଜ୍ୟ ପକ୍ଷରୁ ଖେଳିଥିବା ଅଜିତ ଯାଦବ ଓ ପ୍ରିୟତମ ସିଂ ମଧ୍ୟ ନିଜ ରାଜ୍ୟ ବିହାରକୁ ଯାଇଛନ୍ତି ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି ।

# ଜାତୀୟ ଶିବିରରେ ଓଡ଼ିଶାର ୬



ଦୀପା



ଇଭା



ଜବାମଣୀ



ସୋନି



ଶାନ୍ତି



ମନିଷା



ବନ୍ୟା

**କଟକ ଅଫିସ, ୩।୯:** ୧୮ବର୍ଷରୁ କମ୍ ମହିଳା ସାଫ୍ ଫୁଟବଲ ଚାମ୍ପିୟନଶିପ ନିମନ୍ତେ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ୍(ଏଆଇଏଫ୍‌ଏଫ୍) ପକ୍ଷରୁ ପଞ୍ଜାବ ପଟିଆଲାର ସାଇ ପ୍ରଶିକ୍ଷଣ କେନ୍ଦ୍ରରେ ଜାତୀୟ ଦଳର ଚୟନ ଶିବିର ଅନୁଷ୍ଠିତ ହେବ । ଉକ୍ତ ଶିବିର ନିମନ୍ତେ ରାଜ୍ୟର ୬ଜଣ ଖେଳାଳି ଚୟନ ହୋଇଛନ୍ତି । ଏମାନେ ହେଲେ କଟକ ସାଇ ହଷ୍ଟେଲର ଇଭା ପାନ୍ନା, ସୋନି ବେହେରା, ଦୀପା ନାୟକ, ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲର ଜବାମଣୀ ଟୁଡୁ, ଶାନ୍ତି ମୁର୍ମୁ, ମନୀଷା ନାୟକ । ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲର ଖେଳାଳି ବନ୍ୟା କବିରାଜ ଷ୍ଟାଣ୍ଡବାଏ ଖେଳାଳି ଭାବେ ରହିଛନ୍ତି ।

# ରାଇଜିଂ ଷ୍ଟାର, ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

**କଟକ ଅଫିସ, ୩।୯:** ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ସୋମବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ରାଇଜିଂ ଷ୍ଟାର ଓ ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ ହୋଇଛନ୍ତି । ରାଇଜିଂ ଷ୍ଟାର ୪–୨ ଗୋଲରେ ରୋଭର୍ସ କ୍ଲବକୁ ପରାସ୍ତ କରିଥିଲା । ରୋଭର୍ସ ପକ୍ଷରୁ ବିଜୁ ଓରାମ ୭ମ ମିନିଟରେ ପ୍ରଥମ ଗୋଲ ଦେବା ପରେ ରାଇଜିଂ ପକ୍ଷରୁ ଏହାର ଏକ ମିନିଟ ପରେ ରଜକ ନାଗ ଏକ ଗୋଲ ଦେଇ ମ୍ୟାଚ୍‌କୁ ରୋମାଞ୍ଚକର କରିଥିଲେ । ପ୍ରଥମାର୍ଦ୍ଧରେ ରଜକଙ୍କ ଗୋଲକୁ ମିଶାଇ ରାଇଜିଂ ପକ୍ଷରୁ ୪ଟି ଗୋଲ ହୋଇଥିଲା । ସଞ୍ଜିତ ଖୋରା ୧୩ତମ ଓ ୩୯ତମ ମିନିଟରେ ୨ଟି ଓ ଚନ୍ଦ୍ର ମୁଦୁଲି ୩୨ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ । ପ୍ରଥମାର୍ଦ୍ଧର ଖେଳ ୪–୧ରେ ଶେଷ ହୋଇଥିଲା । ଦ୍ୱିତୀୟାର୍ଦ୍ଧର ୬୯ତମ ମିନିଟରେ ରୋଭର୍ସ ପକ୍ଷରୁ ଦାଶରଥୀ କହଁର ଏକ ଗୋଲ ଦେଇଥିଲେ । ଅନ୍ୟଏକ ମ୍ୟାଚ୍‌ରେ ରାଧାରମଣ କ୍ଲବକୁ ୩–୧ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟ ହରାଇଛି । ମ୍ୟାଚ୍‌ର ୨ୟ ମିନିଟରେ ରାଇଜିଂ ଷ୍ଟୁଡେଣ୍ଟର ଚନ୍ଦ୍ରଶେଖର ବେହେରା ଗୋଲ ଦେଇ ଦଳର ଖାତା ଖୋଲିଥିଲେ । ପରେ ୩୪ତମ ମିନିଟରେ ଏସ୍‌ଏସ ଆଲାମଙ୍କ ଏକ ଗୋଲ ବଳରେ ରାଇଜିଂ ଦଳ ପ୍ରଥମାର୍ଦ୍ଧକୁ ୨–୦ରେ ଅଗ୍ରଣୀ ରଖିଥିଲା । ଦ୍ୱିତୀୟାର୍ଦ୍ଧର ୪୨ତମ ମିନିଟରେ ରାଧାରମଣ ପକ୍ଷରୁ ପ୍ରସନ୍ନଜିତ ସିଂ ଏକ ଗୋଲ ଦେଇଥିଲେ । ପରେ ପୁର୍ନବାର ରାଇଜିଂ ପକ୍ଷରୁ ଏକ ଗୋଲ ହୋଇଥିଲା । ୭୨ତମ ମିନିଟରେ ଲାଖାଇ ମୁର୍ମୁ ଏହି ଗୋଲ ଦେଇଥିଲେ ।


"ଭାରତର ବ୍ୟାଟିଂ ଲାଇନ୍‌ଅପ୍ ଇଂଲଣ୍ଡ ଅପେକ୍ଷା ଅଷ୍ଟ୍ରେଲିଆରେ ଭଲ ପ୍ରଦର୍ଶନ କରିଥିଲା।

-ଶେନ୍ ୱାଟସନ, ପୂର୍ବତନ ଅଷ୍ଟ୍ରେଲୀୟ ଅଲରାଉଣ୍ଡର



"ଭାରତ-ଇଂଲଣ୍ଡ ସିରିଜକୁ ଲକ୍ଷ୍ୟ କଲେ ଏବେ ମଧ୍ୟ ଟେଷ୍ଟ ଖେଳ ଚମକ ରହିଛି ବୋଲି ପ୍ରମାଣ କରୁଛି।

-ଜୋ ରୁଟ୍, ଇଂଲଣ୍ଡ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ଧୋନୀଙ୍କୁ ପଛରେ ପକାଇଲେ କୋହଲି

**ସାଉଥମ୍ପଟନ,୩।୯:** ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଭାବେ ସର୍ବାଧିକ ରନ୍ କରିବା କ୍ଷେତ୍ରରେ ଅଧିନାୟକ ବିରାଟ କୋହଲି ପୂର୍ବତନ ତଥା ସଫଳତମ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ପଛରେ ପକାଇ ଦେଇଛନ୍ତି। ରୋଜ ବାଉଲଠାରେ ଅନୁଷ୍ଠିତ ଟେଷ୍ଟରେ ମୋଟ ୧୦୪ ରନ୍ କରି କୋହଲି ଭାରତୀୟ ଅଧିନାୟକ ଭାବେ ଟେଷ୍ଟରେ ସର୍ବାଧିକ ରନ୍ ସ୍କୋରର ହୋଇଯାଇଛନ୍ତି। ୬୦ ଟେଷ୍ଟରେ ଧୋନୀ ନେତୃତ୍ୱ ନେଇ ୩୪୫୪ ରନ୍ କରିଥିଲେ। ଏଥିରେ ୫ ଶତକ ଓ ୨୪ ଅର୍ଦ୍ଧଶତକ ରହିଛି। ଏହି ତାଲିକାରେ ଧୋନୀଙ୍କ ପଛକୁ ସୁନୀଲ ଗାଭାସ୍କର (୨୪୮୩), ରାହୁଲ ଦ୍ରାବିଡ (୧୯୫୦), ଗୁଣ୍ଡାପା ବିଶ୍ୱନାଥ (୧୮୮୦) ଓ ଦିଲୀପ ଭେଙ୍ଗସରକାର (୧୫୮୯)ଙ୍କ ଭଳି ବ୍ୟାଟ୍ସମ୍ୟାନ ରହିଛନ୍ତି। ଉଲ୍ଲେଖଥାଉ କି, କୋହଲି ପ୍ରଥମ ଭାରତୀୟ ଅଧିନାୟକ ଭବେ ନିଜ ନେତୃତ୍ୱରେ ୪,୦୦୦ ରନ୍ ମଧ ପୂରଣ କରିଛନ୍ତି।

### ଦିଲ୍ଲୀ ରଣଜୀ ଦଳର ପରାମର୍ଶଦାତା ଲାନ୍ସ କ୍ଲୁଜନର

**ନୂଆଦିଲ୍ଲୀ,୩।୯(ପି.ଟି.):** ପୂର୍ବତନ ଦକ୍ଷିଣ ଆଫ୍ରିକୀୟ ଅଲରାଉଣ୍ଡର ଲାନ୍ସ କ୍ଲୁଜନରଙ୍କୁ ଦିଲ୍ଲୀ ରଣଜୀ ଦଳର ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। ପୂର୍ବତନ ଅଧିନାୟକ ମିଥୁନ ମାନହଂସ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇବେ। ପ୍ରଥମ ଥର ଲାଗି କ୍ଲୁଜନରଙ୍କ ଭଳି ହାଇପ୍ରୋଫାଇଲ ବ୍ୟକ୍ତିଙ୍କ ନିଯୁକ୍ତି ଦିଆଯାଇଛି। "ଆସନ୍ତା ୧୯ ତାରିଖଠାରୁ ଆରମ୍ଭ ହେବାକୁ ଥିବା ଘରୋଇ ଦିନିକିଆ କ୍ରିକେଟ ଓ ଟି୨୦ ଟୁର୍ନାମେଣ୍ଟ ଲାଗି କ୍ଲୁଜନର ପରାମର୍ଶଦାତା କାର୍ଯ୍ୟ କରିବେ। ସେ ମୁଖ୍ୟ କୋଚ୍ ମିଥୁନ ଓ ଅନ୍ୟ କୋଚ୍‌ଙ୍କ ସହ କାର୍ଯ୍ୟ କରିବେ" ବୋଲି ଡିଡିସିଏ ସଭାପତି ରଜତ ଶର୍ମା କହିଛନ୍ତି। ୪୬ ବର୍ଷୀୟ ପୂର୍ବତନ ଅଲରାଉଣ୍ଡର ୪୯ ଟେଷ୍ଟ ଖେଳିଛନ୍ତି। ଏଥିରୁ ସେ ୧୯୦୬ ରନ୍ କରିବା ସହ ୮୦ ଉଇକେଟ ନେଇଥିଲେ।

# କୁକ୍‌ଙ୍କ ସନ୍ନ୍ୟାସ



**ଲଣ୍ଡନ, ୩।୯ (ପି.ଟି.):** ଇଂଲଣ୍ଡର ସର୍ବକାଳୀନ ସର୍ବାଧିକ ଟେଷ୍ଟ ରନ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ତଥା ପ୍ରାକ୍ତନ ଇଂଲଣ୍ଡ ଅଧିନାୟକ ଆଲିଷ୍ଟର କୁକ୍ ସୋମବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସେପ୍ଟେମ୍ବର ୭ରୁ ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ଟେଷ୍ଟ ସିରିଜର ୫ମ ମ୍ୟାଚ୍ କୁକ୍‌ଙ୍କ କ୍ୟାରିୟର ଅନ୍ତିମ ମ୍ୟାଚ୍ ହେବ। ବର୍ତ୍ତମାନ ସୁଦ୍ଧା ୧୬୦ଟି ଟେଷ୍ଟ ମ୍ୟାଚ୍ ଖେଳିସାରିଥିବା ବାମହାତୀ ବ୍ୟାଟ୍ସମ୍ୟାନ କୁକ୍ ୪୪.୮୮ ଆଭରେଜରେ ୧୨,୨୫୪ ରନ ସଂଗ୍ରହ କରିଛନ୍ତି। ଏହା ମଧରେ ୩୨ଟି ଶତକ ଓ ୫୬ଟି ଅର୍ଦ୍ଧଶତକ ସାମିଲ ରହିଛି। ୨୦୧୧ରେ ବିର୍ମିଂହାମରେ ଭାରତ ବିପକ୍ଷରେ ଖେଳିଥିବା ୨୯୪ ରନର ମାରାଥନ ଇନିଂସ କୁକ୍‌ଙ୍କ କ୍ୟାରିୟର ସର୍ବାଧିକ ବ୍ୟକ୍ତିଗତ ସ୍କୋର। ଚଳିତ ଭାରତ ବିପକ୍ଷ ଟେଷ୍ଟ ସିରିଜରେ ନୈରାଶ୍ୟଜନକ ପ୍ରଦର୍ଶନ କରି ସେ ୭ଟି ଇନିଂସରୁ ମାତ୍ର ୧୦୯ ରନ କରିଛନ୍ତି। ଏଥିଯୋଗୁ ତାଙ୍କୁ ଚାରିଆଡ଼ୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା ଏବଂ କ୍ୟାରିୟର ସଙ୍କଟ ମଧ୍ୟକୁ ଚାଲିଯାଇଥିଲା। 'ଗତ କିଛିମାସ ହେବ କ୍ୟାରିୟରକୁ ନେଇ ବହୁଚିନ୍ତା କରିବା ପରେ ଶେଷରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି। ଭାରତ ବିପକ୍ଷ ଟେଷ୍ଟ ସିରିଜ ମୋର ଅନ୍ତିମ ସିରିଜ ହେବ' ବୋଲି କୁକ୍ ସୋମବାର ପ୍ରକାଶ କରିଛନ୍ତି। 'ଏହା ମୋ ପାଇଁ ଏକ ଦୁଃଖଦ ଦିନ। ମୁଁ ସବୁକିଛି ଦେଇ ସାରିଛି ଏବଂ ଟ୍ୟାଙ୍କ୍‌ରେ ଦେବାକୁ ଆଉ କିଛି ନାହିଁ। ଯାହା ମୁଁ ଭାବି ନ ଥିଲି ତାହାଠାରୁ ଢ଼େର ଅଧିକ ହାସଲ କରିପାରିଛି। ବହୁତ ଦିନ ଧରି ଜାତୀୟ ଦଳ ପକ୍ଷରୁ ଖେଳିବା ସହ କିଛି ମହାନ ଖେଳାଳିଙ୍କ ସହ ଏକାଠି ଖେଳିବାର ସୌଭାଗ୍ୟ ପାଇଛି' ବୋଲି କୁକ୍ ଏହି ଅବସରରେ ପ୍ରକାଶ କରିଛନ୍ତି। ୨୦୦୬ରେ ବିଦର୍ଭରେ ଭାରତ ବିପକ୍ଷରେ ଖେଳି କ୍ୟାରିୟର ଆରମ୍ଭ କରିଥିବା କୁକ୍ ୨୦୧୨ରେ ଭାରତ ମାଟିରେ ଘରୋଇ ଦଳକୁ ୨-୧ରେ ହରାଇଥିଲେ। ଏହା ତାଙ୍କ କ୍ୟାରିୟର ଶ୍ରେଷ୍ଠ ସିରିଜ ବିଜୟ ଥିଲା। ୨୦୧୨ରେ ସିରିଜରେ ସେ ମୋଟେରାରେ ୧୭୬, ମୁମ୍ବାଇରେ ୧୨୨ ଓ ଇଡେନ ଗାର୍ଡେନ୍ସରେ ୧୯୦ ରନର ଇନିଂସ ଖେଳି ଘରୋଇ ଦଳକୁ ଅଡୁଆରେ ପକାଇଥିଲେ।

| ଅନ୍ତର୍ଜାତୀୟ କ୍ୟାରିୟର | | | | | | |
|---|---|---|---|---|---|---|
| | ମ୍ୟାଚ୍ | ରନ | ସର୍ବାଧିକ | ଆଭରେଜ | ଶତକ | ଅର୍ଦ୍ଧଶତକ |
| ଟେଷ୍ଟ | ୧୬୦ | ୧୨,୨୫୪ | ୨୯୪ | ୪୪.୮୮ | ୩୨ | ୫୬ |
| ଦିନିକିଆ | ୯୨ | ୩୨୦୪ | ୧୩୭ | ୩୬.୪୧ | ୫ | ୧୯ |
| ଟି୨୦ | ୪ | ୬୧ | ୨୬ | ୧୫.୨୫ | ୦ | ୦ |

### ସଂଖ୍ୟାରେ କୁକ୍

- ୧୬୦- ୨୦୦୬ରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା କୁକ୍ ବର୍ତ୍ତମାନ ସୁଦ୍ଧା ୧୬୦ଟି ମ୍ୟାଚ୍ ଖେଳିସାରିଛନ୍ତି।
- ୧୨,୨୫୪- କୁକ୍ ଟେଷ୍ଟ କ୍ରିକେଟରେ ୧୨,୨୫୪ ରନ ସଂଗ୍ରହ କରିଛନ୍ତି। ସର୍ବାଧିକ ରନ ସଂଗ୍ରହକାରୀ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ତାଲିକାରେ ସେ ଗ୍ରାହମ ଗୁଚ୍ (୮୯୦୦)ଙ୍କଠାରୁ ୩ ହଜାରରୁ ଊର୍ଦ୍ଧ୍ୱ ରନ ଆଗରେ ରହିଛନ୍ତି। ବିଶ୍ୱ ତାଲିକାରେ କୁକ୍ ୬ଷ୍ଠ ସ୍ଥାନରେ ରହିଛନ୍ତି।
- ୨୬,୦୮୬- ଟେଷ୍ଟ କ୍ରିକେଟରେ କୁକ୍ ୨୬,୦୮୬ ବଲ୍ କିମ୍ବା ୪,୩୪୭ ଓଭର ସାମ୍ନା କରିଛନ୍ତି।
- ୨୯୪- ୨୦୧୧ରେ ଭାରତ ବିପକ୍ଷରେ ଏଜବାଷ୍ଟନରେ ୨୯୪ ରନ ସଂଗ୍ରହ କରିଥିଲେ, ଯାହା ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର।
- ୩୨- ଟେଷ୍ଟ କ୍ରିକେଟରେ ମୋଟ୍ ୩୨ଟି ଶତକ ହାସଲ କରିଛନ୍ତି। ଟେଷ୍ଟ କ୍ରିକେଟରେ ସର୍ବାଧିକ ଶତକ ଅର୍ଜନକାରୀ ବ୍ୟାଟ୍ସମ୍ୟାନ ତାଲିକାରେ କୁକ୍ ମହାନ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ ଷ୍ଟିଭ ସ୍ମିଥ୍‌ଙ୍କ ସହ ଯୁଗ୍ମଭାବେ ୧୦ମ ସ୍ଥାନରେ ରହିଛନ୍ତି। କୁକ୍‌ଙ୍କ ପଛକୁ କେଭିନ ପିଟରସନ (୨୩) ଇଂଲଣ୍ଡ ପାଇଁ ସର୍ବାଧିକ ଟେଷ୍ଟ ଶତକ ହାସଲ କରିଛନ୍ତି।
- ୧୭୩- ଟେଷ୍ଟ କ୍ରିକେଟରେ କୁକ୍ ୧୭୩ଟି କ୍ୟାଚ୍ ନେଇଛନ୍ତି। ଏଥିରୁ ସର୍ବାଧିକ କ୍ୟାଚ୍ ସେ ପ୍ରଥମ ସ୍ଲିପ୍‌ରେ ଧରିଛନ୍ତି।
- ୧- କୁକ୍ ଟେଷ୍ଟ କ୍ୟାରିୟରରେ ଗୋଟିଏ ମାତ୍ର ଉଇକେଟ୍ ଅକ୍ତିଆର କରିଛନ୍ତି। କୁକ୍‌ଙ୍କ ଏକମାତ୍ର ଶିକାର ହୋଇଥିବା ବ୍ୟାଟ୍ସମ୍ୟାନ ଜଣକ ହେଲେ ଇଶାନ୍ତ ଶର୍ମା। ୨୦୧୪ ସିରିଜରେ ଟ୍ରେଣ୍ଟବ୍ରିଜରେ ମ୍ୟାଟ ପ୍ରାୟରଙ୍କ ହାତରେ ଇଶାନ୍ତଙ୍କୁ ଆଉଟ୍ କରି କୁକ୍ ଏହି ଉଇକେଟ୍ ନେଇଥିଲେ।

### ୟୁଏସ୍ ଓପନ: କ୍ୱାର୍ଟରରେ ସେରେନା, ନାଡାଲ



**ନ୍ୟୁୟର୍କ,୩।୯(ଏଏଫ୍‌ପି)**

ମହିଳା ସିଙ୍ଗଲ୍ସ ବର୍ଗର ଛ' ଥର ଚାମ୍ପିୟନ ସେରେନା ୱିଲିୟମ୍ସ ଚଳିତ ୟୁଏସ୍ ଓପନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେରେନା ୬-୦, ୪-୬, ୬-୩ ସେଟ୍‌ରେ ଅଣ ସିଡ୍ କାଇଆ କାନେପିଙ୍କୁ ପରାସ୍ତ କରିଛନ୍ତି। ୨୩ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ସେରେନା କ୍ୱାର୍ଟର ଫାଇନାଲରେ କାରୋଲିନା ପ୍ଲିସ୍କୋଭାଙ୍କୁ ଭେଟିବେ। ଅନ୍ୟ ଏକ ମ୍ୟାଚ୍‌ରେ ୮ମ ସିଡ୍ ପ୍ଲିସ୍କୋଭା ୬-୪, ୬-୪ ସେଟ୍‌ରେ ଆଶଲେଘ ବାର୍ଟିଙ୍କୁ ପରାସ୍ତ କରିଛନ୍ତି। ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସରେ ସ୍ପାନିଶ ଟେନିସ ତାରକା ରାଫାଲ ନାଡାଲ ଓ ୯ମ ସିଡ୍ ଡୋମିନିକ୍ ଥିଏମ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରାଉଣ୍ଡ-୧୬'ର ଏକ ମୁକାବିଲାରେ ବିଶ୍ୱ ମାନ୍ୟତାର ଶୀର୍ଷ ସ୍ଥାନରେ ଥିବା ନାଡାଲ ୬-୩, ୬-୩, ୬-୭, ୬-୪ ସେଟ୍‌ରେ ୨୬ ବର୍ଷୀୟ ଜର୍ଜିଆର ନିକୋଲୋଜ ବସିଲାସଭିଲିଙ୍କୁ ପରାସ୍ତ କରିଥିଲେ। ସେହିଭଳି ଅନ୍ୟ ଏକ ପ୍ରି-କ୍ୱାର୍ଟର ମୁକାବିଲାରେ ଅଷ୍ଟ୍ରେଲିଆ ଯୁବ ତାରକା ଡୋମିନିକ୍ ଥିଏମ୍ ୭-୫, ୬-୨, ୭-୬ (୭/୨) ସେଟ୍‌ରେ ଗତବର୍ଷର ରନର୍ସଅପ୍ କେଭିନ ଆଣ୍ଡରସନଙ୍କୁ ହରାଇଛନ୍ତି।

DSPL-146

ଶିଶୁର ପରିପୂରକ ଖାଦ୍ୟାଭ୍ୟାସ
ଏକ ସଚେତନତା ଅଭିଯାନ



ରାଜ୍ୟର କନିଷ୍ଠତମ ନାଗରିକ ମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ବିକାଶ ନିମନ୍ତେ ଏକ ଉଦ୍ୟମ

୬ ମାସରୁ ୨୪ ମାସ ମଧ୍ୟର ଶିଶୁ ମାନଙ୍କ ପାଇଁ ପରିପୂରକ ଖାଦ୍ୟାଭ୍ୟାସର ଗୁରୁତ୍ୱ ବୃଦ୍ଧି ପାଇଁ ଏକ ପ୍ରଚେଷ୍ଟା

ପିତାମାତା ଏବଂ ଶିଶୁର ଦେଖା ଚାହାଁ କରୁଥିବା ଲୋକମାନେ ଏକଥା ଜାଣି ରଖିବା ଦରକାର ଯେ ଶିଶୁଟିକୁ ୬ ମାସ ହେବା ପରେ ସ୍ତନ୍ୟପାନ ସହ ନିମ୍ନଲିଖିତ ବିଷୟକୁ ସୁନିଶ୍ଚିତ କରାଯିବା ଦରକାର



- ଘରେ ରନ୍ଧା ହୋଇଥିବା ସ୍ୱାସ୍ଥ୍ୟକାର ଖାଦ୍ୟକୁ ଉପଯୁକ୍ତ ପରିମାଣରେ ଦେବା ଆବଶ୍ୟକ
- ଶିଶୁକୁ ଯେଉଁସବୁ ଖାଦ୍ୟରୁ ଉପଯୁକ୍ତ ପରିମାଣର ଆବଶ୍ୟକୀୟ ପୋଷକ ମିଳିପାରିବ ତାହା ଖାଇବାକୁ ଦିଅନ୍ତୁ
- ଖାଦ୍ୟ ପ୍ରସ୍ତୁତି ସମୟରେ କିମ୍ବା ପିଲାକୁ ଖୁଆଉଥିବା ସମୟରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡିଶା ସରକାର

33001/13/0007/1819

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୪/୨୦୧୮ Bhubaneswar, Tuesday, September 4/ 2018

# ଜିଲାପାଳଙ୍କ ଜନଶୁଣାଣିରେ ଶିଳ୍ପ ବିରୋଧୀ ତାତି

କୁଜଙ୍ଗ,୩।୯(ସ୍ୱ.ପ୍ର.)

ପାରାଦୀପ ତୈଳ ବିଶୋଧନାଗାର ଓ ଅନ୍ୟାନ୍ୟ ଶିଳ୍ପ କାରଖାନାରୁ ବାରମ୍ବାର ଗ୍ୟାସ ଲିକ ହେବା ଯୋଗୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏଥିପାଇଁ ଶିଳ୍ପ ପ୍ରଭାବିତ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି, ଯାହାର ପ୍ରତିଫଳନ ସୋମବାର କୁଜଙ୍ଗଠାରେ ଚାଲିଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଦେଖିବାକୁ ମିଳିଛି। ଜିଲାପାଳଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ହୋଇଥିବା ଏହି ଜନ ଶୁଣାଣିରେ ଶିଳ୍ପ ବିରୋଧୀ ତାତି ଅନୁଭୂତ ହୋଇଥିଲା। କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ଶିଳ୍ପ ପ୍ରଭାବିତ ଗ୍ରାମବାସୀଙ୍କ ପକ୍ଷରୁ ଗଠନ କରାଯାଇଥିବା ଆଞ୍ଚଳିକ ସୁରକ୍ଷା ସମିତିର ସଦସ୍ୟ ଓ ସ୍ଥାନୀୟ ୫ଟି ପଞ୍ଚାୟତର ସରପଞ୍ଚମାନେ ସେମାନଙ୍କ ବିଭିନ୍ନ ଅଧିବେଶନର ନକଲ ସହିତ ଅଞ୍ଚଳବାସୀଙ୍କ ସୁରକ୍ଷା ନେଇ ଦାବିପତ୍ର ପ୍ରଦାନ କରିଥିଲେ। ଜଗତ୍‌ସିଂହପୁର ଜିଲାପାଳ ଯାମିନୀ ଷଡ଼ଙ୍ଗୀ ଏଭଳି ସ୍ପର୍ଶକାତର ଘଟଣା ଓ ଦାବି ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପାରାଦୀପ ବନ୍ଦର ନିକଟ ଭୂତମୁଣ୍ଡାଇଠାରେ ବନ୍ଦର କର୍ତ୍ତୃପକ୍ଷ ଏକ ଟ୍ରକ ଟର୍ମିନାଲ ନିର୍ମାଣ କରିବା ନିମନ୍ତେ ନିଷ୍ପତ୍ତି ନେଇଥିବାରୁ ଏହାକୁ ବିରୋଧ କରାଯାଇଥିଲା। ଭୂତମୁଣ୍ଡାଇଠାରେ ପର୍ଯ୍ୟାପ୍ତ ସରକାରୀ ଜମି ରହିଛି। ତେଣୁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଓ ଶିଳ୍ପ ସଂସ୍ଥାମାନଙ୍କ ଖର୍ଚ୍ଚରେ ନିର୍ମାଣ ହେବାକୁ ଥିବା ମେଡିକାଲ କଲେଜ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ ଏଠାରେ ପ୍ରତିଷ୍ଠା କରିବାକୁ ଦାବି କରାଯାଇଥିଲା। ଏପରିସ୍ଥଳେ ଏଠାରେ ଟ୍ରକ୍ ଟର୍ମିନାଲ ନିର୍ମାଣର ପ୍ରଶ୍ନ ଉଠୁନାହିଁ ବୋଲି ଉପସ୍ଥିତ ପଞ୍ଚାୟତ ପ୍ରତିନିଧି ଓ ଗ୍ରାମବାସୀ ପ୍ରକାଶ କରିଥିଲେ। ସେହିପରି ବାରମ୍ବାର ଶିଳ୍ପ କାରଖାନାରୁ ଗ୍ୟାସ୍ ଲିକ୍ ହେଉଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହୋଇଥିଲା।



ଜିଲାପାଳ ଯାମିନୀ ଷଡଙ୍ଗୀ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

- ବନ୍ଦର ଟ୍ରକ୍ ଟର୍ମିନାଲକୁ ବିରୋଧ, ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା ଦାବି
- ତୈଳ ବିଶୋଧନାଗାର ଗ୍ୟାସ ଲିକ୍ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି
- ଆଞ୍ଚଳିକ ସୁରକ୍ଷା ସମିତି ଓ ଶିଳ୍ପ ପ୍ରଭାବିତ ୫ ପଞ୍ଚାୟତ ସରପଞ୍ଚ ଅଭିଯୋଗ ବାଢ଼ିଲେ
- ଜିଲାପାଳ କହିଲେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବି

ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ସହଆବାହକ ଦୁଷ୍ମନ୍ତ ମାଝି, ସଞ୍ଜୟ କୁମାର ସ୍ୱାଇଁ, କୋଠି ପଞ୍ଚାୟତ ସମିତି ସଦସ୍ୟ ଅରକ୍ଷୀତ ଦାସ, ଦେବେନ୍ଦ୍ର ମହାନ୍ତି ଓ ଶିକ୍ଷାବିତ୍ ବାବୁରାମ ଚୌଧୁରୀ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ସେହିପରି ଭୂତମୁଣ୍ଡାଇ ସରପଞ୍ଚ ଜ୍ୟୋତିର୍ମୟୀ ସ୍ୱାଇଁ, ବିଶ୍ୱାଳି ସରପଞ୍ଚ ସୁପ୍ରଭା ସାହୁ ଓ ସମିତି ସଦସ୍ୟ ରଞ୍ଜନ କୁମାର ସେଠୀ, ପାରାଦୀପ ଗଡ଼ ସରପଞ୍ଚ ମିହିର ରଞ୍ଜନ ସାହୁ, ମଙ୍ଗରାଜପୁର ସରପଞ୍ଚ ପୂର୍ଣ୍ଣିମା ତ୍ରିପାଠୀ, କୋଠି ସରପଞ୍ଚ ରତ୍ନପର୍ଣ୍ଣା ସ୍ୱାଇଁ ପ୍ରମୁଖ ଜିଲାପାଳଙ୍କ ନିକଟରେ ଅଭିଯୋଗ ଜଣାଇଥିଲେ। ଅଭିଯୋଗକାରୀଙ୍କ କହିବା କଥା ଏହି ଅଞ୍ଚଳରେ ଶିଳ୍ପ ପ୍ରଦୂଷଣ ଯୋଗୁ ଲୋକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିଲାଣି। ଗତବର୍ଷ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ନୀତିନ ଗଡ଼କରୀ ପାରାଦୀପ ଗସ୍ତ ସମୟରେ ଶିଳ୍ପାଞ୍ଚଳରେ ଏକ ମେଡିକାଲ କଲେଜ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ କରାଯିବ ବୋଲି ଘୋଷଣା କରିଥିଲେ। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହିତ ସମସ୍ତ ଶିଳ୍ପ ସଂସ୍ଥାମାନେ ଏହି ପ୍ରକଳ୍ପ ନିର୍ମାଣ କରନ୍ତୁ। ଏହା ଆମର ହକ୍। ଲୋକମାନେ ଯେଉଁ ଭୂତମୁଣ୍ଡାଇଠାରେ ହସ୍ପିଟାଲ ନିର୍ମାଣ ଦାବି କରୁଛନ୍ତି, ସେଠାରେ ଅଯଥା ବନ୍ଦର କର୍ତ୍ତୃପକ୍ଷ ଟ୍ରକ ଟର୍ମିନାଲ କରିବାକୁ ନିଷ୍ପତ୍ତି ନେଇଥିବାରୁ ତାହାକୁ ବିରୋଧ କରାଯାଉଛି। ଅପରପକ୍ଷରେ ବିଶୋଧନାଗାର ଗ୍ୟାସ ଲିକ୍ କରୁଥିବାରୁ ପାରାଦୀପଗଡ଼ ଥାନାରେ ଏତଲା ପ୍ରଦାନ କରାଯାଇଛି। ଏହି ପ୍ରସଙ୍ଗ ଅତ୍ୟନ୍ତ ସ୍ପର୍ଶକାତର ହୋଇଥିବାରୁ ଜିଲା ପ୍ରଶାସନ ଶୀଘ୍ର ପଦକ୍ଷେପ ନେବାକୁ ଦାବି ହୋଇଥିଲା। ଜନ ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କ ସମେତ ଜଗତ୍‌ସିଂହପୁର ଏସ୍‌ପି ପ୍ରକାଶ ଆର, ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଜିତ ଦାସ, ଏସଡିପିଓ ଶିବଚରଣ ମଲ୍ଲିକ, ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁ, କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜଗତ୍‌ସିଂହପୁର ଏମ୍‌ପି ଡା. କୁଳମଣି ସାମଲ ଶୁଣାଣି ବେଳେ ପହଞ୍ଚି ଶିଳ୍ପ ପ୍ରଭାବିତ ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶୁଣାଣିରେ ଏହି ସ୍ପର୍ଶକାତର ଦାବି ସହିତ ବିଜୁ ପକ୍କାଘର ସମ୍ପର୍କିତ ୧୨୬, ଭତ୍ତା ୭ଟି, ଆଇନ ସହାୟତା ୭, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ୨, ରେଡକ୍ରସ୍ ସହାୟତା ୧ ଓ ଗାଁ ସମସ୍ୟା ସମ୍ପର୍କିତ ୧୦ଟି ଦରଖାସ୍ତ ମିଶାଇ ମୋଟ୍ ୧୧୮ ଅଭିଯୋଗ ଶୁଣାଣି ହୋଇଥିଲା।

## ସଂକ୍ଷେପରେ

### ସାର୍ବଜନୀନ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ



ଏରସମା,୩।୯(ସ୍ୱ.ପ୍ର.): ଏରସମା ବ୍ଲକ ସଦରମହକୁମାରେ ଦୀର୍ଘ ୫୦ ବର୍ଷ ହେଲା ଅନୁଷ୍ଠିତ ହେଉଥିବା ସାର୍ବଜନୀନ ଦୁର୍ଗାପୂଜା ପାଇଁ ସୋମବାର ମାଟି ଅନୁକୂଳ କରାଯାଇଛି। ସିଂହବାଜା ଓ ଝୁମୁରୀ ପାର୍ଟି ସହିତ ଏକ ଶୋଭାଯାତ୍ରା ଏରସମା ଦେବୀ ପଡିଆରୁ ବାହାରି ତୁଲୁପୋଦା ପୋଲ ନିକଟକୁ ଯାଇଥିଲା। ସେଠାରେ କର୍ତ୍ତା ଦେବେନ୍ଦ୍ର କୁମାର ଜେନା, ମୁଖ୍ୟ ପୂଜକ ଭାଗବତ ମିଶ୍ରଙ୍କ ଦ୍ୱାରା ଭୂମି ପୂଜା କରାଯାଇ ମାଟି ଅଣାଯାଇଥିଲା। ଏଥିରେ କମିଟିର ସଭାପତି ତଥା ଜିଲା ପରିଷଦ ସଭ୍ୟ ଦୀପ୍ତିରଞ୍ଜନ କୁଅଁର, ଉପସଭାପତି ନଗେନ୍ଦ୍ର ତରାଇ, କୋଷାଧ୍ୟକ୍ଷ ଆର୍ତ୍ତତ୍ରାଣ ମୁଦୁଲି, ବିଜୟ ପାଳ, ବିଜୟ ମଲ୍ଲିକ, ନବୀନ ତରାଇ, ପୁରେନ୍ଦ୍ର ମଲ୍ଲିକ, ଶୁଭନାରାୟଣ ସେଠୀ, ସଞ୍ଜୟ କୁମାର ଖଟୁଆ, ରାଜ କିଶୋର ଖଟୁଆ, ସର୍ବେଶ୍ୱର ବେଉରା, ରମେଶ ସାହୁ, ବ୍ରଜବନ୍ଧୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ମା'ଙ୍କ ଚାନ୍ଦୀ ମୁକୁଟ ମୁଖ୍ୟ ଆକର୍ଷଣ ସାଜିବ ବୋଲି ସଭାପତି କୁଅଁର କହିଥିଲେ।

### ନୂତନ ତହସିଲଦାରଙ୍କ ଯୋଗଦାନ

ନାଉଗାଁ,୩।୯(ସ୍ୱ.ପ୍ର.): ନାଉଗାଁ ତହସିଲରେ ନୂତନ ତହସିଲଦାର ଭାବେ ଜେ. କଳ୍ପନା ଶନିବାର ଯୋଗ ଦେଇଛନ୍ତି। ଏଠାରେ କାର୍ଯ୍ୟ କରୁଥିବା ତହସିଲଦାର ପ୍ରହ୍ଲାଦ ପତି ନଭେମ୍ବର ୨୦୧୭ରୁ ପଦୋନ୍ନତି ପାଇଁ ଯିବା ପରେ ଦୀର୍ଘଦିନ ହେବ ଏହି ପଦବୀ ଖାଲିପଡିଥିଲା। ସେହିଦିନଠାରୁ ତହସିଲଦାର ଭାବେ ଅତିରିକ୍ତ ତହସିଲଦାର କାର୍ଯ୍ୟ ତୁଲାଉଥିଲେ। ଜେ. କଳ୍ପନା ଯୋଗ ଦେବା ପରେ ତହସିଲର ବିଭିନ୍ନ ପ୍ରମାଣପତ୍ର, ଜମିଜମା ସମ୍ବନ୍ଧୀୟ କାର୍ଯ୍ୟ ଶୀଘ୍ର ହୋଇ ପାରିବ ବୋଲି ସ୍ଥାନୀୟ ଲୋକେ ଆଶା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ନୂତନ ତହସିଲଦାର ଏହା ପୂର୍ବରୁ ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦ ତହସିଲରେ କାର୍ଯ୍ୟରତ ଥିଲେ।

### ଶ୍ରାବଣୀ ଉପାକର୍ମ ଉଦ୍‌ଯାପିତ

ଏରସମା,୩।୯(ସ୍ୱ.ପ୍ର.): ଏରସମା ବ୍ଲକ ଜିରାଇଲୋ ପଞ୍ଚାୟତସ୍ଥିତ ନାଉବେଲାରୀ ଗ୍ରାମରେ ଗତ ୨୬ ତାରିଖ ରାଖୀ ପୂର୍ଣ୍ଣିମା ଦିନଠାରୁ ଚାଲିଥିବା ଶ୍ରାବଣୀ ଉପାକର୍ମ ଓ ରକ୍ଷା ବନ୍ଧନ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ସିଦ୍ଧ ସୁରେନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଦକ୍ଷିଣେଶ୍ୱର ବୈଦିକ ବିଚାର ମଞ୍ଚ ତରଫରୁ ଆୟୋଜିତ ଏହି ଉପାକର୍ମର ପୂର୍ଣ୍ଣାହୂତି ଦିଆଯାଇଛି। ଏଥିପାଇଁ ରକ୍ଷା ବନ୍ଧନ ଦିନ ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତ୍ୟହ ବେଦ ପ୍ରଚାରକ ସମୀର ରଞ୍ଜନ ଦାଶ ପ୍ରବଚନ ଦେଇଥିଲେ। ଏଥିସହିତ ନଟବର ସ୍ୱାଇଁ, ଅନାଥବନ୍ଧୁ ବେହେରା, ଲକ୍ଷ୍ମୀଧର ନାୟକ, ମଳୟ ରଞ୍ଜନ ଦାଶ, ରଞ୍ଜନ କୁମାର ବିଦ୍ୟାର୍ଥୀ, ରାଧା ପ୍ରସାଦ ଶତପଥୀ, ରାଜ ରତନ ଦାଶ ପ୍ରମୁଖ ଯୋଗ ଦେଇ ବେଦର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ଶୁଭ୍ରା ମିଶ୍ର, ସରସ୍ୱତୀ ଦାଶ, ରଶ୍ମିତା ଦାଶ, ମଧୁସ୍ମିତା ଦାଶ, ରୁଦ୍ର ପ୍ରସାଦ ଦାଶ ଓ ଓମ ରିତେଶ କୁମାର ମିଶ୍ର ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଏଥିସହିତ ମନ୍ଦିର ପରିସରରେ ସମୂହ ବୃକ୍ଷରୋପଣ କରାଯାଇଥିଲା।

# ବିଦ୍ୟୁତ୍ ନ ଥିବାରୁ ବ୍ଲକ କାର୍ଯ୍ୟାଳୟ ଦିନତମାମ ଅଚଳ

ବିରିଡ଼ି,୩।୯(ଡି.ଏନ.ଏ.)

ବିରିଡ଼ି ବ୍ଲକ କାର୍ଯ୍ୟାଳୟରେ ସୋମବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବ୍ଲକ କାର୍ଯ୍ୟାଳୟରେ ବିଭିନ୍ନ ବୈଦ୍ୟୁତିକ ସାମଗ୍ରୀ ଲଗାଇଥିବା ଓ ମରାମତି କରିଥିବା ଜଣେ ବ୍ୟକ୍ତି ତାଙ୍କ ପ୍ରାପ୍ୟ ପାଇ ନ ଥିବାରୁ ସେସବୁ ସାମଗ୍ରୀ ଖୋଲି ନେଇଛନ୍ତି। ଫଳରେ ଦିନତମାମ ବ୍ଲକ କାର୍ଯ୍ୟାଳୟ ଏକପ୍ରକାର ଅଚଳ ହୋଇଯାଇଥିବା ଦେଖିବାକୁ ମିଳିଛି। ଏଥିଯୋଗୁ ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସୂଚନା ଅନୁଯାୟୀ, ଏହି ବ୍ଲକ ନୂଆପାରି ଗ୍ରାମର ଶିବଶଙ୍କର ଦାସ ପୂର୍ବତନ ବିଡିଓ ଜୀବନ ମଲ୍ଲିକଙ୍କ କହିବା ମୁତାବକ କିଛିଦିନ ତଳେ କାର୍ଯ୍ୟାଳୟରେ ବିଦ୍ୟୁତ ସାମଗ୍ରୀ ଲଗାଇ ୱାରିଙ୍ଗ କରିଥିଲେ। ହେଲେ ସେ ତାଙ୍କର ଅର୍ଥ ପାଇ ନ ଥିବାରୁ ଅଭିଯୋଗ ଜଣାଇଥିଲେ। ଏଥିରେ କୌଣସି ସୁଫଳ ନ ମିଳିବାରୁ ବ୍ଲକରେ ଲଗାଇଥିବା ସାମଗ୍ରୀ କାଢି ନେଇଥିଲେ। ଫଳରେ ପଙ୍ଖା, ଲାଇଟ୍, କମ୍ପ୍ୟୁଟର ଆଦି ସମସ୍ତ ବୈଦ୍ୟୁତିକ ଜିନିଷ ବନ୍ଦ ହୋଇପଡିଥିଲା। ବ୍ଲକର ସହକାରୀ ମଣ୍ଡଳ ଉନ୍ନୟନ ଅଧିକାରୀ ଗିରିଜା ପ୍ରସାଦ ବାରିକ କୁହନ୍ତି, ଶିବଶଙ୍କର ବହୁଦିନ ପୂର୍ବରୁ ତତ୍କାଳୀନ ବିଡିଓଙ୍କ କହିବା ଅନୁସାରେ ବିଦ୍ୟୁତ କାର୍ଯ୍ୟ କରିଥିଲେ। ହେଲେ ଏ ସମ୍ପର୍କରେ ବ୍ଲକରେ କିଛି ରେକର୍ଡପତ୍ର ନାହିଁ। ତେଣୁ କିପରି କେଉଁଠୁ ତାଙ୍କୁ ଅର୍ଥ ଦିଆଯିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଦାସ ଏ ସମ୍ବନ୍ଧରେ ଜଗତ୍‌ସିଂହପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳ ଏକ ଟିମ ମାଧ୍ୟମରେ ଏହାର ଯାଞ୍ଚ କରି କେତେ ଅର୍ଥ ପାଇବେ ବୋଲି ଜଣାଇବା ପରେ ଅର୍ଥ ଦିଆଯିବ ବୋଲି କହିଥିଲେ। ଫଳରେ ଏପିଡି ଟେକ୍ନିକାଲଙ୍କ ନେତୃତ୍ୱରେ ଏକ ଯାଞ୍ଚ ଟିମ କଠନ କରାଯାଇ ଦେଖାଗଲା ଯେ କାଗଜପତ୍ର ଅନୁସାରେ କୌଣସି ଅର୍ଥ ଦାସଙ୍କର ପାଇବାର ନାହିଁ। ଅନ୍ୟପକ୍ଷରେ ଦାସ ଏକ ପତ୍ର ଲେଖି ବିଡିଓଙ୍କୁ ଜଣାଇଥିଲେ ଯେ ଯଦି ୭ଦିନ ଭିତରେ ମୋର ଅର୍ଥ ଦିଆ ନ ଯାଏ ତେବେ ମୁଁ ଲଗାଇଥିବା ସାମଗ୍ରୀ ଖୋଲିନେବି। ତେଣୁ ସେ ସୋମବାର ବୈଦ୍ୟୁତିକ ସାମଗ୍ରୀ ଖୋଲିନେବାରୁ ବ୍ଲକରେ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା । ଫଳରେ କୌଣସି କାର୍ଯ୍ୟ ହୋଇପାରି ନ ଥିଲା ।

# ଚିନ୍ତା ବଢ଼ାଉଛି ଡେଙ୍ଗୁ, ୨୪୦ ଆକ୍ରାନ୍ତ

ଜଗତ୍‌ସିଂହପୁର ଅଫିସ,୩।୯

**ଜଗତ୍‌ସିଂହପୁର ଜିଲା**

- କେବଳ କନାଗୁଳି ଗ୍ରାମରେ ୧୩୫ ରୋଗୀ
- ଜଗତ୍‌ସିଂହପୁର ସହରରେ ୩ ଚିହ୍ନଟ

ଜଗତ୍‌ସିଂହପୁର ଜିଲାରେ ଡେଙ୍ଗୁ ସ୍ଥିତି ଦିନକୁ ଦିନ ଚିନ୍ତାଜନକ ହେଲାଣି। ଗତ ଜାନୁୟାରୀ ମାସରୁ ଇତିମଧ୍ୟରେ ୨୪୦ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇସାରିଲେଣି। ଆଗକୁ ବର୍ଷା ଲାଗି ରହିଲେ ଏହି ସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏରସମା ବ୍ଲକରେ ଚିହ୍ନଟ ହୋଇଥିବା ୧୪୭ ଜଣଙ୍କ ମଧ୍ୟରୁ କେବଳ କନାଗୁଳି ଗ୍ରାମରେ ୧୩୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ଜଣାପଡିଛି। ଏହା ଜିଲା ସ୍ୱାସ୍ଥ୍ୟ ବିଭାଗର ମୁଣ୍ଡ ବିନ୍ଧାର କାରଣ ହୋଇଛି। ଅନ୍ୟପକ୍ଷରେ ଜଗତ୍‌ସିଂହପୁର ପୌରାଞ୍ଚଳରେ ୩ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହେବା ସ୍ଥାନୀୟ ଲୋକଙ୍କ ଭିତରେ ଭୟ ସୃଷ୍ଟି କରିଛି। ଯଦିଓ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିବ୍ରତ ନ ହେବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି, ତଥାପି ଲୋକେ ସଚେତନ ନ ହେଲେ ପରିସ୍ଥିତି ବିଗିଡିଯିବ ବୋଲି ଆଶଙ୍କା କରାଯାଉଛି। ସୂଚନା ଅନୁଯାୟୀ, ଇତିମଧ୍ୟରେ ଏରସମାକୁ ବାଦ୍ ଦେଲେ ପାରାଦୀପରେ ୨୭ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସେହିପରି କୁଜଙ୍ଗ ୧୬, ମଣିଜଙ୍ଗା ୧୪, ମଣ୍ଡାସାହି ୧୨, ବାଲିକୁଦା ୧୧, ବିରିଡ଼ି ୪, ରଘୁନାଥପୁର ୩ ଓ ନାଉଗାଁ ଅଞ୍ଚଳରେ ୨ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଜଗତ୍‌ସିଂହପୁରସ୍ଥିତ ଓହଳରେ ଜଣେ ଓ ସିପି ମକୁନ୍ଦପୁର ମୌଜାର ୨ ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ଜିଲା ମୁଖ୍ୟାଳୟରେ ଡେଙ୍ଗୁ ଚିହ୍ନଟ ଯୋଗୁ ସମ୍ପୃକ୍ତ ଅଞ୍ଚଳରେ ସୋମବାର ସଫେଇ ସହ ଲାଭା ସ୍ପ୍ରେ କରାଯାଇଛି। ଡେଙ୍ଗୁ ରୋଗୀଙ୍କୁ ମଶାରୀରେ ୧୫ ଦିନ ପର୍ଯ୍ୟନ୍ତ ରହିବାକୁ କୁହାଯାଇଛି। ଜଗତ୍‌ସିଂହପୁର ସମେତ ଜିଲାବାସୀ ସଚେତନ ନ ହେଲେ ପରିସ୍ଥିତି ନିୟନ୍ତ୍ରଣ କରିହେବ ନାହିଁ ବୋଲି କୁହାଯାଇଛି। କନାଗୁଳି ଗ୍ରାମବାସୀଙ୍କୁ ବିଭିନ୍ନ ଔଷଧ ମାଗଣାରେ ଦିଆଯାଉଛି। ସୂଚନାଯୋଗ୍ୟ, ୨୦୧୭ରେ ଜଗତ୍‌ସିଂହପୁର ଜିଲାରେ ଡେଙ୍ଗୁ ରୋଗୀ ସଂଖ୍ୟା ସଂଖ୍ୟା ୨୩୫ ଥିଲା। ସେହିପରି ୨୦୧୬ରେ ୩୩୩, ୨୦୧୫ରେ ୩୯୩, ୨୦୧୪ରେ ୧୦୫୧ ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିଲେ।

■ କଲେଜର ଅବ୍ୟବସ୍ଥା, ପରିଚାଳନା କମିଟି ପୁନର୍ଗଠନ ନେଇ ଉଠିଲା ମତ

# ବାହ୍ୟ ହସ୍ତକ୍ଷେପକୁ ଅଞ୍ଚଳବାସୀଙ୍କ ବିରୋଧ

ରଘୁନାଥପୁର,୩।୯(ଡି.ଏନ.ଏ.)

ରଘୁନାଥପୁର ବ୍ଲକ ତରିକୁଣ୍ଡସ୍ଥିତ ନବକୃଷ୍ଣ ଚୌଧୁରୀ ଶିକ୍ଷା ପ୍ରତିଷ୍ଠାନ ଯୁକ୍ତ ୨ ଓ ଯୁକ୍ତ ୩ କଲେଜର ଅବ୍ୟବସ୍ଥା ତଥା ପରିଚାଳନା କମିଟିର ପୁନର୍ଗଠନ ନେଇ ମତପ୍ରକାଶ ପାଇଛି। ସ୍ଥାନୀୟ ଜୟଶୋଳ କମଳା ମଣ୍ଡପରେ ବରାଗୋଳ, ଜୟଶୋଳ, ତରିକୁଦ ଓ ରମ୍ଭାଦେଇପୁର ଚାରି ପଞ୍ଚାୟତର ଶତାଧିକ ବୁଦ୍ଧିଜୀବୀ ଏକତ୍ରିତ ହୋଇ ଖବରଦାତା ସମ୍ମିଳନୀରେ ନିଜର ପ୍ରତିକ୍ରିୟା ଉପସ୍ଥାପନ କରିଛନ୍ତି। ବିଗତଦିନରେ ମନମୁଖି ଭାବେ ଯେଉଁ ପରିଚାଳନା କମିଟି ଗଠନ କରାଯାଇ ଅନିୟମିତତା ଉପାୟରେ ନିଯୁକ୍ତି ଦିଆଯାଇଥିଲା ତାହାକୁ A ବିରୋଧ କରାଯାଇଛି। ଏଥିସହ ପରିଚାଳନା କମିଟିରେ ବାହ୍ୟ ହସ୍ତକ୍ଷେପକୁ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଞ୍ଚଳବାସୀ ସମ୍ପୂର୍ଣ୍ଣ ବିରୋଧ କରିଛନ୍ତି। ଏହି ଅବସରରେ କଲେଜର ଭିତ୍ତିଭୂମି ଦିନକୁଦିନ ଶ୍ରୀହୀନ ଅବସ୍ଥାକୁ ଚାଲି ଆସିଛି। ହେଲେ ପୂର୍ବରୁ ଥିବା ପରିଚାଳନା କମିଟିର ଦାୟିତ୍ୱହୀନତା ତଥା ଅପାରଗତାକୁ ଦାୟୀ କରିଛନ୍ତି ଲୋକେ। ଅନ୍ୟପକ୍ଷରେ ତିର୍ତ୍ତୋଲ ବିଧାୟିକା କଲେଜର ସଭାପତି ଦାୟିତ୍ୱରେ ରହିଥିବାବେଳେ ସାଢେ ଚାରିବର୍ଷ ମଧ୍ୟରେ ଟଙ୍କାଟିଏ ଅନୁଦାନ ଯୋଗାଇ ନ ଦେବା ଅଞ୍ଚଳବାସୀଙ୍କୁ କ୍ଷୁବ୍ଧ କରିଥିବା ଉପସ୍ଥିତ ଜନସାଧାରଣ ମତପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉପସ୍ଥିତ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ପଞ୍ଚାୟତ ପ୍ରତିନିଧିଙ୍କ ନିଷ୍ପତ୍ତିକ୍ରମେ ୪ ପଞ୍ଚାୟତର ଯୋଗ୍ୟ ବ୍ୟକ୍ତିଙ୍କୁ ନେଇ କଲେଜର ସୁପରିଚାଳନା ପାଇଁ ନବକୃଷ୍ଣ ଚୌଧୁରୀ ଆଞ୍ଚଳିକ ଉନ୍ନୟନ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଭାବେ ସୁବୋଧ କୁମାର ବାରିକ ଏବଂ ପ୍ରମୋଦ କୁମାର ଜେନା, କଲିମ ଉଦ୍ଦିନ୍ ଖାଁ, ଶ୍ରୀକାନ୍ତ ସ୍ୱାଇଁ, ସୁବାସ ସାହାଣୀ ଓ ପବନ କୁମାର ଭୋଇଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ଚୟନ କରାଯାଇଛି। ସେହିପରି ଭ୍ରମରବର ସାହୁ ଓ ଅଭିମନ୍ୟୁ ନାୟକଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ଏହାଛଡା କର୍ମକର୍ତ୍ତାମାନଙ୍କୁ ମିଶାଇ ୩୦ ଜଣିଆ କମିଟି ଗଠନ କରାଯାଇଥିଲା। ଆଗାମୀଦିନରେ ପରିଚାଳନା କମିଟି ଗଠନ ହେଉ କିମ୍ବା କଲେଜର ବିଭିନ୍ନ ସମସ୍ୟା ଉକ୍ତ ଉନ୍ନୟନ କମିଟି ମାଧ୍ୟମରେ ସମାଧାନ କରାଯିବା ପାଇଁ ସ୍ଥିର ହୋଇଥିଲା। ଏ ସମ୍ପର୍କରେ ବିଧିବଦ୍ଧ ଭାବେ ଏକ ରିଜ୍ୟୁଲେଶନ୍ କରାଯାଇ ଗଠନ ହୋଇଥିବା କମିଟି ପକ୍ଷରୁ ଏକ ଦରଖାସ୍ତ ଜିଲାପାଳ ଜଗତ୍‌ସିଂହପୁର ଏବଂ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିସହ ସ୍ଥାନୀୟ ଅଞ୍ଚଳର ଶୁଭଚିନ୍ତକଙ୍କୁ ସହଯୋଗର ହାତ ବଢାଇ ଶିକ୍ଷାର ମାନ ବୃଦ୍ଧି କରିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଅପରପକ୍ଷରେ କଲେଜ ପ୍ରତି ବିଧାୟିକାଙ୍କ ଶୁଭଦୃଷ୍ଟି ନ ପଡିବାକୁ ନେଇ ଆହୃତ ବୈଠକ ଦୁଃଖ ପ୍ରକାଶ କରାଯିବା ସହ ଦୃଢ ନିନ୍ଦା କରାଯାଇଥିଲା। ବୈଠକରେ ରସାଦେଇପୁର ସରପଞ୍ଚ ଭ୍ରମରବର ସାହୁ ସଭାପତିତ୍ୱ କରିଥିବା ବେଳେ ଅର୍ଜୁନୀ ରାଉତ ଧନ୍ୟବାଦ ଦେଇଥିଲେ। ଏଥିରେ ବିଶ୍ୱଜିତ୍ ମହାନ୍ତି, ଦିଲୀପ କୁମାର ଦାସ, ଧରଣୀଧର ନାୟକ, ପବନ କୁମାର ଭୋଇ, କୈଳାସ ଚନ୍ଦ୍ର ରାୟ, କେଲୁଚରଣ ଦାସ, ବିଶ୍ୱନାଥ ମହାନ୍ତି, ପ୍ରଫୁଲ୍ଲ କୁମାର ଜେନା, ନବକିଶୋର ମଲ୍ଲିକ, ବଳରାମ ସାହୁ, ନରେନ୍ଦ୍ରନାଥ ନାୟକ, ଜୟଚନ୍ଦ୍ର ମହାନ୍ତିଙ୍କ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ୪ ପଞ୍ଚାୟତର ବୁଦ୍ଧିଜୀବିମାନେ।

- ଖବରଦାତା ସମ୍ମିଳନୀରେ ପ୍ରସ୍ତାବ ରଖିଲେ ୪ ପଞ୍ଚାୟତର ବୁଦ୍ଧିଜୀବୀ
- ଗଠନ କରାଗଲା ଉନ୍ନୟନ କମିଟି
- ସାଢେ ଚାରିବର୍ଷରେ ବିଧାୟିକାଙ୍କଠାରୁ ମିଳିଲାନି ଅନୁଦାନ

# ଦିବ୍ୟାଙ୍ଗଙ୍କ ସଚେତନତା ଯାତ୍ରା, ତିର୍ତ୍ତୋଲରେ ସ୍ୱାଗତ


ତିର୍ତ୍ତୋଲ, ୩।୯ (ଡି.ଏନ.ଏ.)

ବିହାରର ପାଟଣା ନିବାସୀ ଦିବ୍ୟାଙ୍ଗ ଅରବିନ୍ଦ କୁମାର ମିଶ୍ର ପୁରୀଠାରୁ କଶ୍ମୀର ପର୍ଯ୍ୟନ୍ତ ନିଜ ଟ୍ରାଇ ସାଇକେରେ ନାରୀ ସୁରକ୍ଷା, ରକ୍ତଦାନ ଓ ଗାଡି ଚାଳନା ସମୟରେ ମୋବାଇଲ ବ୍ୟବହାର ନ କରିବା ନିମନ୍ତେ ସଚେତନତା ଯାତ୍ରାରେ ବାହାରିଛନ୍ତି। ସେ ଏହି ସଚେତନତା ଯାତ୍ରା ଫେବୃୟାରୀ ୧୯ ତାରିଖରୁ ଆରମ୍ଭ କରି ଭୁବନେଶ୍ୱର, କଟକ, ଜଗତସିଂହପୁର, ଏରସମା ବାଟ ଦେଇ ସୋମବାର ତିର୍ତ୍ତୋଲରେ ପହଞ୍ଚିଥିଲେ। ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟରେ ପ୍ରଶାସନ ତରଫରୁ ବିଡିଓ ରଞ୍ଜନ କୁମାର ପରିଡା, ଏବିଡିଓ ଭଞ୍ଜ କିଶୋର ନାୟକ, ଯନ୍ତ୍ରୀ ସୁଜିତ ମହାପାତ୍ର, କ୍ୟାସିୟର ବସନ୍ତ ବିଶ୍ୱାଳ, ସରପଞ୍ଚ ଅଭୟ ସାହୁ, ଛାତ୍ର ନେତା ମାଜୁଦ ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି ମିଶ୍ରଙ୍କୁ ସ୍ୱାଗତ କରିଥିଲେ। ଏହି ଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ମିଶ୍ର କୁହନ୍ତି ଯେ, ସେ ନାରୀ ସୁରକ୍ଷା, ଭ୍ରୂଣହତ୍ୟା ବନ୍ଦ ଓ ମୋବାଇଲରେ କଥା ହୋଇ ଗାଡି ନ ଚଲାଇବାକୁ ସଚେତନତା ସୃଷ୍ଟି କରୁଛନ୍ତି। ପୂର୍ବରୁ ମଧ୍ୟ ସେ ପୋଲିଓ ସଚେତନତା ପାଇଁ ୨୦୦୮ରେ ଯାତ୍ରା ଆରମ୍ଭ କରି ୮ରୁ ଊର୍ଦ୍ଧ୍ୱ ରାଜ୍ୟ ଭ୍ରମଣ କରିଥିଲେ। ୨୦୧୫ରେ ଗୋଆରେ ଏହି ଯାତ୍ରା ଶେଷ କରିଥିଲେ।

# ପାଇଖାନା ହିତାଧିକାରୀ ଚୟନରେ ଅନିୟମିତତା

ନାଉଗାଁ,୩।୯(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଗଜରାଜପୁର ପଞ୍ଚାୟତରେ ସ୍ୱଚ୍ଛ ଭାରତ ଅଭିଯାନରେ ପାଇଖାନା ହିତାଧିକାରୀ ଚୟନ କ୍ଷେତ୍ରରେ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୂର୍ବତନ ସରପଞ୍ଚ ଆର୍ତ୍ତତ୍ରାଣ ଦାସ ସୋମବାର ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହି ପଞ୍ଚାୟତରେ ବେସ୍ ଲାଇନ ସର୍ଭେରେ ନାମ ଥିବା ହିତାଧିକାରୀଙ୍କୁ ଚତୁରତାର ସହ ବାଦ୍ ଦିଆଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାଭୁକ୍ତ କରାଯାଇଥିବା ସେ କହିଛନ୍ତି। ଫଳରେ ପ୍ରାୟ ୭୫ ଜଣ ଯୋଗ୍ୟ ହିତାଧିକାରୀ ପାଇଖାନା ପାଇବାରୁ ବଞ୍ଚିତ ହେବେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରାଯିବା ସହିତ ଯୋଗ୍ୟ ହିତାଧିକାରୀଙ୍କୁ ପାଇଖାନା ପ୍ରଦାନ ପାଇଁ ଦାସ ଦାବି କରିଛନ୍ତି। ଅଭିଯୋଗପତ୍ରର ନକଲ ଜିଲା ଜଳ ଓ ପରିମଳ ବିଭାଗକୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ବିଡିଓ ବିଜୟ କେତନ ଚୌଧୁରୀଙ୍କୁ ପଚାରିବାରେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ନାବାଳିକା ଉଦ୍ଧାର: ଅପହରଣକାରୀ ଗିରଫ

ଧର୍ମଶାଳା, ୩।୯(ଡିଏନଏ) : ଧର୍ମଶାଳା ଥାନା ଅନ୍ତର୍ଗତ ଜାମୁବଣିଆ ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ ମାମଲାରେ ପୋଲିସ ରବିବାର ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣଙ୍କ ସେହି ଗ୍ରାମର ଗୁଣ୍ଡିଚା ଗେଡି । ସୋମବାର ଉଭୟଙ୍କ ଡାକ୍ତରୀ ମାଇନା ପରେ ଅଭିଯୁକ୍ତ ଗୁଣ୍ଡିଚାଙ୍କୁ ଯାଜପୁର କୋର୍ଟ ଚାଲାଣ କରାଯାଇଥିବାବେଳେ ନାବାଳିକାଙ୍କୁ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରିଥିବା ପୋଲିସ ସୂଚନା ଦେଇଛି। ଗତ ମାର୍ଚ୍ଚ ୧୫ରେ ଜାମୁବଣିଆ ଗ୍ରାମର ଗୁଣ୍ଡିଚା ଉକ୍ତ ନାବାଳିକାଙ୍କୁ ଅପହରଣ କରିନେଇଥିବା ନେଇ ନାବାଳିକାଙ୍କ ବାପା ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୧୧୨/୧୮) ରୁଜୁକରି ତଦନ୍ତ ଜାରି ରଖିଥିଲା ।

### କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା

ଧର୍ମଶାଳା, ୩।୯(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକରେ ୨୦୧୭ ମସିହା ଖରିଫ ଋତୁରେ ବର୍ଷା ଅଭାବ ଯୋଗୁ ମରୁଡି କ୍ଷତିଗ୍ରସ୍ତ ଧାନଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ବ୍ଲକର ୧୩ ଗୋଟି ସମବାୟ ସମିତିର କ୍ଷତିଗ୍ରସ୍ତ ୧୯୧୪ ଚାଷୀଙ୍କୁ କଟକ ସେଣ୍ଟ୍ରାଲ୍ କୋପରେଟିଭ୍ ବ୍ୟାଙ୍କ ଧର୍ମଶାଳା ଶାଖା ମାଧ୍ୟମରେ ୨କୋଟି ୫ଲକ୍ଷ ୯୭ ହଜାର ୫୮୩ ଟଙ୍କା ଅର୍ଥିକ ସହାୟତା ପ୍ରଦାନ କରାଯାଇଥିବା ନେଇ ବ୍ୟାଙ୍କ ପରିଚାଳକ ପଦ୍ମନାଭ ଦାସ କହିଛନ୍ତି। ଗତ ବର୍ଷ ଖରିଫ ଚାଷ ମରୁଡି ଗ୍ରସ୍ତ ହୋଇଥିଲା। ରାଜ୍ୟ ସରକାର କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରିଥିଲେ। ଚାଷୀମାନେ ଏନେଇ ଇନ୍ସୁରେନ୍ସ ମଧ କରିଥିଲେ। ହେଲେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଇନ୍ସ୍ୟୁରାନ୍ସ କମ୍ପାନୀ ସହାୟତା ରାଶି ଦେବାରେ ଅବହେଳା କରିଥିଲେ। ଏନେଇ କୃଷକ କଂଗ୍ରେସ ଓ ବିଭିନ୍ନ ଗଣ ମାଧ୍ୟମରେ ଚାଷୀମାନେ ଦୃଢ ଦାବି କରିଥିଲେ।

## ଲଗାଣ ବର୍ଷାରେ ଚାଷଜମି ପ୍ରଭାବିତ

# ଜଳ ନିଷ୍କାସନରେ ବାଧକ ବେଆଇନ ମାଛଧରା ଆଡିବନ୍ଧ

ବିଞ୍ଝାରପୁର, ୩।୯(ଡି.ଏନ୍.ଏ.)

ବିଞ୍ଝାରପୁର, ୩।୯(ଡି.ଏନ୍.ଏ.)– ବିଞ୍ଝାରପୁର ବ୍ଲକରେ ଶୁକ୍ରବାର ଲଗାଣ ବର୍ଷାରେ ୧୦ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଚାଷ ଜମି ଜଳମଗ୍ନ ହୋଇ ରହିଥିବା ଅଭିଯୋଗ ହୋଇଛି। ଏହି ବ୍ଲକ ଅନ୍ତର୍ଗତ ଫଳପୁର, ହଳଦୀଡିଅ ଓ ଅଣ୍ଟାଳୋଦେଇ ଯାଇଥିବା ନଇଆ ନାଳରେ ମାଛ ଧରିବା ପାଇଁ ୧୦ରୁ ଉର୍ଦ୍ଧ୍ୱ ସ୍ଥାନରେ ବେଆଇନଭାବେ ଆଡିବନ୍ଧ ନିର୍ମାଣ କରାଯାଇଛି। ଫଳରେ ଚାଷ ଜମିରୁ ବର୍ଷାଜଳ ନିଷ୍କାସିତ ହୋଇ ପାରୁ ନ ଥିବା ବହୁ ଚାଷୀ ଅଭିଯୋଗ କରିଥିଲେ। ଏ ନେଇ ସୋମବାର ବିଞ୍ଝାରପୁର ତହସିଲଦାର ଶୁଭ୍ରବାଳା ବେହେରା, ଥାନା ଅଧିକାରୀ ସୂଚିତ୍ର ବୀର୍ଯ୍ୟ ଦାସ, ଡ୍ରେନେଜ୍ ବିଭାଗ ସହକାରୀ ଯନ୍ତ୍ରୀ ଅଧର ପ୍ରସାଦ ଜେନା, ଅତିରିକ୍ତ ତହସିଲଦାର ଚକ୍ରଧର ପାଢୀ ପ୍ରମୁଖ ଅଣ୍ଟାଳୋ, ଫଳପୁର, କୁସୁନିପୁର, କଣ୍ଟିତର, ଗୁଣ୍ଡିରିପଡା ଆଦି ବିଭିନ୍ନ ଅଞ୍ଚଳ ଗସ୍ତ କରିଛନ୍ତି। ଏହି ଗସ୍ତ ବେଳେ ନଇଆ ନାଳରେ ବେଆଇନ ଭାବେ କରାଯାଇଥିବା ଆଡିବନ୍ଧଗୁଡିକୁ ଭାଙ୍ଗିବାକୁ ଚେତାବନୀ ଦେବା ସହିତ ମାଛଧରାରେ ବ୍ୟବହୃତ ଜାଲ ଜବତ କରିଥିବା ଜଣାପଡିଛି । ମଙ୍ଗଳବାର ସୁଦ୍ଧା ଆଡିବନ୍ଧଗୁଡିକ ଭାଙ୍ଗା ନ ଗଲେ ପ୍ରଶାସନ ପକ୍ଷରୁ ଏହାକୁ ଭଙ୍ଗାଯିବା ନେଇ ତହସିଲଦାର ବେହେରା କହିଛନ୍ତି। ପ୍ରକାଶ ଯେ, ଗତ ବର୍ଷ ଅଣ୍ଟାଳୋ ଓ ଫଳପୁର ଗ୍ରାମ ମଧ୍ୟରେ ବେଆଇନ ମାଛଧରାକୁ କେନ୍ଦ୍ର କରି ଅଣ୍ଟାଳୋ ଗ୍ରାମର କେତେକ ଲୋକ ଫଳପୁର ଅଞ୍ଚଳର ଜନୈକ ବ୍ୟକ୍ତିଙ୍କୁ ନାଉବାଙ୍କ ଓ ଫଳପୁର ରାସ୍ତାରେ ଠେଙ୍ଗାରେ ପିଟି ଅତି ନିର୍ମମ ଭାବେ ହତ୍ୟା କରିଥିଲେ ।



ପ୍ରଶାସନିକ ଅଧିକାରୀମାନେ ନଇଆ ନାଳ ବନ୍ଧ ବୁଲି ଦେଖୁଛନ୍ତି ।

## ୫ ବିଦ୍ୟାଳୟର ଭିତ୍ତିଭୂମି ନାହିଁ, ପୁରସ୍କାର ପାଇବେ ୩

ବରୀ,୩।୯(ସ୍ୱ.ପ୍ର.)

ଯାଜପୁର ଜିଲା ବରୀ ବ୍ଲକରେ ମୋଟ ୨୨୨ ବିଦ୍ୟାଳୟ ରହିଛି। ସେଥିମଧ୍ୟରୁ ୫ ବିଦ୍ୟାଳୟର ନିଜସ୍ୱ ଜାଗା ଓ ଗୃହ ନ ଥିବା ଜଣାପଡିଛି। ଏ ସମ୍ପର୍କରେ ବରୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ. ୧୬୮୧/ ୨୯।୮।୨୦୧୮ରେ ଜିଲା ଶିକ୍ଷାଧିକାରୀ, ଜିଲାପାଳ ଓ ବରୀ ତହସିଲଦାରଙ୍କୁ ଚିଠି କରାଯାଇଥିଲା। ବାଜପଡା ପ୍ରୋଜେକ୍ଟ ପ୍ରାଇମେରୀ ବିଦ୍ୟାଳୟ, ସାଉଥ କଳାଖଣ୍ଡ ପ୍ରୋଜେକ୍ଟ ପ୍ରାଇମେରୀ ବିଦ୍ୟାଳୟ, ନହଣ କୂଳସାହି ପ୍ରୋଜେକ୍ଟ ପ୍ରାଇମେରୀ ବିଦ୍ୟାଳୟ, ନହଣ ଆଖଡାଡୀହ ପ୍ରୋଜେକ୍ଟ ପ୍ରାଇମେରୀ ବିଦ୍ୟାଳୟର ନିଜସ୍ୱ ଜାଗା ଓ କୋଠା ଘର ନ ଥିଲାବେଳେ ରଜାତୋଟା ପ୍ରୋଜେକ୍ଟ ପ୍ରାଇମେରୀରେ କୋଠାଘର ନାହିଁ। ଅପରପକ୍ଷରେ ବରୀରେ ଶିକ୍ଷାକ୍ଷେତ୍ରରେ ୩ ବିଦ୍ୟାଳୟକୁ ଗଣଶିକ୍ଷା ବିଭାଗ ପକ୍ଷରୁ ୧ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଏହି ୩ ବିଦ୍ୟାଳୟ ମଧ୍ୟରେ ଆମ୍ରକାନନ ଶିକ୍ଷାନିକେତନ, ରତ୍ନଗିରି ସରକାରୀ ଉଚ୍ଚ ବିଦ୍ୟାଳୟ, ମହେଶ୍ୱର ମଲ୍ଲ ହାଇସ୍କୁଲ ସାମିଲ।ଏଥିସହ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ମୋଟ୍ ୧ଶହ ଛାତ୍ରୀଛାତ୍ରଙ୍କୁ ୫ ହଜାର ଟଙ୍କା ଲେଖାଏ ଦିଆଯିବ। ଫୁଲପୁର ବିଦ୍ୟାଳୟର ଶ୍ରେଣୀ ଗୃହ ଭାଙ୍ଗିଯାଇଥିବାରୁ ଛାତ୍ରୀଛାତ୍ର ନିକଟରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରରେ ଅଧ୍ୟୟନ କରିବେ ବୋଲି ବରୀ ବିଡିଓଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି।

## ବାଜାଜ୍ ପାୱାର ଚ୍ୟାଲେଞ୍ଜ କାର୍ଯ୍ୟକ୍ରମ

ବିରଜାକ୍ଷେତ୍ର,୩।୯(ଡି.ଏନ୍.ଏ.)

ଯାଜପୁର ସହରର ବାଳାଶ୍ରମ ପଡିଆରେ ସଞ୍ଜିବନୀ ମୋଟର୍ସ(ବାଜାଜ୍ ଅଟୋ ଡିଲର)ପକ୍ଷରୁ ଦୁଇ ଦିନିଆ ବାଜାଜ୍ ପାୱାର ଚ୍ୟାଲେଞ୍ଜ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ଏରିଆ ସେଲସ ମ୍ୟାନେଜର ଧର୍ମେନ୍ଦ୍ର ଦ୍ୱିବେଦୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବାଜାଜ୍ ମ୍ୟାକ୍ସିମା ୱାଇଡର ପାସେଞ୍ଜର ଅଟୋର ଉପକାରିତା ବିଷୟରେ ଆଲୋଚନା କରିଥିଲେ। ୪୦ ଜଣ ବିଭିନ୍ନ କମ୍ପାନୀର ପ୍ରତିଯୋଗୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିବାବେଳେ ୧୦୦ରୁ ଉର୍ଦ୍ଧ୍ୱ ଗ୍ରାହକ ଉପସ୍ଥିତ ଥିଲେ। ସଞ୍ଜିବନୀ ମୋଟର୍ସର ନିର୍ଦ୍ଦେଶକ ରଞ୍ଜନ କୁମାର ଅଗ୍ରୱାଲ, ଜେନରାଲ ମ୍ୟାନେଜର ସୁଜିତ ରଥ, ବାଜାଜ୍ ଅଟୋର ସର୍ଭିସ ମ୍ୟାନେଜର ସୁଶୋଭନ ନନ୍ଦ, ମହେନ୍ଦ୍ର ଦଳାଇ, ପୃଥୀରାଜ ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ବିଜେଡିର ମିଶ୍ରଣ ପର୍ବ

ଧର୍ମଶାଳା, ୩।୯(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକରେ ୧୮ଟି ପଞ୍ଚାୟତର ବିଭିନ୍ନ ଦଳର ଶତାଧିକ କର୍ମୀ ସୋମବାର ନାରାୟଣ ମଲିକ ଓ ସନ୍ତୋଷ ନାୟକଙ୍କ ତତ୍ତ୍ୱାବଧାନରେ ବିଜେଡିରେ ସାମିଲ ହୋଇଛନ୍ତି। ଜାରକାସ୍ଥିତ ଜେମାଶୁଣୀ ମନ୍ଦିରରୁ ଏକ ଶୋଭା ଯାତ୍ରାରେ ନୂତନ କର୍ମକର୍ତ୍ତାମାନେ ଜାରକା ବଜାର ପରିକ୍ରମା କରି କଳ୍ପତରୁ ଦାସ ଷ୍ଟାଡିୟମଠାରେ ଅନୁଷ୍ଠିତ ମିଶ୍ରଣ ପର୍ବ ସଭାରେ ଯୋଗ ଦେଇଥିଲେ। ସଭାରେ ଧର୍ମଶାଳା ବିଜେଡି ସଭାପତି ନିରଞ୍ଜନ ବଳ ଅଧକ୍ଷତା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦୃଢ ନେତୃତ୍ୱ ଓ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉନ୍ନୟନମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ନାରାୟଣ ମଲିକ ଓ ସନ୍ତୋଷ ନାୟକଙ୍କ ସହ ଶତାଧିକ ସମର୍ଥକ ଦଳରେ ସାମିଲ ହୋଇଥିବା ନେଇ ମତ ଦେଇଛନ୍ତି। ଏହି ଅବସରରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଉପସ୍ଥିତ ରହି ନୂତନ କର୍ମୀଙ୍କୁ ଦଳୀୟ ଉତ୍ତରଣୀୟ ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ପ୍ରିୟନାଥ ମହାପାତ୍ର, ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ମହାନ୍ତି, ଏମ୍‌ପିଙ୍କ ପ୍ରତିନିଧି ଉତ୍କଳ ଦାସ, ଯୁବ ସଭାପତି ପ୍ରଶନ୍ନ କୁମାର ରାଉତ, ଜିଲା ଯୁବ ସାଧାରଣ ସମ୍ପାଦକ କ୍ଷୀତିଶ ନାୟକ, ଜଳଧର ସାହୁ ନିର୍ମଳ ପ୍ରଧାନ ପ୍ରମୁଖ ମିଶ୍ରଣ ପ୍ରକ୍ରିୟାରେ ସହଯୋଗ କରିଥିଲେ ।

## ମଦ ବିକ୍ରି ବନ୍ଦ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଦାବି

ବିରଜାକ୍ଷେତ୍ର,୩।୯(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ୍ ଉତ୍ତରପ୍ରତାପ ପଞ୍ଚାୟତ ନରସିଂହପୁର ଗ୍ରାମରେ କିଛି ଅସାମାଜିକ ଲୋକ ଚୋରା ମଦ ବିକ୍ରି କରୁଛନ୍ତି । ତେଣୁ ମଦ କାରବାର ବନ୍ଦ କରିବା ପାଇଁ ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସୋମବାର ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଗ୍ରାମରେ ଚୋରା ମଦ ବ୍ୟବସାୟ ବୃଦ୍ଧି ପାଉଥିବାରୁ ଗ୍ରାମବାସୀ ଅତିଷ୍ଠ ହୋଇଛନ୍ତି। ଛାତ୍ରୀଛାତ୍ର ଓ ଛୋଟ ପିଲାଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଉଡ଼ ଘରର ଝୋଟି**
**କାଲି ଆସିଛି ବୋହୂ ପିଲାଟି**
**ଅଢ଼େଇ ଆଙ୍ଗୁଳି ଚୁଟି ।**

ସମୟ ସହ ତାଳ ଦେଇ ସବୁକିଛି ବଦଳି ଯାଇଥାଏ। ଯୁଗ ବଦଳିବା ସହ ମଣିଷର ବେଶ ପୋଷାକ ତଥା ଚାଲିଚଳନରେ ଅନେକ ପରିବର୍ତ୍ତନ ଘଟୁଥିବାର ଲକ୍ଷ୍ୟ କରାଯାଇଥାଏ। ଏପରି ସ୍ଥିତିରେ ଆଧୁନିକତାର ଦ୍ୱାହି ଦେଇ ଛୋଟ ଚୁଟି ରଖିଥିବା ନୂଆ ବୋହୂ ପ୍ରତି ପାଖ ପଡ଼ିଶା ମହିଳାଙ୍କ ଟୀକାଟିପ୍ପଣୀ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗହ୍ମାରି**
**ବୁଢ଼ା କୋଉ ମଣିଷରେ ସୁମାରି ।**

ସାଧାରଣତଃ ବୃଦ୍ଧ ବ୍ୟକ୍ତିମାନେ ନିଜକୁ ସର୍ବଦା ଅସହାୟ ମନେ କରିଥାନ୍ତି। ବୟସ ଅତିକ୍ରାନ୍ତ ହୋଇଗଲେ ସେମାନେ ନିଜ ଶକ୍ତି ଓ ସାମର୍ଥ୍ୟ ଉପରୁ ଆସ୍ଥା ବା ଭରସା ହରାଇ ବସିଥାନ୍ତି। ଏପରିସ୍ଥଳେ ବୃଦ୍ଧ ବ୍ୟକ୍ତିମାନଙ୍କୁ ଅନୁପଯୁକ୍ତ ମନେକରି ତାଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଗଡ଼ମଧୁପୁର ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ



ଚଢ଼େଇଧରା, ୩।୯(ଡି.ଏନ୍.ଏ)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତ ମଧୁପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟା ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ସହିତ ଛାତ୍ରୀଛାତ୍ରମାନେ ମଥୁରା ଓ ରାଧାକୃଷ୍ଣ ବେଶରେ ସୁସଜ୍ଜିତ ହୋଇ ସଂକୀର୍ତ୍ତନ ମଣ୍ଡଳୀ ସହ ବଜାର ପରିକ୍ରମା କରିଥିଲେ। ଏ ଅବସରରେ ବିଦ୍ୟା ମନ୍ଦିରର ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟା ଜୟନ୍ତୀ ମହାରଣାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର କୁନିକୁନି ପିଲାମାନେ ରାଧାକୃଷ୍ଣ ବେଶ ହୋଇ ପ୍ରତିଯୋଗିତାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ସୁଜାତା ଜେନା, ଅରୁଣ କୁମାର ବାରିକ, ସସ୍ମିତା ଧୀର ପ୍ରମୁଖ ସହାୟତା କରିଥିଲେ।


# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed M.Ed, B.P.Ed Under Achrya Nagarjuna and Andhra Universities SUCCESS POINT 114/7, Naveen Niwas Square, Bhubaneswar BHUBANESWAR 7682826300 7682826301 BRAHAMPUR 7682826307 7377730723

ADMISSION OPEN 2018-20 B.Ed. Acharya Nagarjuna University Anuska B.Ed. Academy Odisha's No-1 B.Ed. Academy 97% 1ST DIVISION Rasulgarh, Bhubaneswar 8260277745/8260277746 Cuttack No-9937313739 Bhawanipatna: 7982328673 Jajpur/Kendrapara:9692222120 www.anuskagroup.com

SPOT ADMISSION B.Ed CT(D.EL.Ed) & M.Ed Admission Closing Soon Acharya Nagarjuna University UGC & NCTE Approved Equivalent to Utkal University Weekend Class & Study Material SINCE 2001 NIDT B.J.B. Nagar, Lewis Road, Bhubaneswar 9338229373, 9438286091 9776587145

Get Instant Cash Against Gold Gold Cash Sell Your Gold at 100% Market Value ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ। WWW.GOLDCASH.CO 9090902555, 9090903555 Toll Free- 1800-120-3430 Bhubaneswar, Cuttack, Rourkela, Bhadrak, Berhampur

Odisha Finance ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କସିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି। Helpline Number: 7302107165 odishafinance55@gmail.com

MONEY WIZZ FINANCE ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ) 07991019691 07750048332 moneywizz27@gmail.com

9911436726, 9540938429



କେମିତି ମଦ ଛାଡ଼ିବେ ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩।୮, ଅଶୋକ ନଗର, ୟୁନିଟ୍–୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

LOAN ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି। 8658167603 7064382081

FINANCE P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ । 7787922501 7787907927 pmjansamridhi@gmail.com

BUSINESS ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର। ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି। CONTACT 86979-80580 95578-79781

GET INSTANT CASH AGAINST GOLD Sell your GOLD more than market value. ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ। ଯୋଗାଯୋଗ : Bhubaneswar - 7978065794 Dhenkanal - 8895446310 Angul - 9437901750

(Registration Free) Bhartiya Telecom Group (Govt. Approved) ଦ୍ୱାରା ନିଜର ଖାଲି ଜାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ । ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକମାନଙ୍କ ପ୍ରତି ସାବଧାନ। (କାମ ଆମର, ବିଶ୍ୱାସ ଆପଣଙ୍କର) କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ 7052176168 8808619133

ଫାଇନାନ୍ସ ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ମାତ୍ର 1250ରେ (1-90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ 60% ରିହାତି, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ରାଶନକାର୍ଡ, ଆଧାରକାର୍ଡ, ସମସ୍ତ ଋଣ 48 ଘଣ୍ଟାରେ Dhanlaxmi Finance 9045324642 7417158225

SMS JOB Send SMS, Earn MONEY ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । WORK From Home କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ 9667693638 9667693639

ଏବିଏସ୍ ଫାଇନାନ୍ସ ଦ୍ୱାରା ସମସ୍ତ ଭାରତରେ ଲୋନ୍ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ। ଭୁବନେଶ୍ୱର: 7290027868 କଟକ: 7590022879 ପୁରୀ: 7290027864 ଅନୁଗୁଳ: 7290022884 ଯାଜପୁର: 9870548741 ବାଲେଶ୍ୱର: 9870548676 ଗଞ୍ଜାମ: 9870548744

!! ଋଣ ଋଣ ଋଣ !! ମହାରାଷ୍ଟ୍ର ଫାଇନାନ୍ସ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ 0% ସୁଧ ୪୫% ରିହାତି ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ Toll Free 18001214188 8556894339

ସୁବର୍ଣ୍ଣ ସୁଯୋଗ କଣ ଆପଣ ବେରୋଜଗାର ଅଛନ୍ତି କି ? ଆପଣଙ୍କର ଭବିଷ୍ୟତପାଇଁ କିଛି ଯୋଜନା ଅଛି କି ? ଏସବୁର ସମାଧାନପାଇଁ ଆମ Company ଠାରୁ କିଛି ସାହାଯ୍ୟ ନେଇ ଆତ୍ମନିର୍ଭରଶୀଳ ହୁଅନ୍ତୁ। ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ 7873395955

LOAN ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ। 7682891639 8018022748

SMS JOBS DHAMAKA (PART/FULL TIME) GOLD MEDALIST COMPANY ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ Ph- 7739216167 9973805993

ମହାବୀର ଫାଇନାନ୍ସ !! ବିନା ଗ୍ୟାରେଣ୍ଟର!! ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ ମାର୍କଶିଟ୍, ବ୍ୟବସାୟ, ଦୋକାନ୍। ପ୍ରପର୍ଟି 2,00,000-25,00,000 ପର୍ଯ୍ୟନ୍ତ 1% ସୁଧ, 25% ରିହାତି 20 ବର୍ଷରେ ଫେରସ୍ତ 8750418810 9355438810

UNIVERSAL COMMUNICATION GROUP ଦ୍ୱାରା ନିଜ ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍‌ରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଓ ପାଆନ୍ତୁ 60 ଲକ୍ଷ ଅଗ୍ରିମ, ଭଡ଼ା 80,000 + ଅନ୍ୟାନ୍ୟ ସୁବିଧାସୁଯୋଗ ଏଗ୍ରିମେଣ୍ଟ ସହିତ । CALL NOW: 08570958738 08570958378

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ। ADARSH FINANCE Ram Nagar, Narnel, Haryana 7310635473 7310568831

BARSHA FINANCE ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି। M: 8337960856, 8337960833

ପାଠକଙ୍କ ପାଇଁ ସୂଚନା ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

## ସଂକ୍ଷେପରେ

### ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

**ଯାଜପୁର ଅଫିସ,୩।୯:** ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ପୂର୍ବାହ୍ନରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଏହି ଶୁଣାଣିରେ ମୋଟ ୨୧୨ଟି ଅଭିଯୋଗରୁ ୨୦୦ଟି ବ୍ୟକ୍ତିଗତ, ୮ଟି ସାମୁହିକ, ରେଡକ୍ରସ ସହାୟତା ପାଇଁ ଗୋଟିଏ ଆବେଦନ ମିଳିଥିଲା। ଶିବିରରେ ତତ୍‌କ୍ଷଣାତ୍ ୧୦୬ ଗୋଟି ଅଭିଯୋଗର ସମାଧାନ କରାଯାଇଥିଲା। ସେପ୍ଟେମ୍ବର ୭ରେ କଳିଙ୍ଗ ନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ସମାଧାନ ଶିବିର, ୧୦ରେ ବଡଚଣା ବ୍ଲକ କାର୍ଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣି ଓ ମହାସମାଧାନ ଶିବିର, ୧୭ରେ ଦଶରଥପୁର ବ୍ଲକ କାର୍ଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣି, ୨୪ରେ କୋରେଇ ବ୍ଲକ କାର୍ଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣି ଓ କୃଷି ସମାଧାନ ଶିବିର ଅନୁଷ୍ଠିତ ହେବ। ଶିବିରରେ ଏସ୍‌ପି ଚରଣ ସିଂ ମିନା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଇନ୍ଦ୍ରମଣି ନାୟକ, ଉମେଶ ଚନ୍ଦ୍ର ଲେଙ୍କା ପ୍ରମୁଖ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

### ୨ଦୋକାନୀଙ୍କ ମଧ୍ୟରେ କଳହ, ଜଣେ ଗିରଫ

**ଯାଜପୁରରୋଡ,୩।୯(ନି.ପ୍ର.):** ବ୍ୟାସନଗର ପୌର ପରିଷଦ ବସଷ୍ଟାଣ୍ଡ ନିକଟରେ ଥିବା ଦୁଇ ଦୋକାନୀ ଦୀପକ ସ୍ୱାଇଁ ଓ ବିଜୟ କୁମାର ପୃଷ୍ଟିଙ୍କ ମଧ୍ୟରେ ସୋମବାର କୌଣସି କାରଣରୁ କଳହ ହୋଇଥିଲା। ଏହି ଘଟଣାରେ ଯାଜପୁରରୋଡ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ପ୍ରକାଶ ଯେ, ଉଭୟଙ୍କ ମଧ୍ୟରେ କଳହ ହେବା ପରେ ଦୀପକ ଉତ୍ତ୍ୟକ୍ତ ହୋଇ ବିଜୟଙ୍କ ଉପରେ ଗରମ ଚା' ଢାଳିବା ସହ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକେ ବିଜୟଙ୍କୁ ଉଦ୍ଧାର କରି ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ନେଇ ଥାନାରେ ଏକ ମାମଲା(୨୨୯/୧୮)ରେ ଏକ ମାମଲା ରୁଜୁ ହୋଇଥିଲା।

### ନିର୍ବାହୀ ଯନ୍ତ୍ରୀଙ୍କ ବନ୍ୟାଞ୍ଚଳ ଅନୁଧ୍ୟାନ



**ସିଂହପୁର,୩।୯(ଡି.ଏନ୍.ଏ):** ଖରସ୍ରୋତାର ଜଳ ପତନ ବୃଦ୍ଧି ପାଉଥିବାରୁ ଜରୀର ନିର୍ବାହୀ ଯନ୍ତ୍ରୀ ଧନେଶ୍ୱର ସାମଲ ସହକାରୀ ଯନ୍ତ୍ରୀ ସତ୍ୟସାଗର ଭୂୟାଁ, କନିଷ୍ଠ ଯନ୍ତ୍ରୀ ନବୀନ ପାଣିଗ୍ରାହୀ ସୋମବାର ବନ୍ୟାଞ୍ଚଳ ଅନୁଧ୍ୟାନ କରିଥିଲେ। ଖରସ୍ରୋତା ନଦୀରେ ବନ୍ୟାଜଳ ପ୍ରବେଶ ଯୋଗୁ ବିଞ୍ଝାରପୁର ଜଳସମ୍ପଦ ବିଭାଗ ଅଧୀନ ସିଂହପୁର ଉପଖଣ୍ଡର ଜରୀ ସେଠୀ ସାହି, ଅଢେଇ ସାହି, କୁଲସାହି, ଜରୀ ବାଙ୍କ ସାହିରେ ନଦୀ ଅତଡା ଖାଉଥିଲା। ଫଳରେ ଉକ୍ତ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଥିଲେ। ବିଞ୍ଝାରପୁର ସହକାରୀ ଯନ୍ତ୍ରୀ ସତ୍ୟ ସାଗର ଭୂୟାଁ, ସିଂହପୁର କନିଷ୍ଠ ଯନ୍ତ୍ରୀ ନବୀନ ପାଣିଗ୍ରାହୀ ରବିବାର ବାଲି ବସ୍ତା ପାଇଁ ବ୍ୟୟ ବରାଦ କରିଥିଲେ। ସୋମବାର ଉକ୍ତ ସ୍ଥାନରେ କାର୍ଯ୍ୟ ଆରମ୍ଭ ହୋଇଛି। ସିଂହପୁର ନିକଟରେ ଜଳସ୍ତର ବିପଦ ସଙ୍କେତ ୬.୩୦ ମିଟର ଥିବାବେଳେ ସୋମବାର ଅପରାହ୍ନରେ ୫.୯୫ ମିଟର ରହିଛି।

### ନିଯୁକ୍ତି ଦାବିରେ ତାଲିମପ୍ରାପ୍ତ ଶିକ୍ଷକଙ୍କ ଦାବିପତ୍ର

**ବିରଜାକ୍ଷେତ୍ର,୩।୯(ଡି.ଏନ୍.ଏ.):** ତାଲିମପ୍ରାପ୍ତ କ୍ରୀଡ଼ା ଓ କଳା ଶିକ୍ଷକ ନିଯୁକ୍ତି ଦାବି ନେଇ ସୋମବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଯାଜପୁର ଜିଲାରେ ୨୦୦ରୁ ଊର୍ଦ୍ଧ୍ୱ ତାଲିମପ୍ରାପ୍ତ କ୍ରୀଡ଼ା ଓ କଳା ଶିକ୍ଷକ ଅଛନ୍ତି। ୧୦ ବ୍ଲକରୁ ପ୍ରତି ବ୍ଲକ୍‌ରେ ୨୦ରୁ ୨୫ ଉଚ୍ଚ ପ୍ରାଥମିକ, ନୋଡାଲ ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ନୋଡାଲ ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ଓ କଳା ଶିକ୍ଷକ ପଦବୀ ଖାଲିପଡ଼ିଛି। ଯାଜପୁର ଜିଲାରେ ୨୦୧୫ରୁ ଉକ୍ତ ଶିକ୍ଷକ ପଦବୀ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇନାହିଁ।

### ବିସ୍ଥାପନ ବିରୋଧୀ ଜନମଞ୍ଚର ପୂର୍ବତନ ସଭାପତିଙ୍କ ପରଲୋକ

**କଳିଙ୍ଗନଗର/ଡୁବୁରୀ,୩।୯(ଡି.ଏନ.ଏ):** ବିସ୍ଥାପନ ବିରୋଧୀ ଜନମଞ୍ଚର ପୂର୍ବତନ ସଭାପତି ଚକ୍ରଧର ହାଇବ୍ରୁଙ୍କର ସୋମବାର ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୦ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି କିଡନୀ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

## ■ ଅଲୋଡ଼ା ହୋଇଛି କୃଷିଭିତ୍ତିକ ସମବାୟ ଶିଳ୍ପ

# ବନ୍ଦ ପଡ଼ିଛି ଚିନି, ଝୋଟ କଳ

**ଯାଜପୁର ଅଫିସ,/ଚଣ୍ଡିଖୋଲ (ଡିଏନଏ)୩।୯**

ରାଜ୍ୟରେ ଶିଳ୍ପାୟନକୁ ବିକାଶର ଏକମାତ୍ର ଆଧାର ଭାବେ ଗ୍ରହଣ କରି ସରକାର ଶିଳ୍ପାୟନକୁ ଯେଭଳି ପ୍ରୋତ୍ସାହିତ କରୁଛନ୍ତି ତା ଦ୍ୱାରା କୃଷିର କିପରି ବିନାଶ ସାଧିତ ହେଉଛି ତାହାର ଗୋଟିଏ ପରେ ଗୋଟିଏ ପ୍ରମାଣ ଲୋକଲୋଚନକୁ ଆସିବାରେ ଲାଗିଛି। କୃଷି ଭିତ୍ତିକ ସମବାୟ ଶିଳ୍ପକୁ ସରକାର ଅଲୋଡା କରି ଖଣିଜ ସମ୍ପଦ ଭିତ୍ତିକ ଶିଳ୍ପାୟନ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। କୃଷିକୁ କିପରି ଉଜାଡି ଦେବାରେ ଲାଗିଛି ତାହାର ନଗ୍ନ ଉଦାହରଣ ପାଲଟିଛି ଯାଜପୁର ଜିଲା। ଦିନେ ଏହି ଜିଲାର ବରୀ ବ୍ଲକ କୃଷ୍ଣନଗରଠାରେ ଏକ ଚିନିକଳ ଓ ବଡଚଣା ବ୍ଲକର ଧାନମଣ୍ଡଳଠାରେ ଝୋଟକଳ ପ୍ରତିଷ୍ଠା ହୋଇଥିଲା। ହେଲେ ସ୍ଥାନୀୟ ରାଜନେତାଙ୍କ ଅଯଥା ହସ୍ତକ୍ଷେପ ଏବଂ ସରକାରଙ୍କ ଅଦୂରଦର୍ଶିତା ଯୋଗୁ ସେହି ୨ଟି କୃଷି ଭିତ୍ତିକ ସମବାୟ ଶିଳ୍ପ ବନ୍ଦ ପଡିଛି। ଯଦ୍ୱାରା ଜିଲାରେ ଆଖୁ ଓ ଝୋଟ ଚାଷ ଲୋପ ପାଇବାକୁ ବସିଛି। ସ୍ୱତନ୍ତ୍ର ଅର୍ଥନୈତିକ ଜୋନ ଆଳରେ ବିଭିନ୍ନ ଘରୋଇ କମ୍ପାନୀ ଓ ଶିଳ୍ପ ସଂସ୍ଥାକୁ କଳିଙ୍ଗନଗରରେ ବିପୁଳ ପରିମାଣର ଭୂଖଣ୍ଡ ସୁବିଧା ଦେଇ ସରକାର ସେମାନଙ୍କୁ ଅଧିଶ୍ୱର କରାଇଛନ୍ତି। କିନ୍ତୁ କୃଷି ଭିତ୍ତିକ ସମବାୟ ଶିଳ୍ପକୁ ଅନାଗ୍ରହ କରୁଥିବାରୁ ଆଗାମୀ ଦିନରେ ଜିଲାରେ କୃଷି ଓ କୃଷକ ପାଇଁ କିପରି ଦୁର୍ଦ୍ଦିନ ଆଣିଦେବ ବୋଲି ସମାଲୋଚକ ତଥା ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିବାରେ ଲାଗିଛନ୍ତି। ଏହିକ୍ରମରେ ୧୯୭୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥିଙ୍କ ସମୟରେ ବଡଚଣା ବ୍ଲକ ଧାନ ମଣ୍ଡଳଠାରେ କୋଣାର୍କ ଝୋଟକଳର ଶୁଭ ଦିଆଯାଇଥିଲା। ସେତେବେଳେ ବଡଚଣା ବିଧାୟକ ଥିଲେ ଦୁଃଶାସନ ଜେନା। ୧୯୭୯ ମସିହାରେ ମାନଗୋବିନ୍ଦ ସାମଲ ବିଧାୟକ ଥିବା ସମୟରେ ରାଜ୍ୟ ସରକାର ୮କୋଟି ଟଙ୍କା ବ୍ୟୟ କରି ଏହାକୁ କାର୍ଯ୍ୟକ୍ଷମ କରାଇଥିଲେ। ଦୈନିକ ୪୦ଟନ ଉତ୍ପାଦନ କ୍ଷମତା ବିଶିଷ୍ଟ ଏହି ଝୋଟକଳରେ ୨୨୫୦ ନିୟମିତ କର୍ମଚାରୀ ଓ ୮୫୦ଜଣ ଠିକା ଶ୍ରମିକ ନିୟୋଜିତ ହୋଇଥିଲେ। ଯାଜପୁର, ଜଗତସିଂପୁର, କେନ୍ଦ୍ରାପଡା, ଢେଙ୍କାନାଳ, କଟକ, ଭଦ୍ରକ ଆଦି ଜିଲାର ପ୍ରାୟ ୩ଲକ୍ଷ କୃଷକ ଏଥିରେ ନିର୍ଭରଶୀଳ ଥିଲେ। କଳରେ ଅଖା, ପାଳ, ଜରି, ରଶି ଇତ୍ୟାଦି ଉତ୍ପାଦନ ହୋଇ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନକୁ ରପ୍ତାନୀ ହେଉଥିଲା। ହେଲେ ଉପଯୁକ୍ତ ପରିଚାଳନାର ଅଭାବ ଓ ଅଯଥା ରାଜନୈତିକ ହସ୍ତକ୍ଷେପ ଯୋଗୁ ଏହି ଝୋଟକଳ ଗତ ୧୯୯୫ ମସିହାରେ ଦୁର୍ବଳ ସ୍ଥିତିକୁ ଚାଲି ଆସିଥିଲା। ଏଥିଯୋଗୁ ସରକାର ୧୯୯୮ରେ ପୁନଃ ଅର୍ଥ ବିନିଯୋଗ କରିଥିଲେ। ବ୍ୟାପକ



■ଅଯଥା ରାଜନୈତିକ ହସ୍ତକ୍ଷେପ ଦାୟୀ

■ଜିଲାରେ ଲୋପ ପାଇବାକୁ ବସିଛି ଆଖୁ, ଝୋଟ ଚାଷ

■କୃଷ୍ଣନଗର ଚିନିକଳ ଓ ଧାନମଣ୍ଡଳ ଝୋଟକଳ ପୁନରୁଦ୍ଧାର ପାଇଁ ନାହିଁ ଆନ୍ତରିକତା

ଅନିୟମିତତା ଏବଂ ସେତେବେଳର ବଡଚଣା ଲୋକ ପ୍ରତିନିଧି ନିଜ କର୍ମୀଙ୍କୁ ପୂରାଇ କଳକୁ କ୍ଷତିରେ ପହଞ୍ଚାଇଥିଲେ। ୨୦୧୨ ମସିହାରେ ଏହାକୁ ଘରୋଇକରଣ କରାଯାଇଥିଲା । ୩୪ କୋଟି ଟଙ୍କାରେ ଏହା ବିକ୍ରି ହୋଇଥିଲା। ଏହାପରେ ନିୟମିତ କର୍ମଚାରୀଙ୍କୁ ଜୋର ଦବରଦସ୍ତ ସ୍ୱେଚ୍ଛାକୃତ ଅବସର ନେବାକୁ କୁହାଯାଇଥିଲା। କାର୍ଯ୍ୟରତ ଠିକା ଶ୍ରମିକଙ୍କୁ କାର୍ଯ୍ୟରୁ ଅନ୍ତର କରି ଦିଆଯାଇଥିଲା। ଏହାପରେ ଝୋଟକଳରେ ରାଜନୈତିକ ମନମାନି ଅଣାୟତ୍ତ ହେବା ସହିତ ୨୦୧୪ ମସିହାରେ ତାଲା ପଡିଥିଲା। ସେତେବେଳେ ବିଧାୟକ ଅମରପ୍ରସାଦ ଶତପଥି ମଧ୍ୟ କିଛି କରି ପାରି ନ ଥିଲେ । ସେହି ଝୋଟକଳର ପୁନରୁଦ୍ଧାର ପାଇଁ ଏଯାଏ ବିଧାୟକ ତଥା ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏବେ ବି ୪/୫ ଜଣ ଅଧିକାରୀ ନିୟୋଜିତ ରହିଥିଲେ ହେଁ ସେମାନେ ବସି ବସି ସରକାରଙ୍କଠାରୁ ଦରମା ନେଉଥିବା ସୂଚନା ମିଳିଛି । ସେହିପରି ବରି ବ୍ଲକ କୃଷ୍ଣନଗରଠାରେ ତତ୍କାଳୀନ ଶିଳ୍ପ ନିର୍ଦ୍ଦେଶକ ପଦ୍ମନାଭ ମିଶ୍ର ଚିନିକଳ ପ୍ରତିଷ୍ଠା ପାଇଁ ୧୯୬୦ ମସିହାରେ ସ୍ଥାନ ନିରୂପଣ କରିଥିଲେ। ୧୯୭୫ ମସିହାରେ ଓଡିଶାର ପୂର୍ବତନ ଶିଳ୍ପମନ୍ତ୍ରୀ କାହ୍ନୁଚରଣ ଲେଙ୍କା ଏହି ଚିନି କଳକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏଥିରେ ଜଣେ ମ୍ୟାନେଜରଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ଓ ୧୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଏଥିରେ କାର୍ଯ୍ୟ କରୁଥିଲେ। ସେଥିରୁ ୨୦ଜଣ ଶ୍ରମିକଙ୍କୁ ସରକାର ନିଯୁକ୍ତି ଦେଇଥିବା ବେଳେ ଅନ୍ୟ ଶ୍ରମିକମାନେ ଠିକାରେ କାର୍ଯ୍ୟ କରି ସେମାନଙ୍କର ପାରିଶ୍ରମିକ ନେଉଥିଲେ। ଏହା ଗତ ୨୧।୧୧।୧୯୮୮ରୁ ବନ୍ଦ ରହିଛି । ଏହାର ପୁନଃରୁଦ୍ଧାର ପାଇଁ କାହାରି ଆନ୍ତରିକତା ଦିଶୁନାହିଁ। ଫଳରେ କୃଷି ଭିତ୍ତିକ ସମବାୟ ଶିଳ୍ପ ଜିଲାରେ ଅଲୋଡା ହୋଇଛି। କଳିଙ୍ଗନଗରରେ ଶିଳ୍ପ ପ୍ରତିଷ୍ଠା କରି ଶିଳ୍ପପତିମାନେ ମାଲାମାଲ ହେଉଥିବାବେଳେ କୃଷି ଓ କୃଷକଙ୍କ ପ୍ରତି ଅବହେଳା ଏଥିରୁ ଜଳଜଳ ହୋଇ ଦିଶୁଛି ବୋଲି ମତପ୍ରକାଶ ପାଉଛି । ଆସନ୍ତା ବିଧାନସଭା ପାଇଁ ବିଧାୟକ ଦିଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ଯାଜପୁର ଜିଲା ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ଜିଏମ ମନୋଜ କୁମାର ବେହେରା ପ୍ରକାଶ କରିଛନ୍ତି ଯେ, ଯାଜପୁର ଜିଲାର କୃଷ୍ଣନଗର ସୁଗାର ମିଲ ପଞ୍ଚାୟତ ଶିଳ୍ପ ସମବାୟ ସମିତି ଲିମିଟେଡ ନାମକ ଏକ କୃଷି ଭିତ୍ତିକ ସମବାୟ ଶିଳ୍ପ ଗମ୍ଭୁ ଗ୍ରାମରେ ପ୍ରତିଷ୍ଠିତ ହୋଇଥିଲା । ତାହା ଏବେ ବନ୍ଦ ପଡିଛି ।

### ଚାନ୍ଦା ଆଦାୟ, ମୋବାଇଲ ଛଡ଼ାଇ ନେବା ଘଟଣା
## ୨ ଅଭିଯୁକ୍ତ କୋର୍ଟ ଚାଲାଣ

**କୋରେଇ,୩।୯(ସ୍ୱ.ପ୍ର)**

ଦୀର୍ଘ ଦିନ ଧରି ୧୬ ନମ୍ବର ଜାତୀୟ ରାଜପଥ ଉପରେ ବିଳମ୍ବିତ ରାତିରେ ଗାଡ଼ି ଚାଳକଙ୍କୁ ଅଟକାଇ ଚାନ୍ଦା ଆଦାୟ ସହ ମୋବାଇଲ ଓ ଟଙ୍କା ଛଡ଼ାଇ ନେବା ଅଭିଯୋଗରେ ପାଣିକୋଇଲି ପୋଲିସ ଦୁଇ ଜଣ ରାଜପଥ ଲୁଟେରାଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ବାଙ୍ଗାଲୋରରୁ ପିଆଜ ନେଇ କଲିକତା ଯାଉଥିବା ଏକ ଟ୍ରକ ଚାଳକ ଜାହିର ଅଲ୍ଲୀ ଖାନ ଏକ ହୋଟେଲକୁ ଖାଇବାକୁ ଯାଉଥିବା ସମୟରେ ୩ ଜଣ ଯୁବକ ଏକ ବାଇକରେ ଆସି ତାଙ୍କୁ ଗଣେଶ ପୂଜା ନିମନ୍ତେ ଚାନ୍ଦା ମାଗିଥିଲେ। ଜାହିର ୨୦ଟଙ୍କା ବାହାର କରି ତାଙ୍କୁ ଦେବାରୁ ସେମାନେ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରି ମାଡ଼ ମାରିବା ସହିତ ତାଙ୍କ ମୋବାଇଲ ଫୋନ ଓ ଦୁଇ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏହି ସମୟରେ ଜାହିର ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଉକ୍ତ ଯୁବକଙ୍କୁ ଘେରି ଯାଇଥିଲେ। ଲୁଟ କରିବାକୁ ଆସିଥିବା ତିନି ଜଣଙ୍କ ମଧ୍ୟରୁ ଜଣେ ବାଇକ ନେଇ ପଳାଇ ଯାଇଥିବା ବେଳେ ଅନ୍ୟ ୨ଜଣ ଯୁବକ ସଦର ଥାନା ଅନ୍ତର୍ଗତ ଭୂଇଁପୁର ଗ୍ରାମର ଅଶ୍ୱିନୀ ମହାପାତ୍ର(୨୨) ଓ କେଦାରନାଥ ପଣ୍ଡା (୨୩)ଙ୍କୁ ଲୋକେ ଅଟକ ରଖି ପୋଲିସ ଜିମା ଦେଇଥିଲେ। ଏ ନେଇ ପାଣିକୋଇଲି ପୋଲିସ ଏକ ମାମଲା (ନଂ୧୩୬ /୧୮) ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି।

## ଏଟିଏମ୍ କାର୍ଡ ବଦଳାଇ ଲୁଟ୍ ଘଟଣା, ସମ୍ପର୍କୀୟ ପୁତୁରା ଗିରଫ

**ଛତିଆ୩।୯(ଡି.ଏନ୍.ଏ)**

ଏଟିଏମ୍ କାର୍ଡ ଦ୍ୱାରା ଲକ୍ଷାଧିକ ଟଙ୍କା ଲୁଟ୍ ଘଟଣାରେ ବୈରୀ ପୋଲିସ ସୋମବାର ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବୈରୀ ଗ୍ରାମର ବିକ୍ରମ ମହାପାତ୍ର। ପ୍ରକାଶ ଯେ, ଉକ୍ତ ଥାନା ଅଧୀନ ଉପୁଳା ଗ୍ରାମର ବିଧବା ଅଞ୍ଜନା ମହାନ୍ତି ଲୁଟ୍‌ର ଶିକାର ହୋଇଛନ୍ତି। ଗତ ମାର୍ଚ୍ଚ ୩ ତାରିଖରେ ଅଞ୍ଜନାଙ୍କର ଟଙ୍କା ଆବଶ୍ୟକ ପଡିବାରୁ ସେ ନିଜ ସମ୍ପର୍କୀୟ ପୁତୁରା ବିକ୍ରମଙ୍କୁ କହିଥିଲେ। ସେ ଅଞ୍ଜନାଙ୍କୁ ନେଇ ଛତିଆ ଷ୍ଟେଟବ୍ୟାଙ୍କ ଏଟିଏମରୁ ୫ ହଜାର ଟଙ୍କା ଉଠାଇ ତାଙ୍କୁ ଦେଇଥିଲେ। ଏଟିଏମରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଥିବା ବିକ୍ରମ ଜାଣିବା ପରେ ନିଜ ଏଟିଏମ୍ ବଦଳାଇ ଦେଇଥିଲେ। ୩ ମାସ ପରେ ପୁଣି ଅଞ୍ଜନାଙ୍କର ଟଙ୍କା ଆବଶ୍ୟକ ପଡିବାରୁ ସେ ତାଙ୍କ ପୁଅକୁ ନେଇ ଏଟିଏମ୍ ଯାଇଥିଲେ। ହେଲେ ଆକାଉଣ୍ଟରେ ଟଙ୍କା ନ ଥିଲା। ପରେ ଅଞ୍ଜନା ବୈରୀ ଷ୍ଟେଟବ୍ୟାଙ୍କକୁ ଯାଇ ଏ ବିଷୟରେ ଖୋଳତାଡ କରିବା ପରେ ଉକ୍ତ ଏଟିଏମ କାର୍ଡ ବିକ୍ରମ ମହାପାତ୍ରଙ୍କର ବୋଲି ଜଣାପଡ଼ିଥିଲା। ଅଞ୍ଜନାଙ୍କ ବ୍ୟାଙ୍କ ଜମାଖାତା ଦେଖିବା ପରେ ମାତ୍ର ୧୪୩ ଟଙ୍କା ଥିଲା। ଏ ନେଇ ଅଞ୍ଜନା ବୈରୀ ଥାନାରେ ଅଭିଯୋଗ କରିଥିଲେ।

### ଭୁଜାଲିରେ ଆକ୍ରମଣ, ଜଣେ ଗିରଫ

**ଯାଜପୁରରୋଡ,୩।୯(ନି.ପ୍ର.)**

ଯାଜପୁରରୋଡ ଥାନା ଅନ୍ତର୍ଗତ ମୁଣ୍ଡମାଳ ଗ୍ରାମର ଦୁମକା ପୃଷ୍ଟି ନାମକ ଜଣେ ଯୁବକ ସୋମବାର ରାତିରେ ରାସ୍ତାରେ ଯାଉ ଥିବା ସମୟରେ ଉକ୍ତ ଗ୍ରାମ ପ୍ରଧାନ ସାହିର ନାରଣ ପ୍ରଧାନ ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଦୁମକା ଗୁରୁତର ହୋଇଥିଲେ। ଯାଜପୁରରୋଡ ପୋଲିସ ତାଙ୍କୁ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ସହ ନାରଣଙ୍କୁ ଗିରଫ କରିଥିଲା। ଦୁମକାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ପଠାଯାଇଛି। ହେଲେ ଆକ୍ରମଣର କାରଣ ଜଣାପଡ଼ିନାହିଁ। ସେହିପରି ଦଳା ଛକ ନିକଟରେ ପଇସା କାରବାରକୁ ନେଇ ଦୁଇ ବ୍ୟବସାୟୀଙ୍କ ମଧ୍ୟରେ ବଚସା ହେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଆଣି ଥାନାରେ ଅଟକ ରଖିଛି।

## ମଦମୁକ୍ତ ଓଡ଼ିଶା ପାଇଁ ଜିଲାସ୍ତରୀୟ ପ୍ରସ୍ତୁତି

**ରସୁଲପୁର,୩।୯(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରର ମା' ତାରିଣୀ ପୀଠରେ ସୋମବାର ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସଙ୍ଗଠନର ସଭାପତି ବିଶ୍ୱଜିତ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରସ୍ତୁତି ବୈଠକରେ ସଂଗଠନ ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ ଯୋଗଦେଇ ରାଜ୍ୟ ସରକାରଙ୍କ ମଦ ପ୍ରସାର ନୀତିକୁ ସମାଲୋଚନା କରିଥିଲେ। ମଦ ବିରୋଧୀ ଆନ୍ଦୋଳନର ପ୍ରଚାର କରାଯିବା ସହ ଜିଲାର ସମସ୍ତ ନିର୍ବାଚନ ମଣ୍ଡଳିରେ ଦସ୍ତଖତ ଅଭିଯାନ କରାଯିବ ଏବଂ ଏହାପରେ ଉକ୍ତ ଦାବିପତ୍ରକୁ ବିଧାୟକଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି କହିଥିଲେ। ଏଥିରେ ସରକାର ନ ଚେତିଲେ ସଂଗଠନ ପକ୍ଷରୁ ନଭେମ୍ବର ୨୩ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀଠାରୁ ଜିଲାର ସମସ୍ତ ବିଧାୟକଙ୍କ ସରକାରୀ ବାସଭବନ ସମ୍ମୁଖରେ ଧାରଣା ଦିଆଯିବ। ଏ ସମ୍ପର୍କରେ ବିଧାୟକମାନେ ୧୯୫୬ ମସିହା ଅବକାରୀ ଆଇନକୁ କାର୍ଯ୍ୟକାରୀ ନ କଲେ ମିଳିତ ଓଡିଶା ନିଶା ନିବାରଣ ସଂଗଠନ ପକ୍ଷରୁ ସରକାରଙ୍କ ବିରୋଧରେ ସମଗ୍ର ରାଜ୍ୟ ବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ବୈଠକ ଜରିଆରେ ଚେତାବନୀ ଦିଆଯାଇଛି । ବୈଠକରେ ଗଗନ ବିହାରୀ ସାମଲ, ନୃସିଂହ ମିଶ୍ର, ଭୁବନମୋହନ ମହାନ୍ତି, ଗୋଲଖ ପେଲଇ, ଭାରତୀ ଘୋଷ, ଶ୍ୟାମଳି ପତି, ପ୍ରଶାନ୍ତ ବେହେରା ପ୍ରମୁଖ ବୈଠକରେ ଯୋଗଦେଇ ମଦ ବିରୋଧୀ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଶାନ୍ତ ପଢ଼ିହାରୀ ଧନ୍ୟବାଦ ଅର୍ପଣ କରିଥିଲେ।



ନିଶା ନିବାରଣ ଅଭିଯାନ ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ସଦସ୍ୟମାନେ।

### ଆସିଲେନି ଶିଶୁ ସୁରକ୍ଷା କର୍ମଚାରୀ
## ଉଦ୍ଧାର ଶିଶୁ ଶ୍ରମିକଙ୍କୁ ଛାଡ଼ିଦେଲା ପୋଲିସ

**କୋରେଇ,୩।୯(ସ୍ୱ.ପ୍ର)**

କିଛି ଦିନ ତଳେ ଜିଲା ଆରକ୍ଷୀ ଅଧିକ୍ଷକ ଅପରେଶନ ମୁସ୍କାନ (ପରୀ -୨) ନିମନ୍ତେ ଜିଲା ମୁଖ୍ୟାଳୟରେ ପ୍ରସ୍ତୁତି ବୈଠକ କରିଥିଲେ। ଉକ୍ତ ବୈଠକରେ ଜିଲା ଶିଶୁ ସୁରକ୍ଷା ନିମନ୍ତେ କାର୍ଯ୍ୟ କରୁଥିବା ବରିଷ୍ଠ କର୍ମକର୍ତ୍ତା ଅନୁପସ୍ଥିତ ଥିବା ବେଳେ ହାତଗଣତି କେତୋଟି ଏନଜିଓ ଭାଗ ନେଇଥିଲେ। ଘଟଣାର କିଛିଦିନ ପରେ ଶନିବାର ପାଣିକୋଇଲି ପୋଲିସ ଷଠିପୁର ଏବଂ ପାଣିକୋଇଲିରେ ହୋଟେଲରେ କାମ କରୁଥିବା ୩ ନାବାଳକଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ପରେ ଏ ସଂକ୍ରାନ୍ତରେ ଥାନା ପକ୍ଷରୁ ଜିଲା ଶିଶୁ ସୁରକ୍ଷା କର୍ମଚାରୀଙ୍କୁ ଅବଗତ କରାଯାଇ ଉଦ୍ଧାର କରାଯାଇଥିବା ୩ଶିଶୁ ଶ୍ରମିକଙ୍କୁ ନେଇଯିବା ପାଇଁ ଅନୁରୋଧ କରାଯାଇଥିଲା। ମାତ୍ର ରାତି ପର୍ଯ୍ୟନ୍ତ କେହି କର୍ମଚାରୀ ନ ଆସିବାରୁ ବାଧ୍ୟ ହୋଇ ପିଲାଙ୍କ ଅଭିଭାବକଙ୍କୁ ଥାନାକୁ ଡ଼କାଇ ତାଙ୍କଠାରୁ ବ୍ୟକ୍ତିଗତ ମୁଚାଲିକାରେ ପୋଲିସ ସେମାନଙ୍କୁ ଛାଡ଼ିଥିଲା। ରାଜ୍ୟ ସରକାର ଶିଶୁ ଶ୍ରମିକଙ୍କୁ ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ ନ କରିବା ଲାଗି ଶିଶୁ ସୁରକ୍ଷା ୟୁନିଟ ଓ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିବା ବେଳେ ସେମାନେ ନିଜ କର୍ତ୍ତବ୍ୟ ଠିକ୍ ଭାବେ ସମ୍ପାଦନ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଉଭୟ ବିଭାଗ ମଧ୍ୟରେ ବୁଝାମଣା ନ ରହିଲେ ରାଜ୍ୟ ସରକାରଙ୍କ ଲକ୍ଷ୍ୟ କିପରି ପୂରଣ ହେବ ତାହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ■ ମଧ୍ୟାହ୍ନଭୋଜନ ଚାଉଳ ବିକ୍ରି ଘଟଣା
## ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବଦଳି

**ବରୀ,୩।୯(ସ୍ୱ.ପ୍ର.)**

ମଧ୍ୟାହ୍ନଭୋଜନ ଚାଉଳ ବିକ୍ରି ଘଟଣାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଶୁକ୍ଳଙ୍କର ବରୀ ବ୍ଲକ ଅଧୀନ ବାଲିଆ ସରକାରୀ ଅଭିମନ୍ୟୁ ସାମନ୍ତ ସିଂହାର ଉଚ୍ଚ ବିଦ୍ୟାଳୟକୁ ବଦଳି ହୋଇଯାଇଛି। ସେ ସୋମବାର ନୂତନ ବିଦ୍ୟାଳୟରେ ଯୋଗ ଦେଇଥିବା ଜଣାପଡିଛି। ସେ ପୂର୍ବରୁ ବରୀ ବ୍ଲକ ଅଧୀନ ଅଜାଣ ହାଇସ୍କୁଲରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିଲେ। ଗତ ଅଗଷ୍ଟ ୧୧ ତାରିଖରେ ମଧ୍ୟାହ୍ନଭୋଜନ ଚାଉଳ ବିକ୍ରି ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ପରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ବ୍ଲକ ଶିକ୍ଷାଧିକାରୀ ୧୬ ତାରିଖରେ ଜିଲା ଶିକ୍ଷାଧିକାରୀଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ। ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଛି।

### ୮ରେ ଚତୁର୍ଥ ଜାତୀୟ ଲୋକ ଅଦାଲତ

**ଯାଜପୁର ଅଫିସ,୩।୯**

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆସନ୍ତା ୮ରେ ଚତୁର୍ଥ ଜାତୀୟସ୍ତରୀୟ ଲୋକ ଅଦାଲତ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତରେ ବିଭିନ୍ନ ମକଦ୍ଦମାର ଫଇସଲା କରାଯିବ । ଏଥିରେ ବିଭିନ୍ନ ବିଭାଗ ପକ୍ଷରୁ ବକେୟା ଥିବା ମାମଲା ଗୁଡିକରେ ତ୍ୱରାନ୍ୱିତ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଆଇନ ସେବା ପ୍ରାଧିକରଣର ସଂପାଦକ ଶର୍ମିଷ୍ଠା ଦାଶ ଅବଗତ କରାଇଛନ୍ତି ।

### ନବବଧୂଙ୍କୁ ପୋଡ଼ି ମାରିଦେବା ଘଟଣା
## ତଦନ୍ତ ପାଇଁ ଜିଲାପାଳଙ୍କୁ ଦାବିପତ୍ର



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଅଭିଯୋଗକାରୀ।

**ବିରଜାକ୍ଷେତ୍ର,୩।୯(ଡି.ଏନ୍.ଏ.)**

ନବବଧୂଙ୍କୁ ପୋଡ଼ି ମାରିଦେବା ଘଟଣାରେ ଭାଇ ମାନ ନାୟକ, କିନ୍ନର ସଂଘ ସଭାପତି କାଜଲ ନାୟକ ଓ ଗ୍ରାମବାସୀ ସୋମବାର ଜିଲାପାଳଙ୍କୁ ଭେଟି ତଦନ୍ତ ଦାବି କରିଛନ୍ତି। ପ୍ରକାଶ ଯେ, ସୁକିନ୍ଦା ଥାନା ମଙ୍ଗଳପୁର ଗ୍ରାମର ଗୁର ନାୟକଙ୍କ ଝିଅ କୋରେଇ ଥାନା ଅନ୍ଧାରୀ ପଞ୍ଚାୟତ କୋରବନ୍ଦୀ ଗ୍ରାମର ଚନ୍ଦ୍ରମଣି ସାମଲଙ୍କ ପୁଅ ସାନ୍ତନୁଙ୍କୁ ଗତ ମେରେ ବିବାହ କରିଥିଲେ । ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ତାଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିଲେ । ଏହତ ଘଟଣା ପରେ ସେ ବାପଘରକୁ ପଳାଇ ଆସିଥିଲେ । ପରେ ଶାଶୁଘର ଗ୍ରାମର ମୁରବୀଙ୍କ ସହଯୋଗରେ ବୁଝାମଣା ହେବା ପରେ ଝିଅ ଶାଶୁଘରକୁ ଆସିଥିଲେ । ଗତ ୨୧ ତାରିଖରେ ସେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ ବାପ ଘରକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ହତ୍ୟା କରାଯାଇଥିବା ଝିଅ ପରିବାର ଲୋକେ କହିଛନ୍ତି। ଏ ନେଇ ପରିବାର ଲୋକେ କୋରେଇ ଥାନାରେ ଅଭିଯୋଗ କରିଥିଲେ।

### ■ ମାଣତୀରରେ ଜନ୍ମାଷ୍ଟମୀ, ନନ୍ଦ ଉତ୍ସବ ପର୍ବ
## 'ଅହଂକାର ଶୂନ୍ୟ ମଣିଷ ହିଁ ଅନ୍ୟର ସେବା କରିପାରେ'

**ରସୁଲପୁର,୩।୯(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ସଂସ୍କୃତିସମ୍ପନ୍ନ ଗାଁ ମାଣତିରରେ ଦୁଇଦିନ ବ୍ୟାପୀ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜକ ମଦନମୋହନ ସାଂସ୍କୃତିକ ପରିଷଦ ପକ୍ଷରୁ ପୂଜ୍ୟପୂଜାକୁ ସମ୍ମାନ କରାଯିବା ସହ ଦରିଦ୍ର ନାରାୟଣଙ୍କୁ ସେବା ପ୍ରଦାନ କରାଯାଇଛି। ନନ୍ଦ ରାଜା ପ୍ରମୋଦ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ଏମ୍‌ପି ପଦ୍ମଶ୍ରୀ ରଘୁନାଥ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ପ୍ରାଚୀନ କଳା ସଂସ୍କୃତିକୁ ବଜାୟ ରଖିବା ଦିଗରେ କରାଯାଉଥିବା ପ୍ରୟାସକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନ ପକ୍ଷରୁ ମୁଖ୍ୟଅତିଥି ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ କୁମାର ଶତପଥୀ, ଚିଦାନନ୍ଦ ଆଶ୍ରମର ଭେଷଜ ବିଭାଗର ବିଶେଷଜ୍ଞ ଅନ୍ତର୍ଯ୍ୟାମୀ ସାହୁ, ଅଧ୍ୟାପକ ସୁଶାନ୍ତ କୁମାର ପଣ୍ଡା, ସତ୍ୟସାଇ ସେବା ସଂଗଠନର ରାଜ୍ୟ କର୍ମକର୍ତ୍ତା ରଶ୍ମିରଞ୍ଜନ ରାୟ, ନାଟ୍ୟକାର ସୁରେନ୍ଦ୍ର ଦାଶ, ବରିଷ୍ଠ ସଂଗଠକ, ଧରଣୀଧର ସାହୁ, ଗୟାଧର ଭଦ୍ର ପ୍ରମୁଖ ଯୋଗଦେଇ ଅହଂକାର ଶୂନ୍ୟ ମଣିଷ ଅନ୍ୟର ସେବା କରିପାରେ ବୋଲି ବକ୍ତବ୍ୟ ରଖିଥିଲେ। ଉକ୍ତ ଉତ୍ସବ ଅବସରରେ ଅତିଥିଙ୍କୁ ପୂଜ୍ୟପୂଜା ସମ୍ମାନରେ ସମ୍ମାନିତ କରାଯାଇଛି। ଏହା ବ୍ୟତୀତ ଡାକ କର୍ମଚାରୀ ଦୀପକ କୁମାର ସାହୁଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାଛଡା ସ୍ଥାନୀୟ ଅଞ୍ଚଳର ୧୦ଖଣ୍ଡ ଗ୍ରାମରୁ ୪୦୦ ଦରିଦ୍ର ନାରାୟଣଙ୍କୁ ପୋଷାକ ଓ ଚାରା ଆଦି ବଣ୍ଟନ କରାଯାଇଥିଲା। ନିରଞ୍ଜନ ଶତପଥି, ବୃନ୍ଦାବନ ଶତପଥି ମଞ୍ଚ ପରିଚାଳନା କରିଥିଲେ। ସଂଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନନ୍ଦରାଜା ଗାଁ ପରିକ୍ରମା କରିବା ସହ ଲୋକଙ୍କୁ ମିଷ୍ଟାନ ବଣ୍ଟନ କରିଥିଲେ। ପରେ ଦଧିଭାଣ୍ଡ ଭଙ୍ଗା ଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଭାବରେ ଓଡିଶୀ ନୃତ୍ୟ, କୃଷ୍ଣଙ୍କ ରାସଲୀଳା ଉପରେ ଆଧାରିତ ଗୀତିନାଟ୍ୟ, ଭଜନ ସନ୍ଧ୍ୟା ଆଦି ପରିବେଶଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ମଦନମୋହନ ସାଂସ୍କୃତିକ ପରିଷଦ ପକ୍ଷରୁ ବିଚିତ୍ରାନନ୍ଦ ରାଉତ, ଅଚ୍ୟୁତା ନନ୍ଦ ରାଉତ, ଚିତ୍ତରଞ୍ଜନ ନାୟକ, ରବିନ୍ଦ୍ର ମହାରଣା, ସନ୍ତୋଷ ରାଉତ, ସୂର୍ଯ୍ୟମଣି ପ୍ରଧାନ ପ୍ରମୁଖ ସଭ୍ୟ ବୃନ୍ଦ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



ନନ୍ଦୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।



ଏ ଜଗତରେ ସମସ୍ତେ ପର,
ଈଶ୍ୱର ଏକମାତ୍ର ଆପଣାର।
- ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ମାଙ୍କଡ଼ା ପଥର ଖାଦାନରେ ଚଢ଼ାଉ, ପାୱାର ଟିଲର ଜବତ

**ଚଣ୍ଡିଖୋଲ, ୩।୯(ଡି.ଏନ୍.ଏ.):** ଦର୍ପଣ ତହସିଲର ଜୋରବାଟିଠାରେ ବେଆଇନ ମାଙ୍କଡ଼ା ପଥର ଖାଦାନରେ ବଡ଼ଚଣା ପୋଲିସ ସୋମବାର ଚଢ଼ାଉ କରିଥିଲା। ଏହି ଚଢ଼ାଉବେଳେ ପୋଲିସ ପଥର କାଟାରେ ବ୍ୟବହୃତ ଏକ ପାୱାର ଟିଲରକୁ ଜବତ କରିବା ସହ ଏହି କାରବାରରେ ସମ୍ପୃକ୍ତ ୮ ଜଣଙ୍କ ନାମରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ବେଆଇନଭାବେ ମାଙ୍କଡ଼ା ପଥର କଟାଯାଉଥିବା ଖବର ପାଇ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ଏକ ଟିମ୍ ସହ ଖାଦାନରେ ଚଢ଼ାଉ କରିଥିଲେ। ତେବେ ଚଢ଼ାଉବେଳେ ଖାଦାନ ମାଫିଆମାନେ ପାୱାର ଟିଲର ଛାଡ଼ି ଫେରାର ହୋଇଯାଇଥିଲେ। ଏହା ପୂର୍ବରୁ ଦୁଇଦିନ ତଳେ ଉକ୍ତ ସ୍ଥାନରୁ ପୋଲିସ ଆଉ ଏକ ପାୱାର ଟିଲର ମଧ ଜବତ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ୨ଟି ସ୍ଥାନରୁ ଚୋରି

**କାଳିଆପାଣି, ୩।୯(ଡି.ଏନ୍.ଏ.):** ଯାଜପୁର ଜିଲା କାଳିଆପାଣି ଥାନା ଭୀମଟାଙ୍ଗର ଓ କଲରଙ୍ଗୀ ପୁରିଆଝର ଗ୍ରାମରୁ ସୋମବାର ଦିନ ଦ୍ୱିପ୍ରହରରେ କବାଟଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଭୀମଟାଙ୍ଗର ଗ୍ରାମର କଳାକର ମହାନ୍ତ ପରିବାର ଲୋକ ବିଲକୁ କାମ କରିବାକୁ ଯାଇଥିଲେ। ହେଲେ ଘରେ ପହଞ୍ଚି ସମସ୍ତ ଟଙ୍କା ଓ ସୁନା ଚୋରି ହୋଇଯାଇଥିବା ଦେଖିଥିଲେ। ଏନେଇ କଳାକର କାଳିଆପାଣି ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ସେହିପରି ପୁରିଆଝର ଗ୍ରାମର ମହେନ୍ଦ୍ର ମୁଣ୍ଡା ଘରେ ନ ଥିବା ବେଳେ ସୋମବାର ଦିନ ୧୧ଟାରେ ଘରର କବାଟ ଭାଙ୍ଗି ଦୁର୍ବୃତ୍ତମାନେ ସୁନା, ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟିନେଇଥିବା ଥାନାରେ ଅଭିଯୋଗ ହୋଇଛି। କାଳିଆପାଣି ପୋଲିସ ଅଭିଯୋଗ ଆଧାରରେ ଭୀମଟାଙ୍ଗର ଓ ପୁରିଆଝର ପହଞ୍ଚି ପ୍ରାଥମିକ ତଦନ୍ତ କରିଥିବାବେଳେ କୌଣସି ସୁରାକ ପାଇ ନ ଥିବା ଜଣାପଡ଼ିଛି।

### ବିଜୁ ପକ୍କାଘର ହାତେଇଛନ୍ତି ସରକାରୀ କର୍ମଚାରୀ

**ବିରଜାକ୍ଷେତ୍ର,୩।୯(ଡି.ଏନ୍.ଏ):** ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗରିବ ପରିବାରକୁ ବିଜୁ ପକ୍କାଘର ଯୋଜନାରେ ଗୃହ ଯୋଗାଇ ଦେବାପାଇଁ ରାଜ୍ୟ ସରକାରଙ୍କ ନିୟମ ରହିଛି। ହେଲେ କେତେଜଣ ସରକାରୀ କର୍ମଚାରୀ ଚଞ୍ଚକତା କରି ଏହି ପକ୍କାଘର ହାତେଇ ଥିବା ଗ୍ରାମବାସୀ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଯାଜପୁର ବ୍ଲକ ଭୂଇଁପୁର ଗ୍ରାମର ସରକାରୀ ଆୟୁର୍ବେଦିକ ଡାକ୍ତରଖାନାରେ ଜଣେ ବ୍ୟକ୍ତି ପିଅନଭାବେ କାର୍ଯ୍ୟ କରୁଥିବା ବେଳେ ସେ ନାମ ପରିବର୍ତ୍ତନ କରି ବ୍ଲକ କାର୍ଯ୍ୟାଳୟରୁ ବିଜୁ ପକ୍କାଘର ଯୋଜନାରେ ଗୃହ ନେଇଛନ୍ତି। ତଦନ୍ତ କରାଯାଇ ଉକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ■ ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରସ୍ତୁତି

# ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ତତ୍ପରତା

**ରତ୍ନଗିରି,୩।୯(ଡି.ଏନ୍.ଏ.)**

ବରୀ ଅଞ୍ଚଳର ସର୍ବପୁରାତନ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟରେ ଆଗାମୀ ଛାତ୍ର ସଂସଦ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ତତ୍ପରତା ଦେଖାଦେଇଛି। ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ ବରୀ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପରିବେଶ ସୃଷ୍ଟି କରିବ ବୋଲି ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା କହିଛନ୍ତି। ଛାତ୍ର ସଂସଦ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି, ଭାଜପା ଓ କଂଗ୍ରେସ ସେମାନଙ୍କ ପ୍ରାର୍ଥୀ ଚୟନ କରି ଜିତେଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ହୋଇ ନ ଥିଲେ ମଧ ରାଜନୈତିକ ଦଳର କର୍ମକର୍ତ୍ତା

**ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ**




ନିର୍ବାଚନର ଭୋଟର ତାଲିକା ସଂଗ୍ରହ କରିଛନ୍ତି। ଏଥିସହ ବିଭିନ୍ନ ପଞ୍ଚାୟତରେ ନିଜ ସମର୍ଥିତ ଲୋକପ୍ରତିନିଧିଙ୍କୁ ଦେଇ ନିର୍ବାଚନ ଜିତିବା ପାଇଁ ସହଯୋଗ କରିବାକୁ କହିଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ଛାତ୍ର ସଂସଦ ନିର୍ବାଚନକୁ ଏକ ସମ୍ମାନର ପ୍ରଶ୍ନ ଭାବେ ଗ୍ରହଣ କରି ଉଭୟ ସଭାପତି ଓ ସାଧାରଣ ସମ୍ପାଦକ ପଦ ହାସଲ ନିମନ୍ତେ ଆପ୍ରାଣ ଉଦ୍ୟମ ଜାରି ରଖିଛି। ଅପରପକ୍ଷରେ ଗତ ସାଧାରଣ ନିର୍ବାଚନରେ ବରୀରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହୋଇଥିବାରୁ ଉଭୟ ଛାତ୍ର ସଂସଦ ନିର୍ବାଚନରେ ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ବିଜୟୀ କରାଇବା ପାଇଁ ଲାଗିପଡ଼ିଛନ୍ତି। ଏଥିସହ ମହାବିଦ୍ୟାଳୟରେ ଅଣଛାତ୍ରଙ୍କ ପ୍ରବେଶ ଓ ଅସାମାଜିକ ବ୍ୟକ୍ତିଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଉଛି ବୋଲି ଅଧକ୍ଷ ନାରାୟଣ ଚନ୍ଦ୍ର ପ୍ରକାଶ କରିଛନ୍ତି। ଆଗାମୀ ଛାତ୍ର ସଂସଦ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ଥିବା ସମସ୍ତ କର୍ମଚାରୀ ନିରପେକ୍ଷତା ଅବଲମ୍ବନ କରିବାକୁ ଅଧକ୍ଷ ନିର୍ଦ୍ଦେଶ ଦେଇଛନ୍ତି।

## ବୀମା ଟଙ୍କା ନ ଫେରାଇଲେ ଧାରଣା ଦେବେ ଚାଷୀ

**ଯାଜପୁରରୋଡ,୩।୯(ନି.ପ୍ର.)**

୨୦୧୭ରେ ଯାଜପୁର ଜିଲା କୋରେଇ ବ୍ଲକରେ କ୍ଷତି ସହିଥିବା ୧୦,୦୦୦ ଚାଷୀ ଶସ୍ୟବୀମା କରିଥିଲେ। ବୀମା କମ୍ପାନୀ ଶସ୍ୟ ବୀମା ବାବଦକୁ ଚାଷୀଙ୍କୁ ୩୩ ଲକ୍ଷ ଟଙ୍କା ଦେବାକୁ ଥିଲା। କିନ୍ତୁ ଅଦ୍ୟାବଧି ଚାଷୀ ବୀମା ଟଙ୍କା ଫେରି ପାଇନାହାନ୍ତି। ଏ ନେଇ ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପ୍ରସ୍ତୁତ ହେଉଛନ୍ତି। କୋରେଇ ବ୍ଲକର ଧନେଶ୍ୱର, ତୁଳତୀ, ସାଦକପୁର, କଡମା, ବରୁଣ୍ଡାଇ, ପଛିକୋଟ, ଜାଗୁଳେଇ ଗଡ଼ିଆ, ବନ୍ଦାଳ, ହାଟସାହି ପ୍ରଭୃତି ସୋସାଇଟିର ଚାଷୀମାନେ ଶସ୍ୟବୀମା ପାଇନାହାନ୍ତି। କେବଳ ୮ ପଞ୍ଚାୟତକୁ ଶସ୍ୟବୀମା ଦିଆଯାଇଛି। କୋରେଇ ବ୍ଲକରେ ୬୦ରୁ ଅଧିକ ପ୍ରତିଶତ ଫସଲ ହାନି ହୋଇଥିଲା। ବୀମା ଟଙ୍କା ଫେରି ପାଇବା ପାଇଁ ଚାଷୀ ଜିଲାପାଳ, ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଏ ସମ୍ପର୍କରେ କୋରେଇ ବିକାଶ ମଞ୍ଚ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏକ ମାସ ମଧ୍ୟରେ ଚାଷୀଙ୍କୁ ବୀମା ଟଙ୍କା ପ୍ରଦାନ ନ କଲେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଧାରଣା ଦେବାକୁ ସୂଚନା ଦେଇଛନ୍ତି।

## ବ୍ୟାସନଗର ସ୍ୱୟଂଶାସିତ କଲେଜ

# ଯୁକ୍ତ ୩ ବାଣିଜ୍ୟ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ



ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଉଛି।

**ଯାଜପୁର ରୋଡ,୩।୯(ନି.ପ୍ର.)**

ବ୍ୟାସନଗର ସ୍ୱୟଂଶାସିତ କଲେଜରେ ଶନିବାର ଯୁକ୍ତତିନି ବାଣିଜ୍ୟ ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବାଣିଜ୍ୟ ବିଭାଗ ମୁଖ୍ୟ ସୁଧାଂଶୁ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ୱାଗତ ସମାରୋହରେ କଲେଜର ଅଧକ୍ଷ ହେମନ୍ତ ରାଉତ ମୁଖ୍ୟଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କମଧ୍ୟରେ ଅଧାପକ ସାହିର ହୁସେନ, ସୁଧାଂଶୁ ଦାସ, ବିଷ୍ଣୁ ବାରୁତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମିସ୍ ଫ୍ରେସର ଭାବେ ଅମିଷା ଦାସ ଓ ମିଷ୍ଟର ଫ୍ରେସର ଭାବେ ଶୁଭମ ସାମଲ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମକୁ ଯୁକ୍ତ୩ ଶେଷ ବର୍ଷର ଛାତ୍ରୀଛାତ୍ର ବର୍ଷାରାଣୀ ବେହେରା, ସୌମ୍ୟରଞ୍ଜନ, ଶ୍ରୀକାନ୍ତ, ଅଭିଜିତ, ପ୍ରିୟବ୍ରତ, ବିବେକ, ଭାରତୀ, ସୁହାନି, ଦୀପକ, ବିକାଶ, ପ୍ରତାପ, ଦୀପ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ବିସି, ସିଏସ୍‌ପିର କାର୍ଯ୍ୟକାରିଣୀ ବୈଠକ

**ରସୁଲପୁର,୩।୯(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ଏକ ହୋଟେଲରେ ବିଭିନ୍ନ ବ୍ୟାଙ୍କର ବ୍ୟବସାୟିକ ସହଯୋଗୀ ଓ ଗ୍ରାହକ ସେବା କେନ୍ଦ୍ରର କର୍ମକର୍ତ୍ତାଙ୍କୁ ନେଇ ଗଠିତ ସଂଘର ଏକ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ନିହାର ରଞ୍ଜନ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଲଲାଟେନ୍ଦୁ ବିଶ୍ୱାଳ, ସରୋଜିନୀ ସାବତ୍ ପ୍ରମୁଖ ଯୋଗଦେଇ ବ୍ୟବସାୟିକ ସହଯୋଗୀ(ବିସି) ଗ୍ରାହକ ସେବା କେନ୍ଦ୍ର(ସିଏସପି)ଙ୍କ ସମସ୍ୟାର ସମାଧାନ ଉପରେ ଆଲୋକପାତ କରିଥିଲେ। ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ବିସି ଓ ସିଏସପିର ତତ୍ତ୍ୱାବଧାରକମାନେ ବୈଠକରେ ଯୋଗ ଦେଇଥିଲେ। କେନ୍ଦ୍ରୀୟ ସୂଚନା ଓ ବୈଷୟିକ କେନ୍ଦ୍ର, ରାଜ୍ୟରେ ଥିବା ଗ୍ରାହକଙ୍କ ପାଣ୍ଠି ସୁରକ୍ଷା କେନ୍ଦ୍ର ପକ୍ଷରୁ ଏଜେଣ୍ଟଙ୍କୁ ଦିଆଯାଇଥିବା କୋଡକୁ ବନ୍ଦ କରିଦିଆଯାଉଛି। ଗ୍ରାହକ ଏଟିଏମ୍ ଜରିଆରେ ଟଙ୍କା ଡିପୋଜିଟ୍ କରିବାରେ ଦେୟ ଲାଗୁ କରାଯାଇଛି। ବିସି ଓ ସିଏସପିଙ୍କର ଆର୍ଥିକ କାରବାରରେ ଅସୁବିଧାକୁ ସୁଧାରିବା ଦିଗରେ ବ୍ୟାଙ୍କ ପକ୍ଷରୁ ସହଯୋଗ କରାଯାଉ ନ ଥିବା ନେଇ କ୍ଷୋଭ ପ୍ରକାଶ କରାଯାଇଥିଲା। ଏଜେଣ୍ଟଙ୍କୁ ସାଧାରଣ ଗ୍ରାହକଙ୍କଠାରୁ ଆହୁରି ନ୍ୟୁନ ବ୍ୟବହାର କରାଯାଉଥିବା ସିଏସପିମାନେ ଅଭିଯୋଗ କରିଥିଲେ। ସଂଘ ପକ୍ଷରୁ ବିଦ୍ୟାଧର ଦଳାଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହସମ୍ପାଦକ ଚିନ୍ମୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଶିଶୁମନ୍ଦିରରେ ଜନ୍ମାଷ୍ଟମୀ

**ରସୁଲପୁର,୩।୯(ଡିଏନଏ):** ରସୁଲପୁର ବ୍ଲକ କଲଣ ପଞ୍ଚାୟତ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ଜନ୍ମାଷ୍ଟମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିଶୁଙ୍କ ମଧ୍ୟରେ ଶ୍ରୀକୃଷ୍ଣ ଲୀଳା, ରାଧାକୃଷ୍ଣ ବେଶ, ଦଧିହାଣ୍ଡି ଭାଙ୍ଗିବା, ନଗର ପରିକ୍ରମା ଆଦି ବିଷୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ଯୋଗୀନ୍ଦ୍ର ନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅଧାପକ ଧିରେନ୍ଦ୍ର ନାଥ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀଧର ସାହୁ, ଦୁର୍ଯ୍ୟୋଧନ ଦାସ, ରାମଚନ୍ଦ୍ର ସାହୁ, କାଳନ୍ଦୀ ଚରଣ ସାହୁ, ଯୋଗେନ୍ଦ୍ର ନାଥ ନାୟକ, ପୁରୁଷୋତ୍ତମ ଖୁଣ୍ଟିଆ, ଶରତ ଚନ୍ଦ୍ର ପ୍ରଧାନ, ମୀନକେତନ ଶତପଥୀ, କୁଳମଣୀ ନାୟକ, ଅଇଣ୍ଠୁ ଚରଣ ପାତ୍ର, ଧ୍ରୁବଚରଣ ଖୁଣ୍ଟିଆ, ପ୍ରକାଶ ନାୟକ, ଅମୂଲ୍ୟକୃଷ୍ଣ ସାହୁ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ବର୍ଷାଜଳ ନିଷ୍କାସନ ପାଇଁ ଦାବି କଲେ ଚାଷୀ

**ବିରଜାକ୍ଷେତ୍ର,୩।୯(ଡି.ଏନ୍.ଏ.)**

ଚାଷଜମିରୁ ବର୍ଷାଜଳ ନିଷ୍କାସନ ପାଇଁ ଚାଷୀମାନେ ସୋମବାର ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ବିଞ୍ଝାରପୁର ତହସିଲ ଅଧୀନ ଶିଶିରଣା ମୌଜାର ଶିଶିରଣା, ମାଁସଡ଼ା, କପିଳା, ରୁଦ୍ରପୁର ଅଞ୍ଚଳର ଶହ ଶହ ଏକର ଧାନ ଜମିରେ ବର୍ଷାଜଳ ଜମି ରହିଛି। ପୂର୍ବରୁ ହୋଇଥିବା ବର୍ଷାରେ ରୁଆ ହୋଇଥିବା ଶହ ଶହ ଏକର ଧାନ ନଷ୍ଟ ହୋଇଥିଲା। ପୁନର୍ବାର ଚାଷୀ ଧାନଗଛ ରୋଇଥିଲେ। ହେଲେ ୨ଦିନ ଧରି ହୋଇଥିବା ବର୍ଷାରେ ଚାଷ ଜମି ବୁଡ଼ି ରହିଛି। ଏହି ଜମିରୁ ଜଳ ନିଷ୍କାସନ ନିମନ୍ତେ ଗାଁ ଆରମ୍ଭରେ ପାଞ୍ଚମାଣିଆ ଜଳ ନିଷ୍କାସନ ସୋଠ ଅଛି। ମାତ୍ର ତାହାକୁ ଗ୍ରାମର ଜଣେ ବ୍ୟକ୍ତି ମାଟି ପକାଇ ବନ୍ଦ କରିଦେଇଥିବାରୁ ଜଳ ନିଷ୍କାସନ ହୋଇପାରୁ ନାହିଁ। ଏତଦ୍‌ବ୍ୟତୀତ ତଳମୁଣ୍ଡ, ଚମ୍ପାପାଳ, ଅଣ୍ଡାଳ, କୁସୁନପୁର ଓ ପେଟାନାଳରେ ଜଳ ନିଷ୍କାସନ ପଥ ଖୋଲା ରହିଲେ ଉକ୍ତ ଧାନଚାଷ ଜମିରୁ ବର୍ଷାଜଳ ନିଷ୍କାସିତ ହୋଇପାରନ୍ତା।

## ■ ଏଲିନା ହତ୍ୟାକାଣ୍ଡକୁ ୨୧ ଦିନ ବିତିଲା, ପୋଲିସ ହାତ ଖାଲି

# ଏସ୍‌ପିଙ୍କୁ ଭେଟିଲେ ପରିବାର ଲୋକେ

**ରତ୍ନଗିରି,୩।୯(ଡି.ଏନ୍.ଏ.)**

ଏଲିନା ହତ୍ୟାକାଣ୍ଡ ଘଟଣାକୁ ୨୧ ଦିନ ବିତିଯାଇଥିଲେ ମଧ ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇନାହିଁ। ଏ ନେଇ ପରିବାର ଲୋକେ ରବିବାର ଯାଜପୁର ଏସ୍‌ପି ଚରଣ ସିଂ ମୀନାଙ୍କୁ ଭେଟି ନ୍ୟାୟ ମାଗିଛନ୍ତି। ଏଥିସହ ବିବାହ ସମୟରେ ଏଲିନାଙ୍କ ପରିବାର ପକ୍ଷରୁ ବର ପକ୍ଷକୁ ଦିଆଯାଇଥିବା ଯୌତୁକ ସାମଗ୍ରୀକୁ ଜବତ କରାଯାଇ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରିଣୀ ରୋଜାଲିନ୍ ପଟେଲ କହିଛନ୍ତି। ଏଲିନାଙ୍କ ମା’ ସ୍ନେହଲତାଙ୍କ ସହ ଭାଇ ଅରୁଣ, ଖୁଡ଼ି ସବିତା, ମାଉସୀ ଶ୍ୟାମଳୀ ଧଳ ଏବଂ ୫ଜଣ ପଡ଼ୋଶୀ ଦାବିପତ୍ର ପ୍ରଦାନରେ ସାମିଲ ଥିଲେ। ଏହି ଘଟଣାରେ ପୋଲିସ ଶାଶୁ ଉର୍ମିଳା ପରିଡା, ଶ୍ୱଶୁର ମାଧବାନନ୍ଦଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଅଭିଯୁକ୍ତ ଏପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯିବା ସହ ତଦନ୍ତ ଚାଲୁ ରହିଛି ବୋଲି ଥାନା ସୂତ୍ରରୁ ପ୍ରକାଶ।

ପ୍ରକାଶ ଯେ, ଗତ ଜୁନ୍ ୨୫ରେ ବରୀ ବ୍ଲକ ଚନ୍ଦନପୁର ଗ୍ରାମର ମାଧବାନନ୍ଦ ପରିଡାଙ୍କ ସାନପୁଅ ତପନଙ୍କୁ ରାମପୁର ଗ୍ରାମର ସ୍ୱର୍ଗତ ବଳରାମ ଜେନାଙ୍କ ଏକମାତ୍ର ଝିଅ ଏଲିନା ବିବାହ କରିଥିଲେ। ଏଲିନାଙ୍କ ମା’ ସ୍ନେହଲତା ବିବାହ ସମୟରେ ଯୌତୁକ ବାବଦରେ ନଗଦ ୪୦ହଜାର ଟଙ୍କା, ସୁନାଗହଣା ଓ ଆସବାବପତ୍ର ଦେଇଥିଲେ। ହେଲେ ବିବାହର କିଛିଦିନ ପରେ ଶାଶୁଘର ଲୋକେ ଅଧିକ ୫୦ହଜାର ଟଙ୍କା ଆଣିବା ପାଇଁ ଏଲିନାଙ୍କ ଉପରେ ଚାପ ପକାଇବା ସହ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଏଲିନାଙ୍କର ସ୍ୱାମୀ ତପନ ବାଙ୍ଗାଲୋରରେ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ବିବାହର ୧୫ ଦିନ ପରେ ସେ ବାଙ୍ଗାଲୋର ପଳାଇଥିଲେ। ଗତ ୧୩ ତାରିଖରେ ତପନ ଘରେ ନ ଥିବାର ସୁଯୋଗ ନେଇ ଶାଶୁଘର ଲୋକଙ୍କ ସମେତ ତାଲୁଆ ଗ୍ରାମର ନଣନ୍ଦେଇ କିଶୋର ସ୍ୱାଇଁ ଏଲିନାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ପୋଲିସ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ଉଦ୍ଧାର କରିଥିଲା। ଏ ନେଇ ସ୍ନେହଲତା ବରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଜିଲା କଂଗ୍ରେସ କମିଟିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବିରଜାକ୍ଷେତ୍ର,୩।୯(ଡି.ଏନ୍.ଏ.)**

ରେଡ଼କ୍ରସ୍ ଛକ ହରି ସାମନ୍ତ କାଠଗୋଲା ସମ୍ମୁଖରେ ସୋମବାର ସକାଳ ୮ଟାରେ ଯାଜପୁର ଜିଲା କଂଗ୍ରେସ କମିଟିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଗୃହ ପ୍ରବେଶ ସମୟରେ ବ୍ରାହ୍ମଣଙ୍କ ଦ୍ୱାରା କଳସ ପୂଜା, ଲକ୍ଷ୍ମୀନାରାୟଣ ପୂଜା, ହୋମ ଆଦି କରାଯିବା ସହ ସମସ୍ତ କର୍ମୀ ପୁଷ୍ପାଞ୍ଜଳି ଦେଇଥିଲେ। ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ, କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ, ପୂର୍ବତନ ବିଧାୟକ ଅର୍ଜୁନ ଦାସ, ଜୋନ ସଭାପତି ଗଦାଧର ଦାସ, ଦୁର୍ଯ୍ୟୋଧନ ବେହେରା, ବିଭୂତି ମହାପାତ୍ର, ଭାସ୍କର ମହାନ୍ତି, ଅକ୍ଷୟ ଶତପଥୀ, ଦିଲୀପ ପତି, ବିନୋଦ ଆଚାର୍ଯ୍ୟ, ହୃଷିକେଶ ଜେନା, ଆଦିତ୍ୟ ରାଉତ, ଆନନ୍ଦ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ସେପ୍ଟେମ୍ବର ୭ ତାରିଖରେ ଏହି କାର୍ଯ୍ୟାଳୟରେ ରାଫେଲ ଯୁଦ୍ଧ ବିମାନ ଦୁର୍ନୀତି ଓ ବିଜେଡି ସରକାରଙ୍କ ବିଭିନ୍ନ ଦୁର୍ନୀତି ସମ୍ବନ୍ଧରେ ଜିଲାପାଳଙ୍କ ଅଫିସ ଘେରାଉ ସମ୍ପର୍କରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ ବୋଲି କୁହାଯାଇଥିଲା। ସମ୍ପାଦକ ହୃଷୀକେଶ ପତି ଧନ୍ୟବାଦ ଅର୍ପଣ କରିଥିଲେ।

**OFFICE OF THE DISTRICT MAGISTRATE & COLLECTOR, SAMBALPUR, S.H. SPORTS SECTION**

**TENDER CALL NOTICE No. 120/S.H. sbp date 01.09.2018**

Sealed Tenders are invited through Speed Post/ Registered Post only from the authorized Dealer/ Manufactural Registered Firms/ Suppliers for supply of Sports dress Materials & Shoes materials etc for the Sports Hostel, Sambalpur which must be reach to the District Sports Officer, District Sports Office, Sambalpur latest by 5.00 P.M. on 03.10.18 positively. And the Tender will be opened on 04.10.18 at 4.00 P.M. Details regarding Tender Call Notice can be obtained from the official website of the Collectorate, Sambalpur i.e www.sambalpur.nic.in.

*Sd./- Coach in Charge, Sports Hostel, Sambalpur*

**OFFICE OF THE CHIEF CONSTRUCTION ENGINEER UPPER INDRAVATI IRRIGATION PROJECT**

AT/PO: MUKHIGUDA, DIST.- KALAHANDI, ODISHA, PIN: 766026
Email ID: seuircc@rediffmail.com

Lr. No. 822 Dt. 01.09.2018

**CANCELLATION NOTICE**

**Bid Identification No. CCE UIIP-01(01-02)/2018-19, Dt.10.04.2018**

**No. 471-A:-** The tender for work “Renovation and Restoration of Upper Indravati Right Main Canal under CLSRP from RD 00KM to 41.10KM” invited vide Bid Identification No. CCE UIIP-01(01-02)/ 2018-19, dt.10.04.2018 is hereby cancelled as per Govt. in DoWR letter no. II-T-UIP-2/2018-22978/WR dated 29.08.2018.

*Sd./- Chief Construction Engineer*
*Upper Indravati Irrigation Project*

32352/11/0006/1819

Classified Display
on
Every Tuesday and Friday

**ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା**
**ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର**

**ବ୍ଲକସ୍ତରୀୟ ଜନଶୁଣାଣି**

**No. CAD-788:-** ନବରଙ୍ଗପୁର ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି କି, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ୨୦୧୭-୧୮ ଆର୍ଥିକବର୍ଷର ଅକ୍ଟୋବର ମାସଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ବ୍ଲକସ୍ତରୀୟ ଜନଶୁଣାଣି ପାଇଁ ଅସଟ (OSSAAT) ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ସମସ୍ତ ପଞ୍ଚାୟତ ସମିତି ପରିସରରେ ଦିନ ଓ ସମୟ ଧାର୍ଯ୍ୟ କରାଯାଇଛି।

ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ, ଅଣକୁଶଳୀ ଶ୍ରମିକ, ହିତାଧିକାରୀ, ଯୋଜନା ସହ ସମ୍ପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ତ୍ରିସ୍ତରୀୟ ପଞ୍ଚାୟତିରାଜର ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରି ଯୋଜନାର କାର୍ଯ୍ୟକାରିତାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ସୁନିଶ୍ଚିତ କରିବା ଓ ଯୋଜନାକୁ ସଫଳତାର ସହିତ ଆଗେଇ ନେବା ପାଇଁ ଆପଣଙ୍କର ସହଭାଗିତା, ବହୁମୂଲ୍ୟ ମତାମତ, ଆପତ୍ତି ଓ ଅଭିଯୋଗ ଉପସ୍ଥାପନାକୁ ଜିଲ୍ଲା ପ୍ରଶାସନ ସ୍ୱାଗତ କରୁଛି।

**କାର୍ଯ୍ୟସୂଚୀ:**

| କ୍ର. ନଂ. | ବ୍ଲକର ନାମ | ତାରିଖ | ସମୟ (ପୂର୍ବାହ୍ନ) | ଜନଶୁଣାଣି କରିବା ନିମନ୍ତେ କ୍ଷମତାପ୍ରାପ୍ତ ଅଧିକାରୀ |
|---|---|---|---|---|
| ୧ | ଚନ୍ଦାହାଣ୍ଡି | ୧୦।୦୯।୨୦୧୮ | ୧୦.୦୦ | ଉପଜିଲ୍ଲାପାଳ, ନବରଙ୍ଗପୁର |
| ୨ | ଡାବୁଗାଁ | ୧୧।୦୯।୨୦୧୮ | ୧୦.୦୦ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |
| ୩ | ଝରିଗାଁ | ୧୨।୦୯।୨୦୧୮ | ୧୦.୦୦ | ଜିଲ୍ଲାପାଳ, ନବରଙ୍ଗପୁର |
| ୪ | ନନ୍ଦାହାଣ୍ଡି | ୧୫।୦୯।୨୦୧୮ | ୧୦.୦୦ | ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର |
| ୫ | କୋଷାଗୁମୁଡ଼ା | ୧୮।୦୯।୨୦୧୮ | ୧୦.୦୦ | ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର |
| ୬ | ନବରଙ୍ଗପୁର | ୧୯।୦୯।୨୦୧୮ | ୧୦.୦୦ | ଜିଲ୍ଲାପାଳ, ନବରଙ୍ଗପୁର |
| ୭ | ପାପଡ଼ାହାଣ୍ଡି | ୨୨।୦୯।୨୦୧୮ | ୧୦.୦୦ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |
| ୮ | ରାଇଘର | ୨୪।୦୯।୨୦୧୮ | ୧୦.୦୦ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |
| ୯ | ତେନ୍ତୁଳିଖୁଣ୍ଟି | ୨୫।୦୯।୨୦୧୮ | ୧୦.୦୦ | ଉପଜିଲ୍ଲାପାଳ, ନବରଙ୍ଗପୁର |
| ୧୦ | ଉମରକୋଟ | ୨୬।୦୯।୨୦୧୮ | ୧୦.୦୦ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |

ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶ
ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର

ସ୍ୱା./- ଜିଲ୍ଲାପାଳ ତଥା କାର୍ଯ୍ୟକ୍ରମ ସଂଯୋଜକ
ନବରଙ୍ଗପୁର

19076/11/0003/1819

**State Health Assurance Society, Odisha**
**Deptt. of Health & Family Welfare, Govt. of Odisha**
**Bhubaneswar-751012, District-Khordha (Odisha)**
**Phone No.-0674-2560311,**
**Email ID, snaodisha@gmail.com**

**Tender for hiring an agency to deal with IEC activities through road shows (Caravan Movement), documentation, animation movies & wall paintings for promoting Biju Swasthya Kalyan Yojana in Odisha**

**Advt No. 09/2018** **Date:04.09.2018**

No.402-E: Sealed tenders are invited from eligible bidders for undertaking IEC activities for promoting Biju Swasthya Kalyan Yojana in Odisha. The tender document with all information relating to the tender process including tender document cost, EMD, eligibility criteria, scope of work, terms & conditions, evaluation criteria and formats of submission of tender may be downloaded from the website: www.nhmodisha.gov.in

A pre-bid meeting shall be held on 07.09.2018, 11.30 AM. Any amendment in the tender document due to decision in pre-bid meeting / extension of bid if any shall only be notified in the website mentioned above. The sealed tenders should reach the office of the undersigned by courier / registered post or may be dropped in the tender box, on or before 24.09.2018, 3.00 PM. The technical bid shall be opened on 24.09.2018 at 3.30 PM. Presentation by qualified bidders will be held at 25.09.2018 at 11.30 AM. The undersigned reserves the right to reject any or all the tenders or cancel the tender without assigning any reason thereof.

**Sd./- Chief Executive Officer,**
**State Health Assurance Society, Odisha**

10001/11/0022/1819

# ରାଣୀଛେଲି ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ

ନୟାଗଡ଼ ଅଫିସ,୩।୯

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ରାଣୀଛେଲି ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ଭାରତ ମିଶନରେ ପାଇଖାନା ନିର୍ମାଣ, ଅଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିବା ଭଳି ବିଭିନ୍ନ ଯୋଜନାରେ ପ୍ରବଳ ଦୁର୍ନୀତି ହୋଇଛି। ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ୱାର୍ଡ ମେମ୍ବରମାନେ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ରହି ୱାର୍ଡମେମ୍ବରମାନେ ସରପଞ୍ଚଙ୍କ ବିରୋଧରେ ସ୍ୱର ଉଠାଇଛନ୍ତି। ସେମାନେ କହିଛନ୍ତି ଜଣଙ୍କ ନାମରେ କାର୍ଯ୍ୟାଦେଶ ହୋଇଥିବା ବେଳେ ତାଙ୍କୁ କିଛି


ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ୱାର୍ଡମେମ୍ବରମାନେ।

ଟଙ୍କା ଦିଆଯାଇ ଅନ୍ୟ ଜଣେ ବ୍ୟକ୍ତି ଉକ୍ତ ଘରକୁ ନେଇ ତିଆରି କରିଛନ୍ତି। ସେହିଭଳି ଉକ୍ତ ପଞ୍ଚାୟତର ହିତାଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ମିଳୁଥିବା ବେଳେ ସେ ପଞ୍ଚାୟତ ବାହାରେ ଘର କରି ଟଙ୍କା ଉଠାଇଛନ୍ତି । ଗ୍ରାମପଞ୍ଚାୟତ ବୈଠକରେ ୱାର୍ଡ ସଭ୍ୟାସଭ୍ୟଙ୍କ ଅଜ୍ଞାତରେ ରିଜୋଲ୍ୟୁଶନ୍ କରାଯାଉଛି। ପଞ୍ଚାୟତର ଅନେକ ଉନ୍ନତିମୂଳକ କାର୍ଯ୍ୟକୁ ସରପଞ୍ଚଙ୍କ ସମ୍ପର୍କୀୟମାନେ କରୁଥିବା ଅଭିଯୋଗ କରିଛନ୍ତି। ସରପଞ୍ଚ ପଞ୍ଚାୟତରେ ନ ରହି ବାହାରେ ରହୁଥିବାରୁ ଅନେକ ସମୟରେ ସେ ବୈଠକରେ ଅନୁପସ୍ଥିତ ରହୁଛନ୍ତି। ତେଣୁ ଏହାର ତଦନ୍ତ ଦାବିରେ ପଞ୍ଚାୟତର ବ୍ରଜବନ୍ଧୁ ବେହେରା, କୁମାରୀ ପ୍ରଧାନ, ମେଘନାଦ ସ୍ୱାଇଁଙ୍କ ସମେତ ୧୦ଜଣ ୱାର୍ଡମେମ୍ବର ସୋମବାର ଜିଲାପାଳଙ୍କୁ ଭେଟିଛନ୍ତି। ଏ ନେଇ ରାଣୀଛେଲି ସରପଞ୍ଚ ମମତା ପ୍ରଧାନଙ୍କୁ ପଚାରିବାରୁ ସେ କୁହନ୍ତି ଯେ ରାଜନୈତିକ ଉଦ୍ଦେଶ୍ୟ ରଖାଯାଇ ତାଙ୍କ ନାମରେ ଏହିଭଳି ଅଭିଯୋଗ କରାଯାଇଛି। ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା, ଯଦି ତଦନ୍ତ କରିବାକୁ ସେମାନେ ଦାବି କରୁଛନ୍ତି ତେବେ ଏହାକୁ ସେ ଗ୍ରହଣ କରିଛନ୍ତି। ତଦନ୍ତ ହେଲେ ସମସ୍ତ କଥା ପଦାକୁ ଆସିବ ବୋଲି କହିଛନ୍ତି। ଅନ୍ୟପକ୍ଷେ ଏହି ଘଟଣାକୁ କେନ୍ଦ୍ରକରି ଫତେଗଡ଼ ଥାନାରେ ଦୁଇଟି ଅଭିଯୋଗ ହୋଇଛି। ସରପଞ୍ଚ ମମତାଙ୍କୁ କିଛି ୱାର୍ଡ଼ମେମ୍ବର ହତ୍ୟା ଧମକ ଦେଇଥିବା ଅଭିଯୋଗ କରିଥିବା ବେଳେ ଅପରପକ୍ଷ ଲୋକମାନେ ମଧ୍ୟ ସରପଞ୍ଚ ତାଙ୍କୁ ଗାଳିଗୁଲଜ କରିଥିବା ନେଇ ଅଭିଯୋଗ କରିଛନ୍ତି। ଫତେଗଡ଼ ଥାନା ପକ୍ଷରୁ ଶୁକ୍ରବାର ଏହାର ସମାଧାନ କରାଯିବ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ନୟାଗଡ଼ ଲାଇଟ୍‌ର ତୃତୀୟ ସ୍ୱନକ୍ଷତ୍ର ଉତ୍ସବ



ନୟାଗଡ଼ ଅଫିସ,୩।୯: ଇଂରାଜୀ ପାକ୍ଷିକ ପତ୍ରିକା ନୟାଗଡ଼ ଲାଇଟର ତୃତୀୟ ସ୍ୱନକ୍ଷତ୍ର ଉତ୍ସବ ରବିବାର ମୈତ୍ରୀ ଯୁବ ସଂସଦ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ପ୍ରମୋଦ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ପ୍ରଦୀପ୍ତ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଅଧ୍ୟାପକ ରାମଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା, ଅଧ୍ୟାପକ ସେଖ୍ ଉମର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ନୟାଗଡ଼ ଲାଇଟ ଖବର କାଗଜ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପତ୍ରିକାର ସମ୍ପାଦକ ନିର୍ମଳଚନ୍ଦ୍ର ସୂରଦେଓ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ସୌଦାମିନି ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ରାଧାକୃଷ୍ଣ ବେଶରେ ଜନ୍ମାଷ୍ଟମୀ ପାଳନ

ଖଣ୍ଡପଡା,୩।୯(ସ୍ୱ.ପ୍ର.): ସୋମବାର ପବିତ୍ର ଜନ୍ମାଷ୍ଟମୀ ଅବସରରେ ସରସ୍ୱତୀ ଶିଶୁ ମନ୍ଦିର ଖଳିସାହିର କୁନି କୁନି ପିଲାମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ଗ୍ରାମ ପରିକ୍ରମା କରିଥିଲେ। ପିଲାମାନେ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିରଠାରୁ ବାହାରି ଗ୍ରାମ ପରିକ୍ରମା ସହ ସ୍ଥାନୀୟ ଜଗନ୍ନାଥ ମନ୍ଦିରକୁ ଆସି ପୂଜାର୍ଚ୍ଚନା କରିଥିଲେ। ପରେ ରାଧାକୃଷ୍ଣଙ୍କ ଉପରେ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ଗୀତାଞ୍ଜଳି ଆଚାର୍ଯ୍ୟଙ୍କ ସମେତ ସମସ୍ତ ଗୁରୁମା ଓ ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଉଡ଼ ଘରର ଝୋଟି**
**କାଲି ଆସିଛି ବୋହୂ ପିଲାଟି**
**ଅଢ଼େଇ ଆଙ୍ଗୁଳି ଚୁଟି ।**

ସମୟ ସହ ତାଳ ଦେଇ ସବୁକିଛି ବଦଳି ଯାଇଥାଏ। ଯୁଗ ବଦଳିବା ସହ ମଣିଷର ବେଶ ପୋଷାକ ତଥା ଚାଲିଚଳନରେ ଅନେକ ପରିବର୍ତ୍ତନ ଘଟୁଥିବାର ଲକ୍ଷ୍ୟ କରାଯାଇଥାଏ। ଏପରି ସ୍ଥିତିରେ ଆଧୁନିକତାର ଦ୍ୱାହି ଦେଇ ଛୋଟ ଚୁଟି ରଖିଥିବା ନୂଆ ବୋହୂ ପ୍ରତି ପାଖ ପଡ଼ିଶା ମହିଳାଙ୍କ ଟୀକାଟିପ୍ପଣୀ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗହ୍ମାରି**
**ବୁଢ଼ା କୋଉ ମଣିଷରେ ସୁମାରି ।**

ସାଧାରଣତଃ ବୃଦ୍ଧ ବ୍ୟକ୍ତିମାନେ ନିଜକୁ ସର୍ବଦା ଅସହାୟ ମନେ କରିଥାନ୍ତି। ବୟସ ଅତିକ୍ରାନ୍ତ ହୋଇଗଲେ ସେମାନେ ନିଜ ଶକ୍ତି ଓ ସାମର୍ଥ୍ୟ ଉପରୁ ଆସ୍ଥା ବା ଭରସା ହରାଇ ବସିଥାନ୍ତି। ଏପରିସ୍ଥଳେ ବୃଦ୍ଧ ବ୍ୟକ୍ତିମାନଙ୍କୁ ଅନୁପଯୁକ୍ତ ମନେକରି ତାଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଡଙ୍ଗା ଚାଳକଙ୍କ ମଧ୍ୟରେ ବିବାଦ

# ଚିଲିକାରେ ଜଳପଥ ଅବରୋଧ

ବ୍ରହ୍ମଗିରି, ୩।୯(ଡି.ଏନ୍.ଏ.)

କୃଷ୍ଣପ୍ରସାଦ ବ୍ଲକ ମଏଁଷା ଗ୍ରାମ ଓ ଜହ୍ନିକୁଦା ଗ୍ରାମର ଡଙ୍ଗା ଚାଳକଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବିବାଦ ହେବାରୁ ସୋମବାର ସକାଳେ ମଏଁଷା ଗ୍ରାମର ଲୋକମାନେ ଚିଲିକାର ଜଳପଥକୁ ଅବରୋଧ କରିଥିଲେ। ଫଳରେ ଦିନ ତମାମ ଚିଲିକାରେ ଡଙ୍ଗା ଚଳାଚଳ ବନ୍ଦ ରହିବା ସହ କୌଣସି ଡଙ୍ଗାକୁ ସାତପଡାରୁ ଜହ୍ନିକୁଦା ଘାଟକୁ ଛଡ଼ାଯାଇ ନ ଥିଲା। ଫଳରେ ଯାତ୍ରୀମାନେ ହଇରାଣ ହରକତ ହୋଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ମଏଁଷା ଗ୍ରାମର କେତେକ ବ୍ୟକ୍ତି ଚିଲିକାରେ ଘାଟ ଡଙ୍ଗା ନିଲାମ ନେଇଥିଲେ। ଏହି ଘାଟ ଡଙ୍ଗାରେ ଯାତ୍ରୀ


ଚିଲିକାରେ ଭେସେଲ।

ପରିବହନକୁ କେନ୍ଦ୍ର କରି ମଏଁଷା ଓ ଜହ୍ନିକୁଦା ଗାଁ ମଧ୍ୟରେ ବିବାଦ ହୋଇଥିଲା। ଏନେଇ ଥାନାରେ ମଧ୍ୟ ଅଭିଯୋଗ ହୋଇଥିଲା। ଏଥିରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ମଏଁଷା ଗ୍ରାମବାସୀ ସୋମବାର ସକାଳୁ ଚିଲିକାର ଜଳପଥରେ ସମସ୍ତ ଡଙ୍ଗାକୁ ଧାଡିରେ ରଖି ଜଳପଥ ଅବରୋଧ କରିଥିଲେ। ଫଳରେ ଚିଲିକାରେ ଡଙ୍ଗା ସହିତ ସିଡିଏ କର୍ତ୍ତୃପକ୍ଷଙ୍କ ଭସାପୋଲ (ଭେସେଲ) ସେବା ବନ୍ଦ ହୋଇ ରହିଥିଲା। ସେହି ସମୟରେ ଭସାପୋଲ ଯାତ୍ରୀଙ୍କୁ ନେଇ ଜହ୍ନିକୁଦା ଘାଟକୁ ଯାଉଥିଲା। ଜଳପଥ ଅବରୋଧ ଯୋଗୁ ଦୀର୍ଘ ଦୁଇଘଣ୍ଟା ପରେ ଭସାପୋଲ ସାତପଡା ଫେରିଥିଲା। ପ୍ରଶାସନିକ ଅଧିକାରୀଙ୍କୁ ଖବର ଦିଆଯାଇଥିଲେ ହେଁ ଅଧିକାରୀମାନେ ସେଥିରେ କୌଣସି ହସ୍ତକ୍ଷେପ କରିନ ଥିଲେ। ସେହିପରି କୃଷ୍ଣପ୍ରସାଦ ବ୍ଲକକୁ ଯାଉଥିବା ସରକାରୀ କର୍ମଚାରୀମାନେ ଡଙ୍ଗାକୁ ଅନ୍ୟ ରାସ୍ତା ଦେଇ ଗୁରୁବାଇ ନିକଟରେ ପାର ହୋଇ କାର୍ଯ୍ୟାଳୟକୁ ଯାଇଥିବା ଜଣାପଡ଼ିଛି।

# ୫୦ହଜାର ଟଙ୍କା ଲାଞ୍ଚ ନେଇ ଜଟଣୀ ଆଇଆଇସି ଗିରଫ

କଟକ ଅଫିସ/ଜଟଣୀ, ୩।୯(ଡି.ଏନ.ଏ.)

୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସୋମବାର ସନ୍ଧ୍ୟାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି ଜଟଣୀ ଥାନା ଆଇଆଇସି ସଞ୍ଜୀବ ମହାନ୍ତି। ଥାନା ଅଞ୍ଚଳର ସୁନୀଲ କୁମାର ମଙ୍ଗରାଜଙ୍କଠାରୁ ଆଇଆଇସି ମହାନ୍ତି ଏହି ଲାଞ୍ଚ ଗ୍ରହଣ କରୁଥିଲେ। ସୁନୀଲଙ୍କ ବିରୋଧରେ ଆଇଆଇସି ମହାନ୍ତି ପୂର୍ବରୁ ଥାନାରେ କେତେକ ସଙ୍ଗିନ ଦଫାରେ ମାମଲା ରୁଜୁ କରିଥିଲେ। ଏହିସବୁ ମାମଲାରେ ତାଙ୍କୁ ଗିରଫ ନ କରିବାକୁ ସେ ଏହି ଲାଞ୍ଚ ଦାବି କରିଥିଲେ। ଏ ସମ୍ପର୍କରେ ସୁନୀଲ ଭିଜିଲାନ୍ସରେ ଅଭିଯୋଗ କରିବା ପରେ ଭିଜିଲାନ୍ସ ସେଲ୍ ଡିଏସ୍‌ପି ପି.କେ. ନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଆଇଆଇସିଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ଥାନା ପରିସରରେ ସୁନୀଲଙ୍କଠାରୁ ଆଇଆଇସି ମହାନ୍ତି ଦାବି ମୁତାବକ ୫୦ହଜାର ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହାପରେ ଆଇଆଇସି ମହାନ୍ତିଙ୍କ ଥାନା ପରିସରରେ ଥିବା

**ସରକାରୀ କ୍ୱାର୍ଟର୍ସରୁ ମିଳିଲା ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା**

ସରକାରୀ କ୍ୱାର୍ଟର୍ସକୁ ଭିଜିଲାନ୍ସ ଟିମ୍ ତନଖି କରିଥିଲା। ସେଠାରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ମିଳିଥିବା ଭିଜିଲାନ୍ସ ଡିଏସ୍‌ପି ନିର୍ମଳ ମହାନ୍ତିଙ୍କଠାରୁ ଜଣାପଡ଼ିଛି। ସେହିପରି ମହାନ୍ତିଙ୍କ ଅଫିସ୍ ଚ୍ୟାମ୍ବରରେ ଥିବା ଟେବୁଲ ଡ୍ରୟରରୁ ୯୩ ହଜାର ଟଙ୍କା ମିଳିଥିବା ଭିଜିଲାନ୍ସ ଡିଏସ୍‌ପି ପି.କେ. ନାୟକ କହିଛନ୍ତି। ଭିଜିଲାନ୍ସ ସେଲ୍ ଏସ୍‌ପି ଏମ୍. ରାଧାକ୍ରିଷ୍ଣ କହିଛନ୍ତି ଯେ, ଆଇଆଇସି ମହାନ୍ତିଙ୍କ ସମ୍ପର୍କରେ ଅଧିକ ଖୋଳତାଡ଼ ଚାଲିଛି। ମଙ୍ଗଳବାର ଏ ସମ୍ପର୍କରେ ଅଧିକ ତଥ୍ୟ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଆଇଆଇସି ମହାନ୍ତିଙ୍କୁ ଭିଜିଲାନ୍ସ ଟିମ୍ ଗିରଫ କରି ନେବାବେଳେ ଥାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ କିଛି ଲୋକ ଆଇଆଇସି ମହାନ୍ତିଙ୍କ ବିରୋଧରେ ନାରାବାଜି କରିବା ସହ ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏସିପି ପି.କେ. ରାଉତ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।


# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed M.Ed, B.P.Ed Under Achrya Nagarjuna and Andhra Universities SUCCESS POINT 114/7, Naveen Niwas Square, Bhubaneswar BHUBANESWAR 7682826300 7682826301 BRAHAMPUR 7682826307 7377730723

ADMISSION OPEN 2018-20 B.Ed. Acharya Nagarjuna University Anuska B.Ed. Academy Odisha's No-1 B.Ed. Academy 97% 1ST DIVISION Rasulgarh, Bhubaneswar 8260277745/8260277746 Cuttack No-9937313739 Bhawanipatna: 7982328673 Jajpur/Kendrapara:9692222120 www.anuskagroup.com

SPOT ADMISSION B.Ed CT(D.EL.Ed) & M.Ed Admission Closing Soon Acharya Nagarjuna University UGC & NCTE Approved Equivalent to Utkal University Weekend Class & Study Material SINCE 2001 NIDT B.J.B. Nagar, Lewis Road, Bhubaneswar 9338229373, 9438286091 9776587145

Get Instant Cash Against Gold Gold Cash Sell Your Gold at 100% Market Value ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ। WWW.GOLDCASH.CO 9090902555, 9090903555 Toll Free- 1800-120-3430 Bhubaneswar, Cuttack, Rourkela, Bhadrak, Berhampur

Odisha Finance ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କେଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି। Helpline Number: 7302107165 odishafinance55@gmail.com

MONEY WIZZ FINANCE ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ) 07991019691 07750048332 moneywizz27@gmail.com

ଅସାଧ୍ୟ ରୋଗର ସମାଧାନ ... 9911436726, 9540938429

କେମିତି ମଦ ଛାଡ଼ିବେ ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ନ୍ୟୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ୍ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩/୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

LOAN ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି। 8658167603 7064382081

FINANCE P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ । 7787922501 7787907927 pmjansamridhi@gmail.com

BUSINESS ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର। ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି। CONTACT 86979-80580 95578-79781

GET INSTANT CASH AGAINST GOLD Sell your GOLD more than market value. ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ। ଯୋଗାଯୋଗ : Bhubaneswar - 7978065794 Dhenkanal - 8895446310 Angul - 9437901750

(Registration Free) Bhartiya Telecom Group (Govt. Approved) ଦ୍ୱାରା ନିଜର ଖାଲି ଜାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ । ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକମାନଙ୍କ ପ୍ରତି ସାବଧାନ। (କାମ ଆମର, ବିଶ୍ୱାସ ଆପଣଙ୍କର) କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ 7052176168 8808619133

ଫାଇନାନ୍ସ ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ମାତ୍ର 1250ରେ (1-90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ 60% ରିହାତି, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ରାଶନକାର୍ଡ, ଆଧାରକାର୍ଡ, ସମସ୍ତ ଋଣ 48 ଘଣ୍ଟାରେ Dhanlaxmi Finance 9045324642 7417158225

SMS JOB Send SMS, Earn MONEY ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । WORK From Home କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ 9667693638 9667693639

ଏବିଏସ୍ ଫାଇନାନ୍ସ ଦ୍ୱାରା ସମସ୍ତ ଭାରତରେ ଲୋନ୍ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ। ଭୁବନେଶ୍ୱର: 7290027868 କଟକ: 7590022879 ପୁରୀ: 7290027864 ଅନୁଗୁଳ: 7290022884 ଯାଜପୁର: 9870548741 ବାଲେଶ୍ୱର: 9870548676 ଗଞ୍ଜାମ: 9870548744

!! ଋଣ ଋଣ ଋଣ !! ମହାରାଷ୍ଟ୍ର ଫାଇନାନ୍ସ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ 0% ସୁଧ ୪୫% ରିହାତି ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ Toll Free 18001214188 8556894339

ସୁବର୍ଣ୍ଣ ସୁଯୋଗ କଣ ଆପଣ ବେରୋଜଗାର ଅଛନ୍ତି କି ? ଆପଣଙ୍କର ଭବିଷ୍ୟତପାଇଁ କିଛି ଯୋଜନା ଅଛି କି ? ଏସବୁର ସମାଧାନପାଇଁ ଆମ Company ଠାରୁ କିଛି ସାହାଯ୍ୟ ନେଇ ଆତ୍ମନିର୍ଭରଶୀଳ ହୁଅନ୍ତୁ । ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ 7873395955

LOAN ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ। 7682891639 8018022748

SMS JOBS DHAMAKA (PART/FULL TIME) GOLD MEDALIST COMPANY ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ Ph- 7739216167 9973805993

ମହାବୀର ଫାଇନାନ୍ସ !! ବିନା ଗ୍ୟାରେଣ୍ଟର!! ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି 2,00,000-25,00,000 ପର୍ଯ୍ୟନ୍ତ 1% ସୁଧ, 25% ରିହାତି 20 ବର୍ଷରେ ଫେରସ୍ତ 8750418810 9355438810

UNIVERSAL COMMUNICATION GROUP ଦ୍ୱାରା ନିଜ ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍‌ରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଓ ପାଆନ୍ତୁ 60 ଲକ୍ଷ ଅଗ୍ରିମ, ଭଡ଼ା 80,000 + ଅନ୍ୟାନ୍ୟ ସୁବିଧାସୁଯୋଗ ଏଗ୍ରିମେଣ୍ଟ ସହିତ । CALL NOW: 08570958738 08570958378

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ। ADARSH FINANCE Ram Nagar, Narnel, Haryana 7310635473 7310568831

BARSHA FINANCE ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି। M: 8337960856, 8337960833

ପାଠକଙ୍କ ପାଇଁ ସୂଚନା। ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra



ଏ ଜନ୍ମରେ ସୁକର୍ମ କଲେ ଆଗାମୀ ଜନ୍ମରେ ଉନ୍ନତର ଜୀବନ ମିଳେ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ମୃତ୍ୟୁ

**ଖଣ୍ଡପଡା,୩।୯(ସ୍ୱ.ପ୍ର.):** ଖଣ୍ଡପଡା-ଖଲିସାହି ପୂର୍ତ୍ତବିଭାଗ ରାସ୍ତାରେ ଏକ ବାଇକ୍ ଦୁର୍ଘଟଣାରେ ଗୁରୁତର ଆହତ ଜଣେ ବ୍ୟକ୍ତିଙ୍କ ରବିବାର ରାତିରେ ମୃତ୍ୟୁ ଘଟିଥିବା ପରିବାର ସୂତ୍ରରୁ ପ୍ରକାଶ। ସେ ହେଲେ ଖଲିସାହି ପଞ୍ଚାୟତ କୋଟପୋଖରୀ ଗ୍ରାମର ରମେଶଚନ୍ଦ୍ର ସ୍ୱାଇଁ (୫୨)। ଦୁର୍ଘଟଣା ପରେ ରମେଶଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ରମେଶ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ ଥିଲେ।

### ଖଣ୍ଡପଡ଼ାରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



**ଖଣ୍ଡପଡା, ୩।୯(ସ୍ୱ.ପ୍ର.):** ଖଣ୍ଡପଡା ଟେନ୍ଷ୍ଟାର କ୍ଲବ ପକ୍ଷରୁ ଏକ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କ୍ଲବର ସଭାପତି ମିଲନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଏବିଭିପି ଜିଲା ସଂଯୋଜକ ପରମେଶ୍ୱର ମହାନ୍ତି, ନିହାର ରଞ୍ଜର ଖୁଣ୍ଟିଆ, ମାନସ ମହାରଣା, ଅଭିଜିତ୍ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଖଣ୍ଡପଡା ସାମନ୍ତ ଛକରେ ଆସନ୍ତା ୧୫ ତାରିଖରେ ଆୟୋଜିତ ଗଣେଶ ପୂଜା ମହୋତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି କ୍ଲବ ସଦସ୍ୟମାନେ ଜଣାଇଛନ୍ତି।

### ବ୍ୟବସାୟୀଙ୍କ ମୃତ୍ୟୁରେ ଶୋକ

**ଖଣ୍ଡପଡା,୩।୯(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ସିଧାମୂଳା ପଞ୍ଚାୟତ ଅଧୀନ ଅକୁରାବନ୍ଧ ଗ୍ରାମର ବିଶିଷ୍ଟ ବ୍ୟବସାୟୀ ରବିନ୍ଦ୍ର କୁମାର ସାହୁଙ୍କ (୫୧) ରବିବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ରବିନ୍ଦ୍ର ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାରବର୍ଗ ଆଶୁଚିକିତ୍ସା ନିମନ୍ତେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

### ଗାଡ଼ି ଧକ୍କାରେ ୨ ଗାଈ ମୃତ



**ନିରାକାରପୁର,୩।୯(ଡି.ଏନ.ଏ.):** ନିରାକାରପୁର ଥାନା ଅନ୍ତର୍ଗତ ରାମେଶ୍ୱର ଛକ ୧୬ ନମ୍ବର ଜାତୀୟ ରାଜପଥରେ ଗାଡ଼ି ଧକ୍କାରେ ୨ ଟି ଗାଈ ମୃତ୍ୟୁବରଣ କରିଛନ୍ତି। ସୋମବାର ସକାଳେ ଏଠାରେ ଏକ ଅଜଣା ଗାଡ଼ି ଧକ୍‌କାରେ ୨ଟି ଗାଈ ମରିଯାଇଥିବା ବେଳେ ଗୋଟିଏ ଗୁରୁତର ଅବସ୍ଥାରେ ରାଜପଥ ଉପରେ ପଡିରହିଥିବା ଦେଖିବାକୁ ମିଳିଛି। ତେବେ ଏଠାରେ ଗାଈମାଲିକମାନେ ସେମାନଙ୍କର ଯତ୍ନ ତଥା ସୁରକ୍ଷା ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ରାଜପଥରେ ଗୋରୁଙ୍କର ଦୁର୍ଘଟଣାଜନିତ ମୃତ୍ୟୁ ଏବେ ସାଧାରଣ ଘଟଣା ପାଲଟିଗଲାଣି। ତେବେ ରାସ୍ତା ଦେଇ ଯାତାୟାତ କରୁଥିବା ଟ୍ରକ୍ ଏବଂ ଅନ୍ୟ ଗାଡ଼ିଚାଳକମାନେ ଗୋରୁମାନଙ୍କ ନିରାପଦ ପ୍ରତି ବିଶେଷ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

**ଖଣ୍ଡପଡା,୩।୯(ସ୍ୱ.ପ୍ର.):** ଖଣ୍ଡପଡା ତହସିଲଦାର ଅନୀତା ପଣ୍ଡାଙ୍କର ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳକୁ ବଦଳି ହେବା ପରେ ଏହି ପଦବୀଟି ଖାଲି ପଡ଼ିଥିଲା। ନୂତନ ତହସିଲଦାର ଭାବେ ଶୁଭଶ୍ରୀ ରଥ ସୋମବାର କାର୍ଯ୍ୟରେ ଯୋଗଦେଇଥିବା ଜଣାପଡିଛି। ରଥ କାର୍ଯ୍ୟରେ ଯୋଗଦେବା ପରେ ତହସିଲର ବରିଷ୍ଠ କର୍ମଚାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିବା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

# ମହିଳା ଚାଷୀଙ୍କୁ ମିଳୁନି କୃଷିଋଣ

**ନୟାଗଡ଼ ଅଫିସ,୩।୯**



ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

- ପ୍ରାଥମିକ କୃଷି ସମବାୟ ସମିତିରେ ଦିଆଯାଉନି ଋଣ
- ଫେଲ୍ ମାରିଛି ସମବାୟ ଆପଣଙ୍କ ଦ୍ୱାରରେ କାର୍ଯ୍ୟକ୍ରମ
- ଜିଲାପାଳଙ୍କଠାରେ ସମ୍ପାଦକଙ୍କ ନାମରେ ଅଭିଯୋଗ କଲେ ୭୦ରୁ ଉର୍ଦ୍ଧ୍ୱ ମହିଳା

ଚଳିତବର୍ଷ ଜୁନ୍ ୧ ରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ସମବାୟ ଆପଣଙ୍କ ଦ୍ୱାରରେ କାର୍ଯ୍ୟକ୍ରମ ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲାରେ ଥିବା ପ୍ରାଥମିକ କୃଷି ସେବା ସମବାୟ ସମିତି(ପାକ୍ସ)ଗୁଡ଼ିକ ତରଫରୁ ଚାଷୀମାନଙ୍କୁ ସଚେତନ କରାଯାଇ ନାମମାତ୍ର ଚାଷୀଙ୍କୁ ଗୋଷ୍ଠୀଗତ ଭାବେ ଋଣ ପ୍ରଦାନ କରିବା ପାଇଁ ଜୋରଦାର ପ୍ରଚାର ମଧ୍ୟ କରାଯାଇଥିଲା। କିଛି ସ୍ଥାନରେ ପ୍ରିୟାପ୍ରୀତି ତୋଷଣ କରି ଏହି ଋଣ ଦିଆଯାଉଥିବାର ମଧ୍ୟ ଅଭିଯୋଗ ହୋଇଥିଲା। ହେଲେ ବିଭାଗ ତରଫରୁ ଏହାର ତଦନ୍ତ କରାଗଲା ନାହିଁ।

ଏହି ଋଣ ଦେବାରେ ପ୍ରିୟାପ୍ରୀତି ତୋଷଣ କରାଯାଇଥିବା ନେଇ ସ୍ପଷ୍ଟ ଦେଖିବାକୁ ମିଳିଛି ସହରଠାରୁ ମାତ୍ର ୪ କିଲୋମିଟର ଦୂରରେ ଥିବା ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଯଦୁପୁର ଗ୍ରାମରେ। ଗ୍ରାମର ରୁମା ନାହାକ (୪୪)ନାମ୍ନୀ ଜଣେ ମହିଳା ନିଜ ଜମିରେ ଚାଷବାସ କରି ଚଳନ୍ତି। ବାଲୁଗାଁ ପ୍ରାଥମିକ କୃଷି ସମବାୟ ସମିତିରେ ଋଣ ପାଇବା ପାଇଁ ଆବେଦନ କରିଥିଲେ। ମାତ୍ର ସେଠାକାର ସମ୍ପାଦକ ତାଙ୍କୁ ଲୋନ୍ ଦେବା ପାଇଁ ମନା କରିଦେଲେ। ସେହିଭଳି ଉକ୍ତ ଗ୍ରାମର ଅଶାନ୍ତି ନାହାକଙ୍କ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା। ଖାଲି ରୁମା କି ଅଶାନ୍ତି ନୁହନ୍ତି ବାଲୁଗାଁ ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଥିବା ୭୦ରୁ ଉର୍ଦ୍ଧ୍ୱ ମହିଳା ସୋମବାର ଜିଲାପାଳଙ୍କଠାରେ ଏହିଭଳି ଅଭିଯୋଗ କରିଛନ୍ତି। ସମିତିର ସମ୍ପାଦକ ଦୟାନିଧି ସାହୁ ପ୍ରିୟାପ୍ରୀତିତୋଷଣ ମନୋଭାବ ରଖି ଏହିଭଳି କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏ ନେଇ ବିଭିନ୍ନ ଆଡ଼େ ଅଭିଯୋଗ କଲା ପରେ କେହି ନ ଶୁଣିବାରୁ ବାଧ ହୋଇ ସୋମବାର ୭୦ରୁ ଉର୍ଦ୍ଧ୍ୱ ମହିଳା ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରକୁ ଆସିଥିଲେ। ସେଠାରେ ଜିଲାପାଳଙ୍କୁ ଭେଟି ସେମାନଙ୍କୁ ଋଣ ଦେବା ପାଇଁ ଅନୁରୋଧ କରିଛନ୍ତି।

ପ୍ରକାଶ ଯେ, ପୂର୍ବରୁ ଅଗଷ୍ଟ ୪ ତାରିଖରେ ନୟାଗଡ଼ ତ୍ରିନାଥଛକ ସ୍ଥିତ ଏଆରସିଏସ୍ (ସହକାରୀ ନିବନ୍ଧକ ସମବାୟ ସମିତି) କାର୍ଯ୍ୟାଳୟ ଆଗରେ ପଞ୍ଚାୟତବାସୀ ଧାରଣା ଦେବା ସହ ଆମରଣ ଅନଶନ କରିଥିଲେ। ଏହାପରେ ସେଠାକୁ ଯାଇ ସମସ୍ତ ଅଧିକାରୀ ୫ ଦିନ ଭିତରେ ଏହାର ସମାଧାନ କରାଯିବ ବୋଲି କହିଥିଲେ। ହେଲେ ଯଥା ପୂର୍ବଂ ତଥା ପର ଅବସ୍ଥା। ମାସେ ବିତି ଯାଇଥିଲେ ମଧ୍ୟ ଏ ଦିଗରେ କୌଣସି ସୁଫଳ ମିଳିନାହିଁ। ଏ ନେଇ ଲକ୍ଷ୍ମୀପ୍ରସାଦ ସରପଞ୍ଚ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ପଚାରିବାରୁ ସେ କୁହନ୍ତି ଚାଷୀମାନଙ୍କୁ ସମିତିରେ ସଦସ୍ୟ କରାଯାଉନାହିଁ। ସଭାପତି ଓ ସମ୍ପାଦକ ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ସେହିଭଳି ସଦସ୍ୟ ପାଇଁ ଚାଷୀମାନେ ଆବେଦନ କଲେ ମଧ୍ୟ ଏହାକୁ ଅଗ୍ରାହ୍ୟ କରି ଦିଆଯାଉଛି, ଆଉ ଋଣ ମିଳିବ କ'ଣ। ଏ ନେଇ ବାଲୁଗାଁ ପାକ୍ସର ସମ୍ପାଦକ ଦୟାନିଧି ସାହୁଙ୍କୁ ପଚାରିବାରୁ ସେ କୁହନ୍ତି ସେମାନେ ପ୍ରଥମେ ସଦସ୍ୟ ହେବା ପାଇଁ ଆବେଦନ କରିବେ। ତାହା ପରେ ବ୍ୟବସ୍ଥା ଅନୁସାରେ ସେମାନଙ୍କୁ ଋଣ ଦିଆଯିବ ବୋଲି ସୂଚନା ଦେଇଥିଲେ।

## ଜନ୍ମାଷ୍ଟମୀ ଓ ନନ୍ଦଉତ୍ସବ ପାଳିତ
## ନୂତନ ଚାଳିମଣ୍ଡପକୁ ଭୋଗଲାଗି ପାଇଁ ଆସିଲେ ନି ଠାକୁର

**ନୟାଗଡ଼ ଅଫିସ,୩।୯**

ନୟାଗଡ଼ ଜିଲା ଶରଣକୂଳ ଲଡୁବାବା ମନ୍ଦିରରେ ପାର୍ଶ୍ୱ ଠାକୁର ଶ୍ରୀ ଗୋପୀନାଥ ଜୀଉଙ୍କର ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ରବିବାର ଏବଂ ସୋମବାର ୨ ଦିନ ଧରି ପାଳିତ ହୋଇଯାଇଛି। ପ୍ରତିବର୍ଷ ଭଳି ରବିବାର ସକାଳେ ଠାକୁରଙ୍କର ସମସ୍ତ ଦେବନୀତି ସମାପନ କରାଯିବା ପରେ ମଧ୍ୟରାତ୍ରିରେ ମନ୍ଦିର ନାଟମଣ୍ଡପରେ ଆୟୋଜିତ ଶ୍ରୀକୃଷ୍ଣଙ୍କର ଜନ୍ମଉତ୍ସବ ପାଳନ ସହିତ ନାଭି ଛେଦନ କରାଯାଇ ବିଧି ମୁତାବକ ସ୍ନାନ, ଅଳଙ୍କାର ଓ ବସ୍ତ୍ର ପରିଧାନ କରାଯାଇଥିଲା। ରାତି ତମାମ ଏହି ଉତ୍ସବ ଚାଲୁ ରହିଥିବା ବେଳେ ଭକ୍ତମାନେ ଭଜନ କୀର୍ତ୍ତନରେ ମଜ୍ଜି ରହିଥିଲେ। ସୋମବାର ଅପରାହ୍ନରେ ନନ୍ଦ ଉତ୍ସବ ପାଳିତ ହୋଇଥିଲା। ଠାକୁରଙ୍କ ବାଳ ଗୋପାଳ ମୂର୍ତ୍ତିକୁ ଏକ ସୁସଜ୍ଜିତ ବିମାନରେ ନଗର ପରିକ୍ରମା କରାଯାଇଥିଲା। ଅନ୍ୟପକ୍ଷେ ହଜାର ବର୍ଷର ପରମ୍ପରାକୁ ଭଙ୍ଗ କରାଯାଇଥିବା ଅଭିଯୋଗ ହୋଇଛି। କେଉଁ ଆଦିମ କାଳରୁ ପାରମ୍ପରିକ ରୀତିରେ ଠାକୁର ମନ୍ଦିରରୁ ନଗରପରିକ୍ରମା ପାଇଁ ବାହାରିବା ବେଳେ ପ୍ରଥମେ ଚାଳିମଣ୍ଡପରେ ଭୋଗଲାଗି କରାଯାଏ। କିନ୍ତୁ ଚଳିତ ବର୍ଷ ଏକ ବିବାଦୀୟ ସ୍ଥାନରେ ଚାଳିମଣ୍ଡପ କରାଯାଇଥିବାରୁ ସେବାୟତମାନେ ଉକ୍ତ ମଣ୍ଡପକୁ ପୂଜା ଲାଗି କରିବା ପାଇଁ ଠାକୁରଙ୍କୁ ନେଇ ନ ଥିଲେ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଥିଲା। ଠାକୁରଙ୍କ ପରମ୍ପରାକୁ ଭଙ୍ଗ କରାଯାଇଥିବାରୁ ବହୁ ଭକ୍ତ କ୍ଷୋଭ ପ୍ରକାଶ କରିବା ସହ ମନ୍ଦିର ପ୍ରଶାସନ ଓ ଦେବୋତ୍ତର ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ନଦୀରେ ଭାସିଯାଇଥିବା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଖଣ୍ଡପଡା/ଭାପୁର, ୩।୯(ସ୍ୱ.ପ୍ର./ଡ଼ି.ଏନ.ଏ.)**

ଭାପୁର ବ୍ଲକ ପଦ୍ମାବତୀ ଗ୍ରାମର ଜନୈକ ବୃଦ୍ଧ ମହାନଦୀକୁ ଗାଧୋଇବାକୁ ଯାଇ ରବିବାର ନିଖୋଜ ହୋଇ ଯାଇଥିଲେ। ସୋମବାର ନଦୀରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି । ପ୍ରକାଶ ଯେ, ପଦ୍ମାବତୀ ଗ୍ରାମର ଫକୀର ସାହୁ(୭୨) ମହାନଦୀକୁ ରବିବାର ଅପରାହ୍ନରେ ଗାଧୋଇବା ପାଇଁ ଯାଇ ସ୍ରୋତରେ ଭାସିଯାଇଥିଲେ। ଭାପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ପାଇ ନ ଥିଲା । ସୋମବାର ସନ୍ଧ୍ୟାରେ ଟିକିରିପଡା ଗ୍ରାମର ବାବୁ ବିଶ୍ୱାଳ ଓ ଜିତେନ୍ଦ୍ର କୁମାର ମହାନ୍ତି ମହାନଦୀକୁ ଶୌଚ ପାଇଁ ଯାଇଥିବା ବେଳେ ତାଙ୍କ ମୃତଦେହ ଭାସୁଥିବା ଦେଖି ପରିବାରକୁ ଖବର ଦେଇଥିଲେ ।

## ନିର୍ମାଣ ଶ୍ରମିକଙ୍କୁ ମିଳୁନି ପକ୍କାଘର

**ନୟାଗଡ଼ ଅଫିସ,୩।୯**

ରାଜ୍ୟ ସରକାରଙ୍କ ତରଫରୁ ନିର୍ମାଣ ଶ୍ରମିକଙ୍କୁ ପକ୍କା ଘର ଯୋଜନାର ବନ୍ଦୋବସ୍ତ କରାଯାଇଛି। ହେଲେ ଏହାକୁ ଖଣ୍ଡପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତର ହିତାଧିକାରୀଙ୍କୁ ଦିଆଯାଉନାହିଁ। ଫଳରେ ତୁରନ୍ତ ପକ୍କା ଘର ଯୋଗାଇ ଦେବା ନିମନ୍ତେ ଖଣ୍ଡପଡ଼ା ବ୍ଲକର ବହୁ ଶ୍ରମିକ ଜିଲାପାଳଙ୍କଠାରେ ନିବେଦନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ପକ୍କା ଘର ନ ଥିବାରୁ ସେମାନେ କଚ୍ଚା ଘରେ ଅବ୍ୟବସ୍ଥାରେ ରହୁଛନ୍ତି। ବ୍ଲକରେ ଏ ନେଇ ଯେତେ ଥର ଅନୁରୋଧ କରାଗଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଆଗାମୀ ଦିନରେ ଯଦି ସେମାନଙ୍କୁ ଘର ଯୋଗାଣ କରା ନ ଯାଏ ତାହାହେଲେ ଶ୍ରମିକମାନେ ଜିଲା ଶ୍ରମ କାର୍ଯ୍ୟାଳୟ ଘେରାଉ କରିବେ ବୋଲି କହିଛନ୍ତି। ସନ୍ତୋଷ କୁମାର ସ୍ୱାଇଁ, ଅକ୍ରୁର ବେହେରା, ପ୍ରକାଶ ଚନ୍ଦ୍ର ବାରିକ, ପଙ୍କଜ ସ୍ୱାଇଁଙ୍କ ସମେତ ବହୁ ଶ୍ରମିକ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀକୁ ଆସି ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।



ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ନିର୍ମାଣ ଶ୍ରମିକମାନେ।

## ଖଣ୍ଡପଡ଼ାରେ ନନ୍ଦ ଉତ୍ସବ

**ଖଣ୍ଡପଡା, ୩।୯(ସ୍ୱ.ପ୍ର.)**

ଖଣ୍ଡପଡା ଅଞ୍ଚଳର ବିଭିନ୍ନ ଗ୍ରାମରେ ଥିବା ମଠ ଓ ମନ୍ଦିରରେ ସୋମବାର ନନ୍ଦ ଉତ୍ସବ ପାଳିତ ହୋଇଯାଇଛି। ଏଥିଲାଗି ମନ୍ଦିରଗୁଡିକରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିଲା। ଏହି ଅବସରରେ ଭଜନକୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୀଳାଚଳ ସତ୍‌ସଙ୍ଗ ମଣ୍ଡଳର ପ୍ରତିଷ୍ଠାତା ଗଦାଧର ଗୌରଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ମାଙ୍ଗଳିକ କାର୍ଯ୍ୟ ଶେଷ ହୋଇଥିଲା।

## ଯାଦବ ମହାସଭା ପକ୍ଷରୁ ଶୋଭାଯାତ୍ରା

**ଟାଙ୍ଗୀ(ଖୋର୍ଦ୍ଧା), ୩।୯(ଡି.ଏନ.ଏ.)**

ରଣପୁର ବ୍ଲକ୍ ଅନ୍ତର୍ଗତ କନ୍ଧ ନୟାଗଡ଼ଠାରେ ୨ ଦିନିଆ ଯାଦବ ସମ୍ମିଳନୀ, ଜନ୍ମାଷ୍ଟମୀ ଓ ନନ୍ଦଉତ୍ସବ ପାଳିତ ହୋଇଯାଇଛି । ଏ ଅବସରରେ ଯାଦବ ମହାସଭା ପକ୍ଷରୁ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। କୃଷ୍ଣ, ବଳରାମ, ନନ୍ଦ, ଯଶୋଦାଙ୍କୁ ବାଡ଼ିଖେଳ ମାଧ୍ୟମରେ ଗ୍ରାମ ପରିକ୍ରମା କରାଯାଇଥିଲା। ଶଙ୍କର ପ୍ରତାପ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଉତ୍କଳ ଯାଦବ ମହାସଭାର କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବହେରା, ଅଖିଳ ଭାରତ ଯାଦବ ମହାସଭାର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଦାସ ଓ କଟକ ଜିଲା ଯାଦବ ମହାସଭାର ସଭାପତି ପ୍ରଦୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଯାଦବ ସଂପ୍ରଦାୟର ଏକତା, ପ୍ରଗତି ଓ ସଂହତିର ସୁରକ୍ଷା ପାଇଁ ଯତ୍ନବାନ ହେବାକୁ ନେତୃବୃନ୍ଦ ପରାମର୍ଶ ଦେଇଥିଲେ। ଯୁବ ବିଜେଡି ସଭାପତି ସ୍ୱର୍ଣ୍ଣପ୍ରକାଶ ରାଉତରାୟ, କଂଗ୍ରେସ ନେତା ଡ. ସନ୍ତୋଷ ଦାମୋଦର ଲେଙ୍କା, ରଣପୁର ବ୍ଲକ୍ ଉପାଧ୍ୟକ୍ଷ ପ୍ରଶାନ୍ତ ନାୟକ, କନ୍ଧନୟାଗଡ ସରପଞ୍ଚ ଅରୁଣ କୁମାର ସୁବୁଦ୍ଧି ପ୍ରମୁଖ ଯାଦବଙ୍କ ସଂହତି ଉପରେ ଗୁରୁତ୍ୱାରୋପ କରିଥିଲେ ।

# ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

## କ୍ଷତିପୂରଣ ଦାବିରେ ପରିବାର ଲୋକଙ୍କ ଧାରଣା



ମେଡ଼ିକାଲରେ ପରିସରରେ ଶୋକାକୂଳ ପରିବାରବର୍ଗ।

**ନୟାଗଡ଼ ଅଫିସ,୩।୯**

ନୟାଗଡ଼ ସହରସ୍ଥିତ ତଳକୋର୍ଟ ସାହିରେ କାମ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ନୟାଗଡ଼ ବ୍ଲକ କ୍ରିଦାଶପୁର ପଞ୍ଚାୟତ ଯୌତୁକପାଟଣା ଗ୍ରାମର ମନୋଜ ରାଉତ (୩୩)।

ପ୍ରକାଶ ଯେ, ତଳକୋର୍ଟ ସାହିର ଜଣେ ବ୍ୟକ୍ତିଙ୍କ ଘରେ ମନୋଜ ସୋମବାର ବାଲି ସିମେଣ୍ଟ କାମ କରୁଥିଲେ। ଅପରାହ୍ନ ୪ଟାରେ ପାଣିମୋଟର ଲଗାଉଥିବା ସମୟରେ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଫଳରେ ସେ ଅଚେତ ହୋଇପଡ଼ିଥିଲେ। ପରେ ମନୋଜଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମାଲିକ ଜାଣିଶୁଣି ମନୋଜଙ୍କୁ ମାରି ଦେଇଥିବା ତାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି । କ୍ଷତିପୂରଣ ବାବଦକୁ ୧୦ ଲକ୍ଷ ଓ ମନୋଜଙ୍କ ମୃତ୍ୟୁର ତଦନ୍ତ ଦାବିରେ ପରିବାର ଲୋକ ଧାରଣା ଦେଇଥିଲେ। ରିପୋର୍ଟ ଲେଖା ହେବା ସୁଦ୍ଧା (ରାତି ୮ଟା ) ପର୍ଯ୍ୟନ୍ତ ଧାରଣା ଚାଲୁ ରହିଛି। ଏ ନେଇ ଟାଉନ ଥାନା ଅଧିକାରୀ ରଶ୍ମୀରଞ୍ଜନ ପଟ୍ଟନାୟକଙ୍କୁ ପଚାରିବାରୁ ସେ କୁହନ୍ତି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପରିବାର ଲୋକ ଅଭିଯୋଗ କଲା ପରେ ତଦନ୍ତ କରାଯିବ ବୋଲି କହିଥିଲେ। ଏହି ଘଟଣାକୁ ଚପାଇ ଦେବା ପାଇଁ କୌଶଳ କରାଯାଉଥିବା ଆଲୋଚନା ହେଉଛି।

## ମାଳତିପୁଟ ଗ୍ରାମରେ ନନ୍ଦୋତ୍ସବ

**ଗଣିଆ,୩।୯(ଡି.ଏନ୍.ଏ.)**

ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତର ମାଳତିପୁଟ ଗ୍ରାମରେ ସୋମବାର ନନ୍ଦୋତ୍ସବ ଧୁମ୍‌ଧାମର ସହ ପାଳିତ ହୋଇଯାଇଛି। ପବିତ୍ର ଜନ୍ମାଷ୍ଟମୀରେ ଭଗବାନ କୃଷ୍ଣଙ୍କର ଜନ୍ମ ପରେ ଏହି ଉତ୍ସବ ପାଳିତ ହୋଇଥିଲା। ଗ୍ରାମର ଗୋପାଳ ସମାଜ ପକ୍ଷରୁ ମଧ୍ୟାହ୍ନରେ ଶ୍ରୀରାଧାମାଧବ ମନ୍ଦିରଠାରୁ ଏକ ପଟୁଆର ବାହାରି ଗ୍ରାମ ପରିକ୍ରମା କରିଥିଲା। ଠାକୁରଙ୍କୁ ସୁସଜ୍ଜିତ ବିମାନରେ ବିଜେ କରାଇ ଗାଁ ଦାଣ୍ଡରେ ଭୋଗ ଲାଗି କରାଯାଇଥିଲା। ଏଥିସହ ପିଲାମାନଙ୍କୁ ରାଧାକୃଷ୍ଣ ଓ ନନ୍ଦଯଶୋଦା ବେଶରେ ସଜାଇବା ସହ ଗୋପାଳମାନଙ୍କ ଦ୍ୱାରା ଲଉଡି ଖେଳ ପରିବେଷଣ କରାଯାଇଥିଲା। ହରିନାମ ସଂକୀର୍ତ୍ତନରେ ଗାଁ ଦାଣ୍ଡରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ସନ୍ଧ୍ୟାରେ ମନ୍ଦିର ପ୍ରାଙ୍ଗଣରେ ଭଜନ କୀର୍ତ୍ତନ ସାଙ୍ଗକୁ ରାତିରେ ମନୋରଞ୍ଜନ ନିମିତ୍ତ ଯୁବ କଳାକାରଙ୍କ ଦ୍ୱାରା 'ଅନ୍ଧଦୁନିଆ' ସାମାଜିକ ନାଟକ ପରିବେଷଣ କରାଯାଇଥିଲା। ସେହିପରି ଛାମୁଣ୍ଡିଆ ପଞ୍ଚାୟତ କୁମ୍ଭୀରଖଣି ଗ୍ରାମରେ ଗୋପାଳସମାଜ ପକ୍ଷରୁ ମଧ୍ୟ ଏହି ଉତ୍ସବ ବେଶ ଆନନ୍ଦ ଉଲ୍ଲାସ ସହକାରେ ପାଳିତ ହୋଇଥିଲା।



ଠାକୁରଙ୍କୁ ବିମାନରେ ଗ୍ରାମ ପରିକ୍ରମା କରାଯାଉଛି।

# ଶିଳ୍ପୀ ଗ୍ରାମ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ

**ଖଣ୍ଡପଡା,୩।୯(ସ୍ୱ.ପ୍ର.)**

ସୋମବାର ଖଣ୍ଡପଡା ବ୍ଲକ କଣ୍ଟିଲୋସ୍ଥିତ ନାରାୟଣୀ ଲୌହତର ଧାତୁ ସମବାୟ ସମିତିର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ କଟକ ଏମପି ଭର୍ତ୍ତୃହରି ମହତାବ ମୁଖ୍ୟଅତିଥି ଓ ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଣ୍ଟିଲୋକୁ ଶିଳ୍ପୀ ଗ୍ରାମର ମାନ୍ୟତା ସହ ନୀଳମାଧବ ପୀଠରେ ରୋପ ୱେ ପ୍ରକଳ୍ପ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ।

ନୀଳମାଧବ ମନ୍ଦିରଟି ମହାନଦୀ କୂଳ ବ୍ରହ୍ମାଦ୍ରୀ ପାହାଡ ଶୀର୍ଷଦେଶରେ ଅବସ୍ଥିତ ହୋଇଥିବାରୁ ଅନେକ ବୟସ୍କ ଓ ଅକ୍ଷମ ଶ୍ରଦ୍ଧାଳୁ ପାହାଡ ଚଢି ଠାକୁରଙ୍କୁ ଦର୍ଶନ କରିବା ସମ୍ଭବ ହୋଇ ନ ଥାଏ। ଏହି ସମସ୍ୟା ସମାଧାନ ପାଇଁ ଏଠାରେ ଏକ ରୋପୱେ କରାଯିବା ଆବଶ୍ୟକ। ପର୍ଯ୍ୟଟନ ବିଭାଗ ଓ କେନ୍ଦ୍ର ସରକାରଙ୍କ ସହ ଯୋଗାଯୋଗ କରି ଏହାର କାର୍ଯ୍ୟକାରିତା ଉପରେ ଦୃଷ୍ଟି ଦେବେ ବୋଲି ଉଭୟ ଏମ୍‌ପି ଓ ବିଧାୟକ ପ୍ରକାଶ କରିଥିଲେ। ଏହାଛଡା ତଳେଇ ଆଲୁମିନିୟମ ଓ କଂସାପିତଳ ବାସନ ଶିଳ୍ପ ପାଇଁ ଆବଶ୍ୟକ କୋଇଲା ରିହାତି ଦରରେ ଯୋଗାଇଦେବାକୁ ପଦକ୍ଷେପ ନେବାକୁ ଏମ୍‌ପି ମହତାବ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ଯୁଗ୍ମ ନିର୍ଦ୍ଦେଶିକା ମୀନା କୁମାରୀ ବେହେରା ଓ ସମ୍ମାନିତ ଅତିଥି ଭାବେ ନୟାଗଡ ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ଚିତ୍ତରଞ୍ଜନ ମିଶ୍ର ଯୋଗଦାନ କରି କଣ୍ଟିଲୋ ଅଞ୍ଚଳରେ ବାସନ ଶିଳ୍ପ ସମ୍ବନ୍ଧରେ ଆଲୋକପାତ କରି କାରିଗରମାନଙ୍କୁ ତାଲିମ ଓ ଅନ୍ୟାନ୍ୟ ସୁବିଧାସୁଯୋଗ ଯୋଗାଇଦେବାକୁ ସୂଚନା ଦେଇଥିଲେ। ଅନୁଷ୍ଠାନର ସଭାପତି ଯୋଗେନ୍ଦ୍ର ନାଥ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ପାଦକ ଶରତ ଚନ୍ଦ୍ର ମହାରଣା ବିବରଣୀ ପାଠ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଭ୍ୟ ଅଞ୍ଜନ କୁମାର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶୁଭ୍ରାଂଶୁ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୨୦ଜଣ କୃତୀ କାରିଗରଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ସୂଚନାଯୋଗ୍ୟ ୨୦୧୬ ମାର୍ଚ୍ଚ ୧ ତାରିଖରେ ତତ୍କାଳୀନ ରାଜ୍ୟ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଜାନକୀ ବଲ୍ଲଭ ମହାପାତ୍ରଙ୍କ ପରାମର୍ଶ କ୍ରମେ ଲିଙ୍ଗରାଜ ଆସୋସିଏଟ ହୀରାକୁଦ ରୋପୱେର କନ୍‌ସଲଟାଣ୍ଟ ସର୍ଭେ ଆରମ୍ଭ କରି ନୀଳମାଧବ ମନ୍ଦିର ପଶ୍ଚିମ ପାର୍ଶ୍ୱ ପାଦଦେଶରୁ ପାହାଡର ଶୀର୍ଷଦେଶକୁ ପ୍ରାୟ ୧୭୫ ମିଟର ରୋପ ୱେ ଯୋଜନା କାର୍ଯ୍ୟକାରୀ ସମ୍ପର୍କରେ ମତ ଦେଇଥିଲେ। ପ୍ରାଥମିକ ସର୍ଭେ କ୍ରମେ ଏହି ପ୍ରକଳ୍ପର ଆକଳନ ବଜେଟ ପ୍ରାୟ ସାଢେ ୩ରୁ ୪ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଥିଲା।ସର୍ଭେ ରିପୋର୍ଟ ନୟାଗଡ ଜିଲାପାଳଙ୍କୁ ପ୍ରଦାନ କରାଯିବା ସହ ପରବର୍ତ୍ତୀ ପର୍ଯ୍ୟାୟରେ ଆର୍ଥିକ ଅନୁଦାନ ପାଇଁ ଏହାର ଡିପିଆର ଓ ଡ୍ରଇଂ ଡିଜାଇନ ପର୍ଯ୍ୟଟନ ବିଭାଗରୁ ରାଜ୍ୟ ସରକାରଙ୍କ ପାଖକୁ ପଠାଯିବ। ଅନୁଦାନ ମଞ୍ଜୁର ପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଥିଲା। ଏହି ଯୋଜନା ନାଲିଫିତା ତଳେ ରହିଯାଇଥିବାବେଳେ ଏମ୍‌ପି ଓ ବିଧାୟକ ପ୍ରସଙ୍ଗ ଦୋହରାଇଥିବାରୁ ସାଧାରଣରେ ଏହାକୁ ନେଇ ଚର୍ଚ୍ଚା ହେଉଛି।



ଉଦ୍‌ଘାଟନୀ ଉତ୍ସବରେ ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

**ନାରାୟଣୀ ଶିଳ୍ପାନୁଷ୍ଠାନର ନୂତନ ଗୃହ ଉଦ୍‌ଘାଟନୀ ଉତ୍ସବ**

## ସଂକ୍ଷେପରେ

### ୩୨ ମାମଲାର ଅଭିଯୋଗ ଶୁଣାଣି

**କୃଷ୍ଣପ୍ରସାଦ,୩।୯(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ସୋମବାର ଜିଲାପାଳ ଜ୍ୟୋତି ପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ୩୨ଟି ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ନବନିଯୁକ୍ତ ଜିଲାପାଳଙ୍କୁ ବ୍ଲକ ପ୍ରଶାସନ ତରଫରୁ ମହିଳା ଓ ଶିଶୁବିକାଶ ଅଧିକାରିଣୀ ମନୋରମା ଦେବୀ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିବିରରେ ପୁରୀ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ, ଉପଜିଲାପାଳ ଭବତାରଣ ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚରଣ ମାଝି, ମହିଳା ଓ ଶିଶୁବିକାଶ ଅଧିକାରିଣୀ କଲ୍ୟାଣୀ ଦେବୀ, ଯୋଗାଣ ଅଧିକାରୀ ତୁଷାରକାନ୍ତ ଦେଓ, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା.ବ୍ରଜବନ୍ଧୁ ଦାଶ ଓ ଜଳଯୋଗାଣ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ନାୟକଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜମିଜମା, ରାଶନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱାସ୍ଥ୍ୟସେବା ଆଦି ୩୨ଟି ମାମଲାର ଅଭିଯୋଗ ଶୁଣାଣି ଜିଲାପାଳ କରିଥିଲେ। ସାତପଡ଼ା, ଜହ୍ନିକୁଦା, ଚିଲିକାରେ ଯାତ୍ରୀଙ୍କୁ ଚଢ଼ାଦରରେ ଭଡ଼ା ଆଦାୟ କରାଯାଉଥିବାରୁ ଚିଲିକା, ନୂଆପଡା ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଘାଟ ଡଙ୍ଗା ଚଳାଚଳ କରିବା ନିମନ୍ତେ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଶିବିରରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୌଦାମିନୀ ମାନସିଂହ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, କୃଷ୍ଣପ୍ରସାଦ ବିଡିଓ ଅଶୋକ କୁମାର ମହାନ୍ତି, ତହସିଲଦାର ବିନୋଦ କୁମାର ସ୍ୱାଇଁ, ଆଇଆଇସି ଦିଲୀପ କୁମାର ସ୍ୱାଇଁ, ବ୍ଲକ ପ୍ରଗତି ସହାୟକ ସୁବାସ ଚନ୍ଦ୍ର ସେଠୀ, ସହକାରୀ ଯନ୍ତ୍ରୀ ଇଂ.ପ୍ରସନ୍ନ କୁମାର ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ବିପିନି ବିହାରୀ ମଙ୍ଗରାଜ, ଜିଲା ପରିଷଦ ସଭ୍ୟା ପ୍ରଭାତୀ ପ୍ରଧାନ ଓ ବନ୍ଦନା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### କାଳୀୟଦଳନ ନାଟକ ପରିବେଷଣ

**ନିରାକାରପୁର,୩।୯(ଡି.ଏନ.ଏ.):** ନିରାକାରପୁର ପଞ୍ଚାୟତ ନନପଡ଼ା ଗ୍ରାମରେ ଜନ୍ମାଷ୍ଟମୀ ପର୍ବ ସମାରୋହର ସହ ପାଳିତ ହୋଇଯାଇଛି। ନନ୍ଦ ଉତ୍ସବ ଅବସରରେ ଏଠାରେ ସୋମବାର ସ୍ଥାନୀୟ ମାଲୁନୀ ପୋଖରୀ ନିକଟରେ ଶ୍ରୀ ଶ୍ରୀ ଗୋପୀନାଥ ଠାକୁରଙ୍କୁ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏ ଅବସରରେ 'କାଳୀୟ ଦଳନ' ଗୀତିନାଟ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଦେଢ଼ ମାସ ପରେ ମନେପଡ଼ିଲା...

# ବୋଟ୍‌ରେ ପ୍ରଶାସନ, ଛାତିଏ ପାଣିରେ ଲୋକେ

ପୁରୀ ଅଫିସ,୩।୮

ଦେଢ଼ ମାସର କଲବଲ ପରିସ୍ଥିତି ପରେ ଶେଷରେ ପ୍ରଶାସନର ନିଦ ଭାଙ୍ଗିଛି। ବନ୍ୟା ଓ ବର୍ଷା ପାଣି ଘେରରେ ଥିବା ଆଇକନ ସିଟି ପୁରୀର ୱାର୍ଡ ନଂ.୧ ଅନ୍ତର୍ଗତ ସୁଜାତା ନଗର ଓ ମାଟିତୋଟା ସାହି ଅଞ୍ଚଳରେ ପହଞ୍ଚିଛି ପ୍ରଶାସନ। ଏଥିପାଇଁ ପୌର ନିର୍ବାହୀ ଅଧିକାରୀ ଶ୍ରୀକନ୍ତ ତଳେଇଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍‌ରେ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ଶରତ ମିଶ୍ର, ଅତିରିକ୍ତ ତହସିଲ୍‌ଦାର ଅକ୍ଷୟ ସ୍ୱାଇଁ, ଅଗ୍ନିଶମ ବିଭାଗ, ପୌର ସଂସ୍ଥା ଓ ଡ୍ରେନେଜ ବିଭାଗର ଅଧିକାରୀ ରହିଛନ୍ତି। ଏହି ଟିମ୍ ସୋମବାର ବୋଟ୍‌ରେ ବୁଲି ସ୍ଥିତି ପରଖିଛନ୍ତି। ତେବେ ଏହି ସମୟରେ ବହୁ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଥିଲା। ପ୍ରଶାସନ ଆସିଥିବା ଶୁଣି ବିଭିନ୍ନ ସ୍ଥାନରେ ମହିଳା, ପୁରୁଷଙ୍କ ସମେତ ଯୁବତୀ ଓ ଛୋଟ ପିଲା ପାଣି ଭିତରେ ପଶି ଦୁଃଖ ଜଣାଇବାକୁ ଧାଇଁ ଆସୁଥିଲେ। କିଏ ଅଣ୍ଟାଏ ତ ଆଉ କିଏ ଛାତି ପାଣିରେ ପଶି କାକୁତି ମିନତି ହେଉଥିଲେ। କେଉଁଠି ବଡ଼ ବଡ଼ ହଣ୍ଡା ଓ ଟ୍ୟୁବ୍ ଭେଳାରେ ଅତି ଦୟନୀୟ ଅବସ୍ଥାରେ ଯିବା ଆସିବା କରୁଥିଲେ। କେତେକ ସ୍ଥାନରେ ଲୋକେ ଘର ଭିତରୁ ପାଣି କାଢୁଥିଲେ, ପୁଣି କିଛି ଘର ଭିତରେ ଆବର୍ଜନା ପାଣି ଭର୍ତ୍ତି ହୋଇ ରହିଥିଲା। ଏଭଳି ସ୍ଥିତିରେ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ ପ୍ରଶାସନିକ ଅଧିକାରୀମାନେ। ସେମାନଙ୍କୁ ଘେରିଯାଇ ଦୁଃଖ ଜଣାଉଥିବାବେଳେ ହଠାତ୍ ଲୋକମାନେ ଉତ୍ତ୍ୟକ୍ତ ହୋଇପଡୁଥିଲେ। କିଏ କହୁଥିଲେ ଏତେ ଦିନ ପରେ କୁଆଡେ ଆସିଛ, ତ ଆଉ ପ୍ରଶ୍ନ କରୁଥିଲେ ଡଙ୍ଗାରେ ବୁଲି କାହିଁକି ପ୍ରହସନ କରୁଛ? ଏ ପରିସ୍ଥିତିରେ ସନ୍ଧ୍ୟାରେ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ଉକ୍ତ ରିପୋର୍ଟରେ ବାସ୍ତବ ସ୍ଥିତି ସମ୍ପର୍କରେ ଉଲ୍ଲେଖ କରାଯାଇଥିବାବେଳେ ଲୋକଙ୍କ ଦାବି ଓ ପ୍ରଶାସନ ପକ୍ଷରୁ କେତେକ ପ୍ରସ୍ତାବ ରହିଛି। ଜଳ ନିଷ୍କାସନ ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ପ୍ରଶାସନ ପକ୍ଷରୁ ଚିଠି କରାଯାଇଥିବା ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ପହଞ୍ଚି ଚିକିତ୍ସା ସେବା ଆରମ୍ଭ କରିଛି।



ଜଳାର୍ଣ୍ଣବ ସୁଜାତା ନଗର।

୩୨ଟି ୱାର୍ଡକୁ ନେଇ ଗଠିତ ପୁରୀ ପୌରାଞ୍ଚଳ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଫୋକସରେ ରହିଛି ଏହି ଧାର୍ମିକ ସହର ଶ୍ରୀକ୍ଷେତ୍ର। ସହରର ଭିତ୍ତିଭୂମି ବିକାଶ ଲାଗି ଜେଏନ୍‌ୟୁଆରଏମ୍, ହୃଦୟ, ପ୍ରସାଦ, ଅମୃତ, ଆଇକନିକ ସିଟି ଭଳି ମାଳମାଳ ଯୋଜନା କାର୍ଯ୍ୟକାରୀ ହେଉଛି। ଖୋଦ୍ ଏହି ସହରରୁ ରାଜ୍ୟ ସରକାରଙ୍କ ରାଜସ୍ୱମନ୍ତ୍ରୀ ମହେଶ୍ୱର ମହାନ୍ତି ପ୍ରତିନିଧିତ୍ୱ କରୁଛନ୍ତି। ପୁଣି ପାଣିରେ ବୁଡି ରହିଥିବା ୱାର୍ଡ ନଂ. ୧ ହେଉଛି ପୁରୀ ପୌରାଧ୍ୟକ୍ଷ ଜୟନ୍ତ ଷଡ଼ଙ୍ଗୀଙ୍କ ଅଞ୍ଚଳ। ସୁଜତା ନଗର ଓ ମାଟିତୋଟା ପଞ୍ଚମ ଲେନ୍‌ର ସଙ୍ଗୀନ ସ୍ଥିତିକୁ ଦେଖିଲେ ପ୍ରଶାସନ ବୋଲି କିଛି ନ ଥିବା ମନେ ହେଉଛି। ସହରର ଏହି ଖାଲୁଆ ଅଞ୍ଚଳରେ ବସବାସ କରୁଥିବା ପ୍ରାୟ ୪ଶହ ପରିବାରର ୨ହଜାରରୁ ଊର୍ଦ୍ଧ୍ୱ ଲୋକ ଏବେ ପାଣି ଭିତରେ ଅତି ବିପଜ୍ଜନକ ଭାବେ ଜୀବନ ବିତାଉଛନ୍ତି। ଅସରାଏ ବର୍ଷା ହେଲେ ଆଣ୍ଠୁଏ ପାଣି ଜମୁଥିବା ଏହି ଅଞ୍ଚଳର ରୂପ ଜୁଲାଇ ୨୧ ଓ ଅଗଷ୍ଟ ୭ ଲଗାଣ ବର୍ଷାଠାରୁ ବଦଳି ଯାଇଛି। ବର୍ଷା କମିବା ପରେ ପାଣି କିଛି ମାତ୍ରାରେ ଛାଡି ଯାଇଥିଲା। ମାତ୍ର ମୂଷା ନଈ ଓ ମଙ୍ଗଳା ନଦୀର ବନ୍ୟା ପାଣି ଏହି ଅଞ୍ଚଳରେ ପଶି ଯିବାରୁ ସଙ୍ଗିନ ସ୍ଥିତି ଲାଗି ରହିଛି।

**ଘର ଛାଡିଲେଣି ୫୦ ପରିବାର :** ବନ୍ୟା ଓ ବର୍ଷା ପାଣି ଘରେ ପଶିବାରୁ ସୁଜାତା ନଗର ଏବଂ ମାଟିତୋଟା ଅଞ୍ଚଳର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପରିବାର ଘର ଛାଡ଼ିଛନ୍ତି। ଘରେ ତାଲା ପକାଇ ସମ୍ପର୍କୀୟ ଓ ବନ୍ଧୁବାନ୍ଧବଙ୍କ ଘରେ ମୁଣ୍ଡ ଗୁଞ୍ଜିଛନ୍ତି। କେବେ ପାଣି ଛାଡିବ, ଘରକୁ ଫେରିବେ, ସେଥିପାଇଁ ଦିନ ଗଣୁଛନ୍ତି। ଏପଟେ ରହୁଥିବା ଲୋକଙ୍କ ସାପ ଓ ଜୋକ ଭୟ ଘାରିଛି। ଘରେ, ବାହାରେ ସବୁଠି ମାଳ ମାଳ ସାପ ଓ ଜୋକ୍ ବୁଲୁଛନ୍ତି। ସବୁବେଳେ ଲୋକଙ୍କ ଜୀବନ ପ୍ରତି ବିପଦ ଲାଗି ରହିଛି। ଅନ୍ୟପଟେ ସୁଜାତା ନଗରରେ ଥିବା ମଙ୍ଗଳା ମନ୍ଦିର ପରିସରରେ ୪ ଫୁଟ ପାଣି ଜମି ରହିଥିବାବେଳେ ମା'ଙ୍କ ଆସ୍ଥାନ ପାଣିରେ ବୁଡିଛି। ଫଳରେ ଦେଢ଼ମାସ ହେବ ଅପୂଜା ରହିଛନ୍ତି ମା'।

**ଭୁଶୁଡିଲାଣି ୧୭ ଘର :** ସାହି ମଧ୍ୟରେ ରହିଛି କିଛି କଚ୍ଚା ଘର। ପାଣି ଜମି ରହିବାରୁ ପ୍ରାୟ ୧୭ଜଣ ଘର ଭୁଶୁଡିପଡିଛି। ନବ ସିଂହ, ସୁକୁଟାପଣ୍ଡା, ବାଉରୀବନ୍ଧୁ ସାହୁ, ଧନେଶ୍ୱର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ମିଶ୍ର, ନବୀନ ପ୍ରଧାନ, ସୁବାସ ଜେନା, ମକରା ସେଠୀ, ବାଞ୍ଛା ସେଠୀ, ସତ୍ୟଭାମା ପଣ୍ଡା, ଦିଲୀପ ତ୍ରିପାଠୀ, ନବ ମହାପାତ୍ର, ସୁଭାଶିନି ବାରିକ, ଲକ୍ଷ୍ମୀଧର ସ୍ୱାଇଁ, ଲକ୍ଷ୍ମଣ ରାଉତ, ରବି ବରାଳ ଓ ପ୍ରଶାନ୍ତ ସ୍ୱାଇଁଙ୍କ ଘରର କାନ୍ଥ ଭୁଶୁଡି ପଡିଥିବା ଦେଖିବାକୁ ମିଳିଛି।

**ବିପଦ ସଙ୍କୁଳ ଘରେ ପକ୍ଷାଘାତ ରୋଗୀ :** ପାଣି ମକରା ସେଠୀ (୫୦) ଓ ତାଙ୍କ ପରିବାର ପାଇଁ ଯମଯନ୍ତ୍ରଣା ଆଣିଛି। ମକରା ପକ୍ଷାଘାତର ଶିକାର ହୋଇ ଥିବାବେଳେ ସ୍ତ୍ରୀ ଛୋଟିମଣୀ ଯକ୍ଷ୍ମାରେ ଆକ୍ରାନ୍ତ। ତିନି ଝିଅଙ୍କୁ ନେଇ ସଂସାର। ଲୋକଙ୍କ ଲୁଗା ସଫା କଲେ ପରିବାର ଚଳେ। ବନ୍ୟା ଜଳ ପଶି ଘରର ଗୋଟିଏ କାନ୍ଥ ଭୁଶୁଡି ପଡିଥିବାବେଳେ ଅସହାୟ ଅବସ୍ଥାରେ ବିପଦ ସଙ୍କୁଳ ଘରେ ରହୁଛନ୍ତି ଏହି ପରିବାର।

**ଚର୍ମ ରୋଗରେ ଶତାଧିକ ଆକ୍ରାନ୍ତ :** ଘରେ ବାହାରେ ସବୁଠି ଦୂଷିତ ପାଣି। ଦିନ ରାତି ସେହି ପାଣିରେ ପଶି ଯିବାକୁ ପଡୁଛି। ଫଳରେ ଦେଢ଼ମାସ ହେବ ଶତାଧିକ ଲୋକ ଚର୍ମ ରୋଗର ଆକ୍ରାନ୍ତ ହୋଇଥିବା ଜଣାପଡିଛି। ସୋମବାର ସ୍ୱାସ୍ଥ୍ୟ ବିଭାଗ ଟିମ୍ ଉକ୍ତ ଅଞ୍ଚଳରେ ପହଞ୍ଚି ଲୋକଙ୍କୁ ଚିକିତ୍ସା କରିବା ସହ ଔଷଧ ବାଣ୍ଟିଛି। ଲୋକଙ୍କୁ ଚିକିତ୍ସା କରିବା ସହିତ ମେଡିସିନ ଓ ହାଲୋଜେନ ବଟିକା ବାଣ୍ଟିଛି।

**ପାନୀୟ ଜଳ ସଂକଟ :** କୂଅଗୁଡିକରେ ଦୂଷିତ ବନ୍ୟା ଜଳ ପଶିଛି। ନଳକୂପରୁ ବି ଦୁର୍ଗନ୍ଧ ପାଣି ବାହାରୁଛି। ପିଇବା ପାଣି ପାଇଁ ଜଳ ଘେରରେ ଥାଇ ଲୋକେ ତହଳବିକହଳ ହେଉଛନ୍ତି। ଧନୀକ ଶ୍ରେଣୀର ଲୋକେ ବଜାରରୁ ପାଣି କିଣି ଆଣୁଥିବାବେଳେ ଗରିବ ଲୋକେ ଅନ୍ୟ ଅଞ୍ଚଳରୁ ପାଣି ବୋହି ଆଣି ଚଳୁଛନ୍ତି।

**ମୋଟର ପମ୍ପରେ ଜଳ ନିଷ୍କାସନକୁ ବିରୋଧ :** ସୁଜତା ନଗର ଓ ମାଟିତୋଟା ଅଞ୍ଚଳରୁ ଜଳ ନିଷ୍କାସନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସୋମବାର ୬ଟି ପମ୍ପ ଲଗାଯାଇ ଜଳ ନିଷ୍କାସନ କରାଯାଉଥିଲା। ଅଗ୍ନିଶମ ବାହିନୀର ୨ଟି ପମ୍ପ ସହ ପୌର ସଂସ୍ଥା ୪ଟି ଦଶ ଏଚ୍‌ପି ପମ୍ପ ଲଗାଇଥିଲା। କିନ୍ତୁ ଏହାକୁ ସ୍ଥାନୀୟ ଲୋକ ବିରୋଧ କରିଥିଲେ। ଘଟଣା ସ୍ଥଳରେ ଉପସ୍ଥିତ ଅଧିକାରୀଙ୍କୁ ଘେରିଯାଇ ପ୍ରହସନ କରୁଛ କାହିଁକି ବୋଲି ପ୍ରଶ୍ନ କରିଥିଲେ। ଜାତୀୟ ରାଜପଥ କାଟି ତୁରନ୍ତ ଜଳ ନିଷ୍କାସନ କରିବାକୁ କହିବା ସହ ସ୍ଥାୟୀ ସମାଧାନ ଦାବି କରିଥିଲେ। ଶେଷରେ ପମ୍ପ ଯୋଗ ଜଳ ନିଷ୍କାସନ ବ୍ୟବସ୍ଥାକୁ ବନ୍ଦ କରିଥିଲା ପ୍ରଶାସନ।

**ରାସ୍ତା କଡ଼ରେ ବସ୍ତି ବାସିନ୍ଦା :** ପୁରୀ ସହରର କେବଳ ସୁଜତା ନଗର ଓ ମାଟିତୋଟା ଅଞ୍ଚଳ ନୁହେଁ, ବଳିଆପଣ୍ଡା ଥାନା ନିକଟ ଗଜଲକ୍ଷ୍ମୀ ବସ୍ତିର ପ୍ରାୟ ୪୦ ପରିବାର ଲଗାଣ ବର୍ଷାଠାରୁ ଜଳବନ୍ଦୀ ହୋଇ ରହିଛନ୍ତି। ସେହିଭଳି ତାଳବଣିଆ ଡିଏଜି ଅଫିସ ସୁଇଟ ୱାଟର ଜୋନ୍ ବସ୍ତିରେ ୫ରୁ ୬ ଫୁଟ ପାଣି ଜମି ରହିଛି। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବସ୍ତି ବାସିନ୍ଦା ତାଳବଣିଆ ରାସ୍ତା କଡ଼ରେ ପ୍ରାୟ ୧ ମାସ ହେବ ଜରି ତଳେ ଦିନ କାଟୁଛନ୍ତି।

**ପୁରୀରେ ଜଳାର୍ଣ୍ଣବ ସମସ୍ୟା**

- ଜିଲାପାଳଙ୍କୁ ରିପୋର୍ଟ ଦେଲେ ପୌର ନିର୍ବାହୀ ଅଧିକାରୀ
- ୪ଶହ ପରିବାରର ୨ହଜାର ଲୋକ ପ୍ରଭାବିତ
- ତୁରନ୍ତ ପାଣି ନିଷ୍କାସନ ସହ ସମସ୍ୟାର ସ୍ଥାୟୀ ସମାଧାନ ଦାବି

### ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ବଳିଦାନ ଦିବସ

ପୁରୀ ଅଫିସ,୩।୯

ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି)ର ପ୍ରତିଷ୍ଠା ଦିବସ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ବଳିଦାନ ଦିବସ ସ୍ଥାନୀୟ ରାଧାକାନ୍ତ ମଠ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ପ୍ରାନ୍ତୀୟ ଉପସଭାପତି ଅଧ୍ୟାପକ ପ୍ରମୋଦ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭିଏଚ୍‌ପିର ଉତ୍କଳ ପ୍ରାନ୍ତ ସଭାପତି ଡ.ବସନ୍ତ କୁମାର ରଥ, ମୁଖ୍ୟବକ୍ତା ଭାବେ ପ୍ରାନ୍ତ ସଙ୍ଗଠନ ସମ୍ପାଦକ ଆନନ୍ଦ କୁମାର ପାଣ୍ଡେ, ସମ୍ମାନିତ ଅତିଥି ଭାବେ ରାଧାକାନ୍ତ ମଠର ମଠାଧୀଶ କୃଷ୍ଣଗୋପାଳ ଦାସଜୀ ମହାରାଜ, ସାମାଜିକ ସଦ୍‌ଭାବନା ସଂଯୋଜକ ରାଜକିଶୋର ସାହୁ, ରାଣୀମଠ ମହନ୍ତ କମଳାକାନ୍ତ ଦାସଜୀ ମହାରାଜ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟବକ୍ତା ପାଣ୍ଡେ କହିଲେ, ଆଦିବାସୀ ଅଧ୍ୟୁଷିତ କନ୍ଧମାଳର ସର୍ବାଙ୍ଗୀନ ବିକାଶ ତଥା ଆଦିବାସୀଙ୍କୁ ଉଚ୍ଚଶିକ୍ଷିତ କରିବାଲାଗି ଲକ୍ଷ୍ମଣାନନ୍ଦ ସରସ୍ୱତୀ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ସ୍ୱାମୀଜୀଙ୍କ ସେହି ଅଧୁରା ସ୍ୱପ୍ନ ସାକାର ହେଲେ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଥିଲେ। ସଭାପତିତ୍ୱ ଭାଷଣରେ ଅଧ୍ୟାପକ ଆଚାର୍ଯ୍ୟ କହିଲେ, ୨୦୦୮ ଅଗଷ୍ଟ ୨୩ରେ ତୁମୁଡିବନ୍ଧସ୍ଥିତ ଜଲେଶପଟା ଆଶ୍ରମରେ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ୧୦ବର୍ଷ ପରେ ବି ରାଜ୍ୟ ସରକାର ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିନାହାନ୍ତି। ଏନେଇ ସେ କ୍ଷୋଭ ପ୍ରକାଶ କରିଥିଲେ। ଭିଏଚ୍‌ପି ପୁରୀ ଜିଲା ସମ୍ପାଦକ ପଣ୍ଡିତ ସତ୍ୟ ନାରାୟଣ ଦାଶ, ଅଧ୍ୟାପକ ଭିକ୍ଟର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବଜରଙ୍ଗ ଦଳ ଜିଲା ସଂଯୋଜକ ଦେବର୍ପିତ ମହାନ୍ତି ବେଦପାଠ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରଯାଇଥିଲା।

'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନ ପ୍ରତି ବଢ଼ୁଛି ଆଗ୍ରହ

# ସାମିଲ ହେଲେ ବଳଗଣ୍ଡି ହାଇସ୍କୁଲ୍ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ

ପୁରୀ ଅଫିସ,୩।୯

ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପକ୍ଷରୁ ଚାଲିଥିବା 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଏହି ଅଭିଯାନ ପ୍ରତି ଜନସାଧାରଣଙ୍କ ଆଗ୍ରହ ବୃଦ୍ଧି ପାଇଛି। ଧିରେ ଧିରେ ଏହି ଅଭିଯାନରେ ସାମିଲ ହେଉଛନ୍ତି ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷକ, କର୍ମଚାରୀ, ଅଭିଭାବକ, ବ୍ୟବସାୟୀ ଓ ସାଧାରଣ ଲୋକ। ସୋମବାର ବଳଗଣ୍ଡି ହାଇସ୍କୁଲର ଶତାଧିକ ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ ଓ ଶିକ୍ଷକମାନେ 'ପଲିଥିନକୁ ନା' ସ୍ଲୋଗାନ ଦେବା ସହ 'ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଅଭିଯାନ'କୁ ସ୍ୱାଗତ କରିଥିଲେ। ଏଥିସହ ଏ ସଂକ୍ରାନ୍ତରେ ସଚେତନତା ସୃଷ୍ଟି କରିଥିଲେ। ପ୍ରଥମେ ହାଇସ୍କୁଲର ପ୍ରଧାନଶିକ୍ଷୟତ୍ରୀ ସ୍ମୃତିଲତା ମିଶ୍ର ପିଲାଙ୍କୁ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରର କୁପ୍ରଭାବ ଉପରେ ବୁଝାଇଥିଲେ। ସେ କହିଲେ, ଆମେ ପ୍ଲାଷ୍ଟିକ ଓ ପଲିଥିନ ମୋହରେ ପଡିଯାଇଛୁ। ଖାଦ୍ୟ ପଦାର୍ଥଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ନେବା ଆଣିବା ପାଇଁ ପଲିଥିନ ଉପରେ ନିର୍ଭର କରୁଛୁ। ପରେ ଆମେ ଏହାକୁ ନାଳ, ନର୍ଦ୍ଦମା ଏବଂ ରାସ୍ତାଘାଟରେ ଫିଙ୍ଗିଦେଉଛୁ। ଫଳରେ ଏଥିଯୋଗୁ ପରିବେଶ ପ୍ରଦୂଷଣ ହେବା ସହ ନାନା ସମସ୍ୟା ସୃଷ୍ଟି କରୁଛି। ଏଥିପ୍ରତି ଆମେ ସଚେତନ ହେବା ଜରୁରୀ। ଆଜିଠାରୁ ଆମେ ଚେଷ୍ଟା କରିବା, ସ୍କୁଲ୍‌କୁ କୌଣସି ଖାଦ୍ୟ ପଦାର୍ଥ ପଲିଥିନ ଅଥବା ପ୍ଲାଷ୍ଟିକ ବାକ୍ସରେ ଆଣିବା ନାହିଁ। ଏଥିପ୍ରତି ଆମେ ସଚେତନ ହେଲେ, ସମାଜରେ ଏକ ବିରାଟ ପରିବର୍ତ୍ତନ ଆସିପାରିବ ବୋଲି ପ୍ରଧାନଶିକ୍ଷୟିତ୍ରୀ ମିଶ୍ର କହିଥିଲେ। ଏହି ଅଭିଯାନରେ ଶିକ୍ଷୟିତ୍ରୀ ସବିତା ମହାପାତ୍ର, ମିନାକ୍ଷୀ ମିଶ୍ର, ଶିକ୍ଷକ ଆଲାମ ମହମ୍ମଦ, ରାକେଶ ଜେନା, ସୁରେନ୍ଦ୍ର ନାୟକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ, ଛାତ୍ରୀଛାତ୍ର, କର୍ମଚାରୀ ସାମିଲ ହୋଇଥିଲେ।




ବଳଗଣ୍ଡି ହାଇସ୍କୁଲ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ।

### 'ଗବେଷଣାତ୍ମକ ମନୋଭାବ ନେଇ ବିଦ୍ୟା ଅଧ୍ୟୟନ କର'

**ପୁରୀ ଅଫିସ,୩।୯:** ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସର୍ବଦର୍ଶନ ବିଭାଗ ଆନୁକୂଲ୍ୟରେ ନବାଗତ ଛାତ୍ରୀଛାତ୍ରମାନଙ୍କୁ ନେଇ ସୋମବାର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଳୟ କୁମାର ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ପ୍ରଫେସର ପ୍ୟାରୀ ମୋହନ ପଟ୍ଟନାୟକ ଯୋଗଦେଇ ଦର୍ଶନ ଶାସ୍ତ୍ରର ମହନୀୟତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ହରିହର ହୋତା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ନିଷ୍ଠା ଓ ଏକାଗ୍ରତା ସଫଳତାର ମାପକାଠି। ଶୃଙ୍ଖଳିତ ଏବଂ ଉତ୍ତମ ଚରିତ୍ର ଗଠନ ବି ସେତିକି ଗୁରୁତ୍ୱପୂର୍ଣ୍ଣ। ତେବେ ଗବେଷଣାତ୍ମକ ମନୋଭାବ ନେଇ ବିଦ୍ୟା ଅଧ୍ୟୟନ କରିବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ପ୍ରାଧ୍ୟାପକ ସନ୍ତୋଷ କୁମାର ଆଚାର୍ଯ୍ୟ ଆଧ୍ୟାତ୍ମିକ ଉନ୍ନତିରେ ଦର୍ଶନ ଶାସ୍ତ୍ରର ପ୍ରଭାବ ସମ୍ପର୍କରେ କହିଥିବାବେଳେ ଅଧ୍ୟାପିକା ସସ୍ମିତା ନାୟକ ମଞ୍ଚାସୀନ ଥିଲେ। ସର୍ବଦର୍ଶନ ଦ୍ୱିତୀୟ ବର୍ଷ ଛାତ୍ର ପଦ୍ମଲୋଚନ ପଣ୍ଡା ବୈଦିକ ମଙ୍ଗଳାଚରଣ ଓ ଛାତ୍ରୀ ଉତ୍କଳା ଦାସ ଧନ୍ୟବାଦ ଦେଇଥିଲେ।

**State Health Assurance Society, Odisha**
Deptt. of Health & Family Welfare, Govt. of Odisha
Bhubaneswar-751012, District-Khordha (Odisha)
Phone No.-0674-2560311,
Email ID. snaodisha@gmail.com

**Tender for hiring an agency to deal with IEC activities through road shows (Caravan Movement), documentation, animation movies & wall paintings for promoting Biju Swasthya Kalyan Yojana in Odisha**

**Advt No. 09/2018** **Date:04.09.2018**

No.402-E: Sealed tenders are invited from eligible bidders for undertaking IEC activities for promoting Biju Swasthya Kalyan Yojana in Odisha. The tender document with all information relating to the tender process including tender document cost, EMD, eligibility criteria, scope of work, terms & conditions, evaluation criteria and formats of submission of tender may be downloaded from the website: www.nhmodisha.gov.in

A pre-bid meeting shall be held on 07.09.2018, 11.30 AM. Any amendment in the tender document due to decision in pre-bid meeting / extension of bid if any shall only be notified in the website mentioned above. The sealed tenders should reach the office of the undersigned by courier / registered post or may be dropped in the tender box, on or before 24.09.2018, 3.00 PM. The technical bid shall be opened on 24.09.2018 at 3.30 PM. Presentation by qualified bidders will be held at 25.09.2018 at 11.30 AM. The undersigned reserves the right to reject any or all the tenders or cancel the tender without assigning any reason thereof.

**Sd./- Chief Executive Officer,**
**State Health Assurance Society, Odisha**
10001/11/0022/1819

**OFFICE OF THE DISTRICT MAGISTRATE & COLLECTOR, SAMBALPUR, S.H. SPORTS SECTION**
**TENDER CALL NOTICE No. 120/S.H. sbp date 01.09.2018**
Sealed Tenders are invited through Speed Post/ Registered Post only from the authorized Dealer/ Manufactural Registered Firms/ Suppliers for supply of Sports dress Materials & Shoes materials etc for the Sports Hostel, Sambalpur which must be reach to the District Sports Officer, District Sports Office, Sambalpur latest by 5.00 P.M. on 03.10.18 positively. And the Tender will be opened on 04.10.18 at 4.00 P.M. Details regarding Tender Call Notice can be obtained from the official website of the Collectorate, Sambalpur i.e www.sambalpur.nic.in.
*Sd./- Coach in Charge, Sports Hostel, Sambalpur*

**OFFICE OF THE CHIEF CONSTRUCTION ENGINEER UPPER INDRAVATI IRRIGATION PROJECT**
AT/PO: MUKHIGUDA, DIST.- KALAHANDI, ODISHA, PIN: 766026
Email ID: seuircc@rediffmail.com
Lr. No. 822 Dt. 01.09.2018
**CANCELLATION NOTICE**
**Bid Identification No. CCE UIIP-01(01-02)/2018-19, Dt.10.04.2018**
**No. 471-A:-** The tender for work "Renovation and Restoration of Upper Indravati Right Main Canal under CLSRP from RD 00KM to 41.10KM" invited vide Bid Identification No. CCE UIIP-01(01-02)/ 2018-19, dt.10.04.2018 is hereby cancelled as per Govt. in DoWR letter no. II-T-UIP-2/2018-22978/WR dated 29.08.2018.
*Sd./- Chief Construction Engineer*
*Upper Indravati Irrigation Project*
32352/11/0006/1819

Classified Display
on
Every Tuesday and Friday

**ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା**
**ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର**
**ବ୍ଲକ୍‌ସ୍ତରୀୟ ଜନଶୁଣାଣି**

**No. CAD-788:-** ନବରଙ୍ଗପୁର ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି କି, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ୨୦୧୭-୧୮ ଆର୍ଥିକବର୍ଷର ଅକ୍ଟୋବର ମାସଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ବ୍ଲକ୍‌ସ୍ତରୀୟ ଜନଶୁଣାଣି ପାଇଁ ଅସଟ (OSSAAT) ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ସମସ୍ତ ପଞ୍ଚାୟତ ସମିତି ପରିସରରେ ଦିନ ଓ ସମୟ ଧାର୍ଯ୍ୟ କରାଯାଇଛି।

ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ, ଅଣକୁଶଳୀ ଶ୍ରମିକ, ହିତାଧିକାରୀ, ଯୋଜନା ସହ ସମ୍ପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ତ୍ରିସ୍ତରୀୟ ପଞ୍ଚାୟତିରାଜର ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରି ଯୋଜନାର କାର୍ଯ୍ୟକାରିତାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ସୁନିଶ୍ଚିତ କରିବା ଓ ଯୋଜନାକୁ ସଫଳତାର ସହିତ ଆଗେଇ ନେବା ପାଇଁ ଆପଣଙ୍କର ସହଭାଗିତା, ବହୁମୂଲ୍ୟ ମତାମତ, ଆପତ୍ତି ଓ ଅଭିଯୋଗ ଉପସ୍ଥାପନାକୁ ଜିଲ୍ଲା ପ୍ରଶାସନ ସ୍ୱାଗତ କରୁଛି।

**କାର୍ଯ୍ୟସୂଚୀ:**

| କ୍ର. ନଂ. | ବ୍ଲକ୍‌ର ନାମ | ତାରିଖ | ସମୟ (ପୂର୍ବାହ୍ନ) | ଜନଶୁଣାଣି କରିବା ନିମନ୍ତେ କ୍ଷମତାପ୍ରାପ୍ତ ଅଧିକାରୀ |
|---|---|---|---|---|
| ୧ | ଚନ୍ଦାହାଣ୍ଡି | ୧୦।୦୯।୨୦୧୮ | ୧୦.୦୦ | ଉପଜିଲ୍ଲାପାଳ, ନବରଙ୍ଗପୁର |
| ୨ | ଡାବୁଗାଁ | ୧୧।୦୯।୨୦୧୮ | ୧୦.୦୦ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |
| ୩ | ଝରିଗାଁ | ୧୨।୦୯।୨୦୧୮ | ୧୦.୦୦ | ଜିଲ୍ଲାପାଳ, ନବରଙ୍ଗପୁର |
| ୪ | ନନ୍ଦାହାଣ୍ଡି | ୧୫।୦୯।୨୦୧୮ | ୧୦.୦୦ | ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର |
| ୫ | କୋଷାଗୁମୁଡ଼ା | ୧୮।୦୯।୨୦୧୮ | ୧୦.୦୦ | ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର |
| ୬ | ନବରଙ୍ଗପୁର | ୧୯।୦୯।୨୦୧୮ | ୧୦.୦୦ | ଜିଲ୍ଲାପାଳ, ନବରଙ୍ଗପୁର |
| ୭ | ପାପଡ଼ାହାଣ୍ଡି | ୨୨।୦୯।୨୦୧୮ | ୧୦.୦୦ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |
| ୮ | ରାଇଘର | ୨୪।୦୯।୨୦୧୮ | ୧୦.୦୦ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |
| ୯ | ତେନ୍ତୁଳିଖୁଣ୍ଟି | ୨୫।୦୯।୨୦୧୮ | ୧୦.୦୦ | ଉପଜିଲ୍ଲାପାଳ, ନବରଙ୍ଗପୁର |
| ୧୦ | ଉମରକୋଟ | ୨୬।୦୯।୨୦୧୮ | ୧୦.୦୦ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |

ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶ
ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର

ସ୍ୱା./- ଜିଲ୍ଲାପାଳ ତଥା କାର୍ଯ୍ୟକ୍ରମ ସଂଯୋଜକ
ନବରଙ୍ଗପୁର

19076/11/0003/1819